

ସୁନାର ପୋଷାକ ପିନ୍ଧିବେ ଯଶ୍

▶ପୃଷ୍ଠା ୧୮ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-326 •BHUBANESWAR •THURSDAY •23 MAY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୨୬ •ଭୁବନେଶ୍ୱର •ଗୁରୁବାର •୨୩ ମେ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦



ବିଜୁ ଜନତା ଦଳ



# ଉତ୍ତର ଦେବେ କି କେନ୍ଦ୍ରମନ୍ତ୍ରୀ

01 ସମ୍ବଲପୁରୀ/କୋଶଳୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ରକୁ ପାଞ୍ଚ ଥର ଚିଠି ଲେଖିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ସମ୍ବଲପୁରୀ/କୋଶଳୀ ଭାଷା ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

02 ମହାନଦୀ ପ୍ରସଙ୍ଗରେ ଓଡ଼ିଶାର କୃଷକଙ୍କ ବିରୁଦ୍ଧରେ ଯାଇ ଛତିଶଗଡ଼ ସହ ଛିଡ଼ା ହୋଇଥିଲେ ଆପଣ । ଟ୍ରିବ୍ୟୁନାଲକୁ ବିରୋଧ କରି ଓଡ଼ିଶାବାସୀଙ୍କ ସହ ବିଶ୍ୱାସଘାତ କରିଥିଲେ ଆପଣ । ପଶ୍ଚିମ ଓଡ଼ିଶାର କୃଷକଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

03 ମାଁ ସମଲେଇଙ୍କ ମନ୍ଦିର କାର୍ଯ୍ୟ ବିରୁଦ୍ଧରେ ବିଭିନ୍ନ କୋର୍ଟ ଯାଇ କାର୍ଯ୍ୟ ବନ୍ଦ କରିଥିଲେ ଆପଣ । ଏହି ଅଞ୍ଚଳ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ବିଷୟ । ଏମିତି କାହିଁକି କଲେ ଆପଣ ?

04 ଚାଷୀ ଏବଂ ବୁଣାକାରଙ୍କୁ ସମ୍ମାନ ଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମ୍ବଲପୁରୀ ଇକ୍କତ ଶୈଳୀରେ କୃଷି ଭବନକୁ ନିର୍ମାଣ କରାଇଛନ୍ତି । ଗତ ୧୦ ବର୍ଷ ମଧ୍ୟରେ କ'ଣ କରିଛନ୍ତି ଆପଣ ?

05 ମାନ୍ୟବର ମୁଖ୍ୟମନ୍ତ୍ରୀ ବୁଣାକାରଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ କରିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ କ'ଣ କରିଛନ୍ତି ଆପଣ ?

06 ବୀର ସୁରେନ୍ଦ୍ର ସାଏ, ଭୀମ ଭୋଇ, ପାର୍ବତୀ ଗିରି, ଗଙ୍ଗାଧର ମେହେରଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ପାଇଁ ଆପଣ କ'ଣ କରିଛନ୍ତି ? ଗତ ୧୦ ବର୍ଷରେ କେତୋଟି ଯୋଜନାକୁ ସେମାନଙ୍କ ନାମରେ ନାମିତ କରିଛନ୍ତି ଆପଣ ?

07 କେନ୍ଦୁପତ୍ର ତୋଳାଳିଙ୍କୁ GST ଦେବାକୁ ବାଧ କରିଥିଲେ ଆପଣ । GST ଫେରସ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଥିଲେ । କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

08 ହଜାର ହଜାର ଜୀବନ ନେଇସାରିଲାଣି NH-55, ଏହି ଜାତୀୟ ରାଜପଥ (NH) କାମ କାହିଁକି ଶେଷ ହୋଇପାରୁନି, ଜବାବ ଦେବେ କି ଆପଣ ?

09 ଓଡ଼ିଶାର ବିଶେଷକରି ପଶ୍ଚିମ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ (Skill Development) ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

10 ମାତ୍ର ୪,୦୦୦ କୋଟି ଟଙ୍କା ଓଡ଼ିଶାକୁ ଧରେଇ ଦେଇ, MCLର ଉତ୍ପାଦନ ୨୭ ହଜାର କୋଟି ଟଙ୍କା ନେଇଯାଉଛନ୍ତି ଆପଣ । କୋଇଲା ରୟାଲଟି ବଢ଼ାଇବା ପାଇଁ କ'ଣ କରିଛନ୍ତି ଆପଣ ?

11 ଗ୍ୟାସ ସିଲିଣ୍ଡରର ଦାମ ବଢ଼େଇଲେ, ପ୍ରତିଟି ଘର ପାଇଁ ଖର୍ଚ୍ଚର ଭାର ବଢ଼େଇଲେ, ସେହି ପରିବାରମାନଙ୍କୁ କି ଉତ୍ତର ଦେବେ ଆପଣ ?

12 ଓଡ଼ିଶାର ଚାଷୀଙ୍କ ପାଇଁ କେନ୍ଦ୍ରର ଫସଲ ବୀମା ପ୍ରିମିୟମ ଭରଣ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ଚାଷୀଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

13 ପଶ୍ଚିମ ଓଡ଼ିଶା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମାଷ୍ଟର ପ୍ଲାନ୍ କରିଛନ୍ତି । କାମ ଆରମ୍ଭ ହୋଇଯାଇଛି, ରାସ୍ତାରୁ ନେଇ ସହର ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ ଆମେ ଦେଖିବୁ ଆସନ୍ତା ପାଞ୍ଚ ବର୍ଷରେ, ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

14 ଏହି ମାଟି, ଲୋକ, ବୁଣାକାର, କୃଷକ, ମହାନଦୀ, ମହାନ ପୂର୍ବପୁରୁଷ, ସ୍ୱାଧୀନତା ସଂଗ୍ରାମୀ ଓ ପଶ୍ଚିମ ଓଡ଼ିଶାର କବିଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ

ଲୋକସଭା

ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

## ଶାହାରୁଖ ଖାନ୍‌ଙ୍କୁ ଅଂଶୁଘାତ

ମୁମ୍ବାଇ, ୨୨।୫ (ଏଜେନ୍ସି): ଅହମଦାବାଦରେ ଆଇପିଏଲ ମ୍ୟାଚ୍ ପରେ ବଲିଉଡ ଅଭିନେତା ଶାହାରୁଖ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ବୁଧବାର ସକାଳେ ତାଙ୍କୁ ଅହମଦାବାଦର କେଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ସୂଚନା ଅନୁଯାୟୀ ଶାହାରୁଖ ଡିହାଇଡ୍ରେସନ ଏବଂ ଅଂଶୁଘାତର ଶିକାର ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଚିନ୍ତାର କୌଣସି କାରଣ ନାହିଁ। ତାଙ୍କୁ ଦେଖିବା ପାଇଁ ତାଙ୍କ ପତ୍ନୀ ଗୌରୀ ଖାନ୍ ହସ୍ପିଟାଲରେ ପହଞ୍ଚିଛନ୍ତି।

## ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଉଡ଼ାଇବାକୁ ଧମକ

ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ପୁଣିଥରେ ଦିଲ୍ଲୀକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି। ଏହି ଥର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏବଂ ଅର୍ଥ ମନ୍ତ୍ରାଳୟ ନିଶାଣରେ ରହିଛି। ନର୍ଥ ବ୍ଲକ୍ ସ୍ଥିତ ପୁଲିସ ନିୟନ୍ତ୍ରଣ କକ୍ଷକୁ ମେଲ୍ କରି ଉଭୟ ମନ୍ତ୍ରାଳୟରେ ବୋମା ଥିବା ଧମକ ଦିଆଯାଇଛି। ଦିଲ୍ଲୀ ଦମକଳ ବିଭାଗକୁ ବୁଧବାର ଅପରାହ୍ଣରେ ଏହି ସୂଚନା ଦିଆଯାଇଥିଲା। ପରେ ୨ଟି ଦମକଳ ଗାଡ଼ି, ଦିଲ୍ଲୀ ପୁଲିସ ଟିମ୍, ବୋମା ସ୍କ୍ୱାର୍ଡ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଥିଲା। ତେବେ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା। ଗତ ୨୨ ଦିନ ମଧ୍ୟରେ ପଞ୍ଚମ ଥର ପାଇଁ ଏଭଳି ଧମକ ମିଳିଛି।

## ପାଲେଷ୍ଟାଇନକୁ ମାନ୍ୟତା ଦେବେ ୩ ଦେଶ

କୋପେନହେଗନ, ୨୨।୫ (ଏଜେନ୍ସି): ଇସ୍ରାଏଲକୁ ୟୁରୋପରୁ ବଡ଼ ଝଟ୍‌କା ଲାଗିଛି। ନରୱେ, ଆୟରଲାଣ୍ଡ ଏବଂ ସ୍ପେନ ପାଲେଷ୍ଟାଇନକୁ ନୂଆ ରାଷ୍ଟ୍ର ଭାବେ ମାନ୍ୟତା ଦେବାକୁ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତିରେ ଇସ୍ରାଏଲ କ୍ଷୁବ୍ଧ ହୋଇଛି। ଏହି ତିନି ଦେଶରୁ ନିଜ ରାଷ୍ଟ୍ରଦୂତ ପ୍ରତ୍ୟାହାର କରିବାକୁ ଘୋଷଣା କରାଯାଇଛି। ଇସ୍ରାଏଲ ବିଦେଶ ମନ୍ତ୍ରୀ କାଟ୍‌ଜ କହିଛନ୍ତି ଯେ ପାଲେଷ୍ଟାଇନକୁ ମାନ୍ୟତା ଦେବା ଆତଙ୍କବାଦକୁ ପୁରସ୍କାର ପ୍ରଦାନ ଭଳି। ଏହା ଦ୍ୱାରା ହମାସ କବଳରେ ଥିବା ବନ୍ଦୀଙ୍କ ମୁକ୍ତିରେ ବିଳମ୍ବ ହୋଇପାରେ। ନିଜ ସାର୍ବଭୌମତ୍ୱକୁ ଦୁର୍ବଳ କରୁଥିବା ନିଷ୍ପତ୍ତି ବିରୋଧରେ ଇସ୍ରାଏଲ ଚୁପ୍ ହୋଇ ବସିବ ନାହିଁ। ସ୍ପେନ୍ ମାନ୍ୟତା ଦେଲେ ଉଚିତ୍ ପଦକ୍ଷେପ ନିଆଯିବ।

## ୟୁକ୍ରେନରେ ପରମାଣୁ ଅସ୍ତ୍ର ପରୀକ୍ଷଣ

ମସ୍କୋ, ୨୨।୫ (ଏଜେନ୍ସି): ୟୁକ୍ରେନ ସହ ଯୁଦ୍ଧ ମଧ୍ୟରେ ରୁଷ୍ ସେନା ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ କରିଛି। ୟୁକ୍ରେନର ଦକ୍ଷିଣ ସାମରିକ ଅଞ୍ଚଳରେ ଇସ୍କନ୍ଦର ଏବଂ କିନ୍‌ଝଲ କ୍ଷେପଣାସ୍ତ୍ର ସହିତ ରଣନୈତିକ ପରମାଣୁ ପରୀକ୍ଷଣ ଆରମ୍ଭ କରିଛି। ରିପୋର୍ଟ ଅନୁଯାୟୀ ଯୁଦ୍ଧ ଆରମ୍ଭ ହେବା ପରେ ରୁଷ୍ ଏହି ଅଞ୍ଚଳକୁ କବ୍‌ଜା କରି ନେଇଥିଲା। ଏହି ପରୀକ୍ଷଣରେ ବେଲାରୁଷ୍ ମଧ୍ୟ ସାମିଲ ହୋଇପାରେ। ଏହା ଦ୍ୱାରା ରୁଷ୍ ପଶ୍ଚିମ ରାଷ୍ଟ୍ରଙ୍କୁ ଜବାବ ଦେବାକୁ ପ୍ରୟାସ କରୁଛି। କାରଣ ଏହି ଦେଶଗୁଡିକ ରୁଷ୍ ବିରୋଧରେ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି। ଏହା ପୂର୍ବରୁ ୫ମ ଥର ପାଇଁ ଶପଥ ନେବା ପରେ ପରମାଣୁ ଅସ୍ତ୍ରଶସ୍ତ୍ର ସହ ଅଭ୍ୟାସ କରିବାକୁ ପୁଟିନ ସେନାକୁ ନିର୍ଦ୍ଦେଶ ଦେଇଥିଲେ।

**ପୋର୍ସ କାର୍ ଦୁର୍ଘଟଣା ମାମଲା**

## ନାବାଳକର ଜାମିନ ରଦ୍ଦ

ପୁନେ, ୨୨।୫ (ଏଜେନ୍ସି): ପୁନେ ପୋର୍ସ କାର୍ ଦୁର୍ଘଟଣା ଏବଂ ହତ୍ୟା ମାମଲାରେ ବୁଧବାର ଜୁଭେନାଇଲ ବୋର୍ଡ ନାବାଳକର ଜାମିନକୁ ରଦ୍ଦ କରିଦେଇଛନ୍ତି। ତାକୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ସୁଧାର ଗୃହକୁ ପଠାଇ ଦେଇଛନ୍ତି। ଅଭିଯୁକ୍ତ ଜଣେ ଧନୀ ବିଲ୍ଡର ବିଶାଳ ଅଗ୍ରୱାଲଙ୍କ ପୁଅ। ସେ ଗତ ୧୮ ତାରିଖ ରାତିରେ ମଦ ନିଶାରେ ପୋର୍ସ ଚଳାଇ ଯୁବକ-ଯୁବତୀଙ୍କୁ ହତ୍ୟା କରିଥିଲା। ଏହା ପରେ ଜୁଭେନାଇଲ ବୋର୍ଡ ତାକୁ ମାତ୍ର ୧୫ ଘଣ୍ଟା ଭିତରେ ରବିବାରରେ କିଛି ସର୍ତ୍ତ ସହ ମୁକ୍ତ କରି ଦେଇଥିଲେ। ମାତ୍ର ପୁଲିସ ଏହା ବିରୋଧରେ ସେସନ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କୋର୍ଟ ଆଦେଶ ସମୀକ୍ଷା କରିବାକୁ ଜୁଭେନାଇଲ ବୋର୍ଡକୁ ନିର୍ଦ୍ଦେଶ ଦେବା ପରେ ଅଭିଯୁକ୍ତକୁ ବୁଧବାର ପୁଣିଥରେ ଡକା ଯାଇଥିଲା। ଅନ୍ୟପକ୍ଷରେ କୋର୍ଟ ଅଭିଯୁକ୍ତର ବାପାଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି।

## ଟୁ ଲାମ ଭିଏତନାମର ନୂଆ ରାଷ୍ଟ୍ରପତି



ହନୋଇ, ୨୨।୫ (ଏଜେନ୍ସି): ସୁରକ୍ଷା ଅଧିକାରୀ ଟୁ ଲାମ ଭିଏତନାମର ନୂଆ ରାଷ୍ଟ୍ରପତି ହୋଇଛନ୍ତି। ସେ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଗତ ୧୮ ତାରିଖରେ ତାଙ୍କ ନାମ ଘୋଷଣା କରାଯାଇଥିଲା। ଏବେ ସେ କମ୍ୟୁନିଷ୍ଟ ପାର୍ଟିର ମହାସଚିବ ଗୁୟେନ ଫୁ ଟ୍ରୋଙ୍ଗଙ୍କ ସ୍ଥାନ ନେବେ। ତେବେ ୨୦୧୬ରେ ପବ୍ଲିକ ମିନିଷ୍ଟର ଥିବା ସମୟରେ ଲାମ୍ ମାନବାଧିକାର ଆନ୍ଦୋଳନକୁ ଶେଷ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ ଯେ ଦୁର୍ନୀତି ଅଭିଯୋଗ ଲାଗିବା ପରେ ଚଳିତ ବର୍ଷ ମାର୍ଚ୍ଚରେ ରାଷ୍ଟ୍ରପତି ଓ୍ୱାନ ଥୁଓଙ୍ଗ ଇସ୍ତଫା ଦେଇଥିଲେ।

## ରେକର୍ଡ ୩୦ ଥର ପାଇଁ ଏଭରେଷ୍ଟ ଚଢ଼ିଲେ ନେପାଳୀ ସେର୍‌ପା



କାଠମାଣ୍ଡୁ, ୨୨।୫ (ଏଜେନ୍ସି): ନେପାଳ ପର୍ବତାରୋହୀ କାମି ରିତା (୫୪) ରେକର୍ଡ କରିଛନ୍ତି। ସେ ୩୦ ବର୍ଷରେ ୩୦ ଥର ପାଇଁ ବୁଧବାର ସକାଳେ ବିଶ୍ୱର ସବୁଠାରୁ ଉଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଛନ୍ତି। ବିଶ୍ୱର ଏକମାତ୍ର ପର୍ବତାରୋହୀ ଭାବେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ସେ ଗତ ୧୦ ଦିନରେ ଦ୍ୱିତୀୟ ଥର ପାଇଁ ଏଭରେଷ୍ଟ ଶିଖରରେ ପହଞ୍ଚିଛନ୍ତି। ଏହା ପୂର୍ବରୁ ଏଭରେଷ୍ଟ ମ୍ୟାନ୍ ରିତା ଗତ ୧୨ ତାରିଖରେ ଏହି ବରଫ ପାହାଡ଼ରେ ଚଢ଼ି ଥିଲେ। ୧୯୯୪ରୁ ଏଭେରେଷ୍ଟ ଆରୋହଣ ଆରମ୍ଭ କରିଥିବା ରିତା ପ୍ରତି ଥର ନିଜ ରେକର୍ଡ ଭାଙ୍ଗିଛନ୍ତି।

# ତାତିରେ ଛଟପଟ ଉତ୍ତରପଶ୍ଚିମ ଭାରତ

ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ଉତ୍ତରପଶ୍ଚିମ ଭାରତରେ ଏବେ ଅଗ୍ନି ବର୍ଷା ହେଉଛି। ସର୍ବୋଚ୍ଚ ତାପମାତ୍ରା ଅନେକ ସ୍ଥାନରେ ୪୭ ଡିଗ୍ରୀ ସେଲସିୟସ୍ ଟପି ୪୮ ଡିଗ୍ରୀ ପାଖାପାଖି ପହଞ୍ଚିଛି। ଏଥରର ସର୍ବୋଚ୍ଚ ତାପମାତ୍ରା ବିଶ୍ୱ ରେକର୍ଡ ଭାଙ୍ଗିପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ଲହରର ପ୍ରକୋପରୁ ସପ୍ତାହକ ଯାଏଁ ନିସ୍ତାର ମିଳିବ ନାହିଁ ବୋଲି ସତର୍କ କରାଇ ପାଣିପାଗ ବିଭାଗ ଦିଲ୍ଲୀ, ପଞ୍ଜାବ, ହରିୟାଣା, ରାଜସ୍ଥାନର କିଛି ଅଂଶ, ପଶ୍ଚିମ ଉତ୍ତରପ୍ରଦେଶ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଏସବୁ ରାଜ୍ୟର ଅନେକ ଜିଲ୍ଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୭ ଡିଗ୍ରୀ ସେଲସିୟସ୍



**୪୮ ଡିଗ୍ରୀ ଡେଇଁଲା ତାପମାତ୍ରା**
**ସପ୍ତାହକ ଯାଏଁ ନିସ୍ତାର ନାହିଁ**

ଟପିପାରେ। ଗତକାଲି (ମଙ୍ଗଳବାର) ଉତ୍ତରପଶ୍ଚିମ ଭାରତର ଅନେକ ଅଞ୍ଚଳ, ରାଜସ୍ଥାନର କିଛି ଅଂଶ, ଗୁଜରାଟର କେତେକ ଅଞ୍ଚଳ ଓ ଉତ୍ତର ମଧ୍ୟପ୍ରଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ଲହର ଅନୁଭୂତ ହୋଇଥିଲା। ରାଜସ୍ଥାନର କିଛି ଅଂଶରେ ରାତିରେ ମଧ୍ୟ ତାତିରୁ ନିସ୍ତାର ମିଳିନଥିଲା। ଦିନର ସର୍ବୋଚ୍ଚ ତାପମାତ୍ରା ଗତକାଲି ହରିୟାଣାର ଶୀର୍ଷାରେ ସର୍ବାଧିକ ୪୭.୮, ଦିଲ୍ଲୀର ନଜାଫଗଡ଼ରେ ୪୭.୪, ରାଜସ୍ଥାନର ପିଲାନିରେ ୪୭.୨, ପଞ୍ଜାବର ଭାଟିଣ୍ଡାରେ ୪୬.୬, ଉତ୍ତର ପ୍ରଦେଶର ଆଗ୍ରାରେ ୪୬.୬, ମଧ୍ୟ ପ୍ରଦେଶର ରତଲାମରେ ୪୫.୬, ଗୁଜରାଟର ସୁରେନ୍ଦ୍ର ନଗରରେ ୪୫.୪, ମହାରାଷ୍ଟ୍ରର ଆକୋଲାରେ ୪୪ ଛତିଶଗଡ଼ର ଦୁର୍ଗରେ ୪୩.୬ ଓ ହିମାଚଳ ପ୍ରଦେଶର ଉନାରେ ୪୨.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା।

## ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଦୁର୍ବିସହ

ନୂଆଦିଲ୍ଲୀ: ପୃଥିବୀ ଦିନକୁ ଦିନ ଉତ୍ତପ୍ତ ହେବାରେ ଲାଗିଛି। ଜଳବାୟୁ ଜନିତ ଚରମ ସ୍ଥିତି ଯୋଗୁଁ ବରଫ ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅଦିନରେ ବର୍ଷା ହେଉଛି। ପାଣିପାଗର ଚକ୍ର ବଦଳି ଯାଇଛି। ଗୋଟିଏ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ଅସହ୍ୟ ଖରା ହେଉଛି। ଏବେ ଭାରତରେ ଏଭଳି ସ୍ଥିତି ଲାଗି ରହିଛି। ଦିଲ୍ଲୀରେ ଭୀଷଣ ଖରା ହେଉଥିବାବେଳେ ଦକ୍ଷିଣ ପୂର୍ବର କିଛି ରାଜ୍ୟରେ ବର୍ଷା ହେଉଛି। ଦେଶର ଅଲଗା ଅଲଗା ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହକୁ ନେଇ ପାଣିପାଗ ବିଭାଗ (ଆଇଏମଡି) ସତର୍କ ସୂଚନା ଜାରି କରିଛି। ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଆଦିର ତାପମାତ୍ରା ୪୭ ଡିଗ୍ରୀ ଡେଇଁବ ବୋଲି ଆକଳନ କରାଯାଇଛି। ଏହା ମଧ୍ୟରେ ରାଜଧାନୀ ଦିଲ୍ଲୀର ତାପମାତ୍ରା ୪୭ ଡିଗ୍ରୀ ମଧ୍ୟ ପାର୍ କରିସାରିଲାଣି। ଗୁଳୁଗୁଳି ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କୁ ଦିନବେଳେ ଘରୁ ନ ବାହାରିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସୂତା ପୋଷାକ ପିନ୍ଧିବାକୁ, ନିଜକୁ ଘୋଡ଼ାଇ ରଖିବାକୁ ଏବଂ ପାଣି ପିଇବାକୁ କୁହାଯାଇଛି। କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରାୟ ପ୍ରତି ବର୍ଷ ଆଇଏମଡି ଏହି କାମ କରିଥାଏ। ଏହା ସତ୍ତ୍ୱେ ଲୋକେ ଗ୍ରୀଷ୍ମ ପ୍ରବାହ ଅଧିନରେ ଆସୁଛନ୍ତି। ଏହାର ପ୍ରଭାବରେ ପ୍ରତି ବର୍ଷ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି। ଗତ ୮ ବର୍ଷ (୨୦୧୫-୨୩ ମଧ୍ୟରେ) ଗ୍ରୀଷ୍ମ ପ୍ରବାହ ୪୦୫୭ ଲୋକଙ୍କ ଜୀବନ ନେଇଛି। ସୂଚନା ଅନୁଯାୟୀ ଏଥିରେ ୨୦୧୫ରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଥିଲେ। ସେହି ବର୍ଷ ୨୦୪୦ ଜଣ ପ୍ରାଣ ହରାଇଥିଲେ। ସେହିପରି ୨୦୧୬ରେ ୧୧୦୨ ଜଣ, ୨୦୧୭ରେ ୩୭୫, ୨୦୧୮ରେ ୨୪, ୨୦୧୯ରେ ୨୧୫, ୨୦୨୦ରେ ୪, ୨୦୨୨ରେ ୩୩ ଏବଂ ୨୦୨୩ରେ ୨୬୪ ଜଣ ପ୍ରାଣ ହରାଇ ଥିଲେ। ସରକାରୀ ତଥ୍ୟରେ ଏହି ସୂଚନା ଦିଆଯାଇଥିବାବେଳେ ପ୍ରକୃତ ମୃତ୍ୟୁ ଏହାଠାରୁ ଢେର ଅଧିକ ବୋଲି କୁହାଯାଉଛି। ଏବେ



- ପ୍ରତି ବର୍ଷ ନେଉଛି ଅନେକ ଜୀବନ
- ୮ ବର୍ଷରେ ୪୦୫୭ ଲୋକଙ୍କ ମୃତ୍ୟୁ
- ଏସିଆରେ ଗ୍ରୀଷ୍ମ ପ୍ରବାହ ୪୫% ବୃଦ୍ଧି

ଅସହ୍ୟ ଗୁଳୁଗୁଳି ଭାରତର ସାର୍ବଜନୀନ ସମସ୍ୟା ପାଲଟି ଯାଇଛି। ଗତ ଏକ ଶତାବ୍ଦୀ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶରେ ୧୧ ହଜାର ଲୋକ ପ୍ରାଣ ହରାଇଥିବା ସରକାର ଅନୁମାନ କରୁଛନ୍ତି।

ଏବେ ଦେଶରେ ସାଧାରଣ ନିର୍ବାଚନ ଚାଲିଛି। ମତଦାନ ଉପରେ ଖରାର ପ୍ରଭାବ ପଡୁଛି। ଲୋକେ ତାତିକୁ ଦେଖି ଭୋଟ ଦେବାକୁ ମଧ୍ୟ ଯାଉନାହାନ୍ତି। ଏଥିପାଇଁ ଭୋଟ ହାର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ସରକାର ଏହାକୁ ନେଇ ଚିନ୍ତିତ ଅଛନ୍ତି। ଗତ ସପ୍ତାହରେ ତାପମାତ୍ରା ୪୬ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏହାକୁ ନେଇ ଆଇଏମଡି ମଧ୍ୟ ରେଡ୍ ଆଲର୍ଟ ଜାରି କରିଥିଲା। ସାଧାରଣତଃ ଭାରତରେ ତିନି ମାସ ପର୍ଯ୍ୟନ୍ତ ଏପ୍ରିଲ, ମେ' ଏବଂ ଜୁନ୍ ଯାଏଁ ଭୀଷଣ ଖରା ହୋଇଥାଏ। ଏହା ପରେ ମୌସୁମୀ ଆସିଥାଏ, ଫଳରେ ତାପମାତ୍ରା ହ୍ରାସ ପାଇଥାଏ। କିନ୍ତୁ ଗତ ଦଶ ବର୍ଷ ହେଲା ଗ୍ରୀଷ୍ମ ଋତୁର ବଳୟ ବଢ଼ିବାରେ ଲାଗିଛି। ଏହା ସହିତ ଜଳ ସଙ୍କଟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ କର୍ଣ୍ଣାଟକ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଗୁରୁତର ଜଳ ସଙ୍କଟ ସୃଷ୍ଟି ହୋଇଥିଲା। ଓ୍ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁସନ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏସିଆରେ ଏପ୍ରିଲରେ ଗ୍ରୀଷ୍ମପ୍ରବାହ ୪୫ ଗୁଣ ବୃଦ୍ଧି ପାଇଛି। ଏଥିରେ ଭାରତ ମଧ୍ୟ ସାମିଲ ରହିଛି। ଏହାର ପ୍ରଭାବରେ ଦଶ ବର୍ଷ ମଧ୍ୟରେ ପ୍ରାକ୍-ମୌସୁମୀରେ ଦକ୍ଷିଣ ଏସିଆର ତାପମାତ୍ରା ୦.୮୫ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି।

**ସୁପ୍ରିମକୋର୍ଟରେ ଅନ୍ତରୀଣ ଜାମିନ ଆବେଦନ**

## କେଜ୍ରିୱାଲଙ୍କୁ ହଁ, ହେମନ୍ତଙ୍କୁ ନାଁ !

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ କରିଥିବା ଅନ୍ତରୀଣ ଜାମିନ ଆବେଦନକୁ ବୁଧବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିଥିବା ଜାମିନ ଆଧାରରେ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆସିବା ପରେ ସୋରେନଙ୍କ ଓକିଲ ଆବେଦନକୁ ପ୍ରତ୍ୟାହର କରି ନେଇଛନ୍ତି। ଏହାଦ୍ୱାରା ଲୋକସଭା ନିର୍ବାଚନ ପାଇଁ ପ୍ରଚାର କରିବାକୁ ସୋରେନଙ୍କୁ ଆଉ ସୁଯୋଗ ମିଳିବ ନାହିଁ, ଏହା ଏକପ୍ରକାର ସ୍ପଷ୍ଟ ହୋଇଛି। ସୁପ୍ରିମକୋର୍ଟରେ ଆଜି ଦୁଇଜଣିଆ ଖଣ୍ଡପୀଠ ଜଷ୍ଟିସ ଦୀପଙ୍କର ଦତ୍ତ ଓ ସତୀଶ ଚନ୍ଦ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ବସିଥିଲା। ଶୁଣାଣି ବେଳେ ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଜଷ୍ଟିସ ସତୀଶ ଚନ୍ଦ୍ରଙ୍କ ଖଣ୍ଡପୀଠ ନିମ୍ନ ଅଦାଲତରେ ଜାମିନ ଆବେଦନ କରିଥିବା ତଥ୍ୟ ଲୁଚାଇବାକୁ ନେଇ ସୋରେନଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୋରେନ ଜାନୁଆରୀ ୩୧ ତାରିଖରୁ ଅର୍ଥ ହେରଫେର ଓ ୮.୮୬ ଏକର ଜମି ଦୁର୍ନୀତି ମାମଲାରେ ରାଞ୍ଚିରେ ହାଜତରେ ଅଛନ୍ତି। ଇଡି ଗତ ୨୦ ତାରିଖରେ ହେମନ୍ତ ସୋରେନଙ୍କ ଅନ୍ତରୀଣ ଜାମିନ ଆବେଦନକୁ ସୁପ୍ରିମକୋର୍ଟରେ ବିରୋଧ କରିଥିଲା। ଅର୍ଥହେରଫେର ଓ ଜମି ଦୁର୍ନୀତି ମାମଲାରେ ହେମନ୍ତ ଜଡିତ ରହିଥିବାରୁ ନିର୍ବାଚନ ପାଇଁ ପ୍ରଚାର କରିବାକୁ ତାଙ୍କୁ ଜାମିନ ମିଳିବା ଉଚିତ୍ ନୁହେଁ ବୋଲି ଇଡି ଯୁକ୍ତି ରଖିଥିଲା। ନିର୍ବାଚନରେ ପ୍ରଚାର କରିବା କୈଣସି ମୌଳିକ ଅଧିକାର ନୁହେଁ କି, ସାମ୍ବିଧାନିକ ଅଧିକାର ନୁହେଁ ବୋଲି ଇଡି ଅଦାଲତଙ୍କୁ ଅବଗତ କରାଇଥିଲା।

**ରାଷ୍ଟ୍ରପତି ରଇସିଙ୍କ ମୃତ୍ୟୁକୁ ନେଇ ବଢୁଛି ସନ୍ଦେହ**

# ମୋସାଦ୍ ଗଡ଼ରେ ହୋଇଥିଲା ଦୁର୍ଘଟଣା

ତେହରାନ୍,୨୨।୫(ଏଜେନ୍ସି)

ହେଲିକପ୍ଟର ଦୁର୍ଘଟଣାରେ ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ମୃତ୍ୟୁ ହୋଇଥିଲେ ହେଁ ଦୁର୍ଘଟଣା ପଛରେ ଅନ୍ୟ କୌଣସି ଶକ୍ତିର ହାତ ରହିବା ଆଶଙ୍କାକୁ ଏବେ ସୁଦ୍ଧା ଏଡାଇ ଦିଆଯାଇପାରୁନି। ରାଷ୍ଟ୍ରପତିଙ୍କ ସହ ଏକ ଉଚ୍ଚ ପ୍ରତିନିଧିଦଳ ତିନୋଟି ହେଲିକପ୍ଟରରେ ଆଜରବୈଜାନ ସୀମା ଅଞ୍ଚଳକୁ ଯାଇଥିଲା ବେଳେ ଦୁଇଟି ହେଲିକପ୍ଟର ଫେରିଆସିଥିଲା। କିନ୍ତୁ ପାଗ ଖରାପ ଯୋଗୁଁ ତିନି ହେଲିକପ୍ଟର ମଝିରେ ଆସୁଥିବା ରଇସିଙ୍କ ହେଲିକପ୍ଟର କିଭଳି ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏହି ଦୁର୍ଘଟଣା ପଛରେ ଆମେରିକାର ଗୁଇନ୍ଦା ଏଜେନ୍ସି ସିଆଇଆଇ କିମ୍ବା ଇସ୍ରାଏଲର ମୋସାଦର ହାତ ରହିଛି ବୋଲି ପ୍ରାଥମିକ ସ୍ତରରେ ଚର୍ଚ୍ଚା ହୋଇଥିଲା ବେଳେ ଆଜରବୈଜାନର ମୋସାଦ ଗଡ଼ରେ ରଇସିଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଏହି ଆଶଙ୍କାକୁ ତୀବ୍ର କରିଛି। ଉଲ୍ଲେଖଯୋଗ୍ୟ ଯେ,ଇରାନର ପଡୋଶୀ ଦେଶ ଆଜରବୈଜାନର ମିଳିତ ଉଦ୍ୟମରେ ସୀମାଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଏକ ଡ୍ୟାମ୍‌ର ଉଦ୍‌ଘାଟନ ପାଇଁ ରଇସି ନିଜ ପ୍ରତିନିଧି ଦଳ ସହ ସେଠାକୁ ଯାଇଥିଲେ। ସେଠାରେ ଆଜରବୈଜାନର ପ୍ରତିପକ୍ଷ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଆଜରବୈଜାନ ଏବଂ ଆର୍ମେନିଆ ଉଭୟଙ୍କ ପରସ୍ପର ପ୍ରତି ଶତ୍ରୁତା ରହିଆସିଥିଲା ବେଳେ ଆର୍ମେନିଆ ପ୍ରତି ରୁଷ ଏବଂ ଆଜରବୈଜାନ ପ୍ରତି ଆମେରିକା ଏବଂ ଇସ୍ରାଏଲର ସମର୍ଥନ ରହିଛି। ଇସ୍ରାଏଲର ଗୁଇନ୍ଦା ଏଜେନ୍ସି ମୋସାଦ ବର୍ଷ ବର୍ଷ ଧରି ଆଜରବୈଜାନ



ସୀମାରେ ଉପସ୍ଥିତ ରହି ଇରାନ ବିରୋଧରେ ଗୁଇନ୍ଦାଗିରି କରିଆସିଛନ୍ତି। ରଇସିଙ୍କ ହେଲିକପ୍ଟର ଆଜରବୈଜାନ ସୀମାରେ ପହଞ୍ଚିବା ପରେ ସେଠାରେ ଯେଉଁ ସୁରକ୍ଷାକର୍ମୀ ସୁରକ୍ଷା ଦାୟିତ୍ୱରେ ରହିଥିଲେ ସେମାନଙ୍କୁ ମୋସାଦ ପ୍ରଭାବିତ କରି କିଛି ଅନ୍ତର୍ଘାତୀ କାର୍ଯ୍ୟ କରିଥାଏ ପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ରଇସିଙ୍କ ଅନ୍ତ୍ୟେଷ୍ଟିରେ ଉପରାଷ୍ଟ୍ରପତି ଧନଖର



ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଇରାନର ଦିବଂଗତ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ଶେଷକୃତ୍ୟ ଅବସରରେ ଆୟୋଜିତ ଶୋକସଭାରେ ସାମିଲ ହେବା ପାଇଁ ଭାରତ ପକ୍ଷରୁ ଉପରାଷ୍ଟ୍ରପତି ଜଗଦ୍ଦୀପ ଧନଖର ଇରାନରେ ପହଞ୍ଚିଛନ୍ତି। ଭାରତର ସମବେଦନା ଓ ଉପରାଷ୍ଟ୍ରପତି ଧନଖରଙ୍କ ଇରାନ ଗସ୍ତ ସମ୍ପର୍କରେ ବିଦେଶ ମନ୍ତ୍ରଣାଳୟ ଟ୍ୱିଟ୍ କରି ସୂଚନା ଦେଇଛି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୈଶୱାଲ ଏକ ପୋଷ୍ଟରେ ସୂଚନା ଦେଇ କହିଛନ୍ତି, ତେହରାନରେ ଆୟୋଜିତ ଶୋକସଭାରେ ଭାରତର ପ୍ରତିନିଧିତ୍ୱ ପାଇଁ ଧନଖର ତେହେରାନରେ ପହଞ୍ଚି ସାରିଛନ୍ତି। ପୂର୍ବରୁ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରଇସିଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିବା ସହ ଇରାନକୁ ସମବେଦନା ଜଣାଇ ସାରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖରେ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କର ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କ ସହ ଇରାନର ବିଦେଶ ମନ୍ତ୍ରୀ ହୁସେନ ଅମିର ଅବଦୁଲ୍ଲିଆନ ଓ ପାଇଲଟଙ୍କ ସମେତ ମୋଟ ୯ ଜଣ ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା। ଇରାନ ଆଜରବୈଜାନ ସୀମାରେ ରାଇସଙ୍କ ହେଲିକପ୍ଟରଟି ଏକ ପାହାଡରେ ଧକ୍କା ହୋଇ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ତେବେ ପ୍ରାଥମିକ ଭାବେ ବିଭିନ୍ନ ଗମ୍ଭୀର ଦିଗକୁ ସନ୍ଦେହ କରାଯାଉଥିବା ବେଳେ ଗତକାଲି ଇରାନ ସରକାର ଦୁର୍ଘଟଣା ସମ୍ପର୍କରେ ପ୍ରାଥମିକ ତଦନ୍ତରୁ ମିଳିଥିବା ତଥ୍ୟ ପ୍ରକାଶ କରିଛନ୍ତି। ପ୍ରତିକୂଳ ପାଗ, ଘନକୁହୁଡି ଓ ଲୋ-ଭିଜିବିଲିଟି କାରଣରୁ ଏହି ହେଲିକପ୍ଟରଟି ପାହାଡାରେ ପିଟି ହୋଇଯାଇଥିବା କୁହାଯାଇଛି। ଏହାସତ୍ତ୍ୱେ ଅନ୍ୟ ଆଲୋଚିତ ଦିଗକୁ ନେଇ ଇରାନ ସରକାରଙ୍କ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

**ମମତାଙ୍କ ସରକାରକୁ ହାଇକୋର୍ଟରୁ ପୁଣି ଝଟ୍‌କା**

## ୫ ଲକ୍ଷରୁ ଅଧିକ ଓବିସି ପ୍ରମାଣପତ୍ର ରଦ୍ଦ

କୋଲକାତା, ୨୨।୫(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହାଇକୋର୍ଟରୁ ପୁଣି ଏକ ବଡ ଝଟ୍‌କା ଲାଗିଛି। ପଶ୍ଚିମବଙ୍ଗରେ ୨୦୧୦ ପରେ ରାଜ୍ୟର ପଛୁଆ ବର୍ଗଙ୍କ ପାଇଁ ଜାରି କରାଯାଇଥିବା ସମସ୍ତ ଓବିସି ସାର୍ଟିଫିକେଟକୁ ରଦ୍ଦ କରିଦେବା ଲାଗି ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏଭଳି ରାୟ ରାଜ୍ୟ ସରକାରଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। କାରଣ ମମତା ସରକାରଙ୍କ କାଳରେ ଯେତିକି ଓବିସି ସାର୍ଟିଫିକେଟ୍ ଦିଆଯାଇଛି ତାହା ଏବେ ଅକାମୀ ହୋଇଯିବ ବୋଲି ଆଶଙ୍କା ବଢ଼ିଛି। ଉଲ୍ଲେଖଯୋଗ୍ୟ ଯେ, ମମତାଙ୍କ ନେତୃତ୍ୱ ଟିଏମସି ସରକାର ପଶ୍ଚିମବଙ୍ଗରେ ୨୦୧୧ରେ କ୍ଷମତାକୁ ଆସିଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଯେତିକି ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି ତାହା ଏବେ ଅକାମୀ ହୋଇଯିବ। ଜଷ୍ଟିସ ତପବ୍ରତ ଚକ୍ରବର୍ତ୍ତୀ ଓ ଜଷ୍ଟିସ ରାଜଶେଖର ମାନଥାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇବା ସହିତ ରାଜ୍ୟ ପଛୁଆ ବର୍ଗ ଆୟୋଗ ୧୯୯୩ ଅଧିନିୟମ ଦ୍ୱାରା ନୂତନ ଓବିସି ପ୍ରମାଣପତ୍ର ପ୍ରସ୍ତୁତ କରିବେ ବୋଲି କହିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପ୍ରକାଶ ପାଇବା ପରେ ଏବେ ରାଜ୍ୟରେ ପ୍ରାୟ ୫ଲକ୍ଷରୁ ଅଧିକ ପଛୁଆବର୍ଗ ପ୍ରାର୍ଥୀ ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି। କିନ୍ତୁ ହାଇକୋର୍ଟଙ୍କ ଏହି ରାୟ ଗ୍ରହଣୀୟ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ସହିତ ଏହା ଦେଶପାଇଁ ଏକ କଳଙ୍କିତ ଆଧ୍ୟାୟ ବୋଲି କହିଛନ୍ତି।

**କୋଲକାତାରେ ବାଂଲାଦେଶ ସାଂସଦଙ୍କୁ ହତ୍ୟା !**

## ୮ ଦିନ ନିଖୋଜ ପରେ ମିଳିଲା ଶବ

କୋଲକାତା, ୨୨।୫(ଏଜେନ୍ସି): ବାଂଲାଦେଶର ଆୱାମୀ ଲିଗ୍ ପାର୍ଟି ସାଂସଦ ମହମ୍ମଦ ଅନୱରୁଲ ଅଜିମ୍‌ଙ୍କ ମୃତ୍ୟଦେହ ବୁଧବାର କୋଲକାତାର ନିୟୁଟାଉନ ସଞ୍ଜୀବ ଗାର୍ଡେନସ୍ଥିତ ପରିତ୍ୟକ୍ତ ଫ୍ଲାଟ୍‌ରୁ ଉଦ୍ଧାର କରାଯାଇଛି। ମହମ୍ମଦ ଅନୱରୁଲ ବିଗତ ୮ ଦିନ ଧରି ନିଖୋଜ ରହିବା ପରେ ତାଙ୍କର ମୃତଦେହ ଉଦ୍ଧାର ହେବା ଘଟଣା ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କିଏ ଏବଂ କାହିଁକି ଜଣେ ବିଦେଶୀ ସାଂସଦଙ୍କୁ ହତ୍ୟାକଲା ତାହାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଘଟଣାରେ ପୁଲିସ ତିନି ବାଂଲାଦେଶୀ ନାଗରିକଙ୍କୁ ଗିରଫ କରି ଯାଞ୍ଚ ଆରମ୍ଭ କରିଥିଲା ବେଳେ ବାଂଲାଦେଶ ଗୃହମନ୍ତ୍ରୀ ଅସୁଦଜ୍ଜାମନ ଖାନ ଏହି ଘଟଣାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି କହିଛନ୍ତି।



ତେବେ କୋଲକାତା ପୁଲିସ ତୁରନ୍ତ ତିନି ଜଣଙ୍କୁ ଗିରଫ କରିବା ଏବଂ ଘଟଣାର ଯାଞ୍ଚରେ ସହଯୋଗ କରୁଛି ବୋଲି ସେ ଢାକାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଯାଞ୍ଚ କାର୍ଯ୍ୟରେ ବାଂଲାଦେଶ ପୁଲିସର ସହଯୋଗ ନିଆଯାଇଛି। ମହମ୍ମଦ ଅନୱରୁଲ ବ୍ୟକ୍ତିଗତ ଭାବେ ନିଜ ଚିକିତ୍ସା ପାଇଁ ୧୨ ତାରିଖରେ କୋଲକାତା ପହଞ୍ଚିଥିଲେ।



**କୋହଲିଙ୍କ ୮ ହଜାର ଆଇପିଏଲ୍ ରନ**

▶କ୍ରୀଡ଼ା ପୃଷ୍ଠାରେ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-326 ♦BHUBANESWAR ♦THURSDAY ♦23 MAY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୨୬ ♦ଭୁବନେଶ୍ୱର ♦ଗୁରୁବାର ♦୨୩ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


### ଭୁବନେଶ୍ୱର, ପୁରୀ ଓ କଟକ ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର

# ମାଗଣା ବିଜୁଳି, ବିଏସ୍‌କେୱାଇ, ପେନ୍‌ସନ 'ନବୀନ ଗ୍ୟାରେଣ୍ଟି'



**ମିଛ କହି କୁମ୍ଭୀର କାନ୍ଦଣା କାନ୍ଦୁଥିବା ଲୋକଙ୍କୁ ଉଚିତ୍ ଜବାବ ଦିଅନ୍ତୁ**

■ ଭୁବନେଶ୍ୱର, ୨୨।୫(ସମିସ): ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରଚାର ଶେଷ ହେବାର ଦିନକ ପୂର୍ବରୁ ଭୁବନେଶ୍ୱର, ପୁରୀ, କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନରେ ମାରାଥନ ପ୍ରଚାର କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରି ବିକାଶର ଧାରାକୁ ଅବ୍ୟାହତ ରଖିବା ନିମନ୍ତେ ଆହ୍ୱାନ ଦେବା ସହ ମାଗଣା ବିଜୁଳି, ସମସ୍ତଙ୍କୁ ବିଏସ୍‌କେୱାଇ ଓ ମିଶନଶକ୍ତି ମା'ଙ୍କୁ ପେନସନ୍‌ର ଗ୍ୟାରେଣ୍ଟି ▶ପୃଷ୍ଠା-୧୧

# ଦୁଇ ସାଂସଦଙ୍କୁ ପାଣ୍ଡିଆନଙ୍କ କଡ଼ା ସମାଲୋଚନା

### ୱାଟର୍ କୁଲର୍ ଓ ସୋଲାର ଲାଇଟରେ ଭୁବନେଶ୍ୱର ସାଂସଦଙ୍କ ଉପଲବ୍ଧି ସୀମିତ

### ସଂସଦରେ କୋଭିଡ୍ ଆଲୋଚନା ବେଳେ କଟକ ସାଂସଦ କେବଳ ବିଜେପିକୁ ପ୍ରଶଂସା କଲେ

- **୬୪୦୦ କୋଟି ଜାତୀୟ ରାଜପଥ ନିର୍ମାଣରେ ଭୁବନେଶ୍ୱର ସାଂସଦଙ୍କ ଭୂମିକା କ'ଣ**
- **ଅନ୍ୟ ରାଜଧାନୀର ସାଂସଦ ବିପୁଳ ପାଣ୍ଠି ଆଣୁଛନ୍ତି; ଭୁବନେଶ୍ୱର ସାଂସଦ ଆତ୍ମପ୍ରଚାରରେ ବ୍ୟସ୍ତ**
- **ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗରେ ବିଜେପି ସାଂସଦ ନିରବ**
- **ବିଜେଡିରେ ଶରୀର ରଖିଥିଲେ ବିଜେପିରେ ବିଚରଣ କରୁଥିଲା କଟକ ସାଂସଦଙ୍କ ଆତ୍ମା**



■ ଭୁବନେଶ୍ୱର, ୨୨।୫(ସମିସ): ପୁରୀ, ଭୁବନେଶ୍ୱର ଓ କଟକ ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ସହ ନିର୍ବାଚନ ପ୍ରଚାର ଅବସରରେ ବିରୋଧୀ ବିଜେପିର ସାଂସଦ ଓ ସାଂସଦ ପ୍ରାର୍ଥୀଙ୍କୁ କଟୁ ସମାଲୋଚନା କରିଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଭୁବନେଶ୍ୱର ସାଂସଦଙ୍କ ଉପଲବ୍ଧି ୱାଟରକୁଲର ଓ ସୋଲାର ଲାଇଟ୍‌ରେ ସୀମିତ ବୋଲି କଟାକ୍ଷ କରିଥିବାବେଳେ କଟକର ଛଅଥର ସାଂସଦଙ୍କ ରାଜ୍ୟ ପ୍ରତି ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଭୁବନେଶ୍ୱରର ଅଭିବୃଦ୍ଧି ସମ୍ଭାବନାକୁ ବଢ଼ାଇବା ଭୁବନେଶ୍ୱର ସାଂସଦଙ୍କ କାମ। ପିଲାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ତାଙ୍କ କାମ; କିନ୍ତୁ ସେ ଛୋଟ ଛୋଟ କାମରେ ଲାଗିଛନ୍ତି। ଜାତୀୟ ରାଜପଥ ନିର୍ମାଣରେ ୬ ହଜାର ୪୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ▶ପୃଷ୍ଠା-୧୧







# କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର














## ଖୋର୍ଦ୍ଧାରେ ତ୍ରିମୁଖୀ ଲଢ଼େଇ

# ବିଜେଡି-ବିଜେପି ମଧ୍ୟରେ କଡ଼ା ଟକ୍କର; ନିର୍ଣ୍ଣାୟକ ଭୂମିକାରେ ସ୍ୱାଧୀନ ପ୍ରାର୍ଥୀ

**ଖୋର୍ଦ୍ଧା,୨୨।୫(ସମିସ):** ଦେଶରେ ୬ଷ୍ଠ ପର୍ଯ୍ୟାୟ ଏବଂ ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଚାଲିଛି ପ୍ରସ୍ତୁତି। ଚାରିଆଡେ ନିର୍ବାଚନୀ ମାହୋଲ। ଆସନ୍ତାକାଲି ( ଗୁରୁବାର) ପ୍ରଚାର ଶେଷ ହେବ। ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ଜିଲ୍ଲାର ସଦର ମହକୁମା ନିର୍ବାଚନମଣ୍ଡଳୀ। ଏହି ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୪୯ହଜାର ୩୦୨। ୨୫୬ ଟି ବୁଥ୍‌ରେ ସେମାନେ ମତଦାନ ସାବ୍ୟସ୍ତ କରିବେ। ଚଳିତ ନିର୍ବାଚନରେ ବିଜେଡି, ବିଜେପି, ସୁପ୍ରିମ ଜିରୋ, ମାନସ ଲୋକଶକ୍ତି ଦୋଳ, ସିପିଆଇ(ଏମ), ବିଏସପି ଏବଂ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କ ସମେତ ୩ସ୍ୱାଧୀନ ପ୍ରାର୍ଥୀ ରାଜନୈତିକ ମୈଦାନରେ ଅଛନ୍ତି। ରାଜନୈତିକ ଦୃଷ୍ଟି କୋଣରୁ ବିଶ୍ଳେଷଣ କରାଗଲେ ଏହି ଆସନ ବିଜୁ ଜନତା ଦଳ ଆକ୍ତିଆରରେ ରହିଛି।

୨୦୦୯, ୨୦୧୪ ମସିହାରେ ରାଜେନ୍ଦ୍ର କୁମାର ସାହୁ ବିଧାୟକ ଥିବା ବେଳେ ୨୦୧୯ ମସିହାରେ ଜ୍ୟୋତିରିନ୍ଦ୍ରନାଥ ମିତ୍ର ବିଧାୟକ ଭାବେ ଉଭୟ ବିଜେଡି ଦଳର ବିଧାୟକ ରହିଛନ୍ତି। ୨୦୨୪ନିର୍ବାଚନରେ ରାଜେନ୍ଦ୍ର କୁମାର ସାହୁ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେପିରୁ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜାତୀୟ କଂଗ୍ରେସରୁ ସୋନାଲି ସାହୁ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ରାଜେନ୍ଦ୍ର ସାହୁ ବେଗୁନିଆ ବିଧାୟକ ରହି ଖୋର୍ଦ୍ଧା ଦଳୀୟ ଟିକେଟ ପାଇବାକୁ ସକ୍ଷମ ହେଲେ। ବର୍ତ୍ତମାନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏ ସମ୍ପର୍କରେ ଆଖି ଦୃଶିଆ ବିରୋଧ କରିଲେ ନାହିଁ। ତେବେ ବିଜେପି ଦଳରେ ୨୦୧୯ମସିହାରେ କାଳୁଚରଣ ଖଣ୍ଡେୟତରାୟ ୭୪ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ ମଧ୍ୟ ଦଳର ସଂଗଠନକୁ ସଜାଡ଼ି ୨୦୨୪ନିର୍ବାଚନ ପାଇଁ ସଜବାଜ ହେଉଥିବା ବେଳେ ଠିକ ସମୟରେ ଦଳ ତାଙ୍କ ଟିକଟ କାଟି ବିଜେଡି ଦଳରୁ ବହିଷ୍କୃତ ହୋଇଥିବା ବିବାଦୀୟ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଖୋର୍ଦ୍ଧା ଟିକଟ ଦେଇଥିଲା। ଫଳରେ କାଳୁ ଚରଣ ବିଦ୍ରୋହୀ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବର୍ତ୍ତମାନ ବିଧାୟକ ଶ୍ରୀ ମିତ୍ର ନିରବ ରହିଥିଲେ ମଧ୍ୟ ତାଙ୍କ ସମର୍ଥକମାନେ ବିଜେପିକୁ ଯାଇ ବିଜେଡି ପ୍ରାର୍ଥୀଙ୍କ ବିରୁଦ୍ଧରେ ପ୍ରାଣଘାତୀ ଉଦ୍ୟମ ଜାରୀ ରଖିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ଲୋକଙ୍କ ଭଲପାଇବା ସମେତ ରାଜେନ୍ଦ୍ର ସାହୁ ଙ୍କ ନିଜସ୍ୱ ସଂଗଠନ ଦୃଢ଼ ଥିବାରୁ କୌଣସି ପ୍ରକାର ବିରୋଧାଚରଣ ପ୍ରତି ତାଙ୍କର ଅସୁବିଧା ହେଉନାହିଁ।

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ବ୍ଲକର ୨୬ ପଞ୍ଚାୟତ, ଖୋର୍ଦ୍ଧା ବ୍ଲକର ୧୫ ପଞ୍ଚାୟତ ଏବଂ ଖୋର୍ଦ୍ଧା ପୌରପରିଷଦ ୨୨ଟି ୱାର୍ଡକୁ ନେଇ ଗଠିତ। ଟାଙ୍ଗୀ ବ୍ଲକରେ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୩୦ହଜାରରୁ ଅଧିକ ଅଛନ୍ତି। ଟାଙ୍ଗୀ ବ୍ଲକ ଉପରେ ଉଭୟ ବିଜେଡି ବିଜେପିଙ୍କ ନଜର ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡେୟତରାୟ ନିଜସ୍ୱ ସଂଗଠନକୁ ଧରି ଭୋଟ ପ୍ରଚାର ଚଳାଇଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପାଇଁ ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଆସି ପ୍ରଚାର କରି ଯାଇଥିବାବେଳେ କର୍ମୀଙ୍କ ଉତ୍ସାହ ବଢ଼ିଛି। ବିଜେପି ଷ୍ଟାର ପ୍ରଚାରକ ରାଜନାଥ ସିଂ ମଧ୍ୟ ଆସି ପ୍ରଚାର କରିଛନ୍ତି। ତେବେ ରାଜେନ୍ଦ୍ର କୁମାର ସାହୁ ଟାଙ୍ଗୀ ବ୍ଲକରେ ଅଧିକରୁ ଅଧିକ କର୍ମୀଙ୍କୁ ନିଜ ଆଡ଼କୁ ନେବାରେ ସମର୍ଥ ହୋଇଛନ୍ତି। ଅନେକ ପୁରୁଣା ନେତା, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟମାନେ ମଧ୍ୟ ଅଭିମାନ ଭୁଲି ଦଳର ନିର୍ଦ୍ଦେଶରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ଯୋଗାଡ କରିବାରେ ଲାଗିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଦଳୀୟ ପ୍ରାର୍ଥୀ ରାଜେନ୍ଦ୍ରଙ୍କ ସପକ୍ଷରେ କି ବିପକ୍ଷ ରେ ପ୍ରଚାର କରୁନାହାନ୍ତି। ତାଙ୍କ ସମର୍ଥକ ବିଜେପି ଦଳ ପ୍ରାର୍ଥୀ ପ୍ରଶାନ୍ତଙ୍କ ପାଇଁ ଲାଗିଛନ୍ତି। ସେହିପରି ୧ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ନନ୍ଦପୁର ପଞ୍ଚାୟତର ହୋଇଥିଲେ ମଧ୍ୟ ରାଜେନ୍ଦ୍ରଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ ପ୍ରଚାର ନ କରି ପରୋକ୍ଷରେ ଅନ୍ୟ ଦଳ ପାଇଁ ଲାଗିଥିବା ଚର୍ଚ୍ଚା ହେଉଛି। ବିଜେପି ପ୍ରାର୍ଥୀ ପ୍ରଶାନ୍ତ ପ୍ରଥମ ଥର ଲାଗି ଖୋର୍ଦ୍ଧା ବିଧାନସଭା କ୍ଷେତ୍ରରେ ନିର୍ବାଚନ ଲଢୁଛନ୍ତି। ତାଙ୍କର ଯଦିଓ ନିଜସ୍ୱ ସଂଗଠନ ନାହିଁ ତଥାପି ବିଧାୟକ ଶ୍ରୀ ମିତ୍ରଙ୍କ କର୍ମୀଙ୍କୁ ସାଙ୍ଗରେ ଧରି ଓ ଅପରାଜିତାଙ୍କ ପତିଆରାକୁ ଶ୍ରେୟ କରି ଜନ ସମର୍ଥନ ହାସଲ କରିବାରେ ଲାଗିଛନ୍ତି। ନିକଟରେ ବିଜେଡି ଛାଡ଼ି ବାସନ୍ତୀ ମହାପାତ୍ର ବିଜେପିରେ ଯୋଗ ଦେଇଥିବାବେଳେ ପ୍ରଶାନ୍ତ ତାଙ୍କୁ ଅପା କରି ନିର୍ବାଚନୀ ବୈତରଣୀ ପାରକରିବାକୁ ଯୋଜନା କରିଥିବା କୁହାଯାଉଛି। କିନ୍ତୁ ପ୍ରଶାନ୍ତଙ୍କ ପାଇଁ ସେ ସେତେଟା ଲାଭ ଦାୟକ ହେଉନଥିବା ତାଙ୍କ କର୍ମୀ ମହଲରେ ଚର୍ଚ୍ଚା ହେଉଛି। ଏସବୁ ଭିତରେ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡେୟତରାୟଙ୍କ ନିର୍ବାଚନ ପ୍ରଚାର ଶୈଳୀ, ଅପରାଜିତାଙ୍କ ବିରୁଦ୍ଧରେ ବିଶୋଦାଗାର ଶାସକ ଦଳକୁ ସୁହାଉଛି। କାଳୁଚରଣଙ୍କ ଭୂମିକା ଏକ ନିର୍ଣ୍ଣାୟକ ଭୂମିକା ନିଭାଉଥିବା ବେଳେ ରାଜେନ୍ଦ୍ର ସାହୁ ନିଜ ସଂଗଠନ ସହ ନବୀନ ସରକାରଙ୍କ '୫-ଟି' ଗ୍ୟାରେଣ୍ଟି ସ୍କିମ୍ ନେଇ ଭୋଟରଙ୍କୁ ଆକୃଷ୍ଟ କରିବାରେ ସମର୍ଥ ହୋଇଛନ୍ତି।






## ଭଦ୍ରକ, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି ବିଧାନସଭା ଆସନ

# 'ଆମଦାନି' ନେତାଙ୍କ ଭରସାରେ ବିଜେପି, ତୃଣମୂଳ ନେତାଙ୍କ ଦେଖାନାହିଁ

## ପ୍ରାକ୍ତନ ରାଜ୍ୟ ସମ୍ପାଦକ, ଜିଲ୍ଲା ବିଜେପି ସଭାପତି, ୨ ପ୍ରାକ୍ତନ ସଭାପତି ନିଖୋଜ !

**ଭଦ୍ରକ,୨୨।୫(ସମିସ):** ରାତି ପାହିଲେ ସାଧାରଣ ନିର୍ବାଚନ। ହେଲେ ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢ଼ୀ (କାଳିଆ)ଙ୍କ ଦେଖାନାହିଁ। ଖାଲି ଜିଲ୍ଲା ବିଜେପି ସଭାପତି ନୁହଁନ୍ତି; ପ୍ରାକ୍ତନ ରାଜ୍ୟ ବିଜେପି ସମ୍ପାଦକ ତୁଷାରକାନ୍ତି ଜେନା, ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ଦୀନବନ୍ଧୁ ପତି, ପ୍ରାକ୍ତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ ଓ ପ୍ରାକ୍ତନ ଜିଲ୍ଲା ସଭାପତି ବଦ୍ରିନାରାୟଣ ଧଳଙ୍କ ସମେତ ବହୁ ବରିଷ୍ଠ ତଥା ତୃଣମୂଳ ବିଜେପି ନେତାଙ୍କୁ ଦେଖିବାକୁ ପାଉନାହାନ୍ତି ବିଜେପି କର୍ମୀ ଓ ଭୋଟର। ଏପରିସ୍ଥଳେ ଉପରୋକ୍ତ ୩ଟି ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନମଣ୍ଡଳୀରେ କିନ୍ତୁ ବିଜେପି ପ୍ରାର୍ଥୀଙ୍କ ଲାଗି ଜୋରଦାର ଅଣ୍ଟ ଭିଡ଼ିଛନ୍ତି ଅନ୍ୟ ଦଳରୁ ଆସି ଯୋଗଦେଇଥିବା 'ଆମଦାନୀ' ନେତା।

ସୂଚନାଯୋଗ୍ୟ, ଜୁନ୍ ୧ ତାରିଖ ଭଦ୍ରକ ଜିଲ୍ଲାରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେପି ପ୍ରାର୍ଥୀ ଘୋଷଣା କରିବା ପରେ ସବୁ ଅଙ୍କ ବିଗିଡ଼ି ଯାଇଥିଲା। ଖୋଦ୍ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜ ଜିଲ୍ଲାରେ ବିଜେପି ଜିଲ୍ଲା ସଭାପତି ପ୍ରାର୍ଥିତ୍ୱ ଘୋଷଣା ପରଠାରୁ ନିଖୋଜ ହେବା ଘଟଣାକୁ ସହଜରେ କର୍ମୀ ଓ ଭୋଟରମାନେ ଗ୍ରହଣ କରିପାରୁନାହାନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ନିଜେ ଚାନ୍ଦବାଲି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ନିର୍ବାଚନମଣ୍ଡଳୀରେ ଅନେକ ବରିଷ୍ଠ, ତୃଣମୂଳ ନେତା ଦଳ ଛାଡ଼ିଛନ୍ତି। ଏହାର ପ୍ରମୁଖ କାରଣ ଦଳୀୟ ତୃଣମୂଳ କର୍ମୀଙ୍କ ପ୍ରତି ମନମୋହନଙ୍କ ବିଶ୍ୱାସ ନକରି ଅନ୍ୟ ଦଳରୁ ଆମଦାନୀ ନେତାଙ୍କୁ ଅଧିକ ଭରସା କରୁଥିବା ବହୁ କର୍ମୀ ଖୋଲାଖୋଲି ବକ୍ତବ୍ୟ ରଖିଛନ୍ତି। ଅନ୍ୟଦଳରୁ ଆମଦାନୀ ନେତା, ସରପଞ୍ଚଙ୍କୁ ବିଜେପିରେ ମିଶାଇ ନିଜର ପତିଆରା ଜାହିର କରିବାକୁ ଚେଷ୍ଟା କରୁଥିବା ରାଜ୍ୟ ବିଜେପି ସଭାପତି ତଥା ଚାନ୍ଦବାଲି ପ୍ରାର୍ଥୀଙ୍କ ଲାଗି ନିକଟରେ ବିଜେଡି ତ୍ୟାଗ କରିଥିବା ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଜୟ ନାୟକ ପ୍ରଚାର କରୁଛନ୍ତି। ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ପଦବ ଦିଆଯାଇଛି। ସେହିଭଳି ବିଜେଡିରୁ ବିଜୟୀ ହୋଇଥିବା ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା ବିଜେପିରେ ଯୋଗଦେଇ ଭଦ୍ରକ ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀଙ୍କ ଲାଗି ପ୍ରଚାର କରୁଛନ୍ତି।

ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ବିଜେଡି ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କୁ ମଧ୍ୟ ଦଳରେ ସାମିଲ କରିବା ପର୍ବ ଜାରି ରହିଛି। ତେବେ ଚାନ୍ଦବାଲି ବିଧାନସଭା ଆସନ ଜିତିବା ପାଇଁ ବିଜେପି ଯେତେ ନେତା ଆମଦାନି କଲେବି ଭୋଟର କିନ୍ତୁ ସ୍ଥିର। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଣୟନ ବିଭିନ୍ନ ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀମଙ୍କ ଗୋଟିଏ ସ୍ୱର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମର ନେତା। ନିଜର ସ୍ୱାର୍ଥ ହାସଲ ପାଇଁ ଦଳ ବଦଳାଉଥିବା ନେତାଙ୍କ ସହ ଆମେ କୁଆଡ଼େ ଯିବୁନି, ଆମେ ମୁଖ୍ୟମନ୍ତ୍ରୀଙ୍କ ସହ ଅଛୁ ଆଉ ରହିବୁ। ୨ଥର ବିଜୁ ଜନତା ଦଳରୁ ବିଧାୟକ ହୋଇଥିବା ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟଙ୍କ ବିଧାୟକତ୍ୱ ବେଳେ ରାସ୍ତାଘାଟ, ପୋଲ, ପାର୍କ, ମେଡିକାଲ, ଷ୍ଟାଡିୟମ, ଟାଉନ ହଲ, ଇଲେକ୍ଟ୍ରିକ ଗ୍ରୀଡ୍ ଆଦି ନିର୍ମାଣ କରି ନିଜ ମାଟି ପାଇଁ ଉତ୍ସର୍ଗୀକୃତ ଭାବନା ପରିଚୟ ଦେଇଥିବା ଭୋଟରମାନେ କହୁଛନ୍ତି।

ସେହିଭଳି ଭଣ୍ଡାରିପୋଖରୀ ବିଧାନସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସୁଧାଂଶୁ ନାୟକଙ୍କ ପ୍ରଚାରରେ କେହି ପୁରୁଖା ବିଜେପି ନେତାଙ୍କ ପାଦ ପଡୁନି। ଭଦ୍ରକ ବିଧାନସଭା ଆସନରେ ସମଦଶା। ବିଜେପିରୁ ପ୍ରାର୍ଥୀ ହୋଇଥିବା ସୀତାଂଶୁଶେଖର ମହାପାତ୍ରଙ୍କ ପ୍ରଚାରରେ ଜିଲ୍ଲା ବିଜେପି ସଭାପତି ନ ଥିବା ଏବଂ ଦଳରେ ଯୋଗଦାନ କରିଥିବା ପ୍ରାକ୍ତନ ବିଧାୟକ ନରେନ୍ ପଲେଇଙ୍କ ବି ଖୋଜ ଖବର ନାହିଁ। କିଛି ଆମଦାନୀ ନେତାଙ୍କ ଚକ୍ରବ୍ୟୂହରେ ରହିଛନ୍ତି ୩ ବିଜେପି ପ୍ରାର୍ଥୀ। ଆମଦାନୀ ନେତାଙ୍କ ବଳରେ ବଳୀୟାନ ହୋଇ ବିଜେଡିର ବିଜୟରେ ବ୍ରେକ ଲଗାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି ବିଜେପି। ଅନ୍ୟପଟେ ସାଧାରଣ ଭୋଟରଙ୍କ ବଳରେ ପୁଣି ଥରେ ବିଜୟର ବାନା ଉଡ଼ାଇବାକୁ ବିଜେଡିର ଜୋର୍‌ସୋର ଉଦ୍ୟମ ଚାଲିଛି।

## କାମ କଲାନି ରାହୁଲ ମଲମ !

# ଜିଲ୍ଲା କଂଗ୍ରେସର ବିକଳ ଚିତ୍ର ସାମ୍ନାକୁ ଆଣିଲା ନିର୍ବାଚନ

**ବଲାଙ୍ଗିର, ୨୨।୫(ସମିସ):** ବଲାଙ୍ଗିର ଜିଲ୍ଲା କଂଗ୍ରେସର ବିକଳ ଚିତ୍ର ସାମ୍ନାକୁ ଆଣିଲା ୨୦୨୪ ସାଧାରଣ ନିର୍ବାଚନ। ଭୋଟ ପୂର୍ବରୁ ହାତ ଟେକି ଦେଇଥିବା କଂଗ୍ରେସକୁ କାମ ଦେଲନି ରାହୁଲ୍ ମଲମ। ଚଳିତ ନିର୍ବାଚନରେ ଗୋଟିଏ ବିଧାନସଭା ଆସନକୁ ଛାଡ଼ିଲେ ଅନ୍ୟ ଚାରି ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀ ନିଜ ପାରମ୍ପରିକ ଭୋଟ ରକ୍ଷା ନେଇ ସନ୍ଦୀହାନ ଅଛନ୍ତି। ଏହି ଜିଲ୍ଲାରୁ ଉଭୟ ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ସଂଗଠନ ସଜାଡ଼ିବା ବଦଳରେ ଆହୁରି ଖରାପ ଅବସ୍ଥାକୁ ଠେଲି ଦେଇଥିବା ଚର୍ଚ୍ଚା ହେଉଛି। ବଲାଙ୍ଗିର ଜିଲ୍ଲାରେ କଂଗ୍ରେସର ଏହିଭଳି ଅବସ୍ଥା କେବେ ହୋଇ ନ ଥିଲା। ପ୍ରାର୍ଥୀମାନେ ବିଜୟ ପରାଜୟ କଥା ଚିନ୍ତା ନ କରି ନିର୍ବାଚନ ସାହସର ସହ ଲଢ଼ିଥିଲେ। କିନ୍ତୁ ଚଳିତ ନିର୍ବାଚନରେ ନିଜ ସ୍ୱାର୍ଥକୁ ଦେଖି କଂଗ୍ରେସ ନେତୃତ୍ୱ ଜାଣିଶୁଣି ପ୍ରାର୍ଥୀମାନଙ୍କୁ ଦୁର୍ବଳ କରିଦେଇଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କଂଗ୍ରେସ କର୍ମୀମାନେ ଆଲୋଚନା କରିବା ଆରମ୍ଭ କରିଛନ୍ତି। ଯଦି ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାରେ କଂଗ୍ରେସର ଆଭିମୁଖ୍ୟ ସେମାନଙ୍କ ଆଲୋଚନାକୁ ଖୋରାକ ଯୋଗାଇଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଏକଚାଟିଆ ଭାବେ କୌଣସି ଦଳର ପ୍ରାର୍ଥୀ ନିର୍ବାଚିତ ହେଉ ନ ଥିଲେ। ପ୍ରତି ନିର୍ବାଚନରେ ଗୋଟିଏ ଆସନ ହେଲେ ମଧ୍ୟ କଂଗ୍ରେସ ବିଜୟୀ ହୋଇଥାଏ। ଏହାସହ ଅନ୍ୟ ବିଧାନସଭା ନିର୍ବାଚନମଣ୍ଡଳୀରେ ଭଲ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥାନ୍ତି। କିନ୍ତୁ ଗତ ନିର୍ବାଚନରୁ କଂଗ୍ରେସର ଭୋଟ ହାର ହ୍ରାସ ପାଇଥିବା ବେଳେ ଚଳିତ ନିର୍ବାଚନରେ ଏହା ଅଧିକ ହ୍ରାସ ହେବାର ଆଶଙ୍କା ଦ୍ୱିଗୁଣିତ କରିଛି। ପୁରୁଣା ରେକର୍ଡ ଅନୁସାରେ ଜିଲ୍ଲାର ପାଞ୍ଚ ବିଧାନସଭା ଆସନ ଲୋଇସିଂହା, ବଲାଙ୍ଗିର, ପାଟଣାଗଡ଼, ଟିଟିଲାଗଡ଼, କଣ୍ଟାବାଞ୍ଜିରେ ଭଲ ପରିମାଣର ଭୋଟ କଂଗ୍ରେସ ପାଖରେ ରହିଛି। କଂଗ୍ରେସର ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜାଙ୍କ ଭଳି ବିଧାୟକ ରହିଛନ୍ତି। ଶରତ ପଟ୍ଟନାୟକ ଏଥର ନିଜେ ପିସିସି ସଭାପତି ହୋଇଛନ୍ତି। ଏହି ନେତାମାନଙ୍କ ମିଳିତ ଉଦ୍ୟମରେ କଂଗ୍ରେସ ସଂଗଠନ ମଜଭୁତ୍ ହେବ ବୋଲି ଆଲୋଚନା ହେଉଥିଲା। କିନ୍ତୁ ଦିନକୁ ଦିନ ଦଳ ଛିଡିବାରେ ଲାଗିଥିବା ଆଲୋଚନା ହେଉଛି। ଚଳିତ ନିର୍ବାଚନରେ କଂଗ୍ରେସ ସଦର ଆସନରେ ଫୁଲ ଦମ୍‌ରେ ଲଢ଼ିଛି। ସମରେନ୍ଦ୍ର ମିଶ୍ର ଓ କଳିକେଶ ସିଂଦେଓଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ସେହିପରି ଲୋଇସିଂହା ଆସନରେ ନାମକୁ ମାତ୍ର ଦଳ ପ୍ରାର୍ଥୀ ଦେଇଥିବା ଚର୍ଚ୍ଚା ହେଉଛି। ପ୍ରଚାରରେ ପଛରେ ରହିବା ପରେ କଂଗ୍ରେସ ନେତା ଭିତିରିଆ ବିଜେପି ସପକ୍ଷରେ ଭୋଟ କରାଇଥିବା ଆଲୋଚନା ହେଉଛି। ଯାହାକି ଏକ ସାଙ୍ଘାତିକ ଷଡ଼ଯନ୍ତ୍ର। ପାଟଣାଗଡ଼ ଆସନରେ ମଧ୍ୟ ଯେଉଁ ଭଳି ଭାବେ ପ୍ରାର୍ଥୀ ନିର୍ବାଚନ ଲଢିବା କଥା ସେହିଭଳି ଲଢି ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଟିଟିଲାଗଡ଼ର ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ ଦଳ ଛାଡ଼ିବା ପରେ ତାଙ୍କ ସ୍ଥାନରେ ସେହିଭଳି ଏକ ନେତାକୁ ଛିଡ଼ା କରିବାରେ ଦଳ ବିଫଳ ହୋଇଛି। ଏହି ଆସନରେ ମଧ୍ୟ କଂଗ୍ରେସ ଅବସ୍ଥା ଶୋଚନୀୟ ହୋଇଥିବା ଆଲୋଚନା ହେଉଛି। ନିର୍ବାଚନରେ ଦଳୀୟ ପକେଟ୍ ଭୋଟ ମଧ୍ୟ ହାତରୁ ଯାଇଥିବା ଆଲୋଚନା ହେଉଛି। କଣ୍ଟାବାଞ୍ଜିରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ପରେ ମଇଦାନରୁ ପୂର୍ବରୁ ହିଁ ବିଧାୟକ ସନ୍ତୋଷ ସିଂହ ସାଲୁଜା ଓହରିବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ତାଙ୍କ ସାଙ୍ଗରେ ଥିବା ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ମଧ୍ୟ ତାଙ୍କ ହାତ ଛାଡିଥିଲେ। ଏହିଭଳି ଭାବେ କଂଗ୍ରେସ ଭୋଟ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଖାତାକୁ ଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ଲୋକସଭା ଆସନରେ ମଧ୍ୟ କଂଗ୍ରେସରୁ ପ୍ରାୟ ଦୁଇ ଲକ୍ଷ ଭୋଟ ରହିଛି। ତେବେ ଜିଲ୍ଲା ବାହାରୁ ଦଳଆଣି ଲୋକସଭା ପ୍ରାର୍ଥୀ କରିଥିବାରୁ ଏହି ଆସନରେ ମଧ୍ୟ ଭୋଟ ପ୍ରଭାବିତ ହୋଇଥିବା ଆଲୋଚନା ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା କଂଗ୍ରେସକୁ ମଜଭୁତ୍ କରିବା ପାଇଁ ଠିକ୍ ନିର୍ବାଚନ ପୂର୍ବରୁ ଦଳର ସର୍ବମାନ୍ୟ ନେତା ରାହୁଲ୍ ଗାନ୍ଧୀ ବଲାଙ୍ଗିର ଆସି ରୋଡ ଶୋ ଓ ନିର୍ବାଚନୀ ସଭା କରିଥିଲେ। ଦଳ ଭଲ କରିବା ନେଇ ମଧ୍ୟ ଆଶା ପ୍ରକଟ କରିଥିଲେ କିନ୍ତୁ ନିର୍ବାଚନ ପରେ ତାଙ୍କ ମଲମ କାମ କରି ନ ଥିବା ସ୍ପଷ୍ଟ ବାରି ହୋଇପଡ଼ିଛି। ଏମିତିରେ ଦଳର ଶୋଚନୀୟ ସ୍ଥିତି ଜାରି ରହିଛି। ଜିଲ୍ଲାର ଚାରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି -ବିଜେପି ଲଢେଇ ହୋଇଥିବା ଦେଖିବାକୁ ମିଳିଛି। ଏମିତିରେ କଂଗ୍ରେସ ସ୍ଥିତି କେବେ ସୁଧୁରିବ ତାକୁ ନେଇ କର୍ମୀମାନେ ଆଶା ଆଶଙ୍କାରେ ରହିଛନ୍ତି।

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-326 ◆BHUBANESWAR ◆THURSDAY ◆23 MAY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୬ ◆ଭୁବନେଶ୍ୱର ◆ଗୁରୁବାର ◆୨୩ ମେ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


# ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ

**ଓଡ଼ିଶା ଉପରେ ସିଧାସଳଖ ପ୍ରଭାବ ନାହିଁ: ଆଇଏମ୍‌ଡି**

**ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ୨୫ ଓ ୨୬ରେ ପ୍ରବଳ ବର୍ଷା**

■ **ଭୁବନେଶ୍ୱର, ୨୨।୫(ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଆଗକୁ ଅଧିକ ଶକ୍ତିଶାଳୀ ହେବାକୁ ଥିବା ବେଳେ ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଆଇଏମ୍‌ଡି ସ୍ପଷ୍ଟ କରିଛି। ବୁଧବାର ଆଇଏମ୍‌ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ସୃଷ୍ଟି ହୋଇଥିବା ଲଘୁଚାପଟି ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବ ନାହିଁ। ତେଣୁ ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ରହିବ ନାହିଁ। କେବଳ ୨୫ ଓ ୨୬ ତାରିଖରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୨ ଜିଲ୍ଲା ପାଇଁ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛିଯେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ଓ ତତ୍ ସଂଲଗ୍ନ ଉତ୍ତର ତାମିଲନାଡୁ-ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୫.୮ କିଲୋମିଟର ଯାଏ ବ୍ୟାପିଛି। ଏହି ଲଘୁଚାପଟି ଉତ୍ତରପୂର୍ବ ଦିଗରେ ଗତି କରିବ। ▶ପୃଷ୍ଠା-୧୧






**'ମୋଦୀଙ୍କ ପାଇଁ କୋଣାର୍କ ମନ୍ଦିର ପ୍ରସିଦ୍ଧ' ନେଇ ଶାହାଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା**

# ବିଜେପି ନେତାଙ୍କ ନୀଚ ମାନସିକତା: ପଓ୍ୱନ ଖେରା

■ **ଭୁବନେଶ୍ୱର, ୨୨।୫(ସମିସ):** ପୁରୀ ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର ମହାପ୍ରଭୁ ଜଗନ୍ନାଥଙ୍କୁ ମୋଦୀଙ୍କ ଭକ୍ତରେ ପରିଣତ କରିବା ପ୍ରତ୍ୟେକ ଓଡ଼ିଆ ଓ ସନାତନ ଧର୍ମାବଲମ୍ବୀଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ଜାତୀୟ ବିତର୍କ ସୃଷ୍ଟି ହୋଇଛି।

**ରାଜନୀତି ପାଇଁ କୋଟି ଓଡ଼ିଆଙ୍କୁ ଅପମାନିତ କରୁଛି ବିଜେପି**




କଂଗ୍ରେସ, ଆପ୍, ଡ଼ିଏମ୍‌କେ ପରି ଜାତୀୟ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି ପ୍ରସଙ୍ଗ ଥମି ନ ଥିବାବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କୋଣାର୍କ ପ୍ରସଙ୍ଗରେ ଦେଇଥିବା ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଶ୍ରୀ ଶାହାଙ୍କ 'ମୋଦୀଙ୍କ ପାଇଁ କୋଣାର୍କ ବିଶ୍ୱପ୍ରସିଦ୍ଧ ହେଲା'ମନ୍ତବ୍ୟ ଅନୁରୂପ ଭାବରେ ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି। ବିଜେପି ନେତାମାନଙ୍କ ଏପରି ମନ୍ତବ୍ୟକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ପ୍ରଥମେ ଭଗବାନ ଶ୍ରୀରାମଙ୍କ ପ୍ରତିକୃତିକୁ ବିଭିନ୍ନ ପ୍ରଚାରପତ୍ର ଏବଂ ବିଜେପି ଅଫିସିଆଲ ସୋସିଆଲ ମିଡିଆ ଆକାଉଣ୍ଟରେ ଛୋଟ ଦେଖାଇ ମୋଦୀଙ୍କୁ ବଡ଼ ଦେଖାଇବା ପରେ ଜଗତର ନାଥ ଜଗନ୍ନାଥଙ୍କୁ ଅପମାନିତ କରିବା ଏବଂ ଅର୍କକ୍ଷେତ୍ର କୋଣାର୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେବା ଭାରତୀୟ ଜନତା ପାର୍ଟି ଏବଂ ତାଙ୍କର ନେତାମାନଙ୍କର ନୀଚ ମାନସିକତାର ଉଦାହରଣ ବୋଲି ଏଆଇସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ପଓ୍ୱନ ଖେରା କହିଛନ୍ତି।

ବୁଧବାର ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଖେରା କହିଛନ୍ତି ଯେ ଜୁନ୍ ୪ ତାରିଖରେ କ୍ଷମତାରୁ ଯିବା ଆଶଙ୍କାରେ ବିଜେପି ନେତାମାନଙ୍କର ମତିଭ୍ରମ ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପିର ଅନ୍ୟାନ୍ୟ ନେତା ଓଡ଼ିଶାକୁ ଅପମାନିତ କରି ନିଜର ରାଜନୈତିକ ଲାଭ ପାଇଁ ଧର୍ମକୁ ଆୟୁଧ କରିବାର ଯେଉଁ ପ୍ରୟାସ କରୁଛନ୍ତି ତାହା ଓଡ଼ିଶାବାସୀ କେବେ ଗ୍ରହଣ କରିବେ ନାହିଁ। ସମ୍ବିତ ପାତ୍ର ପୂର୍ବରୁ ମୋଦୀଙ୍କୁ ଦେଶର ବାପା କହି ବିବାଦ ସୃଷ୍ଟି କରିଥିଲେ। ସେ ଅନକେ ସମୟରେ ଏଭଳି ବିବାଦୀୟ ବୟାନ ଦେଇଛନ୍ତି। ଯଦି ମୋଦୀ ସମ୍ବିତ ପାତ୍ରଙ୍କ ମତ ସହିତ ଏକମତ ନୁହଁନ୍ତି, ତାହା ହେଲେ ଅବିଳମ୍ବେ ତାଙ୍କୁ ଦଳରୁ ବରଖାସ୍ତ କରନ୍ତୁ ବୋଲି ଶ୍ରୀ ଖେରା ଆହ୍ୱାନ ଦେଇଛନ୍ତି। ଦେଶରେ ୪୫ ବର୍ଷର ସର୍ବାଧିକ ବେରୋଜଗାରୀ ଓ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ବିଭିନ୍ନ ବିଭାଗରେ ବର୍ତ୍ତମାନ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ପଦବୀ ଖାଲି ପଡ଼ିଛି। ପ୍ରଧାନମନ୍ତ୍ରୀ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ଆଜି ପ୍ରତାରଣା ପାଲଟିଛି। ପ୍ରତିଟି ବର୍ଗପ୍ରତି ▶ପୃଷ୍ଠା-୧୧

**'ଏଆଇ' ପ୍ରସଙ୍ଗରେ ବିଜେପିକୁ ମୁଖ୍ୟମନ୍ତ୍ରୀଙ୍କ ତାଚ୍ଛଲ୍ୟ**

## ଇଣ୍ଟେଲିଜେନ୍ସ ବ୍ୟବହାର କରି ସତକଥା କୁହନ୍ତୁ

■ **ଭୁବନେଶ୍ୱର, ୨୨।୫(ସମିସ):** ଭାରତୀୟ ଜନତା ପାର୍ଟି ଉପରେ ଏଆଇ ପ୍ରହାର କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କୃତ୍ରିମ ବୁଦ୍ଧିମତା (ଏଆଇ)କୁ ନେଇ ବିଜେପି ଚଳାଇଥିବା ଅପପ୍ରଚାରର କଡ଼ା ଜବାବ୍ ଦେଇଛନ୍ତି। ସଂକ୍ଷିପ୍ତ ହୋଇଥିଲେ ବି ନବୀନଙ୍କ ପାଲଟା ଜବାବର ପ୍ରଭାବ ବେଶ୍ ଅନୁଭୂତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ପାଲଟା ଜବାବ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ପ୍ରଚାର, ଭିଡ଼ିଓରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଅନୁରୋଧକୁ ନେଇ ବିଜେପି ସମାଲୋଚନା କରିଥିଲା। ଏହାର କିଛି ନିର୍ଦ୍ଦିଷ୍ଟ ନେତା ବ୍ୟକ୍ତିଗତ ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ଷେପ କରିଥିଲେ। ମାତ୍ର ବିରୋଧୀ ବିଜେପିର ଅପପ୍ରଚାରକୁ



ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ସ୍ପଷ୍ଟ ଭାଷାରେ ପାଲଟା ଜବାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଆଜି ନିର୍ବାଚନ ପ୍ରଚାର ପାଇଁ ଯିବା ବାଟରେ ଏଆଇ ଗୁଜବର ଜବାବ୍ ଦେଇ ବିଜେପିକୁ ତାଚ୍ଛଲ୍ୟ କରିଛନ୍ତି। ନିଜେ ଶ୍ରୀ ପାଣ୍ଡିଆନ୍ ଏହି ଭିଡିଓକୁ ଇନଷ୍ଟାଗ୍ରାମରେ ଅପଲୋଡ୍ କରିଛନ୍ତି।

ଭିଡିଓରେ ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ ଯେ, ବିଜେପି କହୁଛି ଆପଣ ନିଜ ଭିଡିଓରେ ଏଆଇ ବ୍ୟବହାର କରୁଛନ୍ତି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଭଲ କଥା। ସେମାନେ ବି ଇଣ୍ଟେଲିଜେନ୍ସ ବ୍ୟବହାର କରନ୍ତୁ'। ମୁଖ୍ୟମନ୍ତ୍ରୀଙ୍କ ଏହି ଟିପ୍ପଣୀ ବିଜେପିକୁ ଚୁପ୍ କରିବାକୁ ଯଥେଷ୍ଟ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ନିକଟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ଭିଡିଓ ବାର୍ତ୍ତା ଜାରି କରିଥିଲେ। ଏହାକୁ ନେଇ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ, କେନ୍ଦ୍ରମନ୍ତ୍ରୀ, ପୂର୍ବତନ ରାଜ୍ୟ ସଭାପତି ପ୍ରମୁଖ କହିଥିଲେ ଯେ ଏହା ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ନୁହେଁ ବରଂ ଏଆଇ ବ୍ୟବହାର କରାଯାଇ ଭିଡିଓ ପ୍ରସ୍ତୁତ ହୋଇଛି। ତେବେ ଆଜି ମୁଖ୍ୟମନ୍ତ୍ରୀଙ୍କ ଜବାବ୍ ବିରୋଧୀଙ୍କୁ ମୁହଁ ବନ୍ଦ କରି ଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

**ପୁଣି ଆସିବେ ମୋଦୀ-ଶାହା**

## ବଢୁନାହିଁ ବିଜେପି ପ୍ରତି ସମର୍ଥନ

■ **ଭୁବନେଶ୍ୱର, ୨୨।୫(ସମିସ):** ପୁଣି ମେ' ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଗସ୍ତକାଳରେ ସେ କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ବୁଧବାର ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର ଏହି ସୂଚନା ଦେଇଛନ୍ତି। ୧ ତାରିଖରେ ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ୍ ପଡ଼ିବ। ରାଜ୍ୟର ଶେଷ ପର୍ଯ୍ୟାୟ ନିର୍ବାଚନରେ ଉପକୂଳ ଓଡ଼ିଶାରେ ଭୋଟ୍ ଗ୍ରହଣ ହେବାକୁ ଥିବାରୁ ପ୍ରଧାନମନ୍ତ୍ରୀ ଦଳର ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିବେ। ଚଳିତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଏକାଧିକବାର ଓଡ଼ିଶା ଆସି ନିର୍ବାଚନ ପ୍ରଚାର କରି ସାରିଛନ୍ତି। ସେ ବ୍ରହ୍ମପୁର, ନବରଙ୍ଗପୁର, କନ୍ଧମାଳ, ବରଗଡ଼, ବଲାଙ୍ଗିର, କଟକ ଓ ଅନୁଗୋଳରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିବା ବେଳେ ଭୁବନେଶ୍ୱର ଓ ପୁରୀରେ ରୋଡ୍ ଶୋ' କରିସାରିଛନ୍ତି। ▶ପୃଷ୍ଠା-୧୧

**୨୫ରେ ଶାହା, ୨୯ରେ ମୋଦୀ**

**ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ହ୍ରାସ ଚିନ୍ତା**

## ଆରମ୍ଭ ହେବ ଗବେଷଣା

■ **ଭୁବନେଶ୍ୱର, ୨୨।୫(ସମିସ):** ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ପରିବହନ ବିଭାଗ ପାଇଁ ଚିନ୍ତାର କାରଣ ହୋଇରହିଛି। ମୃତାହତ ସଂଖ୍ୟା ହ୍ରାସ ପାଇଁ ବିଭିନ୍ନ ଦିଗରୁ ଉଦ୍ୟମ ହେଉଥିଲେ ସୁଦ୍ଧା ତାହା ଫଳପ୍ରଦ ହୋଇପାରୁ ନାହିଁ। ଏପରିସ୍ଥଳେ ସଡ଼କ ଦୁର୍ଘଟଣା ବଢ଼ିବା ପଛରେ କାରଣ ଜାଣିବା ପାଇଁ ପରିବହନ ବିଭାଗ ଗବେଷକଙ୍କ ସହାୟତା ନେବାକୁ ଯାଉଛି। ଏଥିରେ ବିଭିନ୍ନ ଗବେଷଣା ଅନୁଷ୍ଠାନ ଏବଂ ଯାନ ବାହନ ସହ ଜଡିତ ସଂସ୍ଥାର ପ୍ରତିନିଧିଙ୍କୁ ସାମିଲ କରାଯିବ। ଗବେଷଣା ଏବଂ ରିପୋର୍ଟ ପ୍ରକାଶନ ପାଇଁ ପରିବହନ ବିଭାଗ ପାଣ୍ଠି ଯୋଗାଇ ଦେବ। ଏଥିରୁ ନିସୃତ ତଥ୍ୟ ଆଧାରରେ ସଡ଼କ ଦୁର୍ଘଟଣା ଏବଂ ମୃତାହତ ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ ନିଆଯିବ। ଏଥିସହ ସଡ଼କ ସୁରକ୍ଷା ଦିଗରେ ଅଭିନବ ପଦକ୍ଷେପ ନେବା ଲାଗି ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ମଧ୍ୟ ଯୋଜନା ହୋଇଛି। ଏକ ସ୍ୱତନ୍ତ୍ର ବିଭାଗ ସଡ଼କ ସୁରକ୍ଷା ଯୋଜନା ଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ, ପାଣ୍ଠି ଯୋଗାଣ ସୁନିଶ୍ଚିତ ହେବ। ▶ପୃଷ୍ଠା-୧୧

**ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଜିଲ୍ଲା ସ୍ତରରେ କାର୍ଯ୍ୟାନ୍ୱୟନ**



## ବଜ୍ରପାତରେ ଜଣେ ମୃତ, ୨ ଆହତ

■ **କାଲିମେଲା, ୨୨।୫ (ସମିସ):** ମାଲକାନଗିରି ଜିଲ୍ଲା ଭେଜାଙ୍ଗିଓ୍ୱାଡ଼ା ପଞ୍ଚାୟତର ସିନ୍ଧିଗୁଡ଼ା ଗାଁରେ ବଜ୍ରପାତରେ ଗାଁର ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଉକ୍ତ ଗାଁର ଶୁକ୍ରୀ ମାଡ଼କାମୀ ଏବଂ ଆହତଦ୍ୱୟ ହେଲେ ଯମୁନା ଗୌଡ଼ ଓ ତାଙ୍କର ଏକ ଛୋଟ ଝିଅ। ସୂଚନା ମୁତାବକ, ବୁଧବାର ଅପରାହ୍ଣରେ ପ୍ରବଳ ଝଡ଼ତୋଫାନ ସହ ବଜ୍ରପାତ ହୋଇଥିବାବେଳେ ଏହି ଗ୍ରାମର ଶୁକ୍ରୀ ମାଡ଼କାମୀ ନାମକ ମହିଳା ଚାଷକାମ ସାରି ଘରକୁ ଫେରୁଥିବାବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ଗୁରୁତର ହୋଇ ଶୁକ୍ରୀ ତଳେ ପଡ଼ିଯାଇଥିବା ବେଳେ ଦୁର୍ଭାଗ୍ୟବଶତଃ ପାଖରେ ଥିବା ଏକ ତାଳ ଗଛ ଶୁକ୍ରୀଙ୍କ ଉପରେ ପଡ଼ାଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଶୁକ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ଶୁକ୍ରୀଙ୍କ ▶ପୃଷ୍ଠା-୧୧

**ଲୋକକଥା**



ଓଡ଼ିଶା ରାଇଜେ ପ୍ରଚାର କରନ୍ତି
ବାହାରିଆ ନେତା ଆଣି,
ଜଣାପଡ଼ିଲାକି ପଦ୍ମ ପୋଖରୀରୁ
ଶୁଖି ଆସିଲାଣି ପାଣି ?
ନାଡ଼ ମୋଡ଼ି ହୋଇଲାଣି,
ବିଦେଶିଆ କ'ଣ ଫୁଲ ଫୁଟେଇବେ
ପାଖୁଡ଼ାକୁ ଭିଡ଼ି ଟାଣି ?

## ୨୬ରେ +୨ ପରୀକ୍ଷା ଫଳ

■ **ଭୁବନେଶ୍ୱର, ୨୨।୫(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ। ଅପରାହ୍ଣରେ ବୋର୍ଡ ୱେବ୍‌ସାଇଟ୍ www.orissaresults.nic.in ରେ ପରୀକ୍ଷାଫଳ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଇ-ସ୍ପେସ୍ ଏବଂ ଡିଜିଲକର୍ ମାଧ୍ୟମରେ ମଧ୍ୟ ସେମାନଙ୍କ ଫଳାଫଳ ଦେଖି ପାରିବେ। ଚଳିତବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ▶ପୃଷ୍ଠା-୧୧


vedanta
transforming for good



**ବହୁଳ ମାତ୍ରାରେ ସାମଗ୍ରୀ ଯୋଗାଣ, ବିଭିନ୍ନ ପ୍ରକାରର ସମାରୋହ ପରିଚାଳନା ଏବଂ ସ୍ଥାପିତ ଭିତ୍ତିଭୂମି ନିମନ୍ତେ ବ୍ୟବସାୟ ସହଭାଗୀ ଆବଶ୍ୟକ**

**ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ:**

ଆଲୁମିନିୟମ, ଜିଙ୍କ୍, ସୀସା, ରୂପା, ତମ୍ବା, ଲୌହ ଧାତୁ, ଷ୍ଟିଲ୍, ପାଓ୍ୱାର ଏବଂ ତୈଳ ତଥା ଗ୍ୟାସ୍ କ୍ଷେତ୍ରରେ ଉଲ୍ଲେଖନୀୟ ବ୍ୟବସାୟିକ ସଫଳତା ହାସଲ କରିଥିବା ବେଦାନ୍ତ ରିସୋର୍ସେସ୍ ଲିମିଟେଡ୍‌ର ଏକ ଅଂଶସ୍ୱରୂପ ବେଦାନ୍ତ ଲିମିଟେଡ୍ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଧାତବୀୟ ପଦାର୍ଥ, ତୈଳ ଏବଂ ଗ୍ୟାସ୍ କମ୍ପାନୀ ଅଟେ।

ବାର୍ଷିକ ୨.୩୭ ନିୟୁତ ଟନ୍ (ଏମ୍‌ଟିପିଏ) ସଂସ୍ଥାପିତ ସ୍ମେଲଟିଙ୍ଗ୍ କ୍ଷମତା ସହିତ ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ଅଟେ। ଭାରତରେ ଓଡ଼ିଶାର କଳାହାଣ୍ଡି ଜିଲ୍ଲାସ୍ଥିତ ଲାଞ୍ଜିଗଡ଼ଠାରେ ୩.୫ ଏମ୍‌ଟିପିଏ ଉତ୍ପାଦନ କ୍ଷମତା ବିଶିଷ୍ଟ କମ୍ପାନୀର ଏକ ବିଶ୍ୱସ୍ତରୀୟ ଆଲୁମିନିୟମ ପରିଶୋଧନାଗାର କାର୍ଯ୍ୟକ୍ଷମ।

ବେଦାନ୍ତ ଏହାର ଆଲୁମିନିୟମ ପରିଶୋଧନାଗାରର ଉତ୍ପାଦନ କ୍ଷମତାକୁ ୫ ଏମ୍‌ଟିପିଏକୁ ସମ୍ପ୍ରସାରଣ କରୁଛି। ଆବଶ୍ୟକ ଅଭିଜ୍ଞତା ଥିବା ଉପଯୁକ୍ତ ବ୍ୟବସାୟ ସହଭାଗୀଙ୍କ ଠାରୁ ବେଦାନ୍ତ ଆଗ୍ରହର ଅଭିବ୍ୟକ୍ତି (EOI) ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଆହ୍ୱାନ କରୁଛି।

**ଦୀର୍ଘସ୍ଥାୟୀ ଏବଂ ଦାୟିତ୍ୱସମ୍ପନ୍ନ ବିକାଶ**

- ବଲକ୍ ମ୍ୟାଟେରିଆଲ ହ୍ୟାଣ୍ଡେଲିଂ ପ୍ଲାଣ୍ଟ ପରିସୀମା ମଧ୍ୟରେ ସୀମିତ।
- ସ୍ଥାପିତ ଭିତ୍ତିଭୂମି କାର୍ଯ୍ୟରେ ଅଟ୍ଟାଳିକା ନିର୍ମାଣ, ରାସ୍ତା ନିର୍ମାଣ ଇତ୍ୟାଦି ଅନ୍ତର୍ଭୁକ୍ତ।
- ଇଭେଣ୍ଟ ପରିଚାଳନାର ସାଜସଜ୍ଜା, ଆଲୋକୀକରଣ ଏବଂ କ୍ୟାଟରିଂ ଅନ୍ତର୍ଭୁକ୍ତ।
- ଟ୍ୟାଙ୍କ ଓ ଭେସେଲସ୍‌ର ଡିସିଲଟିଙ୍ଗ୍, ରେକ୍‌ରେ ଥିବା ତେଲର ଅନ୍‌ଲୋଡ଼ିଂ।
- ବିଶୋଧନାଗାରର ବିଭିନ୍ନ କ୍ଷେତ୍ରକୁ କାର୍ଯ୍ୟକ୍ଷମ କରିବା ଏବଂ ରକ୍ଷଣାବେକ୍ଷଣ କରିବା।

**ତା.୩୦ ମଇ ୨୦୨୪ରିଖ** ପୂର୍ବରୁ ଆଗ୍ରହର ଅଭିବ୍ୟକ୍ତି ମୁଖ୍ୟ ବ୍ୟବସାୟିକ ଅଧିକାରୀ, ବେଦାନ୍ତ ଲିମିଟେଡ୍, ଲାଞ୍ଜିଗଡ଼, ଜିଲ୍ଲା- କଳାହାଣ୍ଡି, ଓଡ଼ିଶା, ଭାରତ – ୭୬୬୦୨୭ଙ୍କ ନିକଟରେ ଦାଖଲ କରାଯିବା ଆବଶ୍ୟକ।

Email : eoiresponses@vedanta.co.in

# ବିଜେପି ଯାହାକୁ ମୋଦୀ ଗ୍ୟାରେଣ୍ଟି କହୁଛି ପରେ ନିର୍ବାଚନୀ ଜୁମଲା କହିବ: ରୋହିତ ପୂଜାରୀ

- ବିଧାୟକ, ସାଂସଦଙ୍କ ପ୍ରତାରଣା ପାଇଁ ସମ୍ବଲପୁରବାସୀ ଦୁଃଖରେ ଅଛନ୍ତି
- ବିଧାୟକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିଛି ତେଣୁ ଆସନ୍ତା ଜୁନ ୪ ତାରିଖରେ ସମ୍ବଲପୁରବାସୀ ତାଙ୍କୁ ଫ୍ୟାର୍‌ୱେଲ୍ ଦେବେ
- ଯଦି ଆପଣ ସମ୍ବଲପୁରକୁ ଏତେ ଭଲ ପାଉଛନ୍ତି, ଓଡ଼ିଶାକୁ ଏତେ ଭଲପାଉଛନ୍ତି ତେବେ ଛତିଶଗଡ଼ରେ ବେଆଇନ ଭାବରେ ନିର୍ମାଣ କରାଯାଇଥିବା ବ୍ୟାରେଜ୍ ଭାଙ୍ଗି ଦିଅନ୍ତୁ
- ସେ ସମୟରେ ଧାନର ମୂଲ୍ୟ ୨୯୩୦ ଟଙ୍କା କରିବାକୁ ନାରାଜ୍ ଥିବା ଭାଜପା ଆଜି ଧାନର ମୂଲ୍ୟ ୩୧୦୦ ଟଙ୍କା କରିବୁ ବୋଲି ଲୋକଙ୍କୁ ଭ୍ରମିତ କରୁଛନ୍ତି
- ସମ୍ବଲପୁର ଓ ଓଡ଼ିଶାର ହକ୍ ପାଇଁ ଦିଲ୍ଲୀରେ ଲଢ଼େଇ ହେବ
- ମା' ସମଲେଶ୍ୱରୀଙ୍କ ପ୍ରକଳ୍ପକୁ ସଫଳ କରିବାରେ ପ୍ରଣବ ପ୍ରକାଶଙ୍କ ଅସରନ୍ତି ଅବଦାନ

**ସମ୍ବଲପୁର, ୨୨।୫(ସମିସ)**

ନିର୍ବାଚନ ଯେତିକି ପାଖେଇ ଆସୁଛି ଭାରତୀୟ ଜନତା ପାର୍ଟିର ହୀନ ରାଜନୀତି ଆହୁରି ବଢ଼ିବାରେ ଲାଗିଛି। ନିର୍ବାଚନୀ ପ୍ରସଙ୍ଗକୁ ଆଲୋଚନା ପରିସରରୁ ଦୂରେଇ ଦେଇ ବର୍ତ୍ତମାନ ଧର୍ମକୁ ନେଇ ରାଜନୀତି କରିବା ଆରମ୍ଭ କଲେଣି। ମିଛ ପ୍ରତିଶ୍ରୁତି ଦେଇ ଜନତାଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରୁଥିବାବେଳେ ବିଜେପି ଉପରେ ବର୍ଷିଛି ବିଜୁ ଜନତା ଦଳ। ବୁଧବାର ସ୍ଥାନୀୟ ପାନ୍ଥ ନିବାସରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଭାରତୀୟ ଜନତା ପାର୍ଟି ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ଉପରୁ ପରଦା ଉଠାଇବା ସହିତ ବିଜେପି ନେତାମାନଙ୍କୁ କଡା ସମାଲୋଚନା କରିଛନ୍ତି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଇଂ. ରୋହିତ ପୂଜାରୀ। ବିଜେଡିର ମୁଖପାତ୍ର ଡ. ଲେନିନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ରୋହିତ ପୂଜାରୀଙ୍କ ସମେତ ସମ୍ବଲପୁର ଲୋକସଭା କ୍ଷେତ୍ର ନିର୍ବାଚନୀ ସଂଯୋଜକ ସିଦ୍ଧାର୍ଥ ଦାସ, ବିଧାନସଭା ନିର୍ବାଚନୀ ସଂଯୋଜକ ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ ନିଜର ପ୍ରତିକ୍ରିୟା ରଖି କହିଥିଲେ ଯେ ମୁଁ ବିଗତ ଦେଢ଼ ମାସ ସମୟ ମଧ୍ୟରେ ସମ୍ବଲପୁର ବିଧାନସଭା ନିର୍ବାଚନୀ କ୍ଷେତ୍ରର ପ୍ରାୟ ସମସ୍ତ ଅଞ୍ଚଳ ବୁଲିଛି। ବିଗତ ନିର୍ବାଚନରେ ଏଠାରୁ ନିର୍ବାଚିତ ହୋଇଥିବା ଭାଜପା ଦଳର ବିଧାୟକ ଓ ସାଂସଦଙ୍କ ପ୍ରତାରଣା ଯୋଗୁଁ ଲୋକେ ବହୁତ ଦୁଃଖରେ ଅଛନ୍ତି। ପାଞ୍ଚ ବର୍ଷ ଭିତରେ ଏମଏଲଏ ଓ ଏମପିଙ୍କୁ ଦେଖିବାକୁ ପାଇଲେ ନାହିଁ। ଗୋଟିଏ ଅଞ୍ଚଳରେ ଏମଏଲଏ ଆଉ ଏମପି ଶୋଇ ପଡ଼ିଲେ ସେ ଅଞ୍ଚଳର ବିକାଶ ହେବ ନାହିଁ ବୋଲି ସିଧାସଳଖ ନିଶାଣ କରିଥିଲେ। ସେ ଆହୁରି କହିଥିଲେ ଏକ ନୂଆ ଓ ସମୃଦ୍ଧ ସମ୍ବଲପୁର ଗଢ଼ିବାକୁ ଆମର ଲକ୍ଷ୍ୟ ଅଛି। ସମ୍ବଲପୁରରେ ଏକ ସୁପର ସେସ୍ପାଲିଟି ହସ୍ପିଟାଲ ନିର୍ମାଣ କରାଯିବ। ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ କରାଯିବ ଏବଂ ନଦୀକୂଳରେ ସୌନ୍ଦର୍ଯ୍ୟକରଣ କରାଯିବ। ସହରର ସବୁ ଗଳିରେ ସିସିଟିଭି କ୍ୟାମେରା ଲଗାଯିବ। ସର୍ବୋପରି ସ୍ୱଚ୍ଛ ସମ୍ବଲପୁର ଗଢ଼ିବାକୁ ମୁଖ୍ୟ ଲକ୍ଷ୍ୟ ରହିଥିବା କହିଥିଲେ। ସମଲେଶ୍ୱରୀ ପ୍ରକଳ୍ପ ଯୋଗୁଁ ଆଜି ମା' ସମଲେଇଙ୍କ ମନ୍ଦିର ଭବ୍ୟ ହୋଇଛି। ରାଜନୈତିକ ଉଦ୍ଦେଶ୍ୟ ନେଇ ଏହି ପ୍ରକଳ୍ପକୁ ଅଟକାଇବାକୁ ଏଠାକାର ବିରୋଧୀ ନେତାମାନେ ଏହାକୁ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ମା' ସମଲେଇଙ୍କ ଆଶୀର୍ବାଦ, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ପ୍ରଣବ ପ୍ରକାଶଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ପ୍ରକଳ୍ପ ସଫଳ ହୋଇଛି। ଲୋକଙ୍କ ସମସ୍ତ ସମସ୍ୟାର ସମାଧାନ କରାଯାଇ ସମଲେଇ ପ୍ରକଳ୍ପ ନିର୍ମାଣ କରାଯାଇଛି। ତେବେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ହୀରାକୁଦ ଡ୍ୟାମରେ ପର୍ଯ୍ୟଟନ କ୍ଷେତ୍ରର ଆହୁରି ବିକାଶ କରାଯିବ। ଇକୋ ଟୁରିଜିମ୍‌ର ବିକାଶ କରାଯିବା ସହ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବାକୁ ପଦକ୍ଷେପ ନିଆଯିବ। ସେହିଭଳି ସମ୍ବଲପୁରରେ ଆଇଟି ପାର୍କ ତିଆରି କରାଯିବ। ସମ୍ବଲପୁର, ହୀରାକୁଦ, ବୁର୍ଲା, ରେଙ୍ଗାଲିକୁ ନେଇ ମହାନଗର ପ୍ରକଳ୍ପ କରାଯିବ ଏବଂ ଏକ ନୂଆ ସମ୍ବଲପୁର ଗଢ଼ିବାକୁ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ବିଶ୍ୱାସର ବାର୍ତ୍ତା ଦେଇଥିଲେ। କେନ୍ଦ୍ରକୁ ଟାର୍ଗେଟ କରି ସେ କହିଥିଲେ ଆମର ଜୀବନରେଖା ହଉଛି ମହାନଦୀ। କିନ୍ତୁ ବିଜେପିର ସରକାର ଛତିଶଗଡ଼ରେ ଥିବାରୁ ଓ କେନ୍ଦ୍ରରେ ଥିବାରୁ ଆମକୁ ଅଣଦେଖା କରିଛନ୍ତି। ବେନିୟମ ଭାବରେ ବ୍ୟରେଜ ନିର୍ମାଣ କରି ପାଣି ଅଟକାଉଛନ୍ତି। ମୁଁ ଏମପି ଏବଂ ଏମଏଲଏଙ୍କୁ ପଚାରିବାକୁ ଚାହୁଁଛି ମହାନଦୀ ପାଇଁ କଣ କରିଛ ? ହୀରାକୁଦ ପାଇଁ କଣ କରିଛ ? ଆପଣ ଜବାବ ଦିଅନ୍ତୁ ନଚେତ୍ ମେ ୨୫ ତାରିଖ ଦିନ ସମ୍ବଲପୁରବାସୀ ଏହାର ଜବାବ ଦେବେ। ଯଦି ଆପଣ ସମ୍ବଲପୁରକୁ ଏତେ ଭଲପାଉଛନ୍ତି, ଓଡ଼ିଶାକୁ ଏତେ ଭଲ ପାଉଛନ୍ତି ତାହେଲେ ଛତିଶଗଡ଼ରେ ବେଆଇନ ଭାବରେ ନିର୍ମାଣ କରାଯାଇଥିବା ବ୍ୟାରେଜ୍‌କୁ ଭାଙ୍ଗି ଦିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଆମର ଭାଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଚେଷ୍ଟିତ। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ମାନ୍ୟତା ଦେବାପାଇଁ ବାରମ୍ବାର କେନ୍ଦ୍ରକୁ ଚିଠି ଲେଖି ନିବେଦନ କରିଛନ୍ତି। କିନ୍ତୁ କେନ୍ଦ୍ର ସରକାର ମୁଖ୍ୟମନ୍ତ୍ରୀଙ୍କ ନିବେଦନକୁ ଅଣଦେଖା କରୁଛି। ଆମର ବରପୁତ୍ରମାନଙ୍କ ସ୍ମୃତି ରକ୍ଷାପାଇଁ ବିଜେପିର ନେତା କେତେଥର ବିଧାନସଭା ଓ ଲୋକସଭାରେ ପ୍ରଶ୍ନ ଉଠାଇଲେ। ବିଧାୟକ ଜୟନାରାୟଣ ମିଶ୍ର ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ କିଛି କାମ କଲେ ନାହିଁ। ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ସେ ନିର୍ବାଚନରୁ ଓହରିଯାଇ ଅନ୍ୟ କାହାକୁ ଲଢ଼ିବାକୁ ସୁଯୋଗ ଦେବା କଥା। କିନ୍ତୁ କ୍ଷମତାର ଲୋଭ ଦେଖନ୍ତୁ ସେ ପୁଣି ନିର୍ଲଜ ଭାବରେ ଲଢ଼ୁଛନ୍ତି ବୋଲି ରୋହିତ ପୂଜାରୀ କଡା ଭାଷାରେ ସମାଲୋଚନା କରିଥିଲେ। ଜୟନାରାୟଣ ମିଶ୍ର ନିର୍ବାଚନ ଲଢ଼ୁଥିଲେ ହେଁ ଆସନ୍ତା ଜୁନ ୪ ତାରିଖରେ ସମ୍ବଲପୁରବାସୀ ତାଙ୍କୁ ଫ୍ୟାରୱେଲ ଦେବେ ବୋଲି କହିଥିଲେ।

ସମ୍ବଲପୁର ଲୋକସଭା କ୍ଷେତ୍ର ନିର୍ବାଚନୀ ସଂଯୋଜକ ସିଦ୍ଧାର୍ଥ ଦାସ ନିଜର ପ୍ରତିକ୍ରିୟା ରଖି କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀକୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ମହିଳା ସ୍ୱୟଂ ସହାୟକ ଦଳକୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧବିହୀନ ଋଣ ଦେବେ। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯିବ। ଆମେ ଅଯଥା ଏପଟସେପଟ କଥା କହୁନାହିଁ। ସେମାନେ ବିକାଶ ପ୍ରସଙ୍ଗକୁ ଆଲୋଚନା ପ୍ରସଙ୍ଗ ବାହାରକୁ ନେଇ ଏବେ ଧର୍ମ ଉପରେ ଟିପ୍ପଣୀ କରିବା ଆରମ୍ଭ କରିଛନ୍ତି। କିନ୍ତୁ ସମ୍ବଲପୁରରୁ ଲୋକସଭା ପଠାଇବା ପାଇଁ ନବୀନ ପଟ୍ଟନାୟକ ତାଙ୍କ ସେନାର ସେନାପତି ପ୍ରଣବ ପ୍ରକାଶ ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ତଥା ଓଡ଼ିଶାର ହକ ପାଇଁ ସେ ଦିଲ୍ଲୀରେ ଲଢ଼େଇ କରିବେ ବୋଲି କହିଥିଲେ।

ସମ୍ବଲପୁର ବିଧାନସଭା ନିର୍ବାଚନୀ ସଂଯୋଜକ ସଞ୍ଜୟ ବାବୁ ବିଜେପିର ମିଛ ପ୍ରତିଶ୍ରୁତିର ଅସଲ ସତ୍ୟତା ସମ୍ପର୍କରେ କହିଥିଲେ। କେନ୍ଦ୍ର ସରକାରରେ ଥିବା ଭାରତୀୟ ଜନତା ପାର୍ଟି ବର୍ତ୍ତମାନ ଧର୍ମ ନାଁରେ ରାଜନୀତି କରୁଛି। କାରଣ ତାଙ୍କ ଦ୍ୱାରା ବୃଦ୍ଧି ହୋଇଥିବା ବେକାରୀ ସମସ୍ୟା, ଦରଦାମ ବୃଦ୍ଧି, ଯୋଗୁଁ ଜନତା ଯୁଝୁଛନ୍ତି। ଚାଷୀମାନଙ୍କ ପାଇଁ କଳା କାନୁନ୍ ଆଣି ଚାଷୀମାନଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଲେ। ସେ ସମୟରେ ଧାନର ମୂଲ୍ୟ ୨୯୩୦ ଟଙ୍କା କରିବାକୁ ନାରାଜ ରହିଥିବା ଭାଜପା ଦଳ ଆଜି ଧାନର ମୂଲ୍ୟ ୩୧୦୦ ଟଙ୍କା କରିବୁ ବୋଲି ଲୋକଙ୍କୁ ଭ୍ରମିତ କରୁଛନ୍ତି। ସେହିଭଳି ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ପ୍ରତି ଘରକୁ ଗ୍ୟାସ ପାଇପ ଲାଇନ୍ ସଂଯୋଗ କରାଯିବ ବୋଲି କହିଥିଲେ। ତାହା ଆଜି ପର୍ଯ୍ୟନ୍ତ ହେଲାନାହିଁ। ତୃତୀୟ ସେଣ୍ଟ୍ରାଲ ସ୍କୁଲ ପାଇଁ ଦାବି ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ନିର୍ବାଚନ ସମୟରେ କେବଳ ମିଛ ପ୍ରଚାର କରିବା ଏମାନଙ୍କର ଚରିତ୍ର। ତେଣୁକରି ପ୍ରଚାର ସର୍ବସ୍ୱ ଦଳକୁ ସମସ୍ତେ ଚିହ୍ନି ରଖନ୍ତୁ ବୋଲି କହିଥିଲେ।

ଶେଷରେ ବିଜୁ ଜନତା ଦଳର ମୁଖପାତ୍ର ଡ଼. ଲେନିନ ମହାନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ଖୁବ୍ ବର୍ଷିଥିଲେ। ସେ କହିଥିଲେ ମାଫିଆଙ୍କ ସହିତ ଯାହାର ସବୁଠାରୁ ବେଶୀ ସମ୍ପର୍କ ତାକୁ ବିକାଶ ପୁରୁଷ ବୋଲି ଆଖ୍ୟା ଦିଆଯାଉଛି। ସେହି ବିକାଶ ପୁରୁଷଙ୍କୁ ଆମେ ପ୍ରଶ୍ନ କରୁଛୁ। କିନ୍ତୁ ତାର ଉତ୍ତର ଦେଉନାହାନ୍ତି। ନିଜେ ଜନ୍ମ ହୋଇଥିବା ସ୍ଥାନରେ ଫୁଟ୍ ଓଭର ବ୍ରିଜଟିଏ କରିପାରିଲେ ନାହିଁ। ବର୍ତ୍ତମାନ ସମ୍ବଲପୁର ଲଢ଼ିବାକୁ ଆସିଛନ୍ତି। ଆଇଆଇଏମ୍ କାମ କାହିଁକି ବନ୍ଦ କରିବାକୁ ଉଦ୍ୟମ କରାଯାଇଥିଲା। ଆଇଆଇଏମ୍‌ର ଫାଳେ ଜମି ନେଇଥିବା ଆଇଟି କମ୍ପାନୀର ନିର୍ଦ୍ଦେଶକ କିଏ ବୋଲି ସେ ପୂର୍ବରୁ ପ୍ରଶ୍ନ କରୁଥିଲେ ହେଁ ଆଜି ପର୍ଯ୍ୟନ୍ତ ବିଜେପି ଦଳ କିମ୍ବା ଧର୍ମେନ୍ଦ୍ର ପ୍ରଧାନ ତାର ଉତ୍ତର ଦେଲେନାହିଁ। ତେବେ ଏହାର ଉତ୍ତର ନିଜେ ଡ଼. ଲେନିନ ମହାନ୍ତି ରଖିଥିଲେ। ସେ ଯାହା କହିଥିଲେ ତାହା ଅତି ଆଶ୍ଚର୍ଯ୍ୟଜନକ। କାରଣ ଆଇଆଇଏମ୍‌ର ଜମି ନେଇଥିବା ଆଇଟି କମ୍ପାନୀର ନିର୍ଦ୍ଦେଶକ ଆଉ କେହି ନୁହନ୍ତି ନିଜେ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ନୀ ମୃଦୁଳା ଠାକୁର ଅଛନ୍ତି। ସେହିଭଳି କେନ୍ଦ୍ରରୁ ସବୁଠୁ ବେଶୀ ଟଙ୍କା ନେଇଥିବା ବିକାଶ ଫାଉଣ୍ଡେସନର ଡାଇରେକ୍ଟର ମଧ୍ୟ ମୃଦୁଳା ଠାକୁର। ଧର୍ମେନ୍ଦ୍ର ପ୍ରଧାନ ବାରକୋଟରୁ ଜଳପଥ ନେଇ ପାରାଦୀପ ନେବେ ବୋଲି କହିଥିଲେ। କୁଆଡେ ଗଲା ସେ ଜଳପଥ। ଆମ ପ୍ରଶ୍ନର ଉତ୍ତର ଦେବାକୁ ଆପଣଙ୍କର ସାହସ ନାହିଁ। ଓଲଟା ଭାରତୀୟ ଜନତା ପାର୍ଟିର ବଚସ୍କର ମତେ ବିଦେଶୀ ବୋଲି କହିଛନ୍ତି। ଯିଏକି ନିଜେ ବ୍ରହ୍ମପୁରରୁ ଆସି ଏଠାରେ ବସା ବାନ୍ଧିଛନ୍ତି। ତେବେ ସମ୍ବଲପୁରର ଜନତା ନିଷ୍ପତ୍ତି ନେଇ ସାରିଲେଣି। ଏଥର ଲୋକସଭା ସଦସ୍ୟ ଭାବରେ ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ଭାବରେ ରୋହିତ ପୂଜାରୀଙ୍କୁ ବାଛିବେ ବୋଲି ଡ଼. ଲେନିନ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।



## ଗ୍ରାମକୁ ଗ୍ରାମ ବୁଲି ଯୋଡ଼ି ଶଙ୍ଖରେ ଭୋଟ ଦେବାପାଇଁ ନିବେଦନ




**ନାକଟିଦେଉଳ, ୨୨।୫ (ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ସବୁ ଅଞ୍ଚଳରେ ପ୍ରଚାର ସେତିକି ଜୋର ଧରୁଛି। ନାକଟିଦେଉଳ ବ୍ଲକରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ପାଇଁ ବ୍ଲକର ସାଲେଭଟା, ଯୁଯୁମୁରା, ବାଟଗାଁ, ସାହେବୀ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ ଯୋଜନା ବିଷୟରେ କହିବା ସହ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ କର୍ମୀ ମାନେ ପ୍ରଚାର କରିଥିଲେ। ପୂର୍ବତନ ବିଜେଡି ବ୍ଲକ ଉପସଭାପତି କୁଞ୍ଜବିହାରୀ ନନ୍ଦ, ପତି ରାଉତ, ସୁରେଶ କିସାନ୍, ରଜନୀ, ଶ୍ରୀପତି ସାହୁ, ଶ୍ରୀମନ୍ତ ରଣା, ଶୁଶୀଳ ବିଶ୍ୱାଳ, ସୁଧାଂଶୁ ବେହେରା, ମେଘନାଦ ବେହେରା, ପାଣ୍ଡବ ପ୍ରଧାନ, ସନକ ଧଳ, ବାବୁଲା ସାହୁ, ଦିବାକର ସାମଲ, ଗିରିଶ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

## ବିଦ୍ୟୁତ୍ ଆଘାତରେ କଲେଜ ଛାତ୍ର ମୃତ

**ନାକଟିଦେଉଳ, ୨୨।୫ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ତିଲେଇମାଲ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଛାତ୍ର ଜଣଙ୍କ ହେଲେ ତିଳେଇମାଲ ଗ୍ରାମର ଜଏସ ଖେସ (୧୮)। ସୂଚନା ଅନୁସାରେ ଜଏସ ଭୋର ସକାଳୁ ଘରପଛ ପଟେ ପରିସ୍ରା କରିବାକୁ ଯିବାବେଳେ ପାଖରେ ଥିବା ଇଲେକ୍ଟ୍ରି ପୋଲଖୁଣ୍ଟ ଆରଥିଙ୍ଗ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ତାଙ୍କ ମାଆ ମଧ୍ୟ ପୁଅକୁ ବଞ୍ଚାଇବାକୁ ଯାଇ ସାମାନ୍ୟ ଆହାତ ହୋଇଥିବା ଜଣାପଡ଼ିଛି। ପରିବାର ଲୋକେ ଜଏସଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ।



ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୁଲିସ ରେଢ଼ାଖୋଲ ଡାକ୍ତରଖାନା ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଟାଟା ପାୱାରର ଅବହେଳା ପାଇଁ ଜଏସଙ୍କ ମୃତ୍ୟୁଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି।

## ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ; ଅଭିଯୁକ୍ତ ଗିରଫ

**କୁଚିଣ୍ଡା, ୨୨।୫(ସମିସ):** ମହୁଲପାଲି ଥାନା ଅଧିନସ୍ଥ କୁସୁମୀ ଫାଣ୍ଡି ଏକ ଗ୍ରାମର ଜଣେ ୨୭ ବର୍ଷିୟା ବିବାହିତା ମହିଳାଙ୍କୁ ଘରେ କେହି ନଥିବା ବେଳେ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ଗ୍ରାମର ରାଜେଶ ପାତ୍ର(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ କୁସୁମି ଫାଣ୍ଡି ଏକ ଗ୍ରାମରେ ଏକ ଭଡା ଘର ନେଇ ତାଙ୍କ ମହିଳା ୪ ବର୍ଷର ପୁଅଙ୍କ ସହ ରହୁଛନ୍ତି। ତାଙ୍କ ସ୍ୱାମୀ କୋଲକାତାର ଘରୋଇ କ୍ଷେତ୍ରରେ କାମ କରନ୍ତି। ପ୍ରାୟ ସମୟରେ ସ୍ୱାମୀ କାମ ପାଇଁ ବାହାରେ ରହନ୍ତି। ୭ ତାରିଖ ଦିନ ପ୍ରାୟ ରାତି ପ୍ରାୟ ୮ ସମୟରେ ଚିତ୍ରପୋଶୀ ଗାଁର ଅଭିଯୁକ୍ତ ରାଜେଶ ତାଙ୍କ ଘରକୁ ଆସି ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ୮ ତାରିଖରୁ ୧୧ ତାରିଖ ଭିତରେ ବାରମ୍ବାର ଘରକୁ ଆସି ଦୁଷ୍କର୍ମ କରିଥିଲେ। ଜୀବନ ଭୟ ହେତୁ ସେ କାହାକୁ ଏ ବିଷୟରେ ଜଣାଇ ନଥିଲେ। ଯେତେବେଳେ ତାଙ୍କ ସ୍ୱାମୀ ଆସିଲେ ସେ ତାଙ୍କ ସ୍ୱାମୀଙ୍କୁ ଏହି ବିଷୟରେ ଜଣାଇଥିଲେ। ଏ ସବୁ ଜାଣିଲା ପରେ ଦମ୍ପତ୍ତି ମହୁଲପାଲି ଥାନା ରେ ଅଭିଯୋଗ କରିଥିଲେ।

## ଘରକୁ ଘର ବୁଲି ବିଜେଡିର ଜୋରଦାର ପ୍ରଚାର



**ରେଢ଼ାଖୋଲ, ୨୨।୫(ସମିସ):** ସମ୍ବଲପୁରରେ ଆଉ ଦୁଇ ଦିନ ପରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ଲାଗି ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ଶେଷ ପର୍ଯ୍ୟାୟ ନିର୍ବାଚନୀ ପ୍ରଚାର ପ୍ରସାର ରହିଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନଏସି କିମ୍ବା ବ୍ଲକ ଅନ୍ତର୍ଗତ ବିଭିନ୍ନ ୱାର୍ଡ କିମ୍ବା ଗ୍ରାମ ପଞ୍ଚାୟତ ଅଧୀନ ଗାଁ ଗାଁରେ ବିଜେଡିର ନିର୍ବାଚନୀ ପ୍ରଚାର ଜୋରଦାର ଚାଲିଛି। ଏଥିରେ ଗରଗଡ଼ବାହାଲ ଗ୍ରାମ ପଞ୍ଚାୟତ ଅଧୀନ କୁଆଖୋଲ, ଗୁହିରାଦାଦର, କନ୍ଧାଲ, ବଡ଼ମାଳ ପଞ୍ଚାୟତ ପିପିଲିକାନି, ଘଣ୍ଟବାହାଲ, ପଲସମା, ତିକିରାସାହି ଭାଲିଆକଟା ପଞ୍ଚାୟତ ବଡ଼ପତି, ଝାଙ୍କରପାଲି, କାଉଁସିପାଣି ସହିତ ବିଭିନ୍ନ ଗ୍ରାମରେ ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇଙ୍କ ନେତୃତ୍ୱରେ ଶତାଧିକ ସଂଖ୍ୟାରେ ବିଜେଡ଼ି ସକ୍ରିୟ ମହିଳା ପୁରୁଷ କର୍ମୀଙ୍କୁ ନେଇ ଗାଁ ଗୁଡ଼ିକରେ ଘର ଘର ବୁଲି ନିର୍ବାଚନୀ ମାରାଥନ ପ୍ରଚାର କରାଯାଉଛି। ଘରକୁ ଘର ବୁଲି ବିଜେଡ଼ି କର୍ମୀମାନେ ଜନସାଧାରଣଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଗାଁରେ ମହିଳା ମାନଙ୍କୁ ସଶକ୍ତ କରିବା ସହିତ ବିକାଶ ଧାରାକୁ ଡବଲ କରିବାକୁ ଅନୁରୋଧ କରିଥିଲେ। ବିଜେଡିର ଏହି ପ୍ରଚାର ସମୟରେ ଅଞ୍ଚଳବାସୀ ଖୋଦ ନିଜେ ଆସି ସାମିଲ ହୋଇ ଯାଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାର୍ଭିମୁଖୀ ଯୋଜନାକୁ ନେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଜନ ସାଧାରଣଙ୍କୁ ନିବେଦନ କରିଥିଲେ। ଏହି ପ୍ରଚାରରେ ସାଧାରଣ ଲୋକ ବିଶେଷ କରି ମହିଳାମାନଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା।

### କଥା ଦେଇ କଥା ରଖିଲେ ପ୍ରଣବ ପ୍ରକାଶ

# ଦୀର୍ଘ ବର୍ଷର ପରିତ୍ୟକ୍ତ ବନ୍ଧ ସଫେଇ କାର୍ଯ୍ୟ ଆରମ୍ଭ

- ଦଶ ବର୍ଷର ସମସ୍ୟା ଦଶ ମିନିଟରେ ସମାଧାନ
- ନିର୍ବାଚନ ପୂର୍ବରୁ କାମ କରିବାକୁ କଥା ଦେଇଥିଲେ ପ୍ରଣବ
- ବ୍ୟକ୍ତିଗତ ଉଦ୍ୟମରେ ବି ସାମୂହିକ କାମ କରାଯାଇପାରେ, ବିରୋଧୀ ନେତା ଦେଖନ୍ତୁ ଆଉ ଶିଖନ୍ତୁ

**ସମ୍ବଲପୁର, ୨୨।୫(ସମିସ)**

ଯାହା କହିଥିଲେ ତାହା କରିକି ଦେଖାଇଲେ। ପ୍ରତିଶ୍ରୁତି ରକ୍ଷା କରି ସମ୍ବଲପୁର ଜନତାଙ୍କ ଆଶା ଭରସାର ନେତା ଭାବରେ ଠିଆ ହେଲେଣି ପ୍ରଣବ ପ୍ରକାଶ। ସମ୍ବଲପୁରବାସୀଙ୍କ ସୁଃଖଦୁଃଖରେ ସଦାବେଳେ ରହିଥିବି ବୋଲି ଯେଉଁ କଥା ଦେଇଥିଲେ ତାହା କରିକି ଦେଖାଉଛନ୍ତି। ନିର୍ବାଚନ ପ୍ରଚାର ପାଇଁ ବୁଲିବା ସମୟରେ ଜନତା ତାଙ୍କୁ ନିଜର ଅସୁବିଧା ଜଣାଉଛନ୍ତି। ତେବେ ଛୋଟମୋଟ ସମସ୍ୟାକୁ ଅଣଦେଖା ନ କରି ତୁରନ୍ତୁ ତାର ସମାଧାନ ପାଇଁ ଉଦ୍ୟମ କରୁଛନ୍ତି ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ବେସାହାରା ଶିଶୁଙ୍କ ଦାୟିତ୍ୱ ନେବା, ଅସହାୟ ମହିଳାଙ୍କ ଘର ପ୍ରଦାନ କରିବା ଭଳି କାମକରି ଜନମାନସରେ ପ୍ରିୟନେତା ପାଲଟିଯାଇଛନ୍ତି। ସେହିଭଳି ଷ୍ଟେସନପଡ଼ା ବାସିନ୍ଦାଙ୍କୁ ଦେଇଥିବା କଥା ରକ୍ଷାକରି ଆଜି ଷ୍ଟେସନପଡ଼ାରେ ଥିବା ବନ୍ଧ କାମ ଆରମ୍ଭ କରାଯାଇଛି।

ପ୍ରକାଶ ଯେ ଷ୍ଟେସନପଡ଼ାରେ ରହିଥିବା ବନ୍ଧ ଦୀର୍ଘ ଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ବନ୍ଧସାରା ଗୁଳ୍ମ ଭର୍ତ୍ତି ହୋଇରହିଥିଲା। ଗାଧୋଇବାକୁ ଘାଟ ନଥିଲା। ଏକ ସଂକୁଚିତ ସ୍ଥାନରେ ପଡ଼ାବାସୀ ଭାରି ଅସୁବିଧାରେ ଗାଧୋଉଥିଲେ। ନିର୍ବାଚନ ଆସିଲେ ନେତା ଆସୁଥିଲେ। ବନ୍ଧ ସଫେଇ କରିବାକୁ ପ୍ରତିଶ୍ରୁତି ଦେଉଥିଲେ। କିନ୍ତୁ ପ୍ରତିଶ୍ରୁତି କେବେ ପୂରଣ ହେଉନଥିଲା। ଭାଗ୍ୟକୁ ଆଦରି ପଡ଼ାବାସୀ ଅପରିଷ୍କାର ବନ୍ଧକୁ ବ୍ୟବହାର କରୁଥିଲେ। ତେବେ ଚଳିତ ନିର୍ବାଚନ ପାଇଁ ପ୍ରଚାର କରିବାକୁ ବିଜୁ ଜନତା ଦଳର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଷ୍ଟେସନ ପଡ଼ାକୁ ଯାଇଥିବା ସମୟରେ ପଡ଼ା ବାସିନ୍ଦା ପୁଣି ଏହି କଥା ଜଣାଇଥିଲେ। ସେମାନଙ୍କ ଠାରୁ ବନ୍ଧ ସମସ୍ୟା ସମ୍ପର୍କରେ ଶୁଣିବା ପରେ ନିର୍ବାଚନ ପୂର୍ବରୁ ହିଁ ବନ୍ଧ ସଫେଇ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯାହାକି ଆଜି ବନ୍ଧର ସଫେଇ କାମ ଆରମ୍ଭ କରାଯାଇଛି। ପ୍ରଣବ ପ୍ରକାଶଙ୍କ ନିବେଦନକ୍ରମେ ବିଜୁ ଜନତା ଦଳର ନେତା ସିଦ୍ଧୁ ଶାହାଙ୍କ ବ୍ୟକ୍ତିଗତ ପାଣ୍ଠିରୁ ଏହି କାମ ହେଉଥିବା ଜଣାପଡ଼ିଛି। ଆଜି ସକାଳେ ବିଜୁ ଜନତା ଦଳର ମୁଖପାତ୍ର ଡ.ଲେନିନ୍ ମହାନ୍ତି, ସିଦ୍ଧୁ ଶାହା ଓ ଅନ୍ୟ ନେତୃବୃନ୍ଦ ଷ୍ଟେସନ ପଡ଼ାରେ ପହଞ୍ଚିଥିଲେ। ପଡ଼ାର ମା'ମାନଙ୍କ ଦ୍ୱାରା ଶୁଭ ଦିଆଯାଇ କାମ ଆରମ୍ଭ କରାଯାଇଛି।



ଦଶ ବର୍ଷ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ଦଶ ମିନିଟ ଭିତରେ କରିଥିବାରୁ ପଡ଼ାବାସୀ ବେଶ ଖୁସି। ବାରମ୍ବାର ନିବେଦନ କଲାପରେ ବି ଏଠାକାର କିଛି ନେତା ସେମାନଙ୍କ ସମସ୍ୟା ଶୁଣୁ ନ ଥିଲେ। କିନ୍ତୁ ପ୍ରଣବ ପ୍ରକାଶ ସେମାନଙ୍କ ସମସ୍ୟା ଶୁଣିଲେ। ତାକୁ ସମାଧାନ କଲେ। ଏହାହିଁ ଜନତାଙ୍କ ନେତାର ପରିଚୟ ବୋଲି ଷ୍ଟେସନ ପଡ଼ାବାସୀ କହିବା ସହିତ ସେମାନଙ୍କର ସମସ୍ତ ଭୋଟ ଦୁଇଟି ଶଙ୍ଖ ଚିହ୍ନକୁ ଯିବ ବୋଲି ପ୍ରକାଶ କରିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ କାମଦେବ ଯେନା
(ଅବସରପ୍ରାପ୍ତ ପୋଷ୍ଟମାଷ୍ଟର)
ଗୋବିନ୍ଦପୁର, ପ୍ରିତିପୁର, ଯାଜପୁର
ଆବିର୍ଭାବ: ୨୮.୦୫.୧୯୬୧
ତିରୋଧାନ: ୧୩.୦୫.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତଜନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ମାଆ- ଲକ୍ଷ୍ମୀ ଯେନା, ପତ୍ନୀ-ସ୍ନେହଲତା ଯେନା, ପୁତ୍ର- କନ୍ଦୁକେୟ, ମୃତ୍ୟୁଞ୍ଜୟ, ଚିରଞ୍ଜିବ, ଚିନ୍ମୟ, ପୁତ୍ରବଧୂ-ଦିପ୍ତିରାଣୀ, ନାତି- ଜୟଦୀପ ଓ ସୁଦ୍ରାଂଶ




# ବ୍ୟବସାୟୀଙ୍କୁ ଲୁଟ୍‌ପାଟ୍

**ବରପାଲି, ୨୨।୫ (ସମିସ):** ବରପାଲି ବ୍ଲକ କୁଶନପୁରୀ କନବାର ରାସ୍ତାରେ ଜଣେ ବୟସ୍କ ବ୍ୟବସାୟୀଙ୍କୁ ମାର୍‌ପିଟ୍ ସହ ଲୁଟପାଟ ହୋଇଥିବା ପୁଲିସରେ ଅଭିଯୋଗ ହୋଇଛି। ଗତ ମଙ୍ଗଳବାର କୁଶନପୁରୀ ଗ୍ରାମର ସାଧୁ ମେହେର ନିଜ ସାଇକେଲରେ କପଡ଼ା ଗଣ୍ଠୁଳି ନେଇ ବିକ୍ରି କରିବା ଉଦ୍ଦେଶ୍ୟରେ କନବାର ଗାଁରେ ପହଞ୍ଚି ଦ୍ୱାରଦ୍ୱାର ବୁଲି ବିକାବିକି କରିଥିଲେ। ପରେ ଅପରାହ୍ନରେ ଘରକୁ ଫେରୁଥିବା ବେଳେ ଦୁଇଜଣ ଯୁବକ ସାହୁଟିକିରାଛକ ନିକଟରେ ସାଧୁଙ୍କୁ ଅଟକାଇ ମାର୍‌ପିଟ୍ ଆରମ୍ଭ କରି ସାଇକେଲ ସହ ଲୁଗା ଗଣ୍ଠୁଳି ଓ ଦୁଇ ହଜାର ନଗଦ ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତ ମାନଙ୍କ ମାର୍‌ପିଟରେ ସାଧୁଙ୍କ ମୁଣ୍ଡ, ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା। ଲୁଟେରା ମାନେ ଲୁଟ କରିବା ମାଡ଼ ମାରିବା ପରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପରେ ଆହତ ସାଧୁ ବହୁ କଷ୍ଟରେ ଚାଲିଚାଲି କୁଶନପୁରୀ ଗାଁରେ ପହଞ୍ଚିଥିଲେ ଓ ପରିବାର ଲୋକଙ୍କ ସହ ଯାଇ ବରପାଲି ଥାନାରେ ଏକ ଅଭିଯୋଗ ଦାଖଲ କରିଥିଲେ। ପୁଲିସ ଏନେଇ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା।

# ବିଏସ୍‌ସି ନର୍ସିଂ ଚତୁର୍ଥ ସେମିଷ୍ଟାର ପରୀକ୍ଷାରେ ବିକାଶ ନର୍ସିଂ କଲେଜର ସଫଳତା



**ବରଗଡ଼, ୨୨।୫(ସମିସ):** ରାଜ୍ୟର ନର୍ସିଂ ଶିକ୍ଷାରେ ଅଗ୍ରଣୀ ଅନୁଷ୍ଠାନ ବିକାଶ ନର୍ସିଂ କଲେଜ, ବରଗଡ଼ର ଛାତ୍ରଛାତ୍ରୀମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ବିଏସ୍‌ସି ନର୍ସିଂ ଚତୁର୍ଥ ସେମିଷ୍ଟାର ପରୀକ୍ଷାର ଫଳାଫଳରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏହି କଲେଜର ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ୯.୯୬ ଏସ୍‌ଜିପିଏ ରଖି ଅନୁଷ୍ଠାନର ଶ୍ରେଷ୍ଠ ସ୍ଥାନ ରଖିଥିବା ବେଳେ ରୁଚି ମାହାର ୯.୯୨ ଏସ୍‌ଜିପିଏ ରଖି ଦ୍ୱିତୀୟ ସ୍ଥାନ, ଆଞ୍ଚଲ ନାଏକ ଓ ସଙ୍ଗିତା ଘୋଷ ୯.୮୮ ଏସ୍‌ଜିପିଏ ରଖି ତୃତୀୟ ସ୍ଥାନ ପାଇଥିବାବେଳେ ଓ ଅନ୍ୟ ୧୪ ଜଣ ଛାତ୍ରଛାତ୍ରୀ ମଧ୍ୟ ୯.୦୦ ଏସ୍‌ଜିପିଏରୁ ଉର୍ଦ୍ଧ୍ୱ, ୨୨ଜଣ ଛାତ୍ରଛାତ୍ରୀ ୮.୦୦ ଏସ୍‌ଜିପିଏରୁ ଉର୍ଦ୍ଧ୍ୱ ଏବଂ ୧୬ଜଣ ଛାତ୍ରଛାତ୍ରୀ ୭.୦୦ ରୁ ଉର୍ଦ୍ଧ୍ୱ ଏସ୍‌ଜିପିଏ ରଖି କୃତକାର୍ଯ୍ୟ ହୋଇଥିବା ବିକାଶ ଗ୍ରୁପ ଅଫ୍ ଇଂଷ୍ଟିଚ୍ୟୁସନ୍ସର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ଶ୍ରୀ ରାଓ ସମସ୍ତ କୃତି ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟକ୍ଷା, ଉପାଧ୍ୟକ୍ଷା ଏବଂ ଅଧ୍ୟାପିକା ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ବିକାଶ ନର୍ସିଂ କଲେଜର ଉଚ୍ଚମାନର ଶିକ୍ଷା ଓ ନର୍ସିଂ ତାଲିମ ପଦ୍ଧତି ସହିତ ଛାତ୍ରଛାତ୍ରୀ ମାନଙ୍କର କଠିନ ପରିଶ୍ରମହିଁ ଛାତ୍ରଛାତ୍ରୀ ମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି ଶ୍ରୀ ରାଓ ମତବ୍ୟକ୍ତ କରିବାସହ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଏହି ଭଳି ଉତ୍କର୍ଷ ଫଳାଫଳ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିବେ ବୋଲି ଆଶାପୋଷଣ କରିଛନ୍ତି।

# ଚାରି ବିଧାନସଭା ଆସନରେ ବଢ଼ିଲା ଭୋଟହାର

**ବରଗଡ଼/ପଦ୍ମପୁର, ୨୨।୫(ସମିସ)**

ଗଣତନ୍ତ୍ରର ମହାପର୍ବରେ ଏଥର ବରଗଡ଼ ଜିଲ୍ଲାରେ ନୂତନ ଉତ୍ସାହ ଦେଖିବାକୁ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ବରଗଡ଼ ଜିଲ୍ଲାର ପାଞ୍ଚଟି ନିର୍ବାଚନ ମଣ୍ଡଳୀରେ ଗତ ବର୍ଷ ତୁଳନାରେ ବେଶ ଅଧିକ ଲୋକ ଭୋଟ ଦେଇଛନ୍ତି। ୨୦୧୯ ନିର୍ବାଚନରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୨୧୯୦୫ ଭୋଟରଙ୍କ ମଧ୍ୟରୁ ୧୫୯୮୫୦ ଜଣ ଭୋଟଦାନ କରିଥିଲେ।

## ରାଜ୍ୟ ଓ ଦେଶ ତୁଳନାରେ ବରଗଡ଼ ଆଗରେ

ଯାହାକି ପ୍ରାୟ ମୋଟ ଭୋଟର ୭୨.୮ ପ୍ରତିଶତ ରହିଥିଲା। ଚଳିତ ବର୍ଷ ବରଗଡ଼ ନିର୍ବାଚନମଣ୍ଡଳୀରେ ୨୧୭୬୫୩ ଭୋଟରୁ ୧୬୬୪୭୯ ଜଣ ଭୋଟ ଦେଇଛନ୍ତି। ଯାହାକି ମୋଟ ଭୋଟର ୭୬.୪୭ ପ୍ରତିଶତ। ସେହିପରି ବିଜେପୁର ନିର୍ବାଚନମଣ୍ଡଳୀରେ ୨୦୧୯ ନିର୍ବାଚନରେ ୨୩୨୧୭୫ ଭୋଟରଙ୍କ ମଧ୍ୟରୁ ୧୮୩୩୪୯ ଜଣ ଭୋଟ ଦାନ କରିଥିଲେ। ଯାହାକି ମୋଟ ଭୋଟ ୭୯.୭ ପ୍ରତିଶତ ଥିଲା। ଚଳିତ ନିର୍ବାଚନରେ ବିଜେପୁରରେ ୨୪୧୫୨୧ ଭୋଟରଙ୍କ ମଧ୍ୟରୁ ୧୯୪୮୫୩ ଜଣ ଭୋଟ ଦେଇଛନ୍ତି। ଯାହାକି ମୋଟ ଭୋଟରୁ ୮୦.୬୭ ପ୍ରତିଶତ। ଭଟଲି ନିର୍ବାଚନ ମଣ୍ଡଳୀରେ ୨୦୧୯ରେ ୨୩୦୬୧୭ ଭୋଟରଙ୍କ ମଧ୍ୟରୁ ୧୮୪୬୫୦ ଜଣ ଭୋଟ ଦେଇଥିଲେ। ଯାହାକି ମୋଟ ଭୋଟର ୮୦.୬ ପ୍ରତିଶତ। ଏହି ବିଧାନସଭା କ୍ଷେତ୍ରରେ ଚଳିତ ବର୍ଷ ୨୩୧୯୮୬ ଭୋଟରଙ୍କ ମଧ୍ୟରୁ ରେକର୍ଡ ୧୯୫୧୨୭ ଜଣ ଭୋଟ ଦେଇଛନ୍ତି। ଯାହାକି ମୋଟ ଭୋଟର ୮୪.୧୧ ପ୍ରତିଶତ। ଅତାବିରା ସଂରକ୍ଷିତ ନିର୍ବାଚନ କ୍ଷେତ୍ରରେ ଗତ ନିର୍ବାଚନରେ ୨୨୧୪୬୬ ଜଣ ଭୋଟର ମଧ୍ୟରୁ



୧୬୯୮୮୮ ଭୋଟ ଦେଇଥିଲେ। ଯାହାକି ମୋଟ ଭୋଟର ୭୭.୫ ପ୍ରତିଶତ ଥିଲା। ଚଳିତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ୨୨୪୫୦୪ ମଧ୍ୟରୁ ୧୭୯୨୨୧ ଜଣ ଭୋଟ ଦେଇଛନ୍ତି। ଯାହାକି ମୋଟ ଭୋଟର ୭୯.୮୨ ପ୍ରତିଶତ। ଅନ୍ୟପକ୍ଷରେ କେବଳ ପଦ୍ମପୁର ନିର୍ବାଚନମଣ୍ଡଳୀରେ ଭୋଟ ଦାନ ହ୍ରାସ ପାଇଛି। ପଦ୍ମପୁର ନିର୍ବାଚନମଣ୍ଡଳୀରେ ୨୦୧୯ ନିର୍ବାଚନରେ ୨୫୫୪୨୭ ଭୋଟରଙ୍କ ମଧ୍ୟରୁ ୧୯୯୪୯୫ ଜଣ ଭୋଟ ଦେଇଥିଲେ। ଯାହାକି ମୋଟ ଭୋଟର ୭୯ ପ୍ରତିଶତ ଥିଲା। ଚଳିତ ନିର୍ବାଚନରେ ଏଠାରେ ୨୭୦୨୪୪ ଜଣ ଭୋଟରଙ୍କ ମଧ୍ୟରୁ ୨୦୯୯୫୯ ଜଣ ଭୋଟଦେଇଛନ୍ତି। ଯାହାକି ମୋଟ ଭୋଟର ୭୭.୬୯। ତେଣୁ ଏକମାତ୍ର ନିର୍ବାଚନମଣ୍ଡଳୀ ଭାବରେ ଏଠାରେ ଭୋଟଦାନ ହ୍ରାସ ପାଇଛି। ମାଓପ୍ରବଣ ଅଞ୍ଚଳରେ ଥିବାରୁ ପଦ୍ମପୁରରେ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିବା ବେଳେ ଅନ୍ୟ ଅଞ୍ଚଳରେ ସଂଧ୍ୟା ୬ ଟା ପର୍ଯ୍ୟନ୍ତ ଭୋଟିଂ ହୋଇଥିଲା। ରାଜ୍ୟ ଓ ଦେଶର ଭୋଟ ପ୍ରତିଶତକୁ ଦେଖିଲେ ବରଗଡ଼ ଜିଲ୍ଲାର ଭୋଟଦାନ ହାର ବହୁ ଆଗରେ ରହିଛି। ପଞ୍ଚମ ପର୍ଯ୍ୟାୟ ନିର୍ବାଚନରେ ଦେଶରେ ୬୦ ପ୍ରତିଶତ ଓ ରାଜ୍ୟରେ ପ୍ରାୟ ୭୦ ପ୍ରତିଶତ ମତଦାନ ହୋଇଥିବା ବେଳେ ବରଗଡ଼ ଜିଲ୍ଲା ଭୋଟ ଦାନରେ ବହୁ ଆଗରେ ରହିଛି। ଝାରସୁଗୁଡ଼ା ଓ ବ୍ରଜରାଜନଗରକୁ ମିଶାଇ ଗଠିତ ବରଗଡ଼ ଲୋକସଭା କ୍ଷେତ୍ରରେ ମୋଟ ୧୬୩୧୯୭୪ ଭୋଟରଙ୍କ ମଧ୍ୟରୁ ୧୩୦୨୦୬୯ ଜଣ ଭୋଟ ଦେଇଛନ୍ତି। ଯାହାକି ମୋଟ ଭୋଟର ୭୯.୭୮ ପ୍ରତିଶତ। ତେଣୁ ରାଜ୍ୟର ଅନ୍ୟ ନିର୍ବାଚନ ମଣ୍ଡଳୀ ତଥା ଦେଶର ଅନ୍ୟ ନିର୍ବାଚନ ମଣ୍ଡଳୀ ମାନଙ୍କ ମଧ୍ୟରୁ ବରଗଡ଼ର ଭୋଟଦାନ ହାର ବହୁ ଆଗରେ ଥିବା ଲକ୍ଷ୍ୟ କରାଯାଇଛି। ଭୋଟଦାନ ହାରରେ ଉନ୍ନତି ହେବା ଗଣତନ୍ତ୍ର ପ୍ରତି ଶୁଭଲକ୍ଷଣ ବୋଲି ରାଜନୀତି ବିଶାରଦମାନେ ମତବ୍ୟକ୍ତ କରିଛନ୍ତି।

## ସଚେତନତା ପ୍ରଭାବଶୂନ୍ୟ, ପଦ୍ମପୁରରେ କମିଲା ଭୋଟହାର

ବରଗଡ଼ ଜିଲ୍ଲାର ପଦ୍ମପୁର ବିଧାନସଭାର ମତଦାନ ସମାପ୍ତ ହୋଇଥିବା ବେଳେ ପୂର୍ବାପେକ୍ଷା ଏଥର ଭୋଟଦାନ କମିଛି। ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ୨ ଲକ୍ଷ ୭୦ ହଜାର ୨୪୪ ଥିବା ବେଳେ ଏଠାରେ ଚଳିତ ବିଧାନସଭା ରେ ୨ଲକ୍ଷ ୯ ହଜାର ୯୫୯(୭୭.୬୯) ମତଦାନ ହୋଇଛି। ଏଠାରେ ୧ ଲକ୍ଷ ୪ହଜାର ୮୮୪ ପୁରୁଷ (୭୮.୨୫)ମତଦାନ କରିଥିବା ବେଳେ ୧ଲକ୍ଷ ୫ହଜାର ୭୩ (୭୭.୧୫)ମହିଳା ଓ ୨ଜଣ ତୃତୀୟ ଲିଙ୍ଗ ମତଦାନ କରିଛନ୍ତି। ନିର୍ବାଚନ ପୂର୍ବରୁ ଗାଁ ଗାଁ ରେ ସଚେତନ ରଥ ବାହାରି ସଚେତନତା କରିଥିଲା। ସ୍କୁଲ ଛାତ୍ରଛାତ୍ରୀ ଠାରୁ ଆରମ୍ଭ କରି ଅନେକ ସଂଗଠନ ଜରିଆରେ ମଧ୍ୟ ସଚେତନତା କରାଯାଇଥିଲା। ଏହା ସତ୍ତ୍ୱେ ହଜାର ହଜାର ଭୋଟର ମତଦାନ ରୁ ବଞ୍ଚିତ ହେଲେ। ଅନ୍ୟ ନିର୍ବାଚନ ମଣ୍ଡଳୀରେ ଭୋଟଦାନ ସକାଳ ୭ ରୁ ସନ୍ଧ୍ୟା ୬ ଘଣ୍ଟା ଥିବାବେଳେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଏହା ବ୍ୟତିକ୍ରମ ଘଟି ସକାଳ ୭ ରୁ ଅପରାହ୍ନ ୪ ପର୍ଯ୍ୟନ୍ତ ହୋଇଥିଲା। ଏହା ମଧ୍ୟ ଭୋଟହାର କମିବାର ଏକ କାରଣ ହୋଇପାରେ।

## ବୈଶାଖ ମେଳା ଉପଲକ୍ଷେ ଥଣ୍ଡା ପାନୀୟ ବଣ୍ଟନ

**ପଦ୍ମପୁର, ୨୨।୫ (ସମିସ):** ପବିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉପଲକ୍ଷେ ରାଜବୋଡ଼ାସମ୍ବର ହାଇସ୍କୁଲ ୧୯୭୬ ବେଚ ବନ୍ଧୁମାନଙ୍କ ଆନୁକୂଲ୍ୟରେ ମେଳାକୁ ଆସିଥିବା ଯାତ୍ରୀମାନଙ୍କୁ ଥଣ୍ଡା ପାନୀୟ ବଣ୍ଟନ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଭେଡ଼ଁରିଆ ଛକଠାରେ ହଡାର ତୀର୍ଥଯାତ୍ରୀଙ୍କୁ ଦହିସର୍ବତ ବଣ୍ଟନ କରାଯାଇଥିଲା। ଶ୍ୟାମପଦ ସିହ୍ନା, କେଦାର ପାଢ଼ୀ, କୈଳାଶ ଅଗ୍ରୱାଲ, ପ୍ରମୋଦ ପାଢ଼ୀ, ଗତି ବାରିକ, କିଶୋର୍ ଦାନୀ, ରୋହିତ ପଣ୍ଡା, ଗୁଣବନ୍ତ ସାହୁ, ମୁନା ସାହୁ, ଅନୀଲ ମୋଦୀ, କିଶୋର ଗୋହିଲ୍, ସୁରେଶ ସାହୁ, ବିରେନ୍ଦ୍ର ପଟ୍ଟନାୟକ, ପ୍ରାଣବନ୍ଧୁ ବେହେରା, ଦୀନଦୟାଲ ଅଗ୍ରୱାଲ, ବରଣି ଭୋଇ, ଉପେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ସରାଫ୍, ନିରୋଜ ଦାନୀ, ଦିଲ୍ଲୀପ ସାହୁ, ଶମ୍ଭୁ ସାହୁ, ଗିରୀଶ ବଛା, ରିଙ୍କୁ ପାଢ଼ୀ ପ୍ରମୁଖ କାର୍ଯକ୍ରମ ଆୟୋଜନ କରିଥିଲେ। ସମାଜସେବୀ ନିରୋଜ ଦୋରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୈସର୍ଗିକ ଶୋଭାବର୍ଦ୍ଧକ ଗନ୍ଧମାର୍ଦ୍ଦନର ପାଦଦେଶରେ ଶ୍ରୀ ନୃସିଂହନାଥଙ୍କ ଜନ୍ମ ମହୋତ୍ସବ

**ଝାରବନ୍ଧ, ୨୨।୫(ସମିସ)**

ବରଗଡ଼, ବଲାଙ୍ଗୀର, ନୂଆପଡ଼ା ସଂଲଗ୍ନ ୯୭କିମି ବ୍ୟାପୀ ୩୪୭୯ଫୁଟ ଉଚ୍ଚ ଗନ୍ଧମାର୍ଦ୍ଦନ ପର୍ବତମାଳା ପାଦଦେଶର ଉଭୟ ବରଗଡ଼ ଜିଲ୍ଲାରେ ନୃସିଂହନାଥ ଓ ବଲାଙ୍ଗୀର ଜିଲ୍ଲାର ହରିଶଙ୍କର ତୀର୍ଥକ୍ଷେତ୍ର ରହିଛି।

## ବୌଦ୍ଧ, ବୈଷ୍ଣବ, ଶୈବ, ଗଣପତ୍ୟ, ତନ୍ତ୍ର ସଂସ୍କୃତିର ମିଳନସ୍ଥଳ

## ୨୨ ଗୋଟି ଚିରସ୍ରୋତା ଝରଣା, ୧୮ ଟି ଗଡ଼, ବନୌଷଧି ଓ ଫଳମୂଳର ସମ୍ଭାର ଏହି ପର୍ବତ

ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରଭୁଙ୍କ ଜନ୍ମ ଉତ୍ସବ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ବୈଶାଖ ମେଳା ନାମରେ ପ୍ରସିଦ୍ଧି ଲାଭ କରି ପାଳନ କରାଯାଉଛି। ଗନ୍ଧମାର୍ଦ୍ଦନ ପର୍ବତମାଳା ନୈସର୍ଗିକ ଶୋଭା ସହ ପ୍ରକୃତିର ଗନ୍ତାଘର ଭାବରେ ପରିଚିତ ଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ତଥ୍ୟ ଅଦ୍ୟାବଧି ଅନ୍ଧାରରେ ରହିଛି। ଉପଗ୍ରହ ମାନଚିତ୍ର ଅନୁସାରେ ଏହି ପର୍ବତରେ ପ୍ରାୟ ୮୪୦ଟି ଝରଣା ରହିଥିଲା। କିନ୍ତୁ ମଣିଷର କ୍ରୁରତା ଯୋଗୁଁ କେତେକ ଲୁପ୍ତ ହୋଇ ବର୍ତ୍ତମାନ ବରଗଡ଼ ଜିଲ୍ଲାରେ ବାରଟି ଚିରସ୍ରୋତା ଅକାଳି ଝରଣା, ଡୁମେରପାଣି ଝରଣା, ଖଣ୍ଡିଝରଣ, ପାପପୁଣ୍ୟ ହାରିଣୀ ନୃସିଂହନାଥ ଝରଣା, ଗୁପ୍ତେଶ୍ୱର, ଗୋପେଶ୍ୱର, ଦୁର୍ଗେଇ, ମୋତିପାଲି, ଠୁଟିକାନି, ନାଗଝରିଆ, କଦଳୀ, ସରଜ ଝରଣା ପ୍ରବାହିତ ହେଉଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ଦଶଟି ଝରଣା ମହାଦେବ, କଦେଲ, ଘେଁସରା, ବୁଟେରା, କାଞ୍ଜି, ହରିଶଙ୍କର, ତୁର୍ଲା, ବ୍ରାହ୍ମଣୀ, ଚାନ୍ଦସିଲେଟ,





ଡଙ୍ଗାଝରଣା ରହିଛି। ପର୍ବତ ଦେହରେ ବିଭିନ୍ନ ସ୍ଥାନରେ ୧୮ଟି ଗଡ଼ /ଗୁମ୍ଫା ଉମେରଗଡ଼, ସୁମେରଗଡ଼, ବିଶନୀଗଡ଼, ବୁଟେରା ଗଡ଼, ବ୍ରାହ୍ମୀଗଡ଼, ଆଡ଼କଟାଗଡ଼, ଭୋଜପୁରଗଡ଼, ଅକାଲିଗଡ଼, ଅପରଗଡ଼, ଜଳଗଡ଼, ସାଙ୍ଗାଗଡ଼, ଫୁଲିଆଗଡ଼, ତେତେଲଖୁଟିଗଡ଼, ହରିଶଙ୍କରଗଡ଼, ନରସିଂହାଗଡ଼, ମନଭଙ୍ଗଗଡ଼, ମାଣିକରାଗଡ଼, ବୁଢ଼ାସମ୍ବରଗଡ଼ (ଛେଲିଆଗଡ଼) ରହିଛି। ଦୁର୍ଲଭ ଔଷଧିୟ ବନରାଜି ପାତାଳଗରୁଡ଼, ଦେବନାସନ, ତିଳେଇକାଣ୍ଡ, ପାଷାଣ ଭେଦି, କାମରାଜ, ଭୋଜରାଜ, ଦାନର, ମହାଜାଲ, ଗରୁଡ଼, ବିସଲ୍ୟକରଣି, ଶତାବରୀ, ମହାକାଳ, ଭୃମରାଜ, ବନକାନ୍ଦୁଲ, ପ୍ରଶାରୁଣୀ, ବନସେମି, ବ୍ରାହ୍ମୀ, ଧୋବ ମହାଜାଲ ଇତ୍ୟାଦି ଶତାଧିକ ବୃକ୍ଷ ରହିଥିବା ବେଳେ ଆମ୍ବ, ପଣସ, କେନ୍ଦୁ, କଇଁଥ, ଅମ୍ବେରା, ନାରଙ୍ଗୀ, କଦଳୀ, ସୀତାଫଳ, ପିଜୁଳି, ଲେମ୍ବୁ ପ୍ରଭୃତି ଫଳ ଗଛ ପ୍ରତୀୟମାନ ହୁଏ। ଗନ୍ଧମାର୍ଦ୍ଦନର ଗୁଣାବଳି ଅବର୍ଣ୍ଣନୀୟ ଅଟେ। ତାର ପାଦ ତଳେ ଥିବା ଗୋକୁଣ ଘାଟରେ ସ୍ନାନ କଲେ ଗୋହତ୍ୟା ଦୋଷରୁ ମୁକ୍ତି ମିଳିଥାଏ। ଜଗତପିତା ମହାଦେବ ଗୋବଧ ପାପରୁ ମୁକ୍ତି ପାଇଁ ସାରା ବିଶ୍ୱ ବୁଲି ଆସିଲେ, ଶେଷରେ ନୃସିଂହନାଥ ଗୋକୁଣ୍ଡ ଘାଟରେ ସ୍ନାନ କରି ମୁକ୍ତି ପାଇଥିଲେ ବୋଲି ଲୋକକଥା ରହିଛି। ତ୍ରେତୟା ଯୁଗରେ ମୂଷିକ ଦୈତ୍ୟ କବଳରୁ ସୃଷ୍ଟିକୁ ରକ୍ଷା କରିବା ପାଇଁ ପ୍ରଭୁ ମାର୍ଜରକେଶରୀ ଭାବରେ ଗନ୍ଧମାର୍ଦ୍ଦନରେ ଜଗି ରହିଥିଲେ। ମହାମୁନୀ ମାର୍କଣ୍ଡ ଏଠାରେ ଅମରତ୍ୱ ଲାଭ କରିଥିଲେ। ରାଜର୍ଷି ଦେବଲଙ୍କୁ ମହର୍ଷି ଅଷ୍ଟବକ୍ର ରୂପେ ସୃଷ୍ଟି ହୋଇଥିଲେ। ଏହି ଠାରେ କପିଳ ମୁନି ସାଂଖ୍ୟ ଦର୍ଶନ ରଚନା କରିଥିଲେ। ତାଙ୍କ ନାମରେ ନାମିତ କପିଳଧାର ବର୍ତ୍ତମାନ ସୁଦ୍ଧା ପ୍ରବାହିତ ହେଉଛି। ମହାରାଜ ଅରିଷ୍ଟନେମୀ ଗନ୍ଧମାର୍ଦ୍ଦନରେ ପରମପଦ ପ୍ରାପ୍ତ କରିଥିଲେ। ଶ୍ରୀରାମଚନ୍ଦ୍ର ଓ ପଞ୍ଚୁପାଣ୍ଡବଙ୍କ ଅମର ଗାଥାର ପଦ ଚିହ୍ନ ଏଠାରେ ଦେଖିବାକୁ ମିଳେ। ଭଗବାନ ବୁଦ୍ଧଙ୍କ ଶାନ୍ତିର ବାର୍ତ୍ତା ସ୍ୱରୂପ ଶିଷ୍ୟ ମନୋହରୀ ଦେବୀ ଏହିଠାରେ ବିଜୟ ହରିତକୀ ରୋପଣ କରିଥିଲେ। ଦାର୍ଶନିକ ନାଗାର୍ଜୁନ ବୌଦ୍ଧ ଦର୍ଶନ ସହ ଭଗବାନ ବୁଦ୍ଧଙ୍କ ଶାନ୍ତିବାଣୀ ପ୍ରଚାର କରିଥିଲେ। ମହାଥା କବୀର ଏହି ପୁଣ୍ୟ ପୀଠରେ ସୁଗୁଣ ନିର୍ଗୁଣର ବାର୍ତ୍ତା ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଚିତାଭସ୍ମ ସ୍ମୃତି ପୀଠରେ ଝଲସି ଉଠୁଛି। ବୌଦ୍ଧ, ଶାକ୍ତ, ବୈଷ୍ଣବ, ଶୈବ, ଗଣପତ୍ୟ ଓ ତନ୍ତ୍ର ସାଧନ ଏହି ପୀଠରେ ମହିମାକୁ ଅପାର ରହିଛି। ଅଷ୍ଟାଦଶ ଶତାବ୍ଦିରେ କବି ଯୁଗଦାସଙ୍କ ନୃସିଂହ ଚରିତ କାବ୍ୟରୁ ଜଣାଯାଏ ଯେ, ଗୋଦାବରୀ ନଦୀ କୂଳରେ ଉତ୍ତୁଙ୍ଗ ମୁନି ନିଜର କନ୍ୟା ମାଳତୀ ସହ ଆଶ୍ରମରେ ରହୁଥିଲେ। ଉତ୍ତୁଙ୍ଗ ମୁନିଙ୍କ ଅନୁପସ୍ଥିତରେ ଲଙ୍କାଧିପତି ରାବଣ, ମାଳତୀର ରୂପ ଲାବଣ୍ୟରେ ବିମୁଗ୍ଧ ହୋଇ ସ୍ଥାନ କାଳ ନଦେଖି ଅଶୋଭନୀୟ ଆଚରଣ କଲା। ଅଚେତ ଅବସ୍ଥାରେ ତାକୁ ନଦୀ ଗର୍ଭକୁ ଫିଙ୍ଗି ଦେଲା। କିଛି ସମୟରେ ଚେତା ଫେରିଲା ପରେ ମାଳତୀ ବାପାଙ୍କୁ ଖୋଜି କ୍ରନ୍ଦନ କରୁ ଥିବା ଦେଖି ମୂଷିକ ବାପାଙ୍କୁ ଖୋଜିବାକୁ ସହଯୋଗର ପ୍ରଲୋଭନ ଦେଖାଇଥିଲା ଓ ମାଳତୀ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା। ରାବଣ ଓ ମୂଷିକ ଔରଷରୁ ମୂଷିକଦୈତ୍ୟ ଜନ୍ମଗ୍ରହଣ କରିଥିଲା ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି। ମୂଷିକଦୈତ୍ୟର ପ୍ରତାପରେ ସମଗ୍ର ପୃଥିବୀ ଭୟରେ ଥରିବାକୁ ଲାଗିଲା। ଶିବ ତପସ୍ୟା ବଳରେ ଜାଣିଲେ ଯେ, ନୃସିଂହ ବ୍ୟତୀତ କେହି ତାର କିଛି କରି ପାରିବ ନାହିଁ। ସୃଷ୍ଟି ରକ୍ଷା ପାଇଁ ବିଷ୍ଣୁ ଦେବ ନୃସିଂହ ଅବତାର ନେଲେ। ଫଳରେ ମୂଷିକ ଦୈତ୍ୟ ଗନ୍ଧମାର୍ଦ୍ଦନ ପର୍ବତରେ ଲୁଚି ରହିଲା, ଭଗବାନ ଉଭୟ ପାର୍ଶ୍ୱରେ ନୃସିଂହନାଥ ଓ ହରିଶଙ୍କର ଭାବରେ ଜଗି ରହିଲେ। କନ୍ଧମାନେ ଭଗବାନଙ୍କୁ ବୈଶାଖ ଚତୁର୍ଦ୍ଦଶୀ ଦିନ ପାଇଥିବାରୁ ମନ୍ଦିରରେ ନେତ ବାନ୍ଧିବା, ଜଙ୍ଗଲରୁ ଆଣିଥିବା କନ୍ଦାକୁ ଭୋଗ ଭାବରେ ଠାକୁରଙ୍କୁ ଅର୍ପଣ କରିବା ପରମ୍ପରା ରହି ଆସିଛି।





# ନୃସିଂହନାଥ ବୈଶାଖ ମେଳା; ଧ୍ୱଜା ବନ୍ଧନ ସମ୍ପନ୍ନ

## ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

**ପାଇକମାଲ, ୨୨।୫(ସମିସ) :** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ଆଜି ମହାପ୍ରଭୁଙ୍କ ଜନ୍ମୋତ୍ସବ ଚତୁର୍ଦ୍ଦଶୀ ତିଥି ଥିବାରୁ ବୁଧବାର ଭଗବାନ ନୃସିଂହନାଥ ପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରାଯାଇଛି। ରାତ୍ରରେ ମହାପ୍ରଭୁ ନୃସିଂହନାଥଙ୍କୁ ସ୍ନାନ କରାଇ ନୂତନ



ବସ୍ତ୍ର ପରିଧାନ କରି ସୁସଜ୍ଜିତ ବେଶ କରାଯାଇଥିଲା। ଆଳତି କରାଯାଇ ମନଭଙ୍ଗ ମଣ୍ଡଳ ଆଦିକନ୍ଧ ସମାଜ ଦ୍ୱାରା ପିତକନ୍ଦା ଭୋଗ ଲାଗି ହେଲାପରେ ରାତ୍ର ୧୦ଘଟିକାରେ ଚୁଡାମଣି ଭୁଏଁଙ୍କ ଦ୍ୱାରା ଧ୍ୱଜାବନ୍ଧନ କରାଯାଇଥିଲା ଓ ମହାଦୀପ ମଧ୍ୟ ଉଠିଥିଲା। ୪ଦିନ ଧରି ମୂଖ୍ୟ ପଣ୍ଡିତ ଡିଗ୍ରୀଧର ଦେବତା, ରଙ୍କମଣି ଦେବତା, ସିଦ୍ଧେଶ୍ୱର ସାବତଙ୍କ ସମେତ ୧୧ଜଣ ଦକ୍ଷ ପଣ୍ଡିତଙ୍କ ଦ୍ୱାରା ନୀତି ନିଷ୍ଠାର ସହିତ ପୂଜାର୍ଚ୍ଚନା କରାଯାଇଛି। ବୁଧବାର ସୁଦ୍ଧା ୧ଲକ୍ଷ ୨୩ ହଜାର ୫ଶହ ନୃସିଂହ ବିଜମନ୍ତ୍ର ଜପ କରାଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ମଣ୍ଡପରେ ପଦ୍ମପୁର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଉପଖଣ୍ଡ ପୁଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ଜିଲ୍ଲା ସୂଚନା ଓ ଲୋସମ୍ପର୍କ ଅଧିକାରୀ ପ୍ରହଲାଦ ଖସଲା, ପାଇକମାଳ ଥାନା ସୁଶାନ୍ତ କୁମାର ବଢ଼ାଇ, ଉପଖଣ୍ଡ ଅଗ୍ନିଶମ ଅଧିକାରୀ ବେଦବ୍ୟା ପିଙ୍କ, ପାଇକମାଳ ବିଡିଓ ତଥା ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ଓଦୁ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମେଳା କମିଟି ସଦସ୍ୟ ଅଧ୍ୟାପକ ସୁଶାନ୍ତ ମିଶ୍ର ସଭାକୁ ପରିଚାଳନା କରିଥିଲେ। ବିନ୍ଧ୍ୟବାସିନୀ ମଣ୍ଡପରେ ବଲାଙ୍ଗୀର ବଜାସାଲର ଡାଲଖାଇ ନୃତ୍ୟ, ଶିବଶକ୍ତି ନୃତ୍ୟ ଏକାଡେମୀ ବୁର୍ଲାର ଓଡ଼ିଶୀ ନୃତ୍ୟ, ସାଙ୍ଗାମାପା କଳା ପରିଷଦ ବଲାଙ୍ଗୀରର ଘୁଡୁକା ନୃତ୍ୟ, କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ ଅତାବିରାର ପଞ୍ଚରସି ନୃତ୍ୟ ସମେତ ବିଭିନ୍ନ ଲୋକ ଗୀତ, ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। ସେହିପରି ମାର୍ଜାର କେଶରୀ ମଣ୍ଡପରେ ଝରନ କଳାପରିଷଦ ସାପଲହର କଳାକାର ମାନଙ୍କ ଦ୍ୱାରା ଭଜନ ସଂଧ୍ୟା ସମେତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଳା କମିଟି ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଆଜି ଚତୁର୍ଦ୍ଦଶୀ ଅବସରରେ ବିଭିନ୍ନ ସଂଗଠନ ତରଫରୁ ଅନ୍ନ ଛତ୍ର ଓ ଥଣ୍ଡାପାନୀୟ ବଣ୍ଟନ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ମଧ୍ୟ ଭକ୍ତବୃନ୍ଦଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ମେଳା ପରିସରରେ ଆଜି ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ମୀନା ବଜାର, ଦୋଳି ଆଦିର ମଜା ନେଉଛନ୍ତି ଦର୍ଶକମାନେ। ମେଳାର ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ତତ୍ପରତା ସହିତ କାମ ଚାଲିଛି।




# ଛାୟାପଥ: କିଶୋରୀ ଗୀତ



ସ ... ଦେ



ନବଜନ୍ମର 'ପୀରତି ପୀରତି' ଗୀତଦୃଶ୍ୟରେ ଗୀତା ଓ ଉର୍ବଶୀ

ଓଡ଼ିଆ ଗାଁର କିଶୋରୀଙ୍କ ମେଳି ଗୀତରେ କିଏ କାହାର କଷି କାକୁଡ଼ି ହୋଇଯାଏ, କିଏ କାହାର ଚମ୍ପାବଉଳ, କିଏ କାହାର ସଂଗୀତ ସଖୀ, କିଏ କାହାର ଗଙ୍ଗା ଯମୁନା, କିଏ କାହାର ମକର ଗଜାମୁଗ । ସେହି କିଏ କାହାରର ଅମୁକ ସମୁକ ମଧୁର ସଂବୋଧନରେ ଗଜୁରି ଯାଏ ଗୀତ । ଏହି ଗୀତ ଗାୟନର ଶୈଳୀକୁ ଦେଖନ୍ତୁ, ଯେଉଁ ସ୍ୱର ଧରି ଗୀତ ବୋଲାଯାଏ, ତାହାର ଲହର ବେଶ୍ ବିସ୍ତୃତ । ଛାନ୍ଦରେ ଅଛି ଦୀର୍ଘ ସ୍ୱର । ରଜ ଦୋଳି ଗୀତ ହେଉ ବା କୁମାର ପୁନେଇ ଗୀତ ବା ସଜନୀ, ନଈ ଗୀତ ବା ଜାଇଫୁଲ ବା ଟାହିଟାପରା ଗୀତ, ଭର୍ତ୍ସନାମୂଳକ ଗୀତ- ସବୁଥିରେ ଅଛି ଦୀର୍ଘସ୍ୱର । ଝିଅବୋହୂ- ଗୀତ ଗୀତିକାର ଏହି ଦୀର୍ଘ ସ୍ୱର ଓଡ଼ିଆ ସିନେ ଗୀତକୁ କେମିତି ଆସିଛି ଦେଖନ୍ତୁ; ଆଳୁ ପତର କି ସାରୁ ପତର/ କେବେ କି ହୋଇବ ପାନ/ ମିଳିବ କେବେ ବି ରଜ ମଉଜ/ ସରିଲେ କୁଆଁରୀ ଦିନ/ ଆସ ଗୋ ଆସ କୁଆଁରୀ ଆସ ହଜିଯିବା ଗୀତରେ... ମନଦୋଳି ଉଡ଼ିଯା... ଯା...ରେ । ଏହା 'ନୂଆବୋଉ' (୧୯୬୨) ସିନେମାର ଗୀତ । ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଲେଖା, ଶ୍ୟାମାମଣି ଦେବୀ ଓ ସାଥୀଙ୍କ କଣ୍ଠ ଏବଂ ବାଳକୃଷ୍ଣ ଦାଶଙ୍କ ସଙ୍ଗୀତ ସଂରଚନାରେ ଏହି ରଜଦୋଳି ଗୀତ ସିନେମାକୁ ଆସିଛି । ରଜଦୋଳି ଗୀତ ସମ୍ପର୍କରେ ସବୁ ଓଡ଼ିଆ ଜାଣନ୍ତି । ଦୋଳି ଝୁଲିଲେ ଗୀତର ଲହର ଛୁଟେ । ପଦ ପରେ ଲହର ଛୁଟେ । ସେ ସବୁ ପ୍ରଶ୍ନୋତ୍ତରୀ ଆଗରୁ ଘୋଷା ହୋଇ ନ ଥାଏ ମୁହେଁ ମୁହେଁ ଗୀତ ରଚନା ସେଠାରେ ହୁଏ । ଗୀତ ସରଳ ଆଉ ରସପୂର୍ଣ୍ଣ ହୋଇଥାଏ । ସ୍ନେହ, ପ୍ରେମ, ବିଦ୍ରୂପ ଥାଏ । ଏହା ରସିକ ଗୀତ ଏବଂ ଏହି ରସିକ ପଣର ନମୁନା 'ନୂଆବୋଉ' ସିନେମାର ରଜଦୋଳି ଗୀତରେ ପାଇହେବ । ସେମିତି ଝିଅ ବୋହୂ ଗାଁ ଗୀତିର ଆଉ ଏକ ହାସ-ପରିହାସ ନମୁନାକୁ ଓଡ଼ିଆ ସିନେମାରେ କେମିତି ସ୍ଥାନିତ କରାଯାଇଛି, ଦେଖନ୍ତୁ : ଝୁଣ୍ଟିଆ ବାଜେ ଝାଇଁ ଝାଇଁ ଶବଦ ଶୁଭେ ମତେ / ଦଧି ଖାଇ ମୂଳ ପଚାରୁଛି ଝୁଣ୍ଟିଆ ଶବଦ କେତେ । 'ସପ୍ତଶଯ୍ୟା' (୧୯୫୧) ସିନେମାର ଏହି ଗୀତର ଗୀତିକାର ହେଉଛନ୍ତି ଅନନ୍ତ ପଟ୍ଟନାୟକ, ସଂଗୀତକାର : ଉଦୟନାଥ ସାହୁ, ଗାୟିକା : କମଳା ଦେବୀ । ଅନାବନା ଫଳ୍ଗୁର ମାଳନେଇ ଯେମିତି ଲୋକ ଜୀବନର ଗୀତିଛବି ଆଙ୍କିହୁଏ, ଏହି ଗୀତରେ ମଧ୍ୟ ସେମିତି ସ୍ୱାତନ୍ତ୍ର୍ୟ ରହିଛି । ସେହିପରି 'ମାଣିକଯୋଡ଼ି' (୧୯୬୩) ରେ ଓଡ଼ିଆ ଝିଅ ବୋହୂଙ୍କ ଓଷାବ୍ରତ ଗୀତକୁ ଯେମିତି ଛନ୍ଦା ଯାଇଛି, ତାହା ସିନେ ଗୀତିଧାରାର ଏକ ଭିନ୍ନ ଫର୍ଦ୍ଦ । ଏଠି କହିରଖେ ପୋଥି କଥା ବା ଗୀତ ଛଡ଼ା ଓଷାବ୍ରତରେ କେତେକ ମୌଖିକ ଗୀତ ମଧ୍ୟ ବୋଲାଯାଏ ଯେମିତି 'କୁଆଁର ପୁନେଇଁ ଜହ୍ନ ଲୋ' । 'ମାଣିକଯୋଡ଼ି' ସିନେମାରେ କୁଆଁର ପୂନେଇଁର ଗୀତକୁ କିଶୋରୀ ଟାହି ଟାପରାରେ ଏମିତି ଛନ୍ଦା ଯାଇଛି ଯେ, ତାହା ଆଜି ପର୍ଯ୍ୟନ୍ତ ବି ଗହଗହ ଲାଗେ । ହଳଦୀ ମାଖି ଅଙ୍ଗରେ / ଫୁଟିଛି କେତେ ଢଙ୍ଗରେ / ଜହ୍ନମାଇଁ ଗୋ କଜିଆ କଲକି ଜହ୍ନମାମୁଙ୍କ ସାଙ୍ଗରେ / ଛଆଲୋ ତୁ ଛତୁ ଛପରା / ଜହ୍ନମାମୁ ତୋ ଛୋପରା / ଗରଜ ପଡ଼ିଛି ଜହ୍ନମାଇଁ ହେବି / ତାକୁ ବାହାହେଉ ମନ୍ଥରା । ଏହି ଗୀତର ଗୀତିକାର ହେଉଛନ୍ତି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ସଂଗୀତ : ବାଳକୃଷ୍ଣ ଦାଶ, ଗାୟିକା : ସୁଖଲତା ମହାନ୍ତି ଓ ସାଥୀ ।

କୁଆଁରୀ ମନର କଥା, ବ୍ୟଥା, ଆଶା ଓ ବିରହ ମଧ୍ୟ ଲୋକଗୀତରେ ଛନ୍ଦି ହୁଏ । ଏହି ଚର୍ଚ୍ଚା ଆମେ ଆଗରୁ କରି ସାରିଛୁ । ବିଭିନ୍ନ ପ୍ରାନ୍ତରେ ଏହି କୁଆଁରୀ ଗୀତର ଭାଷା ଅଲଗା, ଏଠି ଗୀତିକାର ଛନ୍ଦରେ ବିଦଗ୍ଧ ସାହିତ୍ୟର ଶୃଙ୍ଖଳା ନାହିଁ, ଭାବ ପ୍ରକାଶର ଆଭିଜାତ୍ୟ କି ଆଡ଼ମ୍ବର ନାହିଁ। ଏହାର ଅନ୍ତର୍ନିହିତ ଭାବାବେଗ ଯେପରି ସ୍ୱାଭାବିକ, ପ୍ରକାଶ ପ୍ରବାହ ବି ସେପରି ସାବଲୀଳ । 'ସାଧନା' (୧୯୬୪) ସିନେମାରେ ସମ୍ବଲପୁରୀ କିଶୋରୀ ମନର ଲୋକଗୀତ ଛନ୍ଦ ପ୍ରଥମ କରି ଆସିଥିଲା । ପ୍ରଥମ ଫଳ୍ଗୁ ଥିଲା 'ଝୁମ୍ ଝୁମ୍ ବାଜେ ମୋର ଝୁମୁକା ପଏଁରି'... ଗୁଣନିଧି ଦାଶଙ୍କ ଏହି ରଚନାକୁ ସଂଗୀତ କରିଥିଲେ ବାଳକୃଷ୍ଣ ଦାଶ, ଗାଇଥିଲେ ସିପ୍ରା ବୋଷ । ସେମିତି 'ମଲାଜହ୍ନ' (୧୯୬୫) ସିନେମାର 'ତୁଛାକୁ ମହୁ ଗୁଡ଼ ପଡ଼ିଲେ କି ରହିବ ଆଉ' ଓ 'ମୋ ନାଁଟି ମୋ ନାଁଟି', ଗୀତରେ ଅଛି କିଶୋରୀ ମେଳ ଗୀତିକାର ଅନ୍ୟତମ ନମୁନା । ଅକ୍ଷୟ ମହାନ୍ତିଙ୍କ ସଂଗୀତ ନିର୍ଦ୍ଦେଶନାରେ 'ମଲାଜହ୍ନ' ପାଇଁ ଏହି ଗୀତ ସବୁ ଲେଖିଥିଲେ ବିନୋଦିନୀ ଦେବୀ । ଗାଇଥିଲେ କଲ୍ୟାଣୀ ଭଟ୍ଟାଚାର୍ଯ୍ୟ । କିଶୋରୀ ମନର ଭାଷା, ହାସ୍ୟ, ପରିହାସ, ଶୃଙ୍ଗାରର ଯେତେ ସବୁ ଲୋକଗୀତି, ତାହା ଓଡ଼ିଆ ସିନେଗୀତିକୁ ଯେମିତି ଆସିଛି ତାହାକୁ ତିନିଟି ପର୍ଯ୍ୟାୟରେ ଲକ୍ଷ୍ୟ କରିବାକୁ ହେବ । ଏକ : ଭାବର ସାବଲୀଳତା, ଦୁଇ : ତା'ର ଠାଣି ଏବଂ ତିନି : ତାହାର ଚିତ୍ରଗୁଣ । ଚିତ୍ରଗୁଣ କେମିତି ଛନ୍ଦି ହୋଇଛି ତାହାକୁ ବୁଝିବାକୁ ଗୋଟିଏ ଗୀତର ଉଦାହରଣ ନିଆଯାଉ । ସିନେମା ହେଉଛି 'ସଂସାର' (୧୯୭୩), ଗୀତ ହେଉଛି : ଆଲୋ କଳା ଶାରୀ, କିଏ ତୋର ଶୁଆ... ସେ ତ କଟକିଆ ତାରକସିଆ । ଟାହିଟାପରାର ଏହି କିଶୋରୀ ମେଳିକାର ସ୍ୱର ପର୍ଦ୍ଦାରେ ଛନ୍ଦି ହେବାର ଦୃଶ୍ୟକୁ ଦେଖନ୍ତୁ: ଦଳେ କିଶୋରୀ ଆମ୍ବ ତୋଟା ମେଳରେ ଟାହିଟାପରା ହେଉଛନ୍ତି ଏବଂ ହାସ ପରିହାସରେ ଗୀତ ବୋଲୁଛନ୍ତି । ଏତିକି ବେଳେ ନାୟକ ଆସୁଛନ୍ତି ଗାଁକୁ । ଗୀତର ଆଧାର ଯାହା, ଯେମିତି ନାୟକଟିଏ ନାୟିକା ଚାହୁଁଛି, ସେମିତି ହୋଇ ଆସିଛନ୍ତି ନାୟକ । ଏମିତି ଚିତ୍ରଗୁଣ ଆଣି ଅଧିକାଂଶ ଲୋକଗୀତି ସଂଚରିଛି ଓଡ଼ିଆ ସିନେମାରେ । ଏହି ଯେଉଁ ଗୀତର ଚିତ୍ରଗୁଣ ଚର୍ଚ୍ଚା ହେଲା, ତାହାର ଗୀତିକାର ହେଉଛନ୍ତି ସ୍ୱରୂପ ନନ୍ଦନ ନାୟକ, ଗାୟନରେ ଅଛନ୍ତି ତୃପ୍ତି ଦାସ ଓ ଗୀତା ପଟ୍ଟନାୟକ ।

## ପ୍ରଥମ ରିଲିଜ୍




**୨୪ ମେ' ଶୁକ୍ରବାର**

### ଭୈୟା ଜୀ ହିନ୍ଦୀ

ନିର୍ଦ୍ଦେଶକ : ଅପୂର୍ବ ସିଂହ କର୍କି

ପ୍ରଯୋଜକ : ବିନୋଦ ଭାନୁଶାଳୀ, କମଲେଶ ଭାନୁଶାଳୀ

କଳାକାର : ମନୋଜ ବାଜପେୟୀ, ଜୋୟା ହୁସେନ୍

## ନିରାଶ କଲେ ସଞ୍ଜୟ






ବଲିଉଡ୍‌ର ବହୁ ପ୍ରତୀକ୍ଷିତ କମିକ୍ ଫିଲ୍ମ 'ୱେଲ୍‌କମ୍ ଟୁ ଦ ଜଙ୍ଗଲ'କୁ ନେଇ ଚର୍ଚ୍ଚା ଲାଗି ରହିଛି । ଫିଲ୍ମକୁ ନେଇ ଏବେ ଯେଉଁ ଖବର ସାମ୍ନାକୁ ଆସିଛି, ତାହା ଦର୍ଶକଙ୍କୁ ଖୁବ୍ ନିରାଶ କରିଛି । ନିର୍ଦ୍ଦେଶକ ଅହମଦ ଖାନ୍‌ଙ୍କ ଏହି ଫିଲ୍ମରେ ସଞ୍ଜୟ ଦତ୍ତ, ଅକ୍ଷୟ କୁମାର, ପରେଶ ରାୱଲ, ସୁନୀଲ ସେଟ୍ଟିଙ୍କ ଜବରଦସ୍ତ କମେଡି ଦେଖିବାକୁ ମିଳିଥାନ୍ତା । କିନ୍ତୁ ଏବେ ଏଥିରେ ଅଭିନେତା ସଞ୍ଜୟ ସାମିଲ ହେବେ ନାହିଁ । ସଞ୍ଜୟ ସିନେମାରୁ ଓହରି ଦର୍ଶକଙ୍କୁ ନିରାଶ କରିଛନ୍ତି । ତାଙ୍କ ମତରେ, ସିନେମାର ସୁଟିଂ ଯୋଜନାମୁତାବକ ହେଉ ନାହିଁ । କାହାଣୀରେ ଅନେକ ପରିବର୍ତ୍ତନ ବି କରାଯାଉଛି । ସେଥିପାଇଁ ସଞ୍ଜୟଙ୍କୁ ସୁଟିଂ ପାଇଁ ଅସୁବିଧା ହେବାରୁ ଫିଲ୍ମରୁ ନିଜ ରାସ୍ତା ଅଲଗା କରିଛନ୍ତି । ଅବଶ୍ୟ ସଞ୍ଜୟ ଫିଲ୍ମର କିଛି ମଜାଦାର ଦୃଶ୍ୟର ସୁଟିଂ କରିଛନ୍ତି । ତେବେ ଯେତିକି ଭାଗ ସେ ସୁଟିଂ କରିଛନ୍ତି, ସେ ଲାଗି ତାଙ୍କୁ ଅତିଥି କଳାକାର ଭାବେ ପ୍ରଦର୍ଶନ କରାଯିବ । ସଞ୍ଜୟ ବି ଅତିଥି କଳାକାର ଭାବେ ନଜର ଆସିବା ନେଇ ସମ୍ମତି ପ୍ରକାଶ କରିଛନ୍ତି ।

## ପ୍ରିୟଙ୍କାଙ୍କ ହାର ପାଇଁ ୨୮୦୦ ଘଣ୍ଟା!



ନିକଟରେ ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ବୁଲଗାରୀ ଇଭେଣ୍ଟରେ ପହଞ୍ଚି ଥିଲେ । ଏହି କାର୍ଯ୍ୟକ୍ରମରେ ଅନେକ ତାରକା ଉପସ୍ଥିତ ଥିଲେ ହେଁ ପ୍ରିୟଙ୍କାଙ୍କ ଲୁକ୍ ହିଁ ସଭିଁଙ୍କ ଦୃଷ୍ଟିଆକର୍ଷଣ କରିଥିଲା । ପ୍ରିୟଙ୍କା ଧଳା-କଳା ରଙ୍ଗର ଅଫ୍ ସୋଲ୍ଡର ଡ୍ରେସ୍ ପିନ୍ଧିଥିଲେ । ଏହି ଗାଉନ୍‌ଟିର ଟ୍ରାନ୍ସପରେଣ୍ଟ ଥିଲା । ଗ୍ଲସି ଲିପଷ୍ଟିକ୍ ସହ ନ୍ୟୁଡ୍ ମେକ୍‌ଅପ୍ ତାଙ୍କୁ ଖୁବ୍ ଭଲ ମାନୁଥିଲା । ଏହାବାଦ୍ ତାଙ୍କର ଛୋଟ କେଶ ଓ ହୀରା ଖଚିତ ହାର ଥିଲା ଅନ୍ୟତମ ଆକର୍ଷଣ । ସେ ପିନ୍ଧିଥିବା ହାର ହେଉଛି ସରପେଣ୍ଟି ଏଟରନୋର । ତେବେ ଏହି ସୁନ୍ଦର ହାର ତିଆରି କରିବାକୁ କାରିଗରଙ୍କୁ ୨୮୦୦ ଘଣ୍ଟା ଲାଗିଥିଲା । ଏଥିରେ ୧୪୦ କ୍ୟାରେଟ୍ ହୀରା ଲାଗିଛି । ଏହାର ଦାମ୍ କୋଟିଏ ଟଙ୍କା ବୋଲି କୁହାଯାଉଛି । ଏ ସମ୍ପର୍କିତ ପ୍ରିୟଙ୍କାଙ୍କର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ତାହା ଖୁବ୍ ଭାଇରାଲ୍ ହେଉଛି ।

## ପରଦା ପଛର କାହାଣୀ

## ଗୋଟିଏ ନାଁ, ତିନୋଟି ଫିଲ୍ମ




ସାରାବିଶ୍ୱରେ ଥିବା ଫିଲ୍ମ ଇଣ୍ଡଷ୍ଟ୍ରୀଗୁଡ଼ିକ ମଧ୍ୟରେ ବଲିଉଡ୍‌ରେ ଅଧିକ ଫିଲ୍ମ ନିର୍ମାଣ କରାଯାଏ । କିଛି ଫିଲ୍ମ ସୁପରହିଟ୍ ହେଉଥିବାବେଳେ ଆଉ କିଛି ଫ୍ଲପ୍ ସାବ୍ୟସ୍ତ ହୋଇଥାଏ । ଏବେ ଦର୍ଶକଙ୍କୁ ସିନେମା ହଲ୍ ମୁହାଁ କରାଇବା ପାଇଁ ପ୍ରଯୋଜକମାନେ ଫିଲ୍ମର ଟାଇଟଲ୍‌ଗୁଡ଼ିକ ଟିକିଏ ଅଲଗା ଓ ଭିନ୍ନ କରିବା ପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ସମୟ ଥିଲା ବଲିଉଡ୍‌ରେ ଏକା ନାମରେ ଭିନ୍ନ ଭିନ୍ନ ସମୟରେ ତିନୋଟି ଫିଲ୍ମ ନିର୍ମାଣ ହୋଇଥିଲା । ଏହି ଫିଲ୍ମଟି ହେଉଛି 'ଆଖେଁ' । ଯାହାକି ତିନି ଥର ଅଲଗା ଅଲଗା କାହାଣୀ ନେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲା । ୧୯୬୮ରେ ମୁକ୍ତିଲାଭ କରିଥିବା 'ଆଖେଁ' ଚଳଚ୍ଚିତ୍ର । ଏହା ସେହିବର୍ଷ ସବୁଠୁ ଅଧିକ ଆୟ କରିଥିବା ଫିଲ୍ମର ରେକର୍ଡ କରିଥିଲା । ଏହା ବକ୍ସ ଅଫିସ୍‌ରୁ ୬.୪୦ କୋଟି ଆୟ କରିଥିଲା । ଏହା ଏକ ଗୁଇନ୍ଦା ଫିଲ୍ମ ଥିଲା । ଏହାର ନିର୍ଦ୍ଦେଶନା ଓ ପ୍ରଯୋଜନା ଦାୟିତ୍ୱରେ ରାମାନନ୍ଦ ସାଗର ଥିଲେ । ଏହି ଫିଲ୍ମଟିର ଅଧିକାଂଶ ଦୃଶ୍ୟ ବିଦେଶରେ ସୁଟିଂ ହୋଇଥିଲା । ଏଥିରେ ଧର୍ମେନ୍ଦ୍ର, ମାଲାସିହ୍ନା, ମେହମୁଦ, ଲଳିତା ପାୱାର, ଜୀବନ, ମଦନ ପୁରୀ ଲିଡ୍ ରୋଲରେ ନଜର ଆସିଥିଲେ । ଏହାପରେ ୧୯୯୩ରେ 'ଆଖେଁ' ନାମରେ ଆଉ ଏକ ଫିଲ୍ମ ଆସିଥିଲା । ଏହା ଏକ କମେଡି ଆକ୍ସନ ଚଳଚ୍ଚିତ୍ର ଥିଲା । ଡେଭିଡ୍ ଧୱନ୍ ଏହାର ନିର୍ଦ୍ଦେଶନା ଦେଇଥିଲେ । ଅନୀସ୍ ବଜ୍‌ମୀ ଏହାର କାହାଣୀ ଲେଖିଥିଲେ । ଏହା ଗୋବିନ୍ଦାଙ୍କ କ୍ୟାରିୟର୍ ଏକ ସଫଳ ଫିଲ୍ମ ବୋଲି କୁହାଯାଏ । ଏଥିରେ ଗୋବିନ୍ଦାଙ୍କ ସହ ଚଙ୍କିପାଣ୍ଡେ ଲିଡ୍ ରୋଲରେ ନଜର ଆସିଥିଲେ । ଉଭୟ ଡବଲ୍ ରୋଲରେ ନଜର ଆସିଥିଲେ ।




୧ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରୁ ୨୫ କୋଟି ଆୟ କରିଥିଲା । ୨୦୦୨ରେ ପୁଣି 'ଆଖେଁ' ନାମରେ ଆଉ ଏକ ଫିଲ୍ମ ଆସିଥିଲା । ଏଥିରେ ଅମିତାଭ ବଚ୍ଚନ, ଅକ୍ଷୟ କୁମାର, ଅର୍ଜୁନ୍ ରାମପାଳ, ପରେଶ ରାୱଲ, ସୁସ୍ମିତା ସେନ୍, ଆଦିତ୍ୟ ପାଞ୍ଚୋଲି ନଜର ଆସିଥିଲେ । ୧୭ କୋଟିରେ ନିର୍ମିତ ଏହି ଫିଲ୍ମ ୬୨ କୋଟି ଆୟ କରିଥିଲା । ଫିଲ୍ମର କାହାଣୀ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ବିଗ୍ ବି ଅମିତାଭ ଏଥିରେ ନେଗେଟିଭ୍ ଚରିତ୍ରରେ ଅଭିନୟ କରି ପ୍ରଶଂସା ସାଉଁଟିଥିଲେ । ଫିଲ୍ମର କାହାଣୀ ତିନୋଟି ଅନ୍ଧଲୋକଙ୍କ ବ୍ୟାଙ୍କ ଲୁଟ୍ ଉପରେ ଆଧାରିତ ଥିଲା । ତେବେ ତିନୋଟି ଯାକ ଫିଲ୍ମର ଟାଇଟଲ୍ ସମାନ ହୋଇଥିଲେ ମଧ୍ୟ କାହାଣୀ ଭିନ୍ନ ଥିଲା ।




ସବୁଠୁ ଉଲ୍ଲେଖନୀୟ କଥାଟି ହେଲା, ତିନୋଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଇଲା ମାଫିଆଙ୍କ ସର୍ଦ୍ଦାର: ଦିନେଶ ମାଳୀ

## ଅଶ୍ଳୀଳ ଗାଳିଗୁଲଜ କରିବା ଧର୍ମେନ୍ଦ୍ରଙ୍କ ପୁରୁଣା ରୋଗ

**ଅନୁଗୋଳ, ୨୨ା୫(ସମିସ):** କେନ୍ଦ୍ର ସରକାରଙ୍କ ପୂର୍ବତନ କୋଇଲା ସଚିବ ପ୍ରକାଶ ଚନ୍ଦ୍ର ପାରଖ (ଆଇଏଏସ)ଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ 'କ୍ରୁଷେଡର୍ ଔର କନସ୍ପିରେଟର'କୁ ହିନ୍ଦୀରେ ଅନୁବାଦ କରି ଦିନେଶ କୁମାର ମାଲୀ ତାହାର ନାମ ଦେଇଛନ୍ତି 'ଶିଖର ତକ ସଂଘର୍ଷ', ଯେଉଁଥିରେ ଲେଖାଯାଇଛି ଯେ, ଭାରତ ସରକାରଙ୍କ ଦ୍ୱାରା କୋଇଲାର ଇ- ଅକ୍ସନକୁ ଧର୍ମେନ୍ଦ୍ର ପ୍ରଧାନ ବିରୋଧ କରୁଥିଲେ। କାରଣ କୋଇଲା






ମାଫିଆଙ୍କ ସ୍ୱାର୍ଥରେ ଅଞ୍ଚ ଆସୁଥିଲା। କୋଇଲା ମାଫିଆଙ୍କୁ ସମର୍ଥନ କରି ସେ ଏତେ ମାତ୍ରାରେ ରାଗିଯାଉଥିଲେ ଯେ, ଭାରତ ସରକାରଙ୍କ କୋଇଲା ସଚିବ ଥିବା ଶ୍ରୀ ପାରଖଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଧମକ ଆଦି ଦେଉଥିଲେ। ଜଣେ ସିନିୟର ଏବଂ ସଚ୍ଚୋଟ ଆଇଏଏସ ହୋଇଥିବାରୁ ଏହାକୁ ସହ୍ୟ କରି ନପାରିବା ଯୋଗୁଁ ପ୍ରକାଶ ଚନ୍ଦ୍ର ପାରଖ ସଚିବ ପଦରୁ ଇସ୍ତଫା ପତ୍ର ଦେଇଥିଲେ। ଯାହା କି କୋଇଲା ମନ୍ତ୍ରାଳୟ, କ୍ୟାବିନେଟ ସେକ୍ରେଟାରୀ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ପରେ ଧର୍ମେନ୍ଦ୍ର ପ୍ରଧାନ ନିଜ କର୍ମ ପାଇଁ କ୍ଷମା ପ୍ରାର୍ଥନା ଭଳି ଚିଠି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲେଖିଥିବାର ପ୍ରମାଣ ସହିତ ଚିଠି ନମ୍ବର ଏବଂ ଚିଠିର ନକଲ ଏହି ପୁସ୍ତକରେ ରହିଛି। ଘଟଣାକୁ ପ୍ରମାଣ ସହ ରଖିବା ପାଇଁ ଶ୍ରୀ ପାରଖଙ୍କ ଦ୍ୱାରା ଲିଖିତ ଇସ୍ତଫା ଚିଠି, କ୍ୟାବିନେଟ୍ ସେକ୍ରେଟାରୀଙ୍କ ଚିଠି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଚିଠି ଆଦିର ସମସ୍ତ ନକଲ ଚିଠି ନମ୍ବର ସହ ବହିରେ ମହଜୁଦ ଅଛି। ଏହା ବର୍ତ୍ତମାନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆହୁରି ମଧ୍ୟ ପୁସ୍ତକରେ ଲେଖାଯାଇଛି ଯେ, ଶ୍ରୀ ପ୍ରଧାନ ଜମିହରା ପ୍ରଜାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦି ତାଙ୍କ ଚାକିରି ଏମସିଏଲ ଦେବା ପାଇଁ ମୋଟା ଅଙ୍କର ମୁନାଫା ଉଠାଉଥିଲେ। ଶ୍ରୀ ପାରଖଙ୍କ ପାଇଁ ଶ୍ରୀ ପ୍ରଧାନ ଜବାହର ଲାଲ ନେହେରୁଙ୍କ ଆଦର୍ଶର ସାହାରା ନେଉଥିଲେ। ତେଣୁ ପାରଖ ଆଶ୍ଚର୍ଯ୍ୟ ହୋଇ ଲେଖିଛନ୍ତି ଯେ, ନିଜ ଲାଭ ପାଇଁ ବିଜେପି ନେତା କଂଗ୍ରେସର ନୀତି ଆପଣାଉଥିଲେ। ତେଣୁ ଏମାନେ କେଉଁପରି ବିଜେପି। ରାଜନୀତି ସମୀକ୍ଷକଙ୍କ ମତରେ ଏବେ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କୁ ନେଇ ଯେଉଁ ଭାଷା, ଗାଳିଗୁଲଜ କରୁଛନ୍ତି, ତାହା ତାଙ୍କର ଜନ୍ମଗତ ରୋଗ ଅଟେ। ସାଧାରଣ ଲୋକେ ଏପରି ଚରିତ୍ରର ନେତାଙ୍କୁ କ'ଣ କହିବେ। କୋଇଲା ମାଫିଆ ବୋଲି ଡରିବେ। ଏଥିରୁ ପ୍ରମାଣ ହେଉଛି ଯେ, ଧର୍ମେନ୍ଦ୍ର ପ୍ରଧାନ ନିଜ ପକେଟ୍ ଗରମ ପାଇଁ ଦେଶ ତଥା ରାଷ୍ଟ୍ରୀୟ ସମ୍ପତ୍ତିର ହାନୀକରିବା ପାଇଁ ପଛାଇବେ ନାହିଁ। ବିଜେପିରେ ଥାଇ ଆଦର୍ଶହୀନ। ତାଙ୍କଠୁ ଲୋକେ ଆଶାକରିବେ କ'ଣ?

## ବିଜେପିରେ ଗୋଷ୍ଠୀକନ୍ଦଳ; ଏମ୍‌ସିଏଲ୍ ଅଧିକାରୀଙ୍କ କାର୍ଯ୍ୟ ସନ୍ଦେହଘେରରେ

'ଶିଖର ତକ୍ ସଂଘର୍ଷ ' ଅନୁବାଦ ପୁସ୍ତକଟିକୁ ଏମସିଏଲ୍, କଣିହାଁ କୋଇଲା ଖଣିରେ ଅବସ୍ଥାପିତ ରାଜସ୍ଥାନ ସିରୋହି ଅଧିବାସୀ କୋଲ ଇଣ୍ଡିଆ ଅଧିକାରୀ ଦିନେଶ କୁମାର ମାଳୀ ଲେଖିଛନ୍ତି। ଯିଏ କି ନିଜକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହପାଠୀ ବୋଲି ପରିଚୟ ଦେଇଥାନ୍ତି। ସେହି ପୁସ୍ତକଟିକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଉତ୍ସର୍ଗ କରାଯାଇଛି। ତେବେ କଥା ଆସୁଛି ଯେ, ପୁସ୍ତକଟିରେ କେନ୍ଦ୍ରୀମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମରେ ବିବାଦୀୟ କଥା ଥିଲେ ମଧ ଏହାକୁ ଶ୍ରୀ ମାଳୀ ଅନୁବାଦ କରି ଅଶ୍ୱିନୀ ବୈଷ୍ଣବଙ୍କୁ ଉସର୍ଗ କରିବା ତଥା ହଜାର ସଂଖ୍ୟାରେ ପୁସ୍ତକ ଲୋକଙ୍କୁ ବାଣ୍ଟିବା ଏବଂ ଆମାଜନ, ଫ୍ଲିପକାର୍ଟରେ ଉପଲବ୍ଧ କରାଇବା କିଛି ସାଧାରଣ କଥା ନୁହେଁ। ନିଶ୍ଚୟ କିଛି ଗହନ ବିଷୟ ଅଟେ। ଯଦିଓ ବହିରେ ପୁରୁଣା ତାରିଖ, ବର୍ଷ ଅଛି, ତେବେ ବି ସତ କ'ଣ ? ରାଜନୀତିରେ ସବୁ ସମ୍ଭବ ହୋଇପାରେ। ସମୀକ୍ଷକଙ୍କ ମତରେ କେନ୍ଦ୍ରରେ ବିଜେପି ସରକାର ଅଧୀନରେ କୋଇଲା ମନ୍ତ୍ରାଳୟ କାର୍ଯ୍ୟ କରୁଥିବା ସମୟରେ କେଉଁ ସାହାସ ନେଇ ଦିନେଶ କୁମାର ମାଳୀ ଏହି ପୁସ୍ତକ ଅନୁବାଦ କରି ବଣ୍ଟନ କରୁଛନ୍ତି ? ତାଙ୍କ ଆକା କିଏ ? ଶୁଣାଯାଏ ଯେ, ଏହି ପୁସ୍ତକ ଅନୁବାଦ କରି ବଣ୍ଟନ ପରେ ତାଙ୍କ ପ୍ରମୋସନ୍ ମଧ ମହାପ୍ରବନ୍ଧକ କାଟାଗୋରି ହୋଇଛି। ଉପରୁ ଆଶୀର୍ବାଦ ନ ଥିଲେ ଏହା ସମ୍ଭବ ନୁହେଁ। ସୂଚନାଯୋଗ୍ୟ ଯେ, ପୂର୍ବତନ କେନ୍ଦ୍ର କୋଇଲା ସଚିବ ପ୍ରକାଶ ଚନ୍ଦ୍ର ପାରଖ (ଆଇଏଏସ) ଙ୍କ ଦ୍ୱାରା ଲିଖିତ ମୂଳ ପୁସ୍ତକ ' କ୍ରୁଷେଡର୍ ଔର କନସ୍ପିରେଟର' ରେ ଯେଉଁ ବିଷୟ ନାହିଁ, ଏଥିରେ ଯୋଡ଼ାଯାଉଛି ବୋଲି ଅନୁମାନ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି, କ୍ୟାବିନେଟ୍ ସେକ୍ରେଟାରୀଙ୍କ ଚିଠି, କୋଇଲା ମନ୍ତ୍ରାଳୟ ଚିଠି, ପ୍ରକାଶ ଚନ୍ଦ୍ର ପାରଖଙ୍କ ଚିଠି ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି ଆଦି ପୁସ୍ତକରେ ଯୋଡ଼ାଯାଇଛି। ସରକାରୀ ଅଧିକାରୀ ହୋଇ ଡିପାର୍ଟମେଣ୍ଟାଲ ପର୍ମିସନ୍ ବିନା ରିଟାୟାର୍ଡ ଆଇଏଏସ ଅଫିସର ପ୍ରକାଶ ଚନ୍ଦ୍ର ପାରଖଙ୍କ ସାକ୍ଷାତକାର ନିଜେ ହାଇଦ୍ରାବାଦ ଯାଇ ଦିନେଶ କୁମାର ମାଳୀ ନେଇ ଏଭଳି ଅନେକ ଖୁଲାସା କରିଛନ୍ତି।

## ଜାଲ୍ ସାର୍ଟିଫିକେଟରେ ସରକାରୀ ଚାକିରି ମାମଲା

# ସିପାହୀ ଚାକିରିରୁ ବହିଷ୍କୃତ ଦୁଇ ଭାଇଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ

**ଜୟପୁର,୨୨ା୫(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଭିଜିଲାନ୍ସ କୋର୍ଟରେ ଦୀର୍ଘ ୨୭ ବର୍ଷ ପୁରାତନ ମାମଲାର ରାୟ ପ୍ରକାଶ ପାଇଛି। ୧୯୯୭ ମସିହାରେ ଜାଲ୍ ମ୍ୟାଟ୍ରିକ ସାର୍ଟିଫିକେଟ୍ ଏବଂ କ୍ରୀଡ଼ା ସାର୍ଟିଫିକେଟ୍ ପ୍ରଦାନ କରି କୋରାପୁଟ ସ୍ଥିତ ରାଜ୍ୟ ସଶସ୍ତ୍ର ସୁରକ୍ଷା ବଳର ତୃତୀୟ ବାଟାଲିୟନ (ଓଏସ୍‌ଏପି) ରେ ସିପାହୀ ଚାକିରି କରୁଥିବା ଅଭିଯୋଗରେ ଚାକିରିରୁ ବହିଷ୍କୃତ ଦୁଇ ଅଭିଯୁକ୍ତ ଭାଇ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଭାଇ ହେଲେ ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଗିରିଧାରୀ ପ୍ରସାଦ ଗ୍ରାମର ଆଦିତ କୁମାର ବିଶ୍ୱାଳ (୪୯) ଏବଂ ଅଜିତ କୁମାର ବିଶ୍ୱାଳ (୪୭)। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ପାଇଁ ଆବଶ୍ୟକ ପ୍ରମାଣ ଅଭାବରୁ ଅନ୍ୟ ୫ ଅଭିଯୁକ୍ତ କଟକ ଜିଲ୍ଲା ବଡ଼ମ୍ବା ଥାନା ଶଙ୍ଖମାରି ଗ୍ରାମର ପ୍ରଶାନ୍ତ କୁମାର ଜେନା (୫୦), କିଶୋର ଚନ୍ଦ୍ର ରାଉତରାୟ (୫୧), ବସନ୍ତ କୁମାର ମହାନ୍ତି (୫୫), ଅନୁଗୁଳ ଜିଲ୍ଲା କଣିହାଁ ଥାନା ଡେରାଙ୍ଗ ଗ୍ରାମର ପ୍ରଶନ୍ନ କୁମାର ନାୟକ (୬୩), ଢେଙ୍କାନାଳ ଜିଲ୍ଲା ବନ୍ତାଳ ଥାନା ପୁରୁଣାଗଡ଼ ଗ୍ରାମର ଦିଲ୍ଲୀପ କୁମାର ଭଞ୍ଜ (୫୩) ଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛି। ମଙ୍ଗଳବାର ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ଏହି ମାମଲାର ବିଚାରଣ କରିବା ସହିତ ତାଙ୍କ ରାୟରେ ଅଭିଯୁକ୍ତ ଦୁଇ ଭାଇ ଆଦିତ ଏବଂ ଅଜୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୩ ମାସ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ ହେବେ।

**ଅନ୍ୟ ୫ ଜଣ ନିର୍ଦ୍ଦୋଷରେ ଖଲାସ**

ପ୍ରାପ୍ତ ସୂଚନା ଅନୁଯାୟୀ, କୋରାପୁଟ ସ୍ଥିତ ଓଏସ୍‌ଏପି ତୃତୀୟ ବାଟାଲିୟନରେ ୧୯୯୬ ଫେବୃଆରୀ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପୁଲିସ ମୁଖ୍ୟାଳୟର ନିର୍ଦ୍ଦେଶ କ୍ରମେ ସିପାହୀ ନିଯୁକ୍ତି ନେଇ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇ ଭାଇ ଜାଲ୍ ମ୍ୟାଟ୍ରିକ୍ ପାସ୍ ଏବଂ କ୍ରୀଡ଼ା ସାର୍ଟିଫିକେଟ୍ ପ୍ରଦାନ କରିବା ସହିତ ଚାକିରି ହାସଲ କରିବାରେ ସଫଳ ହୋଇଥିଲେ। ଏନେଇ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କ୍ରମେ ଭିଜିଲାନ୍ସ ବିଭାଗ ପକ୍ଷରୁ ୧୯୯୭ ଜାନୁଆରୀ ୨୦ ତାରିଖରେ ଏକ ମାମଲା ରୁଜୁ କରିଥିଲେ। ଯାଞ୍ଚ ବେଳେ ଅଭିଯୁକ୍ତ ଦୁଇଜଣ ଜାଲ୍ ସାର୍ଟିଫିକେଟ୍ ପ୍ରଦାନ କରିଥିବା ଯୋଗୁଁ ସିପାହୀ ଚାକିରିରୁ ବହିଷ୍କୃତ ହୋଇଥିଲେ। କିନ୍ତୁ ଏହି ମାମଲାରେ ଦୁଇ ଦୋଷୀଙ୍କ ସମେତ ସମୁଦାୟ ୭ ଜଣଙ୍କ ବିରୋଧରେ ଠକାମୀ ଏବଂ ଅନ୍ୟାନ୍ୟ ୩ଟି ଫୌଜଦାରୀ ଦଫାରେ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶଶିଧର ପଟ୍ଟନାୟକ ଏହି ମାମଲା ପରିଚାଳନା କରିଥିଲେ।

## ଗଢ଼ାଚାଲିଛି ତିନିରଥ...

# ଗୁଜ ଅନୁକୂଳ ହେଲା, ରଥଖଳାକୁ ପ୍ରବେଶ କଲେ ରୂପକାର



**ପୁରୀ, ୨୨ା୫(ସମିସ):** ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ମହାରଣା, ଭୋଇ, କମାର, କରତି ପ୍ରମୁଖ ସେବକମାନେ ରଥ ଗଢିବାରେ ନିମଗ୍ନ ରହିଛନ୍ତି। ବିଧି ମୁତାବକ ରଥ ନିର୍ମାଣ ଚାଲିଛି। ପରମ୍ପରା ଅନୁଯାୟୀ, ପବିତ୍ର ନୃସିଂହ ଚତୁର୍ଦ୍ଦଶୀରେ ବୁଧବାର ରଥଖଳାରେ ଗୁଜ ଅନୁକୂଳ କରାଯାଇଛି। ଏଥିସହ ରଥଖଳାକୁ ରୁପକାର ସେବକମାନେ ପ୍ରବେଶ କରିଛନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଯନ୍ତା ଗାଡ଼ ଖୋଳିଛନ୍ତି ଭୋଇ ସେବକ। ଗୁଜ ଅନୁକୂଳ ପାଇଁ ମଙ୍ଗଳବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ରଥଖଳାରେ ତିନିରଥ ଲାଗି ୧୨ ଫୁଟିଆ ଧଉରା କାଠ ପକାଇଥିଲେ। ବୁଧବାର ତିନିରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର, ନରସିଂହ ମହାପାତ୍ର ଓ କୃଷ୍ଣଚନ୍ଦ୍ର ମହାରଣା ନଡ଼ିଆ ଭାଙ୍ଗି ଅନୁକୂଳ ପୂଜା କରିଥିଲେ। ଗୁଜ ପାଇଁ ପକାଯାଇଥିବା କାଠ ଉପର ଅଂଶକୁ ବାରିସୀରେ ହାଣି ଚଉପଟ କରିଥିଲେ। ଏହାପରେ ତିନିରଥର ମୁଖ୍ୟ ରୂପକାର ସେବକ ଗୁଜ କାଠରେ ନଡ଼ିଆ ବାଡେଇ ଅନୁକୂଳ କରିଥିଲେ। ଅନ୍ୟ ରୂପକାରଙ୍କ ଉପସ୍ଥିତିରେ ତିନିରଥର ମୁଖ୍ୟ ରୂପକାର ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ କରି କୋଣଗୁଜ ନିର୍ମାଣ ଶୁଭ ଅନୁକୂଳ ସମ୍ପନ୍ନ କରିଥିଲେ। ଏଥିସହ ତିନିରଥର ମହାରଣାମାନେ ୨ଟି ଲେଖାଏ ଚକ ପାଇଁ ଆବଶ୍ୟକ ଅର ପ୍ରସ୍ତୁତ କରିବା ସହ ଗୁଜ ଚଉପଟ କରିଛନ୍ତି। ଦୋଳବେଦୀ କୋଣା ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଅରକଣ୍ଟା, ପଦ୍ଦାରୀ ନିର୍ମାଣ କରୁଛନ୍ତି।

**ଯନ୍ତା ଗାଡ଼ ଖୋଳିଲେ ଭୋଇ ସେବକ**

# କବି ସୁନୀଲ ପୃଷ୍ଟିଙ୍କ ପରଲୋକ

**ଭୁବନେଶ୍ୱର, ୨୨ା୫(ସମିସ):** କବି ତଥା ସମ୍ପାଦକ ସୁନୀଲ କୁମାର ପୃଷ୍ଟିଙ୍କର ବୁଧବାର ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସକାଳେ ତାଙ୍କ ଦେହ ଅସୁସ୍ଥ ହେବାରୁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଶେଷ ସମୟରେ ତାଙ୍କ ନିକଟରେ ପତ୍ନୀ ଅଧ୍ୟାପିକା ଗୀତା ଦୀକ୍ଷିତ, ପୁତ୍ର ସୃଜନ ସାରସ୍ୱତ ଉପସ୍ଥିତ ଥିଲେ।



ସୁନୀଲ ପୃଷ୍ଟି ୧୯୬୩ ମସିହାରେ ବରଗଡ଼ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବାବେଳେ ରାୟଗଡ଼ାରେ ଶିକ୍ଷାଗ୍ରହଣ କରିବା ପରେ ଅଧ୍ୟାପନାରେ ଯୋଗ ଦେଇଥିଲେ। ପରେ ସାହିତ୍ୟରେ ମନୋନିବେଶ କରିଥିଲେ। ତାଙ୍କ ରଚିତ ଚିହ୍ନା ଚିହ୍ନା ନିର୍ଜନତା, ଦେହଦେଉଳ, ପୁଅ ପାଇଁ ପ୍ରାର୍ଥନା, ତନୁଲତାର କବିତା, ଅସଫଳ କବିତା ଆଦି କବିତା ଗ୍ରନ୍ଥଗୁଡ଼ିକ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ପରେ ତାଙ୍କର ନିର୍ବାଚିତ କବିତା ସଂକଳନ 'ପାଞ୍ଚଟି ପୃଥିବୀ' ମଧ ପ୍ରକାଶିତ ହୋଇଛି। ପତ୍ରିକା ସମ୍ପାଦନା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଗୁଣବତ୍ତା ଓ ମନନଶୀଳତା ତାଙ୍କ ସମ୍ପାଦନାର ମୂଳକଥା ଥିଲା। ସେ ପ୍ରଥମେ 'ନବଲିପି' ସାହିତ୍ୟ ପତ୍ରିକା ଓ ପରେ 'ଅନୁପମ ଭାରତ' ଦୈନିକ ଓ 'ସଚିତ୍ର ବିଜୟା'ରେ ଯୋଗଦେଇ ସମ୍ପାଦନା କ୍ଷେତ୍ରରେ ନିଜକୁ ପ୍ରତିପାଦିତ କରିଥିଲେ। ଏହି ସମୟରେ 'ଜହ୍ନମାମୁଁ' ପତ୍ରିକା ପାଇଁ ମଧ କାର୍ଯ୍ୟ କରିଥିଲେ। ସେହିପରି 'ସାହିତ୍ୟ ପୃଥିବୀ'ର ସମ୍ପାଦନା ଦାୟିତ୍ୱ ତୁଲାଇବା ସହ ମାସିକ ପତ୍ରିକା 'ଶିଶିର' ସହ ଯୋଡ଼ି ହୋଇଥିଲେ। ନିଜର ସାହିତ୍ୟକୃତି ପାଇଁ ଶ୍ରୀ ପୃଷ୍ଟି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ବହୁ ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି। ଅଜସ୍ର ପାଠକୀୟ ଶ୍ରଦ୍ଧା ତାଙ୍କ ଚରନାକୁ ସ୍ମରଣୀୟ ରଖିଛି। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ମହାପ୍ରଭୁଙ୍କ ପ୍ରତି ସମ୍ବିତ ପାତ୍ରଙ୍କ ଅପମାନସୂଚକ ମନ୍ତବ୍ୟ

# ଓଡ଼ିଆ ଅସ୍ମିତା ସହ ଖେଳୁଛି ବିଜେପି

**ପୁରୀ, ୨୨ା୫(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ପୁରୀ ବିଜେପି ସାଂସଦ ପ୍ରାର୍ଥୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବିଶ୍ୱନିୟନ୍ତାଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରଘାତ କରିଛି। ଏହାକୁ ନେଇ ସବୁବର୍ଗର ଲୋକେ ସମ୍ବିତଙ୍କୁ ସମାଲୋଚନା କରୁଥିବା ବେଳେ ବିଜେଡି କହିଛି ଓଡ଼ିଆ ଅସ୍ମିତା ସହ ଖେଳୁଛି ବିଜେପି। ଓଡ଼ିଆ ଜାତିର ସବୁଠୁ ବଡ଼ ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କୁ ନେଇ ବିଜେପି ଯେଉଁ ରାଜନୀତି କରୁଛନ୍ତି ଓଡ଼ିଶାବାସୀ ଏହାର ଜବାବ ଦେବେ। ବୁଧବାର ପୁରୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ତଥା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ଜଗନ୍ନାଥ ସମଗ୍ର ଓଡ଼ିଆ ଜାତିର ଆରାଧ୍ୟ ଦେବତା। ଆମ ଓଡ଼ିଆ ଜାତିର ପରିଚୟ। ଜଗନ୍ନାଥଙ୍କୁ ନେଇ ବିଜେପି ଯେଉଁ ରାଜନୀତି କରୁଛି ତାହାକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ ମଧ କମ୍ ହେବ। ଗୋଟିଏ ଲମ୍ବା ସମୟ ଧରି (ଗତ ନିର୍ବାଚନଠାରୁ ଆଜି ପର୍ଯ୍ୟନ୍ତ) ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବ୍ୟବହାର କରି ଯେଉଁମାନେ ରାଜନୀତିର ରୁଟି ସେକୁଛନ୍ତି ତାଙ୍କୁ ଓଡ଼ିଆ ଜାତି ବିଶେଷକରି କୋଟି କୋଟି ଜଗନ୍ନାଥପ୍ରେମୀ କେବେ କ୍ଷମା ଦେବେ ନାହିଁ। ପରିକ୍ରମା ପ୍ରକଳ୍ପ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ସ୍ୱପ୍ନର ପ୍ରକଳ୍ପ, ଯାହା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ। ଯେତେବେଳେ ଏହି ମହାର୍ଘ କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ବିଜେପିର ନେତାମାନେ ଏହାକୁ ବିରୋଧ କଲେ। ସେମାନଙ୍କ ଗୋଟିଏ ଲକ୍ଷ୍ୟ ଥିଲା କାମ କରିବୁନି କି କରାଇ ଦେବୁନି। ଏମିତି ବି ଘଟଣା ଘଟିଲା ମୁଖ୍ୟମନ୍ତ୍ରୀ ଯେତେବେଳେ ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଆସିଥିଲେ ସେତେବେଳେ ପୁରୀରେ ଅଣ୍ଡାମାଡ଼ କରାଯାଇଥିଲା। ଯାହାକୁ ସମସ୍ତେ ନିନ୍ଦା କରିଛନ୍ତି। ପରିକ୍ରମା ପ୍ରକଳ୍ପକୁ ବନ୍ଦ କରାଇବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ତାହା ବିଫଳ ହେଲା। ପରିକ୍ରମା ପ୍ରକଳ୍ପ ସଫଳତାର ସହ ଲୋକାର୍ପିତ ହେଲା।

- **ଓଡ଼ିଆ ଜାତିର ସବୁଠୁ ବଡ଼ ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥ**
- **ମହାପ୍ରଭୁଙ୍କୁ ନେଇ ରାଜନୀତିର ଜବାବ ଦେବେ ଓଡ଼ିଶାବାସୀ**

ପରିକ୍ରମା ପ୍ରକଳ୍ପ ଯଦି ଖରାପ ତେବେ ତାଙ୍କ ଘୋଷଣା ପତ୍ରରେ ଏହାକୁ ବନ୍ଦ କରିଦେବା ପାଇଁ କହିବାରୁ ସେମାନେ କଥା ବଦଳାଇବା ଆରମ୍ଭ କରିଥିଲେ। ବିଜେପିର ଭୁବନେଶ୍ୱର ସାଂସଦ ହୁଅନ୍ତୁ କିମ୍ବା ପୁରୀର ସାଂସଦ ପ୍ରାର୍ଥୀ ପରିକ୍ରମା ପ୍ରକଳ୍ପ ବିରୋଧରେ ସେମାନେ ଧାରଣା ଦେଇଥିଲେ। ବର୍ତ୍ତମାନ ପରିକ୍ରମା ପ୍ରକଳ୍ପକୁ ନେଇ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର। ଆଜି ବିଜେପିର ନେତାମାନେ ଓଡ଼ିଶାର ଅସ୍ମିତା କଥା କହୁଛନ୍ତି। ଏହି ପବିତ୍ର ମାଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନ କରି ଯେଉଁ ମନ୍ତବ୍ୟ ଦିଆଗଲା ଏହା କେଉଁ ଓଡ଼ିଆ ଅସ୍ମିତାର ପରିଚୟ? ଯେଉଁ କଥାକୁ ଆଉ ଦ୍ୱିତୀୟଥର ତୁଣ୍ଡରେ ଧରିବା ଆମେ ଠିକ୍ ବୋଲି ଭାବୁନାହୁଁ। ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି,





ସେମାନଙ୍କର ଅସଲ ରୂପ ଆଚରଣ ଏବଂ ଉଚ୍ଚାରଣରେ ଧରାପଡ଼ିଯାଇଛି। ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କୁ ନେଇ ବିଜେପି ନେତା ଓଡ଼ିଶାବାସୀଙ୍କ ଭାବାବେଗ ଏବଂ ଓଡ଼ିଆ ଅସ୍ମିତା ସହ ଖେଳୁଛନ୍ତି। ରାଜ୍ୟବାସୀ ଭୋଟ ମାଧ୍ୟମରେ ଏହାର ଜାବବ ଦେବେ। ଆନ୍ତର୍ଜାତୀୟ ବିମାନବନ୍ଦରଠାରୁ ଆରମ୍ଭ କରି ପୁରୀକୁ ନେଇ ଯେଉଁ ଅର୍ଥନୈତିକ କରିଡ଼ର କରିବାକୁ ମୁଖ୍ୟମନ୍ତ୍ରୀ ପରିକଳ୍ପନା କରିଛନ୍ତି ତାହାକୁ ବାସ୍ତବ ରୂପ ଦେବା ପାଇଁ ଏବଂ ପୁରୀ ତଥା ଜିଲ୍ଲାର ବିକାଶକୁ ଅଧିକ ଗତିଶୀଳ କରିବା ପାଇଁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ ଶ୍ରୀ ଦାସବର୍ମା।

ସେହିପରି ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, କୋଟି କୋଟି ଓଡ଼ଆଙ୍କ ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ। କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟରେ ନିଜକୁ ଉଚ୍ଚା ଦେଖାଇବା ପାଇଁ ସମ୍ବିତ ପାତ୍ର ମହାପ୍ରଭୁଙ୍କୁ ମୋଦୀଙ୍କ ଭକ୍ତ କରିଦେଲେଣି। ପରିକ୍ରମା ପ୍ରକଳ୍ପକୁ ବନ୍ଦ କରିବା ଲାଗି ଏନ୍‌ଏମ୍‌ଏ ଏବଂ ଏଏସ୍‌ଆଇ ଛିଡା କରିଛନ୍ତି। ଏପରି କି ଆଇନଗତ ବିବାଦରେ ଛନ୍ଦି ଏହାକୁ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି। ଫଳ ହେଲା କ'ଣ ? ମହାପ୍ରଭୁଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀଙ୍କ ଉପରେ ଥିବାରୁ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେଲା। ସେ ଜାଣିବା ଦରକାର ମହାପ୍ରଭୁ ହେଉଛନ୍ତି ଜୀବନ୍ତ ଠାକୁର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଯିଏ ଆକ୍ଷେପ କରିଛି ଦଇବି ଚଡ଼କ ପଡ଼ିଛି। ଆସନ୍ତା ୨୫ ତାରିଖରେ ଓଡ଼ିଶାର ଜନସାଧାରଣ ବାଲାଟ୍ ପେପରରେ ଏହା ଦେଖାଇଦେବେ। ବିଜେପି ଜଗନ୍ନାଥଙ୍କୁ ନେଇ ଯେଉଁ ରାଜନୀତି କରୁଛି ଓଡ଼ିଶାବାସୀ ଏହାର ଉଚିତ୍ ଜାବବ ଦେବେ। ଯେଉଁ କୁଚକ୍ରୀ ଗୋଷ୍ଠୀ ଶ୍ରୀକ୍ଷେତ୍ର ପୁରୀର ବିକାଶ ଏବଂ ପରିକ୍ରମା ପ୍ରକଳ୍ପକୁ ବିରୋଧ କରୁଥିଲେ ସେମାନଙ୍କୁ ସାଢେ ଚାରିକୋଟି ଓଡ଼ିଶାବାସୀ କେବେ କ୍ଷମା ଦେବେ ନାହିଁ ବୋଲି ଶ୍ରୀ ଖୁଣ୍ଟିଆ କହିଥିଲେ। ଏହି ଅବସରରେ ବିଜେଡିର ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ THE SAKALA

# ଓଡ଼ିଶାରେ ସ୍ୱାସ୍ଥ୍ୟସେବାର ନବୀନ ଯୁଗ

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାକୁ ଓଡ଼ିଶା କାର୍ଯ୍ୟକାରୀ କରି ନ ଥିବାରୁ ପ୍ରଧାନମନ୍ତ୍ରୀଙ୍କ ସମେତ ଅଧିକାଂଶ କେନ୍ଦ୍ରୀୟ ନେତା ଏହାକୁ ଏକ ନିର୍ବାଚନ ପ୍ରସଙ୍ଗ କରିବାକୁ ଉଦ୍ୟମ କରିଆସୁଛନ୍ତି। ସ୍ୱାସ୍ଥ୍ୟ ଯୁଗ୍ମ ତାଲିକାର ବିଷୟ ଏବଂ ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟଙ୍କର ମିଳିତ ଦାୟିତ୍ୱ ରହିଛି। ସମ୍ବିଧାନ ଅନୁସାରେ ଯୁଗ୍ମ ତାଲିକାରେ କେନ୍ଦ୍ରର ପ୍ରଭୁତ୍ୱ ଅଗ୍ରାଧିକାର ପାଉଥିଲେ ମଧ୍ୟ ସଂଘୀୟ ବ୍ୟବସ୍ଥା ରାଜ୍ୟର ପ୍ରୟାସକୁ ସୁରକ୍ଷିତ ରଖିଛି। କେବଳ ଓଡ଼ିଶା ନୁହେଁ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ଭଳି ଏକାଧିକ ରାଜ୍ୟ ନିଜସ୍ୱ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଯାହା ଆୟୁଷ୍ମାନ ଭାରତ ଯୋଜନାଠାରୁ ଭଲ। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ତୁଳନାତ୍ମକ ଭାବେ ହିତାଧିକାରୀଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଉଛି।

ବିଏସ୍‌କେୱାଇରେ ପୁରୁଷ ଓ ମହିଳା ହିତାଧିକାରୀମାନଙ୍କୁ ଯଥାକ୍ରମେ ପାଞ୍ଚ ଓ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ରାଜ୍ୟ ତଥା ଦେଶର ବଛା ବଛା ହସ୍‌ପିଟାଲ୍‌ରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ କାର୍ଡଧାରୀ ଏହି ଯୋଜନାରେ କ୍ୟାସ୍‌ଲେସ୍(ମାଗଣା) ଚିକିତ୍ସା ସୁବିଧା ପାଉଛନ୍ତି। ଏହି ଯୋଜନାର ପରିସରକୁ ବଢ଼ାଇ ଏଥିରେ ମଧ୍ୟବିତ୍ତ ବର୍ଗ, ସରକାରୀ ଚାକିରିଆ ଓ ଆଉ କେତେକ ଶ୍ରେଣୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ରାଜ୍ୟ ସରକାର ମଧ୍ୟ କିଛିଦିନ ପୂର୍ବେ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ତୁଳନାତ୍ମକ ଭାବେ ଦେଖିଲେ ଏହା ଆୟୁଷ୍ମାନ ଭାରତ ଯୋଜନାଠାରୁ ଯଥେଷ୍ଟ ଭଲ। ଓଡ଼ିଶାର କ୍ୟାସଲେସ୍ ସ୍ୱାସ୍ଥ୍ୟସେବା ଓ ଗରିବ ହିତାଧିକାରୀଙ୍କ ନିମନ୍ତେ ଏହା ଏକ ଅତ୍ୟନ୍ତ ଉପାଦେୟ ଯୋଜନା(ଗେମଚେଞ୍ଜର)। ତେଣୁ ଅପେକ୍ଷାକୃତ ଏକ ନିକୃଷ୍ଟ ଯୋଜନାକୁ ଓଡ଼ିଶା କାର୍ଯ୍ୟକାରୀ କରୁ ନ ଥିବାରୁ ସେଥିପାଇଁ ରାଜ୍ୟ ସରକାର ଓ ଏହାର ମୁଖ୍ୟଙ୍କୁ କେନ୍ଦ୍ରୀୟ ନେତାମାନେ ନିଶାଣ କରିବା ଦୁର୍ଭାଗ୍ୟଜନକ ତଥା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ।

ବିଗତ ୨୪ ବର୍ଷ ମଧ୍ୟରେ ବିଜେଡିର ସ୍ଥିର ଶାସନ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱ ବଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାରେ ବହୁତକିଛି ଉନ୍ନତି ଘଟିଛି। ୨୦୦୦ ମସିହା ପୂର୍ବରୁ ଓଡ଼ିଶା ଦେଶର ସବୁଠୁ ଗରିବ ରାଜ୍ୟ ଥିଲା ଏବଂ ଶିଶୁ ଓ ମାତୃମୃତ୍ୟୁ ହାରରେ ଏହା ଥିଲା ଦେଶର ଏକନମ୍ବର ରାଜ୍ୟ। ଆଜି ସେ ସ୍ଥିତି ନାହିଁ। ଓଡ଼ିଶାରେ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ କମିଛି। ୨୦୧୫-୧୭ ରେ ରାଜ୍ୟରେ ମାତୃ ମୃତ୍ୟୁହାର ୧୦୦୦ ପ୍ରସବ ପିଛା ୧୧୯ କୁ ହ୍ରାସ ପାଇଛି। ପରବର୍ତ୍ତୀ କାଳର ତଥ୍ୟ ସରକାରୀ ଭାବେ ପ୍ରକାଶ ପାଇନାହିଁ। ତଥାପି ଏ କ୍ଷେତ୍ରରେ ଓଡ଼ିଶା ଯଥେଷ୍ଟ ଉନ୍ନତି କରିଛି ଓ ରାଜ୍ୟରେ ମାତୃ ମୃତ୍ୟୁହାର ଜାତୀୟ ହାର(୧୦୦୦/ ୯୭)ର ସମକକ୍ଷ ବା ତଳକୁ ଆସିବାକୁ ପ୍ରୟାସ ଚଳାଇଛି। ଶିଶୁମୃତ୍ୟୁ ହାର ମଧ୍ୟ ୨୦୨୦ରେ ଓଡ଼ିଶାରେ ୧ ହଜାର ପିଛା ୩୬ରେ ପହଞ୍ଚିଥିଲା। ଏ କ୍ଷେତ୍ରରେ ଜାତୀୟ ମୃତ୍ୟୁହାର ୩୨। ଜାତୀୟ ପରିବାର ସ୍ୱାସ୍ଥ୍ୟ ନମୁନା ସର୍ଭେ ଅନୁସାରେ ଓଡ଼ିଶାରେ ଶିଶୁମାନଙ୍କ ରକ୍ତହୀନତା ସମସ୍ୟା ହ୍ରାସ ପାଇ ୨୦୨୩ରେ ୩୫.୨%ରେ ପହଞ୍ଚିଛି। ୨୦୨୧ରେ ଏହା ୬୪ ଶତାଂଶ ଉପରେ ଥିଲା। ରାଜ୍ୟରେ ସବୁପ୍ରକାର ଟିକା ନେଇଥିବା ଶିଶୁଙ୍କ ଅନୁପାତ ୯୦.୫ ଶତାଂଶ ଯାହା ଦେଶରେ ସର୍ବାଧିକ। ସେହିଭଳି କୁପୋଷଣ ଷ୍ଟଣ୍ଟିଂରେ ଓଡ଼ିଶା ଶିଶୁଙ୍କ ହାର ୩୧ ଶତାଂଶ ଥିବା ବେଳେ ଏହାର ଜାତୀୟ ହାର ୩୫.୫ ଶତାଂଶ। ଓଡ଼ିଶାରେ ଏବେ ୯୨.୫ ଶତାଂଶ ଗର୍ଭବତୀ ଆନୁଷ୍ଠାନିକ ପ୍ରସବ ସୁବିଧା ଲାଭ କରୁଥିବା ବେଳେ ଏହାର ଜାତୀୟ ହାର ୮୮.୬%।

ସଂକ୍ଷେପରେ କହିଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଅନେକ ଯୋଜନା ସଫଳତାର ସହିତ କାର୍ଯ୍ୟକାରୀ କରି ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିପାରିଛି। ନିରାମୟ ଯୋଜନାରେ ସବୁ ରୋଗୀଙ୍କୁ ସରକାରୀ ଡାକ୍ତରଖାନାରେ ମାଗଣା ଚିକିତ୍ସା ସହିତ ଔଷଧ ଯୋଗାଇ ଦିଆଯାଉଛି। ରୋଗୀଙ୍କ ପାଇଁ ମାଗଣା ଡାଏଲିସିସ ସୁବିଧା 'ସହାୟ' ଯୋଜନାରେ ସରକାରୀ ହସ୍ପିଟାଲରେ ମିଳୁଛି। କଟକ ବଡ଼ ମେଡିକାଲରେ ଏବେ 'ଲିଭର' ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହାଫଳରେ ରୋଗୀ ପ୍ରାୟ ୨୫ ଲକ୍ଷ ଟଙ୍କା ବଞ୍ଚାଇପାରିବେ।

'ଆମ ହସ୍ପିଟାଲ' ଯୋଜନାରେ ଓଡ଼ିଶା ସରକାର କଟକର ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ, ବ୍ରହ୍ମପୁରର ଏମ୍‌କେସିଜି, ବୁର୍ଲାର ଭୀମସାର ଓ ରାଉରକେଲାର ଆଇଜିଏଚର ଉନ୍ନତି ବିଧାନ, କଟକର ଏସ୍‌ସିବିକୁ ଏମ୍ସ ପ୍ଲସରେ ରୂପାନ୍ତରଣ ଆଦି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରାଜ୍ୟରେ ଏବେ ମେଡିକାଲ କଲେଜ ସଂଖ୍ୟା ୩ ରୁ ୧୩ରେ ପହଞ୍ଚିଛି ଓ ଏକ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ କରିଛି। ଆହୁରି କେତେକ ମେଡିକାଲ କଲେଜ ନିର୍ମାଣାଧୀନ ସ୍ଥିତିରେ ଅଛି। ଏହାଫଳରେ ରାଜ୍ୟରେ ଡାକ୍ତରଙ୍କ ଅଭାବ ଖୁବ୍‌ଶୀଘ୍ର ଦୂର ହେବ। ସେହିଭଳି ଚିକିତ୍ସା ସହାୟକ ଓ ନର୍ସମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ସରକାରୀ ତଥା ଘରୋଇ ଉଦ୍ୟମରେ ଶିକ୍ଷାନୁଷ୍ଠାନମାନ ଖୋଲାଯାଇଛି।

ନିର୍ଦ୍ଦିଷ୍ଟ ଭାବେ ବିଗତ ପାଞ୍ଚବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାରେ ଏକ ବିପ୍ଳବ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାରୀ ଆମ୍ବୁଲାନ୍ସ ସେବା ପ୍ରବର୍ତ୍ତନ, ଅଗମ୍ୟ ଇଲାକାରେ ଏୟାର ଆମ୍ବୁଲାନ୍ସ ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଣ, ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୃଷ୍ଟି ଆଦି ଫଳରେ ଲୋକେ ସହଜରେ ଚିକିତ୍ସା ପାଉଛନ୍ତି। ସ୍ୱାସ୍ଥ୍ୟଭଳି ସମସ୍ୟାବହୁଳ କ୍ଷେତ୍ରରେ ସଫଳତା ପାଇବା କଷ୍ଟସାଧ୍ୟ। ଯେତେବେଳେ ରାଜ୍ୟରେ ଆଦିବାସୀ, ଦଳିତ, ଅନଗ୍ରସର ଓ ଗରିବ ଲୋକଙ୍କ ସଂଖ୍ୟା ଅଧିକ ଥାଏ ଓ ବିଭିନ୍ନ ଐତିହାସିକ କାରଣରୁ ଗୋଟିଏ ରାଜ୍ୟ ପଛରେ ପଡ଼ିଯାଇଥାଏ, ସେତେବେଳେ ଏ କ୍ଷେତ୍ରରେ ସଫଳତା ପାଇବା ଏବଂ ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିବା ଅନସ୍ୱୀକାର୍ଯ୍ୟ ଉପଲବ୍ଧି।

ଏଠାରେ ଉଲ୍ଲେଖନୀୟ ଯେ କୋଭିଡ୍ ମହାମାରୀ ସମୟରେ ଓଡ଼ିଶା କୋଭିଡ୍ ପରିଚାଳନା କ୍ଷେତ୍ରରେ ସଫଳତା ଅର୍ଜନ କରିଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ତଥା ବଡ଼ ସହରମାନଙ୍କରେ ବିଶେଷ କୋଭିଡ୍ ଚିକିତ୍ସାଳୟର ଆଶୁ ବ୍ୟବସ୍ଥା କରାଯାଇ ମହାମାରୀ ନିୟନ୍ତ୍ରଣ ଦିଗରେ ସଫଳକାମ ହୋଇଥିଲା। ଏ ଦିଗରେ ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ରାଜ୍ୟକୁ ଓଡ଼ିଶା ଜୀବନରକ୍ଷକ ଅକ୍ସିଜେନ୍ ଗ୍ୟାସ ଯୋଗାଣ ବହୁଳ ମାତ୍ରାରେ କରିପାରିଥିଲା। ଓଡ଼ିଶାରେ ବିଭିନ୍ନ ଇସ୍ପାତ୍ କାରଖାନା ଆଦିରେ ବଳକା ଅକ୍ସଜେନ୍ ଗଚ୍ଛିତ ହୋଇ ରହୁଥିବାରୁ ବିଶେଷ ରେଳ ସେବା, ଉଡ଼ାଜାହାଜ ପରିବହନ ଓ ସଡ଼କ ପରିବହନ ମାର୍ଗରେ ଦିନରାତି ଅକ୍ସିଜେନ୍ ଯୋଗାଣ ଅବ୍ୟାହତ ରହିଥିଲା। ବିଶେଷକରି ଓଡ଼ିଶା ଭିତରେ ଅକ୍ସଜେନ୍ ଚାହିଦାକୁ ପୂରଣ କରିସାରିବା ପରେ ଏଭଳି ପଦକ୍ଷେପ ନିଆଯାଇପାରିଥିଲା। ଏ ସମ୍ବନ୍ଧରେ ଓଡ଼ିଶାର ସଫଳ ସେବା ଯୋଗାଣକୁ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ସରକାର ଉଚ୍ଚପ୍ରଶଂସା ମଧ୍ୟ କରିଥିଲେ। ସେହିଭଳି କୋଭିଡ୍ ପ୍ରତିଷେଧକ ଟିକାଦାନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ବେଶ୍ ସଫଳତା ଲାଭ କରିଥିଲା। ନିକଟ ଭବିଷ୍ୟତରେ ଓଡ଼ିଶାରେ ବିଭିନ୍ନ ପ୍ରକାର ପ୍ରତିଷେଧକ ଟିକା ଉତ୍ପାଦନ ନିମନ୍ତେ ପ୍ରକଳ୍ପ ଯୋଜନା ମଧ୍ୟ ଆରମ୍ଭ କରାଯାଇଛି।

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବାକୁ ଆହୁରି କିଛି କରିବାକୁ ବାକି ଅଛି ଓ ଏହା ସ୍ୱୀକାର୍ଯ୍ୟ। ତେବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିଛି ହୋଇନାହିଁ କହିବା ଅସୂୟା ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଅପରକୁ ସମାଲୋଚନା କରିବା ସହଜ। ମିଛ କଥା କହି ଲୋକଙ୍କୁ ଯେଉଁମାନେ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଜାଣି ନାହାନ୍ତି ଯେ ଓଡ଼ିଶା ସରକାରଙ୍କ ସଫଳ କାର୍ଯ୍ୟ ଓ ଲୋକାଭିମୁଖୀ ଯୋଜନା ଯୋଗୁଁ ରାଜ୍ୟବାସୀ ନବୀନ ସରକାରଙ୍କୁ କ୍ରମାଗତ ଭାବେ ଆଶୀର୍ବାଦ କରି ଆସୁଛନ୍ତି। ସେ ଧାରା ଅବ୍ୟାହତ ରହିଛି ଏବଂ ଏଥର ନିର୍ବାଚନରେ ମଧ୍ୟ ତାହାର ପୁନରାବୃତ୍ତି ସମ୍ଭାବନା ଅଧିକ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ଦେଉଛନ୍ତି।

# ଓଡ଼ିଶାର ବୌଦ୍ଧତନ୍ତ୍ର ପରମ୍ପରା



ପ୍ରବୀର କୁମାର ପଟ୍ଟନାୟକ
ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ବୌଦ୍ଧଧର୍ମର ହୀନଯାନ ପନ୍ଥାଧାରୀ ମାନେ ଗୌତମ ବୁଦ୍ଧଙ୍କ ମୂଳ ନୀତି, ବାଣୀ ଓ ଆଦର୍ଶର ମାର୍ଗ କଡାକଡି ଭାବେ ଅବଲମ୍ବନ କରୁଥିବାରୁ, ଏହି ରକ୍ଷଣଶୀଳତାରୁ ବୌଦ୍ଧଧର୍ମକୁ ମୁକ୍ତ କରି ଅଧିକ ଲୋକଙ୍କୁ ଏହି ଧର୍ମପ୍ରତି ଆକର୍ଷିତ କରିବା ପାଇଁ ମହାଯାନୀ ଗୁରୁମାନେ ଉଦ୍ୟମ କଲେ। ଏମାନଙ୍କର କୋହଳ ପନ୍ଥା ଯୋଗୁଁ ସମାଜର ଭିନ୍ନ ଭିନ୍ନ ବର୍ଗର ବହୁ ପ୍ରକାରର ଲୋକ ବୌଦ୍ଧଧର୍ମର ପରିସରକୁ ଆସିଗଲେ। ସେତେବେଳେ ସାଧାରଣ ଭାରତୀୟ ଲୋକଙ୍କ ଦୃଷ୍ଟିରେ 'ଧର୍ମ'ର ଅର୍ଥ ଥିଲା ବହୁ ଦେବାଦେବୀଙ୍କ ଉପରେ ବିଶ୍ୱାସ, ବିଭିନ୍ନ ପର୍ବପର୍ବାଣୀ ଓ ରୀତିନୀତି ପାଳନ, ବିଭିନ୍ନ ମନ୍ତ୍ରପାଠ ଆଦି। ମହାଯାନରେ ବହୁଳଭାବେ ଏସବୁ ପରମ୍ପରା ଓ ରୀତିନୀତିକୁ ସ୍ଥାନ ଦିଆଯିବା ପରେ ଏହା ସାଧାରଣ ଲୋକଙ୍କ ପାଇଁ ଅଧିକ ଆକର୍ଷକ ମନେହେଲା।

ମହାଯାନରେ 'ପାରମିତାନୟ' ଓ 'ମନ୍ତ୍ରନୟ'- ଏହିପରି ଦୁଇଟି ଶାଖା ଦେଖାଗଲା। 'ମନ୍ତ୍ରନୟ' ହେଉଛି ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରାରମ୍ଭିକ ସ୍ୱରୂପ। ଏଥିରୁ ହିଁ ତାନ୍ତ୍ରିକ ବୌଦ୍ଧଧର୍ମର ତିନୋଟି ଯାନ ଶାଖା ଉଦ୍ଭବ। ସେଗୁଡ଼ିକ ହେଲା 'ବଜ୍ରଯାନ', 'ସହଜଯାନ' ଓ 'କାଳଚକ୍ରଯାନ'। 'ପାରମିତାନୟ'ର ସମସ୍ତ ଶାସ୍ତ୍ର କେବଳ ସଂସ୍କୃତ ଭାଷାରେ ରଚିତ ହୋଇଥିବା ବେଳେ 'ମନ୍ତ୍ରନୟ' ଶାସ୍ତ୍ର ସବୁ ସଂସ୍କୃତ ସହ ପ୍ରାକୃତ, ଅପଭ୍ରଂଶ ଓ ଶବର ଆଦି ଅନ୍ୟ ଅଣସଂସ୍କୃତ ଭାଷାରେ ଲିଖିତ ଓ ବର୍ଣ୍ଣିତ। ବୌଦ୍ଧଧର୍ମର ଶେଷ ପର୍ଯ୍ୟାୟରେ ଏହି ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଚଳନ ସବୁଠାରୁ ଅଧିକ ହେବା ସହ ଏହା ବହୁଳଭାବେ ପ୍ରଚାର ପ୍ରସାର ଲାଭ କରିଥିଲା। ଓଡ଼ିଶା ସହ ପୂର୍ବାଞ୍ଚଳ ଓ ଦେଶର ଅନ୍ୟ ଅଞ୍ଚଳ ସହ ବିଦେଶକୁ ମଧ୍ୟ ବ୍ୟାପି ଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା 'ତନ୍ତ୍ରଯାନ'ର ସମସ୍ତ ତିନୋଟି ଯାନ ଶାଖା ଓଡ଼ିଶାରେ ଉଦ୍ଭବ ଓ ଏହାର ପ୍ରତିଷ୍ଠାତା ମଧ୍ୟ ଓଡ଼ିଶାର ତିନିଜଣ ଖ୍ୟାତନାମା ବୌଦ୍ଧଗୁରୁ ଓ ସିଦ୍ଧ।

'ବଜ୍ରଯାନ'କୁ ବିଧିବଦ୍ଧଭାବେ ଏକ ବ୍ୟବସ୍ଥିତ ପନ୍ଥା ଆକାରରେ ଉପସ୍ଥାପନ କରିଥିଲେ ବୌଦ୍ଧଗୁରୁ ତଥା ରାଜା ଏବଂ ସିଦ୍ଧ ଇନ୍ଦ୍ରଭୂତି (ଖ୍ରୀଷ୍ଟୀୟ ୮ମ ଶତାବ୍ଦୀ)। ସେ ହେଉଛନ୍ତି ଓଡ଼ିଶାର ସମ୍ବଲପୁର ଅଞ୍ଚଳ (ସମ୍ଭଳ ରାଜ୍ୟ)ର ରାଜା। 'ବଜ୍ରଯାନ' ଓଡ଼ିଶା ସମେତ ଭାରତର ପୂର୍ବାଞ୍ଚଳରେ ବିଶେଷଭାବେ ପ୍ରସାରିତ ହୋଇଥିଲା। ଏହା 'ମହାଯାନ' ଶାଖାର ଏକ ପ୍ରଶାଖା ହେଲେ ମଧ୍ୟ ତିବ୍ବତୀୟ ବୌଦ୍ଧଧର୍ମ ଭାବେ ଭାରତରେ ଓ ଭାରତ ବାହାରେ ବିଶେଷତଃ ହିମାଳୟ ଅଞ୍ଚଳରେ ତିବ୍ବତ ସହ ଭୁଟାନ, ନେପାଳ, ସିକ୍କିମ, ମଧ୍ୟଏସିଆ, ଚୀନ୍, ମଙ୍ଗୋଲିଆ ଓ ମାଞ୍ଚୁରିଆ ଆଦି ଅନେକ ଦେଶରେ ପ୍ରସାରିତ ହୋଇଥିଲା। ଏବେ ମଧ୍ୟ ସେ ଅଞ୍ଚଳରେ ଏହା ଜୀବିତ ରହିଛି। ଇନ୍ଦ୍ରଭୂତିଙ୍କର ପ୍ରସିଦ୍ଧ ବଜ୍ରଯାନ ଗ୍ରନ୍ଥ ହେଲା 'ଜ୍ଞାନସିଦ୍ଧି'।

'ସହଜଯାନ'କୁ ଇନ୍ଦ୍ରଭୂତିଙ୍କ ଭଉଣୀ ତଥା ସୋନପୁରର ରାଣୀ ବୌଦ୍ଧଗୁରୁ ତଥା ସିଦ୍ଧ ଲକ୍ଷ୍ମୀଙ୍କରା ଏକ ସଂସ୍କାରଧର୍ମୀ ଧର୍ମରୂପେ ଉପସ୍ଥାପନ କରିଥିଲେ। ସେତେବେଳେ ୮୪ ସିଦ୍ଧ ବଜ୍ରଯାନ ସହ ଏହି ଧର୍ମର ବିଶେଷ ପ୍ରଚାର ପ୍ରସାର ଘଟାଇ ଏହାକୁ ଲୋକପ୍ରିୟ କରାଇଥିଲେ। ଲକ୍ଷ୍ମୀଙ୍କରାଙ୍କର ପ୍ରସିଦ୍ଧ ଗ୍ରନ୍ଥ ହେଉଛି 'ଅଦ୍ୱୟସିଦ୍ଧି'। 'ସହଜଯାନ'ର ଉଦ୍ଭବକାଳ ମଧ୍ୟ ସେହି ୮ମ / ୯ମ ଶତାବ୍ଦୀ। ୧୦ମ ଶତାବ୍ଦୀରେ ଆଚାର୍ଯ୍ୟ ପିଟୋପାଦ 'ତନ୍ତ୍ରଯାନ'ର ତୃତୀୟ ପ୍ରଶାଖା 'କାଳଚକ୍ରଯାନ'କୁ ସମ୍ଭଳରୁ ଆଣି ରତ୍ନଗିରିଠାରେ ପ୍ରକାଶିତ କରିଥିଲେ। ଏହା ମଧ୍ୟ କ୍ରମେ ଦେଶବିଦେଶକୁ ବ୍ୟାପୀ ଯାଇଥିଲା।

ଓଡ଼ିଶାରେ ଭୌମକରମାନଙ୍କର ଶାସନ କାଳ ପ୍ରାୟ ଦୁଇଶହ ବର୍ଷ (ଖ୍ରୀଷ୍ଟାବ୍ଦ ୭୩୯-୯୪୦)। ସେମାନେ ଆସାମର ପ୍ରାଚୀନ ନରକାସୁର ଭଗଦତ୍ତଙ୍କ ବଂଶଧର। ସେମାନଙ୍କ ଶାସନକାଳରେ 'ବଜ୍ରଯାନ' ବୌଦ୍ଧଧର୍ମ ରାଜକୀୟ ସମର୍ଥନ ଓ ସହାୟତା ହାସଲ କରିବା ସହ ପ୍ରଭାବଶାଳୀ ଲୋକଧର୍ମରେ ପରିଣତ ହେଲା ଏବଂ ଉନ୍ନତିର ଚରମସୀମାରେ ପହଞ୍ଚିଥିଲା। ସେମାନଙ୍କର ରାଜଧାନୀ ଯାଜପୁର ଥିଲା ଓ କ୍ଷେମେଙ୍କରଦେବ ସେହି ବଂଶର ପ୍ରଥମ ରାଜା ଥିଲେ। ଯାଜପୁର ଅଞ୍ଚଳର ରତ୍ନଗିରି, ଉଦୟଗିରି, ଲଳିତଗିରି ଏବଂ ଏହା ଚାରିପାଖରେ ଥିବା ଅସଂଖ୍ୟ ପ୍ରତ୍ନତାତ୍ତ୍ୱିକ ଧ୍ୱଂସାବଶେଷ ସମୂହରୁ ସେମାନଙ୍କ ସମୟର ଓ ସେମାନଙ୍କ ଦ୍ୱାରା ନିର୍ମିତ କୀର୍ତ୍ତିରାଜି ସବୁରୁ ବୌଦ୍ଧଧର୍ମ ସେତେବେଳେ କିପରି ସମୃଦ୍ଧିଶାଳୀ ଓ ବ୍ୟାପକ ଥିଲା ତାହା ସହଜରେ ଅନୁମେୟ। ସେ ସମୟରେ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପ୍ରତିଷ୍ଠିତ ବୌଦ୍ଧକେନ୍ଦ୍ର ସହ ପ୍ରତିଷ୍ଠିତ ବୌଦ୍ଧ ବିଶ୍ୱବିଦ୍ୟାଳୟ ରୂପେ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଥିଲା।



ଭାରତବର୍ଷରେ ବୌଦ୍ଧକଳା ହିଁ ହେଉଛି ସର୍ବପ୍ରାଚୀନ ଭାରତୀୟ କଳା। ଓଡ଼ିଶାର ସର୍ବପ୍ରାଚୀନ ବୌଦ୍ଧକଳା ଓ ସ୍ଥାପତ୍ୟ ହେଉଛି ଅଶୋକଙ୍କ କାଳର ଓ ତାଙ୍କର ଅବଦାନ। ଓଡ଼ିଶା ବିଜୟ ପରେ ଅଶୋକ ତୋଷାଳୀକୁ ଓଡ଼ିଶାର ରାଜଧାନୀ ଓ ଗଞ୍ଜାମର ଜଉଗଡ଼କୁ ଅତିରିକ୍ତ ବା ଦ୍ୱିତୀୟ ରାଜଧାନୀ ଭାବେ ଘୋଷଣା କରିଥିଲେ। ଉଭୟ ତୋଷାଳୀ (ଶିଶୁପାଳଗଡ଼) ଓ ଜଉଗଡ଼ର ପ୍ରତ୍ନତାତ୍ତ୍ୱିକ ଖନନରେ ଅଶୋକ ତଥା ତାଙ୍କ ପରବର୍ତ୍ତୀକାଳର ଅବଶେଷମାନ ମିଳିଛି। ହୁଏନସାଂ ଓଡ଼ିଶା (ତୋଷାଳୀ) ଆସିଥିବା ବେଳେ ବୌଦ୍ଧ ସ୍ତୂପ, ବିହାର, ଅଶୋକ ସ୍ତମ୍ଭ ଓ ବିଭିନ୍ନ କଳା ସ୍ଥାପତ୍ୟମାନଙ୍କର ଅବଶେଷ ଦେଖିଥିବାର ବର୍ଣ୍ଣନା କରିଛନ୍ତି।

ଭୁବନେଶ୍ୱର ଓ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରାଜଧାନୀ ସହର ସହ ଏକ ବିଶାଳ ବୌଦ୍ଧକେନ୍ଦ୍ର ଥିଲା। ଧଉଳି ଓ ଜଉଗଡ଼ରେ ଅଶୋକଙ୍କ ଶିଳାଲେଖମାନ ଓ ଧଉଳି ପାହାଡ଼ରେ ଖୋଦିତ ହାତୀର ଚିତ୍ର ଅଶୋକଙ୍କ କାଳ କଳାର ଦୃଷ୍ଟାନ୍ତ। ଧଉଳି ପାହାଡ଼ରେ ଦୁଇଟି ବିଶାଳ ସ୍ତୂପର ଅବଶେଷ ମଧ୍ୟ ସନ୍ଧାନ କରାଯାଇଛି- ଯାହା ମଧ୍ୟ ଅଶୋକଙ୍କ କାଳର। ଏହା ବ୍ୟତୀତ ଧ୍ୱଂସପ୍ରାପ୍ତ ଗୁମ୍ଫା, ସ୍ତୂପ, ଚୈତ୍ୟର ଧ୍ୱଂସାବଶେଷ ମଧ୍ୟ ସେଠାରେ ଦେଖା ଯାଇଛି। ଭୁବନେଶ୍ୱରଠାରେ ଅଶୋକ ସ୍ତମ୍ଭ ଓ ତା'ର ରେଲିଙ୍ଗ, ସିଂହ ଏବଂ ଅଶୋକ ସ୍ତମ୍ଭର ଅଗ୍ରଭାଗ ଆଦି ମଧ୍ୟ ମିଳିଛି।

ଅଶୋକ ନିଜ ପାଇଁ ଭୋଜକଗିରି ବୌଦ୍ଧବିହାର ନିର୍ମାଣ କରାଇଥିଲେ, ଯେଉଁଠି ତାଙ୍କ ଭାଇ ତିସ୍ସ ଜୀବନର ଶେଷକାଳ ଅତିବାହିତ କରିଥିଲେ। ଭୁବନେଶ୍ୱର ନିକଟସ୍ଥ ଆରାଗଡ଼ ପାହାଡ଼ ଶିଖରରେ ମଧ୍ୟ ବିଶାଳ ବୌଦ୍ଧ ଅନୁଷ୍ଠାନ ଗଢ଼ି ଉଠିଥିଲା। ଏଠାରେ ମଧ୍ୟ ବୌଦ୍ଧସ୍ତୂପ, ବିଭିନ୍ନ ବୌଦ୍ଧ ମୂର୍ତ୍ତିର ଅବଶେଷ ମିଳିଛି ଓ ଏଠାରେ ମଧ୍ୟ କେତେକ ଗୁମ୍ଫା ରହିଛି। ଧଉଳିଠାରୁ ଡେଲାଙ୍ଗ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଅଞ୍ଚଳର ପାହାଡ଼ ସବୁରେ ପ୍ରାଚୀନ ତଥା ପ୍ରାରମ୍ଭିକ କାଳର ବୌଦ୍ଧ କୀର୍ତ୍ତିରାଜିର ଅବଶେଷ ଭରପୂର। ସେହିପରି ବରୁଣେଇରୁ ନରାଜ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଅଞ୍ଚଳର ପାହାଡ଼ମାନଙ୍କରେ ବୌଦ୍ଧ ସନ୍ନ୍ୟାସୀମାନଙ୍କର ରହଣି ପାଇଁ କରାଯାଇଥିବା ଗୁମ୍ଫା ସବୁର ଅବଶେଷ ରହିଛି। ଏ ସବୁ ଅଶୋକଙ୍କ କାଳ ଓ ତା' ପରବର୍ତ୍ତୀ କାଳର।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ 'ମହାଯାନ'ର ଉଦ୍ଭବ ସହ ସେଥିରେ ବୁଦ୍ଧଙ୍କଠାରେ ଦେବତ୍ୱ ଆରୋପ କରାଯାଇଥିବାରୁ ସ୍ୱାଭାବିକ ଭାବେ ତାଙ୍କର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା ଓ ସେଥିପାଇଁ କଳାସ୍ଥାପତ୍ୟ ମଧ୍ୟ ବ୍ୟାପକଭାବେ ବିକଶିତ ହେଲା। ଓଡ଼ିଶାରେ ଗୁପ୍ତକାଳ (୪ର୍ଥ / ୫ମ ଶତାବ୍ଦୀ) ବେଳକୁ ବୌଦ୍ଧକଳା ଓ ସ୍ଥାପତ୍ୟ ବିକାଶ ଲାଭ କରିବାକୁ ଲାଗିଲା। ଏହି ଗୁପ୍ତକାଳରେ ହିଁ 'ରତ୍ନଗିରି ବିହାର' ନିର୍ମିତ ହେଲା। ଭୌମକର କାଳରେ ବୌଦ୍ଧକଳା ଓ ସ୍ଥାପତ୍ୟର ବହୁଳ ବିକାଶ ଘଟିବାକୁ ଲାଗିଲା। ଏହି କାଳରେ ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରସାର ଘଟିବାରୁ ଓ 'ବଜ୍ରଯାନ'ରେ ପଞ୍ଚଧ୍ୟାନୀ ବୁଦ୍ଧ ଓ ତାଙ୍କର ପରିବାର ତତ୍ତ୍ୱର ଉଦ୍ଭବ ହେତୁ ଶହ ଶହ 'ବଜ୍ରଯାନୀ' ଦେବଦେବୀଙ୍କର ଆବିର୍ଭାବ ଯୋଗୁଁ ବୌଦ୍ଧ କଳା ଓ ସ୍ଥାପତ୍ୟର ବିଶେଷ ଅଭିବୃଦ୍ଧି ଘଟିଥିଲା।

ରତ୍ନଗିରି, ଉଦୟଗିରି, ଲଳିତଗିରି ଆଦି ପ୍ରାଚୀନ ବୌଦ୍ଧସ୍ଥଳଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଖନନରେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକଭାବେ ବୌଦ୍ଧ କୀର୍ତ୍ତିରାଜି ଓ କଳାସ୍ଥାପତ୍ୟର ଅବଶେଷ ସବୁର ସନ୍ଧାନ ମିଳିପାରିଛି। ବିଶାଳ ବୌଦ୍ଧ ସ୍ତୂପ ଓ ବିହାରମାନଙ୍କର ଧ୍ୱଂସାବଶେଷ ସବୁ ଲୋକଲୋଚନକୁ ଆସିପାରିଛି। ଲଳିତଗିରିରୁ ସୁନା ଓ ରୁପା ଫରୁଆ ମଧ୍ୟରେ ବୁଦ୍ଧଙ୍କ ପବିତ୍ର ଅସ୍ଥି ଓ ଦେହାବଶେଷ ମଧ୍ୟ ମିଳିଛି। ଏହା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର। ଉଦୟଗିରିଠାରେ ଦୁଇଟି ମହାବିହାର- ମାଧବପୁର ଓ ସିଂହପ୍ରସ୍ତ ସହ ଲାଙ୍ଗୁଡ଼ି ପାହାଡ଼ରେ ପୃଥିବୀ ପ୍ରସିଦ୍ଧ ପୁଷ୍ପଗିରି ମହାବିହାରର ସନ୍ଧାନ ସହ ୧ମ-୨ୟ ଶତାବ୍ଦୀର ବ୍ରାହ୍ମୀ ଶିଳାଲେଖ ଉଦ୍ଧାର କରାଯାଇଛି।

ସମଗ୍ର ଓଡ଼ିଶାର ଅବିଭକ୍ତ ବାଲେଶ୍ୱର, କଟକ, ବଲାଙ୍ଗିର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ଫୁଲବାଣୀ, ପୁରୀ ଓ ସମ୍ବଲପୁର ଆଦି ଜିଲ୍ଲାମାନଙ୍କରେ ଶହ ଶହ ବୌଦ୍ଧସ୍ଥଳର ଚିହ୍ନଟ କରାଯାଇଛି ଓ ସବୁଠାରେ ପ୍ରଚୁର ପରିମାଣରେ ବୌଦ୍ଧକଳା ଓ ସ୍ଥାପତ୍ୟର ଅବଶେଷ ଉଦ୍ଧାର କରାଯାଇଛି। ସମଗ୍ର ଓଡ଼ିଶାରେ ଶହ ଶହ ବୌଦ୍ଧସ୍ଥଳ ଓ କୀର୍ତ୍ତିରାଜି ସହ ହଜାର ହଜାର ସଂଖ୍ୟାରେ ପଥର, ବ୍ରୋଞ୍ଜ, ବୌଦ୍ଧ ମୂର୍ତ୍ତିମାନ ମିଳିପାରିଛି। ଏଠାରେ ସେ ସବୁର ଅଧିକ ବର୍ଣ୍ଣନା ସମ୍ଭବ ନୁହେଁ। ବାଣପୁରରୁ ମିଳିଥିବା ପ୍ରଚୁର ପରିମାଣର ବଜ୍ରଯାନୀ ବ୍ରୋଞ୍ଜ ମୂର୍ତ୍ତିସବୁ ବୌଦ୍ଧ କଳା ଓ ସ୍ଥାପତ୍ୟକୁ ଓଡ଼ିଶାର ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ।

ଗୁରୁ ପଦ୍ମସମ୍ଭବ ହେଉଛନ୍ତି 'ବଜ୍ରଯାନ'ର ପ୍ରତିଷ୍ଠାତା ସମ୍ଭଳ (ଆଧୁନିକ ସମ୍ବଲପୁର ଅଞ୍ଚଳ)ର ରାଜା ତଥା ସିଦ୍ଧ ଇନ୍ଦ୍ରଭୂତିଙ୍କ ପାଳିତ ପୁତ୍ର। ସେ ଅଷ୍ଟମ ଶତାବ୍ଦୀରେ ନାଳନ୍ଦାରେ ଅଧ୍ୟାପନା କରୁଥିବାବେଳେ ତିବ୍ବତ ରାଜାଙ୍କ ଦ୍ୱାରା ନିମନ୍ତ୍ରଣକ୍ରମେ ସେଠାକୁ ଯାଇ ବୌଦ୍ଧଧର୍ମ (ବଜ୍ରଯାନ)ର ପ୍ରଚାର ପ୍ରସାର କରି ତିବ୍ବତରେ ଧର୍ମ, ସଂସ୍କୃତି ଓ ସଭ୍ୟତାର ବିକାଶ କ୍ଷେତ୍ରରେ ଅସାଧାରଣ କାର୍ଯ୍ୟ କରି ତିବ୍ବତୀୟ ବୌଦ୍ଧଧର୍ମର ପ୍ରଥମ ବୌଦ୍ଧଗୁରୁ ହୋଇ ତିବ୍ବତ ସହ ତା' ଚାରିପାଖେ ଥିବା ହିମାଳୟ ଅଞ୍ଚଳ ସିକ୍କିମ, ଭୁଟାନ, ଅରୁଣାଚଳ, ନେପାଳ, ଲଦାଖ, କେନ୍ଦ୍ର ଏସିଆ, ମଙ୍ଗୋଲିଆ, ମାଞ୍ଚୁରିଆ ଓ ଚୀନ୍ ଆଦି ଅଞ୍ଚଳରେ ଧର୍ମର ପ୍ରଚାର କରି ସର୍ବାଧିକ ପ୍ରଭାବଶାଳୀ ଧର୍ମଗୁରୁଭାବେ ପ୍ରତିଷ୍ଠା ଲାଭ କରିଥିଲେ। ସେ ସମଗ୍ର ପୃଥିବୀରେ 'ଦ୍ୱିତୀୟ ବୁଦ୍ଧ' ଭାବେ ପରିଚିତ। ଗୁରୁ ପଦ୍ମସମ୍ଭବ ହେଉଛନ୍ତି ବୌଦ୍ଧ ଜଗତକୁ ଓଡ଼ିଶାର ସର୍ବଶ୍ରେଷ୍ଠ ଅବଦାନ।

ତାନ୍ତ୍ରିକ ବୌଦ୍ଧଧର୍ମରେ ୮୪ ସିଦ୍ଧଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ମଧ୍ୟରୁ ଅନେକ ତନ୍ତ୍ରଶାସ୍ତ୍ରର ପ୍ରଣେତା ଓ ଅନେକ ମଧ୍ୟ ଉଭୟ 'ବଜ୍ରଯାନ' ଓ 'ସହଜଯାନ'ର ତତ୍ତ୍ୱକୁ ସାଧାରଣ ଲୋକଙ୍କ ପାଖରେ ସେମାନେ ବୁଝିପାରିବା ଭଳି ଓଡ଼ିଆ ଭାଷାର ଆଦ୍ୟରୂପରେ ସାନ୍ଧ୍ୟଭାଷାରେ ଦୋହା ଓ ଚର୍ଯ୍ୟାପଦ ଆକାରରେ ପହଞ୍ଚାଇ ପାରିଥିଲେ। ଏମାନେ ହିଁ ଏହି ଦୁଇଟି ଯାନ ଧର୍ମପନ୍ଥାକୁ ଅତ୍ୟନ୍ତ ଲୋକପ୍ରିୟ କରାଇଥିଲେ। ଏମାନଙ୍କ ସଂଖ୍ୟା ମୋଟ ୮୪ ଯୋଗୁଁ ସେମାନଙ୍କୁ '୮୪ ସିଦ୍ଧ' କୁହାଯାଏ। ଏମାନଙ୍କ ମଧ୍ୟରୁ ଯେଉଁମାନେ ଓଡ଼ିଶାର ତଥା ଓଡ଼ିଶା ସହ ନିବିଡ଼ ଭାବେ ସଂପୃକ୍ତ ସେମାନେ ହେଲେ- ସରହ, ନାଗାର୍ଜୁନ, ଶବରୀପା, ଲୁଇପା, ବଜ୍ରଘଣ୍ଟ, କମ୍ବଳ, ପଦ୍ମବଜ୍ର, ଅନଙ୍ଗବଜ୍ର, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ପଦ୍ମସମ୍ଭବ, ଜଳନ୍ଧରୀପା, ବିରୂପା, କାହ୍ନୁପା, ତିଲୋପା, ନାରୋପା, ଲୀଳାବଜ୍ର, ପିଟୋପାଦ, ଅଭୟକରଗୁପ୍ତ, ମୋକ୍ଷକରଗୁପ୍ତ, ବିଭୂତିଚନ୍ଦ୍ର, ଦାନଶୀଳ, ଶୁଭାକର ଆଦି। ଏମାନେ ପ୍ରତ୍ୟେକେ ଜଣେ ଜଣେ ବିଖ୍ୟାତ ବୌଦ୍ଧ ଆଚାର୍ଯ୍ୟ ଓ ଦାର୍ଶନିକ। ଏମାନେ ପ୍ରାଚୀନ ଓଡ଼ିଶାର ପ୍ରସିଦ୍ଧିର ବାହକ ଥିଲେ ତଥା ଓଡ଼ିଶାକୁ ବୌଦ୍ଧଧର୍ମର ଏକ ଗୌରବାବହ କେନ୍ଦ୍ର ଭାବେ ବିଶ୍ୱରେ ପରିଚିତ କରାଇଥିଲେ। **(ସମାପ୍ତ)**

# ବିକାଶର ନୂତନ ମନସ୍ତତ୍ତ୍ୱ



ଡ. ଫକୀର ମୋହନ ସାହୁ
ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

ମନସ୍ତାତ୍ତ୍ୱିକ ବିକାଶ ସମ୍ପର୍କରେ ଅତୀତରେ ଯେଉଁ ଧାରଣା ଥିଲା ତାହାର ଆମୂଳଚୂଳ ପରିବର୍ତ୍ତନ ଘଟିଛି। ଅତୀତରେ ବୟସକୁ ଚାହିଁ ବିକାଶର ଧାରାକୁ ବିଚାର କରାଯାଉଥିଲା। ଫ୍ରଏଡ୍‌ଙ୍କ ପରି କ୍ଲାସିକାଲ ମନସ୍ତତ୍ତ୍ୱବିତ୍ ବିଶ୍ୱାସ କରୁଥିଲେ ଯେ ମନୁଷ୍ୟ ବ୍ୟକ୍ତିତ୍ୱର ବିକାଶ ପାଞ୍ଚ/ଛଅବର୍ଷ ବୟସ ବେଳକୁ ପ୍ରାୟ ସରିଯାଇଥାଏ। ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ସମସ୍ତ ପରିବର୍ତ୍ତନ ଘଟେ ତାହା କେବଳ କା ଭାଁ ପରିବର୍ତ୍ତନ। ଅନ୍ୟତମ ବିଶ୍ୱବିଖ୍ୟାତ ଶିଶୁମନୋବିଜ୍ଞାନୀ ଜାଁ ପିଆଜେ ମଧ୍ୟ ବିଶ୍ୱାସ କରୁଥିଲେ ଯେ ମୁଖ୍ୟ ବିକାଶର ଧାରା କିଶୋରବୟସର ଆରମ୍ଭ ବେଳକୁ (ଅର୍ଥାତ୍ ୧୧ / ୧୨ ବର୍ଷ ବୟସ) ଶେଷ ହୋଇଥାଏ। ପରବର୍ତ୍ତୀ ସ୍ତରରେ ପ୍ରାୟ ବିଶେଷ ଅଧିକ କିଛି ଘଟି ନଥାଏ। କିନ୍ତୁ ଆଧୁନିକ ମନୋବିଜ୍ଞାନୀମାନଙ୍କ ବିଚାରଧାରା ସମ୍ପୂର୍ଣ୍ଣ ଭିନ୍ନ। ବର୍ତ୍ତମାନ ବିକାଶଧାରାକୁ ଜୀବନବ୍ୟାପୀ ଏକ ନିରବଚ୍ଛିନ୍ନ ଧାରା ରୂପେ ବିଚାର କରାଯାଉଛି। ବାଲ୍ୟକାଳ, କୈଶୋର, ଆଦ୍ୟଯୌବନ, ମଧ୍ୟଯୌବନ ଏବଂ ପରଯୌବନର ବିକାଶଧାରାକୁ ଚିହ୍ନଟ କରାଯାଉଛି। ଏକବିଂଶ ଶତାବ୍ଦୀରେ ସ୍ୱୀକାର କରାଯାଇଛି ଯେ ମନୁଷ୍ୟର ମସ୍ତିଷ୍କ କୋଡ଼ିଏ/ପଚିଶ ବର୍ଷ ବୟସ ପର୍ଯ୍ୟନ୍ତ ବିକଶିତ ହେବାରେ ଲାଗିଥାଏ। ଏପରିକି ବ୍ୟକ୍ତିର କିଛି ମାତ୍ରାର ସକ୍ରିୟତା ଥିଲେ, ମସ୍ତିଷ୍କରେ ଅଳ୍ପ ସ୍ନାୟୁକୋଷ ଗଠିତ ହେବାରେ ଲାଗିଥାଏ। ଏପରି ନବନିର୍ମିତ ସ୍ନାୟୁ ନୂତନ ଶିକ୍ଷଣ ଓ ନୂତନ କୌଶଳର ଆହରଣରେ ସହାୟକ ହୁଏ।

ବିକାଶର ଏହି ନୂତନ ଦୃଷ୍ଟିକୋଣର ଆମ ଶରୀର ଓ ଅନୁଭୂତିର ସମ୍ପର୍କକୁ ମଧ୍ୟ ପରିବର୍ତ୍ତନ କରିଛି। ପୂର୍ବେ ମନୋବିଜ୍ଞାନୀମାନେ ବିଶ୍ୱାସ କରୁଥିଲେ ଯେ ଜନ୍ମ ସମୟରେ ଶିଶୁର ବିଶେଷ କୌଣସି ଦକ୍ଷତା ନଥାଏ। ସମନ୍ୱୟ ରକ୍ଷା ପାଇଁ ନବଜନ୍ମିତ ଶିଶୁକୁ ଅନୁଭବ ଉପରେ ନିର୍ଭର କରିବାକୁ ହୁଏ। ଶିଶୁ ବହୁମାତ୍ରାରେ ପରନିର୍ଭରଶୀଳ। ବାହ୍ୟଜଗତର ରୂପ, ରସ ଓ ଗନ୍ଧ ତା' ପାଇଁ ଅସହାୟତାର ବାତାବରଣ ସୃଷ୍ଟି କରେ। ତା'ର ହୁଏତ ଆଖି, ନାକ ଓ କାନ ରହିଥାଏ। ମାତ୍ର ଏ ସବୁର କାର୍ଯ୍ୟ ସଂଯୋଜିତ ହୋଇ ନ ଥିବାରୁ ଶିଶୁ କିଂକର୍ତ୍ତବ୍ୟମୂଢ଼ ଅବସ୍ଥାରେ ରହିଥାଏ। ମାତ୍ର ଏ ବିଚାରଟି ଆଜିର ସମର୍ଥିତ ମତବାଦ ନୁହେଁ।

ଆଜିର ସମସାମୟିକ ମନୋବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ, ନବଜନ୍ମିତ ଶିଶୁ ବହୁ ସାମର୍ଥ୍ୟର ଅଧିକାରୀ। ଇନ୍ଦ୍ରିୟ-ଅନୁଭବକ୍ଷମ ସମ୍ବେଦନସବୁକୁ ସେମାନେ ସଂଗଠିତ କରିପାରନ୍ତି। ଭାଷା-ଶିକ୍ଷା କରିବାର କେତେକ ସାମର୍ଥ୍ୟ ସମ୍ଭାବନା ଆକାରରେ ଅନ୍ତର୍ନିହିତ ଉପାଦାନ ରୂପେ ଶିଶୁପାଖରେ ରହିଥାଏ। ଯଦିଓ ପୂର୍ଣ୍ଣ ସମ୍ଭାବନା ପ୍ରକାଶ୍ୟ ରୂପରେଖ ନେବା ପାଇଁ ସମୟ ଦରକାର କରେ, ତଥାପି ସମ୍ଭାବନା ରହିଥାଏ। ପୂର୍ବେ ବିଶେଷଜ୍ଞମାନେ ଶିଶୁକୁ ଯେତେବେଶୀ ନିର୍ଭରଶୀଳ ଭାବୁଥିଲେ, ଶିଶୁ ଅନ୍ତତଃ ସେତେ ପରିମାଣରେ ଅସହାୟ ନୁହେଁ।

ଆଧୁନିକ ବିକାଶ ପରିଭାଷାରେ ଆଉ ଗୋଟିଏ ଆକର୍ଷଣୀୟ ଦିଗ ହେଉଛି ବିକାଶର ଦିଗଗୁଡ଼ିକ ମଧ୍ୟରେ ପାରସ୍ପାରିକତା। ଅତୀତର ବିଶେଷଜ୍ଞମାନେ ଶାରୀରିକ, ମାନସିକ ଓ ସାମାଜିକ ବିକାଶକୁ ଅଲଗା ଅଲଗା ବିଶ୍ଳେଷଣ କରୁଥିଲେ। ମାତ୍ର ବର୍ତ୍ତମାନର ଅନୁସନ୍ଧାନୀମାନେ ଏ ଦିଗଗୁଡ଼ିକ ମଧ୍ୟରେ ସମ୍ପର୍କଶୀଳତା ଲକ୍ଷ୍ୟ କରିଛନ୍ତି। ଉଦାହରଣ ସ୍ୱରୂପ, ସ୍ୱାଧୀନଭାବରେ ଗୁରୁଣ୍ଡୁ ଥିବା କିମ୍ବା ଚାଲୁଥିବା ପିଲାର ମାନସିକ ବିକାଶ ଦ୍ରୁତତର ହୁଏ। ସେହିପରି ଚାଲୁଥିବା କିମ୍ବା ବୁଲୁଥିବା ପିଲାଟି ପିତାମାତା କିମ୍ବା ଯତ୍ନକାରୀ ମୁହଁରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରେ। ଏ ଦୃଷ୍ଟିରୁ ଶାରୀରିକ ବିକାଶ ସହିତ ସାମାଜିକ ବିକାଶ ମଧ୍ୟ ସମ୍ବନ୍ଧିତ।

ବିକାଶ ସମ୍ପର୍କରେ ଅନ୍ୟ ଏକ ଆଧୁନିକ ଧାରଣା ହେଉଛି ଅନ୍ତପ୍ରକୃତି ଏବଂ ବାହ୍ୟପ୍ରକୃତି ମଧ୍ୟରେ କ୍ରିୟ- ଅନୁକ୍ରିୟା। ଆମର ଜିନ୍‌କୁ ରୂପ ଦେଉଥିବା ଡିଏନ୍‌ଏର କାର୍ଯ୍ୟକଳାପ ସମ୍ପର୍କରେ ବର୍ତ୍ତମାନ ଅଧିକ ଜ୍ଞାତବ୍ୟତଥ୍ୟ ମିଳିପାରୁଛି। ଆମର ଜୀବନସାରା ଗଠିତ ହେଉଥିବା କେତେକ ରାସାୟନିକ ଚିହ୍ନଟ ଡିଏନ୍‌ଏକୁ ସକ୍ରିୟ କିମ୍ବା ନିଷ୍କ୍ରିୟ କରିଥାଏ। ଆମର ଖାଦ୍ୟ, ବାହ୍ୟପରିବେଶ ଓ ମାନସିକ ଚାପ ପ୍ରଭୃତି ପରିବେଶଗତ ଉପାଦାନ ଏପରିସବୁ ରାସାୟନିକ ଚିହ୍ନଟର କାର୍ଯ୍ୟ କରିଥାଏ।

ଲକ୍ଷ୍ୟ କରିବାର କଥା ଯେ ଶିଶୁ ଭ୍ରୂଣ ଅବସ୍ଥାରେ ମାତୃଗର୍ଭରେ ଥିବା ସମୟରେ ମୁଖ୍ୟତଃ ଜରାୟୁର ପରିବେଶ ରାସାୟନିକ ଉପାଦାନର କାର୍ଯ୍ୟ କରି ଡିଏନ୍‌ଏକୁ ସକ୍ରିୟ କିମ୍ବା ନିଷ୍କ୍ରିୟ କରେ। ଅବଶ୍ୟ ଜନନୀର ଖାଦ୍ୟ ଓ ମାନସିକ ଚାପ ମଧ୍ୟ ବହିର୍ଜଗତରୁ ଆସିଥାଏ ଏବଂ ଶିଶୁକୁ ପ୍ରଭାବିତ କରେ। ମାତ୍ର ଶିଶୁର ଜନ୍ମ ପରେ ବହିର୍ଜଗତର ପରିବେଶ (ଶିଶୁର ଖେଳ, କ୍ରିୟାକଳାପ ଓ ଅନ୍ୟମାନଙ୍କ ସହ ମିଳାମିଶା) ଡିଏନ୍‌ଏକୁ ସକ୍ରିୟ କିମ୍ବା ନିଷ୍କ୍ରିୟ କରେ।

ସ୍ଥୂଳତଃ ଜିନ୍ ଓ ଅନୁଭୂତି ମଧ୍ୟରେ କ୍ରିୟା-ଅନୁକ୍ରିୟା ଜୀବନସାରା ଚାଲିଥାଏ। ଅଳ୍ପ ବୟସର ପିଲାମାନଙ୍କର ଅନୁଭୂତି ବଡ଼ ବୟସର ପିଲାମାନଙ୍କର ଅନୁଭବ ତୁଳନାରେ କମ୍। ସେଇଥିପାଇଁ ବୟସର ନିମ୍ନସ୍ତରରେ ପିଲାମାନଙ୍କ ମଧ୍ୟରେ ପାର୍ଥକ୍ୟର ମାତ୍ରା କମ୍। ଗୋଟିଏ ଆଠବର୍ଷ ପିଲାର ଶାରୀରିକ ଓ ଆଚରଣଗତ ପ୍ରକୃତି ତା' ନିଜ ବୟସର ପିଲାମାନଙ୍କ ସହିତ ଯେତିକି ସାମଞ୍ଜସ୍ୟ ଦର୍ଶାଏ, କୋଡ଼ିଏ ବର୍ଷର ଯୁବକମାନଙ୍କ ମଧ୍ୟରେ ସେତୁଳନାରେ ଅଧିକ ତାରତମ୍ୟ ଦେଖାଇଥାଏ। ଏହାର ଅର୍ଥ ହେଉଛି ଯେ ବୟସ ବଢ଼ିବା ସହିତ ଅନୁଭୂତି ବୃଦ୍ଧିପାଏ ଏବଂ ଅଧିକରୁ ଅଧିକ ଅନୁଭବ ଭିତରେ ଥିବା ଜିନ୍ ପାଇଁ ରାସାୟନିକ ଚିହ୍ନଟର କାର୍ଯ୍ୟ କରି କେତେକ ଜିନ୍‌କୁ ସକ୍ରିୟ କରେ ଏବଂ କେତେକ ଜିନ୍‌କୁ ନିଷ୍କ୍ରିୟ କରେ। ଏହାଫଳରେ ବ୍ୟକ୍ତି-ବ୍ୟକ୍ତିର ବିକାଶ ମଧ୍ୟରେ ଅଧିକରୁ ଅଧିକ ତାରତମ୍ୟ ପରିଲକ୍ଷିତ ହୁଏ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ସକାଳ THE SAKALA



# ଶିକାରୀ ଗୁଳିରେ ସହଯୋଗୀ ଗୁରୁତର

- ଜଙ୍ଗଲରେ ଚଢ଼େଇ ଶିକାର କରିବା ସମୟରେ ଘଟିଥିଲା ଅଘଟଣ
- ୩ ଅଫୁଟା ଗୁଳି ସହ ଦେଶୀ ବନ୍ଧୁକ ଜବତ; ଅଭିଯୁକ୍ତ ଶିକାରୀ ଗିରଫ

**ବିଷମ କଟକ,୨୨।୫(ସମିସ):** ବେଆଇନ ଭାବେ ଜଙ୍ଗଲ ଭିତରେ ଚଢ଼େଇ ଶିକାର କରିବା ସମୟରେ ଘଟିଛି ଅଘଟଣ। ଶିକାରୀଙ୍କ ବନ୍ଧୁକ ଗୁଳିରେ ତାଙ୍କର ଜଣେ ସହଯୋଗୀ ଗୁରୁତର ହୋଇଛନ୍ତି। ୭ ଦିନ ପରେ ସମ୍ପୃକ୍ତ ଶିକାରୀକୁ ଗିରଫ କରାଯାଇଥିବାବେଳେ ତାଙ୍କଠାରୁ ଏକ ବନ୍ଧୁକ, ୩ଟି ଅଫୁଟା ଗୁଳି ଜବତ କରାଯାଇଛି। ଏଭଳ ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ସଦର ଭାତପୁର ପଞ୍ଚାୟତରେ।





ସୂଚନା ଅନୁଯାୟୀ, ଗତ ୧୫ ତାରିଖରେ ଲିଙ୍ଗନା ହିମିରିକା ଓ ତାଙ୍କ ସହଯୋଗୀ ନାଗେଶରାଓ ହିମିରିକା ଉଭୟ ଏକ ଦେଶୀ ବନ୍ଧୁକ ଧରି ରାତିରେ ଚଢ଼େଇ ଶିକାର କରିବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ ଲିଙ୍ଗନା ଚଢ଼େଇ ଶିକାର କରିବା ପାଇଁ ଗୁଳି ଫୁଟାଇବା ସମୟରେ କୌଣସି କାରଣରୁ ଗୁଳିଟି ଏକ ପଥରରେ ବାଜି ତାଙ୍କ ସହଯୋଗୀ ନାଗେଶ ରାଓଙ୍କ ପେଟରେ ବାଜି ଯାଇଥିଲା। ସେଠାରେ ଗୁଳି ବାଜିବା ପରେ ନାଗେଶରାଓ ତଳେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗୁରୁତର ନାଗେଶରାଓଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ ଲିଙ୍ଗନା ହିମିରିକା। ଦେଶୀ ବନ୍ଧୁକ ରଖିବା ଓ ଶିକାର କରିବା ବେଆଇନ ହୋଇଥିବାରୁ ପୁଲିସ ଭୟରେ ବାଇକ୍ ଦୁର୍ଘଟଣାରେ ନାଗେଶରାଓ ଗୁରୁତର ହୋଇଥିବା ନେଇ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଦୀର୍ଘ ଦୁଇଦିନ ଚିକିତ୍ସା ପରେ ମଧ ନାଗେଶରାଓଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ତାଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ତାଙ୍କ ପେଟରୁ ଏକ ଗୁଳି ବାହାରିଥିଲା। ଏଭଳି ଘଟଣା ନଜରକୁ ଆସିବା ପରେ ଖ୍ରୀଷ୍ଟିଆନ ହସ୍ପିଟାଲର କର୍ତ୍ତୃପକ୍ଷ ବିଷମ କଟକ ଥାନାକୁ ଜଣାଇଥିଲେ। ଏଭଳି ଖବର ପୁଲିସ ନିକଟକୁ ଆସିବା ପରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଥିଲା। ସେଠାରେ ପୁଲିସ ପହଞ୍ଚି ଗୁରୁତର ନାଗେଶଙ୍କ ବୟାନ ରେକର୍ଡ କରି ପୁଲିସ ଏହାର ସତ୍ୟତା ଜାଣିବା ପରେ ଶିକାରୀ ଲିଙ୍ଗନାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଓ ୩ଟି ଅଫୁଟା ଗୁଳି ଜବତ କରିବା ସହ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଏହି ମାମଲାରେ ଦେଶୀ ବନ୍ଧୁକ ରଖିବା, ଜଙ୍ଗଲ ଜୀବଜନ୍ତୁ ଶିକାର କାରିବା ଏବଂ ବେଆଇନ ବନ୍ଧୁକରେ ଜଣକୁ ଆଘାତ ଲାଗିଥିବାରୁ ଏହି ଘଟଣାରେ ଲିଙ୍ଗରାଜ ହିମିରିକାଙ୍କୁ ବିଷମ କଟକ ଥାନାରେ ଗତ ୨୧ ତାରିଖରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରି ବୁଧୁବାର କୋର୍ଟ ଚାଲାଣ କରାଯାଇଥିବା ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ତେବେ ଶିକାରୀଙ୍କ ଗୁଳିରେ ଗୁରୁତର ହୋଇଥିବା ନାଗେଶରାଓ ହିମିରିକା ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।

# ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବ 'ନବୀନ ଗ୍ୟାରେଣ୍ଟି': ପାଣ୍ଡିଆନ

**ଭୁବନେଶ୍ୱର, ୨୨।୫(ସମିସ):** ମଧ୍ୟବିତ୍ତମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଜେଡିର ନିର୍ବାଚନୀ ଇସ୍ତାହାରରେ ଏହା ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀ ନିଜର ଷଷ୍ଠ ପାଳି ସରକାରରେ ଏହାକୁ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମଧ୍ୟବିତ୍ତ ବର୍ଗ ହେଉଛନ୍ତି ସହରର ମେରୁଦଣ୍ଡ। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ପୁରୀ, ବାଲେଶ୍ୱର, ଭଦ୍ରକ, ବାରିପଦା ହେଉ ବା ଅନ୍ୟ ସହର ସବୁଠାରେ ମଧ୍ୟବିତ୍ତମାନେ ନୂଆ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଆନ୍ତି। କୌଣସି ରାଜ୍ୟର ସରକାର କେବେ ବି ଏହି ବର୍ଗଙ୍କ ପାଇଁ ଚିନ୍ତା କରନ୍ତି ନାହିଁ, ନିର୍ବାଚନରେ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥାଏ। ମାତ୍ର ମୁଖ୍ୟମନ୍ତ୍ରୀ ଏହି ମଧ୍ୟବିତ୍ତମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବିଜେଡିର ଇସ୍ତାହାରରେ ମଧ୍ୟବିତ୍ତଙ୍କ ପାଇଁ ୫ଟି ବଡ଼ ପଦକ୍ଷେପ ନିଆଯିବାକୁ ଘୋଷଣା କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଅନ୍ୟ ବର୍ଗଙ୍କ ପରି ସମସ୍ତ ମଧ୍ୟବିତ୍ତଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ପ୍ରଦାନ କରାଯିବ। ଏହାଦ୍ୱାରା ସେମାନେ ବିନା ମୂଲ୍ୟରେ ଚିକିତ୍ସା ସୁବିଧା ପାଇବେ। ଘରଖଣ୍ଡିଏ କିଣିବା ପ୍ରତ୍ୟେକ ମଧ୍ୟବିତ୍ତଙ୍କ ସ୍ୱପ୍ନ। ଏହି ସ୍ୱପ୍ନ ପୂରଣ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ରିହାତି ପ୍ରଦାନ କରାଯିବ। ମଧ୍ୟବିତ୍ତ ବର୍ଗର ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ଶିକ୍ଷା ଋଣ ଉପରେ ସୁଧ ରିଆତି ପ୍ରଦାନ କରାଯିବ। ଏହାସହିତ ଗମନାଗମନ ପାଇଁ ଲକ୍ଷ୍ମୀ ବସ ଓ ମୋ ବସ୍ ବ୍ୟବସ୍ଥାରେ ମଧ ସେମାନଙ୍କ ପାଇଁ ରିଆତି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

**ମଧ୍ୟବିତ୍ତଙ୍କ ପାଇଁ ବିଜେଡି ଆଣୁଛି ମେଗା ଯୋଜନା**

ସେ ପୁଣି କହିଛନ୍ତି ଯେ ରାଜ୍ୟର ପ୍ରାୟ ୯୮ ପ୍ରତିଶତ ପିଲା ନୂଆ ଓ ଛାତ୍ର ବୃତ୍ତିରେ ସାମିଲ ହୋଇଛନ୍ତି। କେବଳ ଅତି ଧନୀ ବର୍ଗ ପରିବାରର ପିଲାଙ୍କ ବ୍ୟତୀତ ଅନ୍ୟମାନେ ଏହି ସୁବିଧା ପାଉଛନ୍ତି। ଆଗାମୀ ଦିନରେ ଛାତ୍ରଙ୍କ ପାଇଁ ୧୨ ହଜାର, ଛାତ୍ରୀଙ୍କ ପାଇଁ ୧୪ ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯିବ। ମଧ୍ୟବିତ୍ତଙ୍କ ପାଇଁ କୌଣସି ରାଜ୍ୟ ଏଭଳି ପଦକ୍ଷେପ ନେଇ ନାହାନ୍ତି। ମଧ୍ୟବିତ୍ତ ଆଗକୁ ବଢ଼ିଲେ ସର୍ଭିସ୍ ସେକ୍ଟର ଆଗକୁ ବଢ଼ିବ। ରାଜ୍ୟ ଆଗକୁ ବଢ଼ିବ। ରାଜ୍ୟର ଅର୍ଥନୈତିକ ବିକାଶ ହେବ। ମଧ୍ୟବିତ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ସବୁ ପଦକ୍ଷେପ ନେଇଥିବା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି।

**ଖଣି ଦୁର୍ନୀତି ମାମଲା**

# ଅଭିଯୁକ୍ତକୁ ଗିରଫ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

**ଭୁବନେଶ୍ୱର, ୨୨।୫(ସମିସ):** ଖଣି ଦୁର୍ନୀତି ମାମଲାରେ ସିଦ୍ଧାର୍ଥ ସ୍ୱଞ୍ଜ ପ୍ରାଇଭେଟ୍ ଲିମିଟେଡ଼ର ନିର୍ଦ୍ଦେଶକଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଗିରଫ ଅଭିଯୁକ୍ତ ଆନନ୍ଦ କୁମାର ଅଗ୍ରୱାଲ। ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟରେ ଗିରଫ କରାଯାଇଛି। ଆନନ୍ଦଙ୍କ ଜାମିନ୍ ନାମଞ୍ଜୁର ହେବାରୁ ଆସନ୍ତା ୪ତାରିଖ ଯାଏଁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଇଡି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏମ୍/ଏସ୍ ସିଦ୍ଧାର୍ଥ ସ୍ୱଞ୍ଜ ପ୍ରାଇଭେଟ୍ ଲିମିଟେଡ଼, ପାୱାର ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟ କିଛି ସଂସ୍ଥା ନାଁରେ ମୟୂରଭଞ୍ଜ ଜିଲ୍ଲାର କାଶିବେଡାରେ ଥିବା ଖଣି ଅଞ୍ଚଳରୁ ବେଆଇନ ଭାବେ ଓ କ୍ଷମତା ଠାରୁ ଅଧିକ ଖଣି ଖନନ କରିଥିବାର ଅଭିଯୋଗ ରହିଥିଲା। ଅନୁମତି ଅଞ୍ଚଳ ଠାରେ ଅଧିକ ଖଣିଜପ୍ରଦାର୍ଥ ଓ ଆଇରନ୍ ଖନନ କରାଯାଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ପୂର୍ବରୁ ଘଟଣାର ତନାଘନା କରାଯାଇଥିଲା। ପରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ସେହି ଦୁର୍ନୀତି ଘଟଣାକୁ ଆଧାର କରି ଇଡି ପକ୍ଷରୁ ପ୍ରିଭେନସନ ଅଫ ମନି ଲଣ୍ଡରି ଆକ୍ଟରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ହୋଇଥିଲା। ୨୦୨୩ ମସିହାରେ ଏହି ଲିଙ୍କ୍‌ରେ ବିଭିନ୍ନ ସ୍ଥାନରେ ଇଡି ପକ୍ଷରୁ ଚଢ଼ଉ ହୋଇଥିଲା। ଏ ସଂକ୍ରାନ୍ତୀୟ ବିଭିନ୍ନ ସ୍ଥାନରେ ଚଢଉ କରି ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ହିସାବ ହୋଇଥିଲା। ଏଥିରେ ୨୧ କୋଟି ଟଙ୍କାର ସରକାରୀ ଆର୍ଥିକ କ୍ଷତି କରାଇ ବୈଦେଶିକ କାରବାର ହୋଇଥିବା ତଥ୍ୟ ଇଡି ହାତରେ ଲାଗିଥିଲା। ଏପରିକି ୩୫କୋଟି ଟଙ୍କା ବେଆଇନ ଭାବେ ଅନତ୍ର ନିବେଶ ହୋଇଥିବାର ଇଡିର ଅଧିକାରୀମାନେ ତଦନ୍ତରୁ ଜାଣିବାକୁ ପାଇଥିଲେ। ଏନେଇ କମ୍ପାନୀର କର୍ତ୍ତୃପକ୍ଷ ସହ ଆନନ୍ଦ ଅଗ୍ରୱାଲଙ୍କୁ ମଧ ଅନେକ ଥର ଏ ସଂକ୍ରାନ୍ତୀୟ



ତଥ୍ୟ ରଖିବାକୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ଆନନ୍ଦ ନୋଟିସକୁ ବାରମ୍ବାର ପ୍ରତ୍ୟାଖାନ କରି ଚାଲିଥିଲେ। ଶେଷରେ ତାଙ୍କୁ ଗତ ୧୮ ତାରିଖରେ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଏନେଇ ରିମାଣ୍ଡରେ ନେଇ ପଚରାଉଚରା କରାଯାଇ ବହୁ ତଥ୍ୟ ହାତେଇଥିଲା। ରିମାଣ୍ଡ ସରିବା ପରେ ଆଜି କୋର୍ଟରେ ହାଜର କରିବା ପରେ ଆସନ୍ତା ୪ତାରିଖ ଯାଏଁ ବିଚାର ବିଭାଗୀୟ ହାଜତରେ ରହିବା ପାଇଁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

## ଅବଶିଷ୍ଟାଂଶ...

### ବଙ୍ଗୋପସାଗରରେ...

ପରେ ଏହା ଅଧିକ ଘନୀଭୂତ ହୋଇ ୨୪ ତାରିଖ ସକାଳେ ଅବାପତ ଓ ପରେ ଏହା ଗଭୀର ଅବପାତର ରୂପ ନେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର-ପୂର୍ବ ଦିଗରେ ଗତି କରିପାରେ। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଜିଠାରୁ ଦକ୍ଷିଣ ବଙ୍ଗୋପସାଗରରେ ଘଣ୍ଟାପ୍ରତି ୩୫ରୁ ୪୫ କିଲୋମିଟର ବେଗରେ ବହିବ ପବନ। ୨୪ ତାରିଖ ସକାଳ ବେଳକୁ ପବନର ବେଗ ସମୁଦ୍ରରେ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ୨୩ ତାରିଖଠାରୁରୁ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ରରେ ଅଛନ୍ତି ସେମାନଙ୍କୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ରହିବ ନାହିଁ କୁହାଯାଇଥିଲେ ମଧ ଜିଏଫ୍ଏସ୍ ଓ ଇସିଏମଡବ୍ଲୁଏଫ୍ ମଡେଲ୍ ଦ୍ୱୟ ଏହାର ଭିନ୍ନ ପ୍ରଭାବ ରହିବା ନେଇ ଆକଳନ କରୁଛନ୍ତି। ଦୁଇ ମଡେଲ ଆକଳନ କରୁଛନ୍ତି ଯେ ଏହା ବାତ୍ୟା ଆକାରରେ ସୁନ୍ଦରବନ ନିକଟବର୍ତ୍ତୀ ଅଞ୍ଚଳରେ ଉପକୂଳ ଛୁଇଁପାରେ। ତେବେ ସୁନ୍ଦରବନରେ ଉପକୂଳ ଛୁଇଁଲେ ବାତ୍ୟା ଦ୍ୱାରା ରାଜ୍ୟର ଦୁଇ ୩ ଟି ଜିଲ୍ଲାରେ ପ୍ରଭାବ ପଡ଼ିପାରେ। ମୁଖ୍ୟତଃ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଆଦି ଜିଲ୍ଲାରେ ଏହାର ଅଧିକ ପ୍ରଭାବ ରହିବା ନେଇ ଆକଳନ କରାଯାଉଛି। ରାଜ୍ୟରେ ବର୍ତ୍ତମାନ ତାତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ୩ ଦିନ ମଧ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଗରମ ଗୁଳୁଗୁଳି ବଢ଼ିବ ବୋଲି ଆକଳନ କରାଯାଇଛି। ଏହାସହିତ ୨୫ ତାରିଖ ପର୍ଯ୍ୟନ୍ତ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ସହ ବିଜୁଳି ଘଡ଼ଘଡ଼ି ନେଇ ମଧ ପାଣିପାଗ କେନ୍ଦ୍ର କହିଛି।

### ବିଜେପି ନେତାଙ୍କ...

ଅନ୍ୟାୟ କରିଥିବା ପ୍ରଧାନମନ୍ତ୍ରୀ ନିଜର ଦୋଷ ତ୍ରୁଟିକୁ ଲୁଚାଇବାପାଇଁ ବକ ଧାର୍ମିକ ସାଜିଛନ୍ତି। ଦେଶରେ ବିଦ୍ୱେଷର ବିଷ ମଞ୍ଜି ବୁଣୁଥିବା ଶକ୍ତିକୁ ଦେଶର ଜନସାଧାରଣ ଏହି ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ଶ୍ରୀ ଖେରା କହିଛନ୍ତି। ଜନତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ କଂଗ୍ରେସ ନ୍ୟାୟର ଗ୍ୟାରେଣ୍ଟି ଦେଇଛି। କଂଗ୍ରେସର ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟିକୁ ଦେଶବାସୀ ଅକୁଣ୍ଠ ସମର୍ଥନ ଦେଉଛନ୍ତି। ଯୁବ ନ୍ୟାୟରେ ୩୦ଲକ୍ଷ ସରକାରୀ ପଦବୀ ପୂରଣ କରିବା, ପ୍ରଥମ ଚାକିରୀ ସ୍ଥିର ନିଶ୍ଚିତ କରି ବାର୍ଷିକ ଏକଲକ୍ଷ ଟଙ୍କା ପ୍ରଦାନ କରିବା, ପ୍ରତ୍ୟେକ ପରିବାର ମୁଖ୍ୟ ମହିଳାମାନଙ୍କୁ ବାର୍ଷିକ ଏକଲକ୍ଷ ଟଙ୍କା ପ୍ରଦାନ, ଶ୍ରମିକ ନ୍ୟାୟରେ ମନରେଗା କାର୍ଯ୍ୟପାଇଁ ଦିନକୁ ସର୍ବନିମ୍ନ ୪୦୦ ଟଙ୍କାର ମଜୁରୀ ଓ ସ୍ୱାସ୍ଥ୍ୟ ବୀମା, କୃଷକ ନ୍ୟାୟରେ ଚାଷୀ କରିଥିବା କୃଷିଋଣ ଛାଡ଼ କରିବା ସହିତ ଏମଏସପିକୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା ଓ ଅନୁସୂଚିତ ଜାତି, ଜନଜାତି, ଓବିସି ଏବଂ ଅତି ପଛୁଆବର୍ଗଙ୍କୁ ଜନସଂଖ୍ୟା ଅନୁପାତରେ ସାମାଜିକ ଭାଗିଦାରୀ ସ୍ଥିର ନିଶ୍ଚିତ କରିବା କଂଗ୍ରେସର ଗ୍ୟାରେଣ୍ଟି ବୋଲି ସେ କହିଛନ୍ତି।

### ବଡୁନାହିଁ ବିଜେପି...

ସେହିପରି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମେ' ୨୫ ତାରିଖରେ ପୁନର୍ବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ଗସ୍ତ ନେଇ ମଧ ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର ସୂଚନା ଦେଇଛନ୍ତି। ଶ୍ରୀ ଶାହ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା, ଭଦ୍ରକର ଚାନ୍ଦବାଲି, ଯାଜପୁରର କୋରେଇ ଓ ପୁରୀ ଜିଲ୍ଲା ନିମାପଡ଼ା ଗସ୍ତରେ ଆସି ପ୍ରଚାର କରିବେ। ଗତକାଲି ଅମିତ ଶାହ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଓ ନୟାଗଡ଼ ଆସି ପ୍ରଚାର କରିଥିଲେ।

### ବଜ୍ରପାତରେ ଜଣେ...

ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ସେହିପରି କାଳବୈଶାଖୀରେ ଭାଙ୍ଗି କାଲିମେଳା ବ୍ଲକ୍ ଭେଜାଙ୍ଗିୱାଡ଼ା ପଞ୍ଚାୟତ ପରୁଲୁଗୁଡ଼ା ଗ୍ରାମରେ ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡ଼ିଛି। ସେହିପରି ଏହି ବଜ୍ରପାତରେ ଉକ୍ତ ଗାଁର ବନ୍ଧୁ ଗୌଡ଼ଙ୍କ ଘର ନିକଟରେ ଥିବା ଏକ ବଡ଼ ମହୁଲ ଗଛ ଭାଙ୍ଗି ଯାଇ ତାଙ୍କ ଘର ଉପରେ ପଡ଼ିଥିଲା। ଏହି ସମୟରେ ଘରେ ତାଙ୍କ ସ୍ତ୍ରୀ ଯମୁନା ଗୌଡ଼ ଥିବାରୁ ତାଙ୍କ ଉପରେ ଗଛଟି ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କର ୨ ଶିଶୁ କନ୍ୟା ମଧ ଘର ଭିତରେ ରହିଥିବାବେଳେ ସାନ ଝିଅ ଅଳ୍ପ ଆହତ ହୋଇଥିବାବେଳେ ବଡ଼ ଝିଅ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

### ୨୬ରେ +୨...

ଫଳ ପ୍ରକାଶ ପାଇବ। ଏନେଇ ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।

### ଆରମ୍ଭ ହେବ...

ରାଜ୍ୟରେ ବର୍ଷକୁ ହାରାହାରି ୫୫୦୦ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ପ୍ରାୟ ଦୁଇ ଗୁଣା ଲୋକ ଆହତ ହେଉଛନ୍ତି। ଏହା ରାଜ୍ୟର ଅର୍ଥନୀତିକୁ ମଧ ଗୁରୁତର ପ୍ରଭାବିତ କରୁଛି। ସଡ଼କ ଗୁଡିକୁ ଦୁର୍ଘଟଣା ମୁକ୍ତ ରଖିବା ପାଇଁ ବୈଷୟିକ କୌଶଳର ଉପଯୋଗ ସହିତ ବ୍ଲାକ୍ ସ୍ପଟ୍ ମରାମତି, ସୂଚନା ଫଳକ ବ୍ୟବସ୍ଥା ହୋଇଛି। ପୁଲିସ ଓ ପରିବହନ ବିଭାଗ ମିଳିତ ଭାବେ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। କିନ୍ତୁ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ଏହି ପଦକ୍ଷେପ ସେତେଟା ଉତ୍ସାହଜନକ ହୋଇପାରି ନାହିଁ। ଏପରିସ୍ଥଳେ ଆଉ ଏକ ପାଦ ଆଗକୁ ଯାଇ ଦୁର୍ଘଟଣାର ମୂଳ କାରଣ ଖୋଜି ତାହାର ପ୍ରତିକାର କରିବା ପାଇଁ ପରିବହନ ବିଭଗ ଲକ୍ଷ୍ୟ ରଖିଛି। ହସ୍ତଗତ ସୂଚନା ଅନୁସାରେ ରାଜ୍ୟର ପ୍ରମୁଖ ଉଚ୍ଚଶିକ୍ଷାନୁଷ୍ଠାନର ଗବେଷକ ମାନଙ୍କୁ ନେଇ ସଡ଼କ ଦୁର୍ଘଟଣାର କାରଣ ଖୋଜାଯିବ। ସେମାନଙ୍କୁ ସହାୟତା ପାଇଁ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକ୍‌ଚରର୍ସ (ଏସ୍‌ଆଇଏଏମ୍), ଅଟୋମୋବାଇଲ୍ କମ୍ପୋନେଣ୍ଟସ୍ ମାନୁଫାକ୍‌ଚରର୍ସ ଆସୋସିଏସନ୍ (ଏସିଏମ୍‌ଏ), ଅଟୋମୋବାଇଲ୍ ଟାୟାର ମାନୁଫାକ୍‌ଚରର୍ସ ଆସୋସିଏସନ୍ (ଏଟିଏମ୍‌ଏ) ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଏଫ୍‌ଏଡିଏ)ଙ୍କୁ ନିୟୋଜିତ କରାଯିବ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଆଇଡିଟିଆର) ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଉଭୟ କ୍ଷେତ୍ର ସ୍ତରୀୟ ଏବଂ ବୈଷୟିକ କୌଶଳ ସହାୟତାରେ ସଡ଼କ ଦୁର୍ଘଟଣାର କାରଣ ଖୋଜାଯିବ। ଗବେଷଣା ରିପୋର୍ଟରୁ ଯାହା ନିଷ୍କର୍ସ ବାହାରିବ ତାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ଓଡ଼ିଶା ସଡ଼କ ସୁରକ୍ଷା ପ୍ରାଧିକରଣ ଉପରେ ରହିବ। ଗବେଷଣା ରିପୋର୍ଟ ଅନୁସାରେ ଦୁର୍ଘଟଣା ଏବଂ ମୃତାହତ ହାର କମାଇବା ପାଇଁ ପଦକ୍ଷେପ ନିଆଯିବ। ରାଜ୍ୟସ୍ତରରେ ହୋଇଥିବା ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନେବା ପାଇଁ ଜିଲ୍ଲା ସଡ଼କ ସୁରକ୍ଷା କମିଟିକୁ କ୍ଷମତା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

### ମାଗଣା ବିଜୁଳି...

ଘୋଷଣା କରିଛନ୍ତି। ଆସନ୍ତା ଜୁଲାଇ ମାସରୁ ମାଗଣା ବିଜୁଳି ଘୋଷଣା କରିବା ସହ 'ଆପଣମାନେ ଖୁସି ତ?' ବୋଲି ପ୍ରଶ୍ନ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀ ବସ, କାଳିଆ, ୫-ଟି ସ୍କୁଲ ରୂପାନ୍ତରଣ, ମଧୁବାବୁ ପେନସନ, ରାସନ କାର୍ଡ, ପୁରୀ ମନ୍ଦିର କାମ, ମା'ସମଲେଇଙ୍କ କାମ ଆଦି ଯୋଜନା ଆପଣମାନଙ୍କୁ କେମିତି ଲାଗୁଛି ବୋଲି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ପଚାରିଛନ୍ତି। ସାଧାରଣ ଲୋକମାନେ ଉଲ୍ଲାସର ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ସମ୍ମତିସୂଚକ ସହର୍ଷ 'ହଁ' ଭରି ନବୀନଙ୍କ ପ୍ରତି ନିଜର ସମର୍ଥନକୁ ଜାହିର କରିଛନ୍ତି। ୨୫ ତାରିଖରେ ବିଜେଡି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ କଥା ଦେଇଛନ୍ତି। ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ କଟକରେ ଆୟୋଜିତ ନିର୍ବାଚନୀ ସମାବେଶଗୁଡ଼ିକରେ ମୁଖ୍ୟମନ୍ତ୍ରୀ ବିରୋଧୀମାନଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀ ଦଳର ଲୋକମାନେ ମିଛ କହୁଛନ୍ତି ଓ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି ବୋଲି ଉଲ୍ଲେଖ କରି ସେମାନେ ଓଡ଼ିଶା ପାଇଁ କେବେ ସ୍ୱର ଉତ୍ତୋଳନ କରି ନାହାନ୍ତି କି କରିବେ ନାହିଁ ବୋଲି କହିଛନ୍ତି। ଏପରିକି ଭୁବନେଶ୍ୱର ସାଂସଦ ପୁରୀ ଓ ଲିଙ୍ଗରାଜ ମନ୍ଦିର କାମ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି, ତେଣୁ ଏପରି ଲୋକମାନଙ୍କୁ ଏଥର ଜବାବ ଦେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଦୁଇ ସାଂସଦଙ୍କୁ...

ଭୁବନେଶ୍ୱର ସାଂସଦ ତାଙ୍କ ରିପୋର୍ଟ କାର୍ଡ ଦେଇ ଲେଖିଛନ୍ତି। ମାତ୍ର ଏନ୍‌ଏଚ୍ ନିର୍ମାଣରେ ସାଂସଦଙ୍କ ଭୂମିକା କଣ? ପାଞ୍ଚ ବର୍ଷରେ ତାଙ୍କର ଉପଲବ୍ଧି ହେଉଛି ଗୋଟିଏ ଫୁଟ୍ ଓଭର ବ୍ରିଜ୍, ୭ ହଜାର ସୋଲାର ଲାଇଟ, ୨୦ଟି ମିନିମାକ୍ସ ଲାଇଟ। ସେ ବର୍ତ୍ତମାନ ମନ୍ଦିର ବୁଲି ୱାଟର କୁଲର ଲଗାଉଛନ୍ତି। ଭୁବନେଶ୍ୱର ଲୋକ ତାଙ୍କୁ କ'ଣ ଏଇଥି ପାଇଁ ସାଂସଦ କରିଥିଲେ ? ରାଜଧାନୀର ସାଂସଦମାନଙ୍କର ସ୍ୱତନ୍ତ୍ର ଭୂମିକା ଥାଏ। ଭୁବନେଶ୍ୱର ସାଂସଦ ଭାବେ ସହରକୁ ମେଟ୍ରୋ ଆଣିବା, ରିଙ୍ଗ ରୋଡ଼ କରି ଆଖପାଖ ଅଞ୍ଚଳକୁ ଭୁବନେଶ୍ୱର ସହିତ ଯୋଡ଼ିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାମ। ଏହାଦ୍ୱାରା ଭୁବନେଶ୍ୱର ସହିତ ପାରିପାର୍ଶ୍ୱିକ ଅଞ୍ଚଳ ଯଥା ଖୋର୍ଦ୍ଧା, ବେଗୁନିଆ, ଜଟଣୀ ଆଦି ଅଞ୍ଚଳର ମଧ ଉନ୍ନତି ହୋଇପାରିବ। ଭୋପାଳ, ବେଙ୍ଗାଲୁରୁ ଓ ଜୟପୁର ପରି ରାଜଧାନୀ ସହରର ବିଜେପି ସାଂସଦମାନେ ସେମାନଙ୍କ ଅଞ୍ଚଳ ପାଇଁ ବଡ଼ ବଡ଼ ପ୍ରୋଜେକ୍ଟ ଆଣିପାରିଛନ୍ତି। ଆମର ଆଶା ଥିଲା ସାଂସଦ ଭୁବନେଶ୍ୱର ପାଇଁ ଆଇଟି ପାର୍କ, ସଫ୍ଟୱେର ପାର୍କ, ସି ଫୁଡ୍ ପାର୍କ, ଉତ୍ପାଦନ କେନ୍ଦ୍ର, ବୟନ ପାର୍କ ଆଦି ଅନେକ ଶିଳ୍ପ ଆଣିବେ। କିନ୍ତୁ ଆପଣଙ୍କ ସାଂସଦ ଆପଣଙ୍କ ପାଇଁ କ'ଣ କରିଛନ୍ତି ଜଣାପଡୁନାହିଁ। ଆପଣଙ୍କ ଅଞ୍ଚଳର ଗର୍ବ ଓ ଗୌରବ ପାଇକ ବିଦ୍ରୋହ ବିଷୟରେ ସେ କିଛି କରି ନାହାନ୍ତି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଦେବାପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖୁଛନ୍ତି। କିନ୍ତୁ ସେ ଚୁପ୍ ରହିଛନ୍ତି।

ଶ୍ରୀ ପାଣ୍ଡିଆନ୍ ପୁଣି କହିଛନ୍ତି ଯେ ସାରା ଓଡ଼ିଶା ଜାଣିଛି ନବୀନ ପଟ୍ଟନାୟକ ଜୁନ ୯ ତାରିଖରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ମାଗଣା ବିଜୁଳି, ସମସ୍ତଙ୍କୁ ବିଏସ୍‌କେୱାଇ ଓ ମିଶନଶକ୍ତି ମା'ଙ୍କୁ ଭତ୍ତା ନିମନ୍ତେ ସେ ପ୍ରଥମେ ୩ଟି ଦସ୍ତଖତ କରିବେ। ଅର୍ଥନୀତିର ମେରୁଦଣ୍ଡ ମଧ୍ୟବିତ୍ତଙ୍କ ଆର୍ଥିକ ବୋଝ ହାଲୁକା କରିବାକୁ ବିଏସ୍‌କେୱାଇ କାର୍ଡ଼ ଦେବେ। ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ଉପରେ ସୁଧ ରିଆତି ମିଳିବ, ପିଲାଙ୍କୁ ୧୨ରୁ ୧୪ ହଜାର ନୂଆ ଓ ବୃତ୍ତି ପ୍ରଦାନ କରାଯିବ। ଅନ୍ୟ କୌଣସି ରାଜ୍ୟରେ ଏପରି ବ୍ୟବସ୍ଥା ନାହିଁ। କେବଳ ମୁଖ୍ୟମନ୍ତ୍ରୀ ଏହା ଚିନ୍ତା କରିପାରନ୍ତି ଓ କାର୍ଯ୍ୟରେ ପରିଣତ କରିପାରନ୍ତି।

ମୁଖ୍ୟମନ୍ତ୍ରୀ ନୟାଗଡ଼ରେ ବିପୁଳ ପୁଞ୍ଜିନିବେଶର ଯୋଜନା ରଖିଛନ୍ତି ମୁଖ୍ୟମନ୍ତ୍ରୀ। ରେଳଲାଇନ ହୋଇଛି, ବର୍ତ୍ତମାନ ନୟାଗଡ଼ ଶିଳ୍ପସମୃଦ୍ଧ ହେବ। ଯୁବପିଢ଼ି ରୋଜଗାର ପାଇବେ, ସଶକ୍ତ ହେବେ। ପୁରୀକୁ ବିଶ୍ୱସ୍ତରୀୟ ଐତିହାସିକ ନଗରୀରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆପଣମାନଙ୍କ ସମସ୍ତଙ୍କ ଯୋଗଦାନ ରହିବ। ଏହାଦ୍ୱାରା ସମସ୍ତେ ଉପକୃତ ହେବେ। ପୁରୀରେ ଆନ୍ତର୍ଜାତିକ ବିମାନବନ୍ଦର ହେବ। ଦୁବାଇ, ସିଙ୍ଗାପୁର ପରି ବିମାନ ବନ୍ଦରରେ ପୁରୀର ନାଁ ଲେଖାହେବ। ପୁରୀକୁ ପୁଞ୍ଜି ଆସିବ, ନିଯୁକ୍ତି ଆସିବ, ରୋଜଗାର ବଢ଼ିବ। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତଙ୍କୁ ଘର ମିଳିବ, ରାସନ କାର୍ଡ ମିଳିବ। ଉଠାଦୋକାନୀଙ୍କର ପୁରୀର ରୂପାନ୍ତରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ କରାଯିବ। ସେମାନେ ଖୁସିରେ ରହିବେ ପୁରୀ ହେବ ସାରା ଓଡ଼ିଶାର ଅର୍ଥନୈତିକ ମେରୁଦଣ୍ଡ। ଏଠାରେ ଆଉ କିଏ ବିଜୟଲାଭ କଲେ ମୁଖ୍ୟମନ୍ତ୍ରୀଙ୍କ କାମରେ ମୁଣ୍ଡ ଖେଳାଇବେ। ବିକାଶକୁ ରୋକିବେ। ପୁରୀ ଜିଲ୍ଲାକୁ ସଶକ୍ତ କରିବାକୁ ହେଲେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ଆସିବା ଦରକାର, ତା'ହେଲେ ଯାଇ ଜିଲ୍ଲା ବିକାଶରଧାରା ଆଗକୁ ବଢ଼ିବ। ଅଲଗା ଲୋକ ସାଂସଦ ହେଲେ ବିକାଶ ରଥ ଅଟକି ଯିବ। ସେମାନେ କାମ କରିବେ ନାହିଁ, କିମ୍ବା କରାଇ ଦେବେ ନାହିଁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଏହି ଅବସରରେ ସେ ଖୋର୍ଦ୍ଧାରେ ସ୍ଥାପନ ହୋଇଥିବା ବୃହତ୍ ଶିଳ୍ପ ସମ୍ପର୍କରେ ସୂଚନା ଦେଇଛନ୍ତି। ଏସିଏମ୍‌ଇ ଗ୍ରୀନ୍‌ଟେକ୍ ଉର୍ଜା ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ୩୫, ୬୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି ଓ ଏଥିରୁ ୬୩୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଅଭଦା ଇଲେକ୍ଟ୍ରୋ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ୧୧, ୩୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ୪୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଇଲେକ୍ଟ୍ରୋନିକ୍ ମାନୁଫାକ୍‌ଚରିଂ କ୍ଲଷ୍ଟର ଜରିଆରେ ୨୩୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି, ୪୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ବର୍ଜର ପେଣ୍ଟସ୍ ଇଣ୍ଡିଆ ଜରିଆରେ ୧୪୬୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି, ୪୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ରୁଙ୍ଗ୍‌ଟା ପେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ୧୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି, ୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଅପରପକ୍ଷେ ନେସ୍‌ଲେ ଇଣ୍ଡିଆ ଲିମିଟେଡ୍ ଜରିଆରେ ୯୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି, ୯୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ସି ଫୁଡ୍ ପାର୍କରେ ୫୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି।

କଟକ ଠାରେ ଆୟୋଜିତ ନିର୍ବାଚନୀ ସଭାରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ବର୍ତ୍ତମାନର ସାଂସଦ କଟକରୁ ୬ ଥର ସଂସଦକୁ ନିର୍ବାଚିତ ହୋଇଛନ୍ତି। କୋଭିଡ ମୁକାବିଲାରେ ଓଡ଼ିଶାର ଭୂମିକା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସନୀୟ ଥିଲା। କୋଭିଡ ମୁକାବିଲାରେ ଓଡ଼ିଶା ୧ ନମ୍ବର ଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲକ୍ଷ ଲକ୍ଷ ଜୀବନ ବଞ୍ଚାଇବା ପାଇଁ ହଜାର ହଜାର ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ, ସରକାରୀ କର୍ମଚାରୀ ଦିନ ରାତି କଠିନ ପରିଶ୍ରମ କରି ଏହି ମହାମାରୀର ମୁକାବିଲା କରିଥିଲେ। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ସିଲିଣ୍ଡର ପଠାଇଥିଲେ। କୋଭିଡ଼ ମୁକାବିଲା ସଂକ୍ରାନ୍ତରେ ସଂସଦରେ ଯେତେବେଳେ ଆଲୋଚନା ହେଲା କଟକର ସାଂସଦଙ୍କୁ ବିଜୁ ଜନତା ଦଳ ପକ୍ଷରୁ କହିବା ପାଇଁ ସୁଯୋଗ ମିଳିଥିଲା। ୨୦ ମିନିଟ୍ କାଳ କୋଭିଡ଼ ମୁକାବିଲା ବିଷୟରେ ଭାଷଣ ଦେଇଥିଲେ ; ସେ କେବଳ କେନ୍ଦ୍ର ସରକାରଙ୍କ ଗୁଣଗାନ କରିଥିଲେ ଓ ଥରଟିଏ ବି ଓଡ଼ିଶା କଥା ଉଲ୍ଲେଖ କରି ନ ଥିଲେ। ଓଡ଼ିଶା ଓ ନବୀନ ବାବୁଙ୍କୁ ଭୂଲିଗଲେ। ସେଦିନ ଜଣା ପଡ଼ିଥିଲା ଯେ ସେ ଶାରୀରିକ ଭାବରେ ବିଜେଡିରେ ଥିଲେ ସୁଦ୍ଧା ତାଙ୍କ ଆତ୍ମା ବିଜେପିରେ ବିଚରଣ କରୁଛି। ତେଣୁ ଓଡ଼ିଶା ପ୍ରତି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏଭଳି ପ୍ରତାରଣାର ଉଚିତ ଜବାବ୍ ୨୫ ତାରିଖରେ ଆପଣମାନେ ଦେବେ ବୋଲି ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ସମାବେଶରେ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତ ରାୟ, ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ କଟକ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ସମେତ ସମସ୍ତ ବିଧାନ ସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀମାନଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ଭୋଟ ବ୍ୟବଧାନରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶ୍ରୀ ପାଣ୍ଡିଆନ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# କସ୍ତୁରୀବାଳା ସ୍ୱାଇଁ ମହିଳା ବିଜେଡି ସମ୍ପାଦିକା

**ଭୁବନେଶ୍ୱର, ୨୨।୫(ସମିସ):** କସ୍ତୁରୀବାଳା ସ୍ୱାଇଁଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦକ ନିଯୁକ୍ତ କରାଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରୀମତି ସ୍ୱାଇଁଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବା ନେଇ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ: https://oshb.org
CAD-127

ପତ୍ର ସଂଖ୍ୟା- ୧୧୬ | **ବିଜ୍ଞାପନ** | ତା.୧୫.୦୫.୨୦୨୪
RHS-146/96
MIG-II-18

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍.ଆଇ.ଜି-୨-୧୮ (MIG-II-18), ରାୟଗଡା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ମାନସ ରଞ୍ଜନ ବିହାର ଓ ଶ୍ରୀ ଦେବାଶିଷ ବିହୋର, ପିତା- ✓ ବିଶ୍ୱ ବିହାର, ଗ୍ରାମ-ଆଇମଣ୍ଡ, ପୋଷ୍ଟ-ବଣ୍ଟଗାଁ, ଜିଲ୍ଲା-କୋରାପୁଟ, ପିନ୍-୭୬୪୦୨୭ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ମାନସ ରଞ୍ଜନ ବିହାର ଓ ଶ୍ରୀ ଦେବାଶିଷ ବିହୋର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବିଜୟ କୁମାର ସେଠୀ, ପିତା- ✓ ବଟିଗା ସେଠୀ, ସ୍ଥାନ- ଧୋବାସାହି, ପୋଷ୍ଟ/ଥାନା- କେ. ସିଂପୁର, ଜିଲ୍ଲା- କୋରାପୁଟଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0120/2425

**SALE**
MAHINDRA BLAZO 40, MODEL 2019, Regn. No - OD-33-X-1498 in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

**AFFIDAVIT**
By virtue of an affidavit sworn before the court of the Executive Magistrate, Cuttack, Odisha, dated 21/05/2024, I Krishna Das, resident of MIG-8, K9-A, Kalinga Vihar , PO : Patrapada, PS: Tamando, Bhubaneswar, Dist: Khordha declare that I have changed my name from Sabita Kumari Mallick to **Krishna Das.** Henceforth I shall be known as Krishna Das for all purposes.
Krishna Das

**ନିୟନ୍ତ୍ରିତ ବଜାର କମିଟି**
ଢୁଙ୍କୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର
**ସୂଚନା**

ଏତଦ୍ୱାରା ସୋନପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ରବି (୨୦୨୩-୨୪) ଋତୁରେ ଉତ୍ପାଦିତ ଧାନକୁ **ପ୍ରାଥମିକ ସେବା ସମବାୟ ସମିତି** WSHG ଜରିଆରେ ୨୨.୦୫.୨୦୨୪ ଠାରୁ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ (FAQ) କୁଇଣ୍ଟାଲ ପ୍ରତି ୨୧୮୩.୦୦ ଟଙ୍କାରେ ସପ୍ତାହର ରବିବାର ଦିନ ବ୍ୟତୀତ ପ୍ରତ୍ୟେକ ଦିନ କ୍ରୟ କରାଯିବ। ତେଣୁ ନିଜ ନାମ ପଞ୍ଜୀକୃତ କରିଥିବା କ୍ରୟ କେନ୍ଦ୍ରମାନଙ୍କରେ ଯୋଗାଯୋଗ କରି ମୋବାଇଲକୁ ଆସିଥିବା ଟୋକନ ସମ୍ବନ୍ଧୀୟ ବାରତା ଅନୁସାରେ ଧାର୍ଯ୍ୟ ଦିବସରେ ସୂଚନା ମୁତାବକ ପରିମାଣର ଧାନ ସକାଳ ୮.୦୦ରୁ ଅପରାହ୍ନ ୧.୦୦ ଘଣ୍ଟା ମଧ୍ୟରେ ମଣ୍ଡିକୁ ଆଣିବେ ଧାନକୁ ଠିକ୍ ଭାବରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫା କରି ବିକ୍ରୟ କେନ୍ଦ୍ରକୁ ଆଣିବାକୁ ଅନୁରୋଧ।

ସଂପାଦକ, ନିୟନ୍ତ୍ରିତ ବଜାର କମିଟି, ଢୁଙ୍କୁରିପାଲି
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଢୁଙ୍କୁରିପାଲି

**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
**(DISTRICT CHILD PROTECTION UNIT)**
**Odisha State Child Protection Society, W & CD Department, Govt. of Odisha**

Letter No. 758/DCPU/SNG/2024 | Date: 08.05.2024

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଦିଶା, ସା- ସୁନ୍ଦରଗଡରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା -୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ**
**ମୋ. ନଂ.- ୯୯୩୮୧୭୦୪୫୦/ ଅଫିସ୍ - ୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ**
**ମୋ. ନଂ.- ୭୯୭୮୯୦୯୦୦୧ / ଅଫିସ୍- ୦୬୬୨୨-୨୭୨୨୬୩**

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ / ବୟସ | ଲିଙ୍ଗ | ରହୁଥିବା ଜାଗା | ଶିଶୁର ଫଟୋ |
|---|---|---|---|---|---|
| ୧ | ପିହୁ ସେଠି | ୩ ବର୍ଷ | ଝିଅ | ଦିଶା, ସା- ସୁନ୍ଦରଗଡ ଅରଖକୁଦା ସମୁଦ୍ର କୂଳ, ପୁରୀ, ତା.୦୮.୧୨.୨୦୨୩ |  |
| ୨ | ଅବନତିକା | ୩ ବର୍ଷ | ଝିଅ | ଦିଶା, ସା- ସୁନ୍ଦରଗଡ ଉଦିତ୍ ନଗର, ରାଉରକେଲା ତା.୦୮.୦୫.୨୦୨୪ |  |

Sd/- District Child Protection Officer, Sundargarh

### ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାମରେ ଅନିୟମିତତା ଅଭିଯୋଗ

# ପିଲର ମୂଳରେ ବାଲି ବଦଳରେ ମାଟି ବ୍ୟବହାର

**ଦଶରଥପୁର, ୨୨।୫ (ସମିସ):** ସରକାର ସମସ୍ତ ସରକାରୀ ନିର୍ମାଣ କାର୍ଯ୍ୟକୁ ସ୍ୱଚ୍ଛତାର ସହିତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବାକୁ ନିୟମ ଧାର୍ଯ୍ୟ କରିଥିବାବେଳେ କେତେକ ସରକାରୀ ଅଧିକାରୀ ଓ ଠିକା ସଂସ୍ଥାର ଅସାଧୁମେଣ୍ଟ ଯୋଗୁ ସରକାରୀ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି।





## ପୁରୁଣା କୋଠା ଭାଙ୍ଗି ରଡ୍, ଇଟା ଚାଲାଣ

ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଭାବେ ବିପିଏମ୍‌ୟୁ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବହୁ ଲକ୍ଷ ଟଙ୍କା ଅନୁଦାନ ମଂଜୁର କରାଯିବା ସହିତ ଜଣେ ଠିକା ସଂସ୍ଥାକୁ ଗୃହ ନିର୍ମାଣ ପାଇଁ କାର୍ଯାଦେଶ ପ୍ରଦାନ କରାଯାଇଛି। କାର୍ଯ୍ୟାଦେଶ ପାଇଥିବା ଠିକା ସଂସ୍ଥା ସ୍ଥାନ ନିରୂପଣ ନାମରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସୁରକ୍ଷିତ କୋଠା ଘରକୁ ଭାଙ୍ଗି ସେଥିରୁ ଇଟା, ରଡ୍, ପାଣିଟାଙ୍କି ଭଳି ମୂଲ୍ୟବାନ ସାମଗ୍ରୀକୁ ରାତାରାତି କେଉଁଆଡ଼େ ଚାଲାଣ କରିଥିବା ଅଭିଯୋଗ ହୋଇଛି।

ସେହିପରି ନୂତନ ଭାବେ ନିର୍ମାଣ କରାଯାଇଥିବା ପିଲର ମୂଳରେ ବାଲି ପରିବର୍ତ୍ତେ ଅଳିଆ ଆବର୍ଜନାଯୁକ୍ତ ମାଟି ଭର୍ତ୍ତି କରାଯାଉଛି। ଭଙ୍ଗାଯାଇଥିବା ପୁରାତନ କୋଠାଘରେ ଲାଗିଥିବା ସିଲିଂ ଫ୍ୟାନ୍‌କୁ ମଧ୍ୟ ଗାଏବ କରିଦିଆଯାଇଛି। ସବୁଠୁ ପରିତାପର ବିଷୟ ନିର୍ମାଣ ସମୟରେ ଠିକାସଂସ୍ଥା ବ୍ୟବହାର କରୁଥିବା ବିଦ୍ୟୁତ୍ ଦେୟ ସ୍ୱାସ୍ଥ୍ୟକେନ୍ଦ୍ର ବହନ କରୁଥିବାବେଳେ ଏହି ବିଦ୍ୟୁତ୍ ବିଲ୍ ପାଖାପାଖି ୧୫ ହଜାର ପର୍ଯ୍ୟନ୍ତ ହୋଇଥିବା ସୂଚନା ମିଳିଛି। ଗୃହ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଲୁହା ରଡ୍, ସିମେଣ୍ଟ, ବାଲି ଓ ଗୋଡ଼ି ନିମ୍ନମାନର ହୋଇଥିବାବେଳେ ଗୃହ ନିର୍ମାଣର ସ୍ଥାୟିତ୍ୱକୁ ନେଇ ଆଶଙ୍କା ଦେଖା ଦେଇଛି। ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିନ୍ଦୁ ସାଗର ସାମଲଙ୍କୁ ପଚାରିବାରୁ ସେ ଭଙ୍ଗାଯାଇଥିବା ପୁରୁଣା କୋଠା ଘରର ରଡ୍, ଇଟା, ଫ୍ୟାନ୍, ପାଣିଟାଙ୍କି ଇତ୍ୟାଦି ସାମଗ୍ରୀ କେଉଁଠି ଅଛି ତାହା ଜାଣି ନ ଥିବା କହିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଅଶୋକ କୁମାର ଜେନା ନିଜ ପ୍ରତିକ୍ରିୟାରେ ଏ ବିଷୟରେ ଅଭିଯୋଗ ମିଳିଛି ବୋଲି କହିବା ସହିତ ତଦନ୍ତ କରାଯିବ ବୋଲି କହିଥିଲେ।

## ଯୁବ ଆଇନଜୀବୀଙ୍କ ବିୟୋଗ, ଓକିଲ ସଂଘର ଶୋକ

**କୁଜଙ୍ଗ,୨୨।୫(ସମିସ):** କୁଜଙ୍ଗ ଓକିଲ ସଂଘର ଯୁବ ସଦସ୍ୟ ଆଇନଜୀବୀ ବିକାଶ କୁମାର ନାଥ(୨୯)ଙ୍କର ପରଲୋକ ହୋଇଯାଇଛି। ଗତକାଲି ତାଙ୍କୁ ଜ୍ୱର ହୋଇଥିଲା ଓ ତାଙ୍କ ଦେହ ଅସୁସ୍ଥ ହୋଇପଡିବା ଯୋଗୁ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ନିଆଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ପାଇ କୁଜଙ୍ଗ ଓକିଲ ସଂଘର ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ, ବରିଷ୍ଠ ସଭ୍ୟ ସତ୍ୟାନନ୍ଦ ବିଶ୍ୱାଳ, ସମ୍ପାଦକ ଏଏନ୍‌ଡି ଯାଦବଙ୍କ ସହ ବହୁ ସଦସ୍ୟ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ବିକ୍ରମ ନାରାୟଣ ଦାସ, ପ୍ରକାଶ ନାରାୟଣ ଦାସ, ଅକ୍ଷୟ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ କରାଯାଇଥିବା ବେଳେ ଭାଇ ପ୍ରକାଶ ନାଥ ମୁଖାଗ୍ନି ଦେଇଥିଲେ।

## ମା’ ଶାରଳା ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର



**ତିର୍ତ୍ତୋଲ, ୨୨।୫(ସମିସ):** ତିର୍ତ୍ତୋଲସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ଶାରଳା ଫାଉଣ୍ଡେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ଯୁବତୀ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦେଇ ରକ୍ତଦାନ କରିଥିଲେ। ଜଗତସିଂହପୁର ରକ୍ତଭଣ୍ଡାର ଟିମର ସଦସ୍ୟ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, କୁମାର ଉତ୍ସବ ସମିତି ସଭାପତି ବିମଳ ମହାପାତ୍ର, ଅବସରପ୍ରାପ୍ତ ଅଧିକାରୀ ପ୍ରମୋଦ ସାହୁ, ଅଶୋକ ଦାସ, ଅରୁଣ ମହାନ୍ତି, ଅମିତାଭ ସ୍ୱାଇଁ, ଅବିନାଶ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଫାଉଣ୍ଡେସନର ସାଧାରଣ ସମ୍ପାଦିକା ସୋନାଲି ମହାନ୍ତି, ହୃଷିକେଶ ପରିଜା, ରାମକୃଷ୍ଣ ପରିଜା, ସଞ୍ଜୟ ମହାପାତ୍ର, ଜଗନ ଦାସ, ଜୟନ୍ତ ମଲ୍ଲିକ, ସୌମ୍ୟରଞ୍ଜନ ମହାନ୍ତି, ଦେବାଶିଷ ସାହୁ, ନୀଳାଞ୍ଚଳ ସାହୁ, ଝୁନିବାଳା ଦାସ, ତାପସ ମହାନ୍ତି, ସ୍ମୃତିରଞ୍ଜନ ରାୟ, ସୂର୍ଯ୍ୟକାନ୍ତ ନାୟକ, ବିଶ୍ୱନାଥ ମହାପାତ୍ର, ସ୍ୱପ୍ନଜିତ ପରିଜା, ସୁର୍ଲଭା ବାରିକ, ନିରଜ ସିଂ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ବିବାହ ବାର୍ଷିକୀରେ ଦମ୍ପତିଙ୍କ ରକ୍ତଦାନ

**କେନ୍ଦ୍ରାପଡ଼ା,୨୨।୫(ସମିସ):** ଆଜିର ସମୟ ଚକ୍ରରେ ମଣିଷ ସବୁବେଳେ ନିଜର ବ୍ୟକ୍ତିଗତ ଜୀବନ ପାଇଁ ବ୍ୟସ୍ତ ରହିଥାଏ । ସମାଜ ପ୍ରତି କିଛି କର୍ତ୍ତବ୍ୟ ମଧ୍ୟ ରହିଛି । ଜୀବନରେ ବିବାହ ନୂତନ ସ୍ୱାଦ ଆଣିଥାଏ ।ଯଦି ମଣିଷ ଏହି ସମୟରେ ସମାଜ ପାଇଁ କିଛି କର୍ମ କରି ଉଦାହରଣ ପାଲଟେ ତେବେ ଏହା ଅତି ସୁନ୍ଦର ଓ ସୁଉଚ୍ଚ ଚିନ୍ତାଧାରା । ଆଜି ଏହି ଭଳି କିଛି କାମ ଦେଖିବାକୁ ମିଳିଥିଲା କେନ୍ଦ୍ରାପଡ଼ା ଜିଲ୍ଲାର କନ୍ତିଆ ଗ୍ରାମର ରାଜେଶ ବାରିକ ଓ ଭଦ୍ରବି ବାରିକଙ୍କ ବିବାହର ପ୍ରଥମ ବାର୍ଷିକ ଉତ୍ସବରେ ଦମ୍ପତ୍ତି ଗ୍ରୀଷ୍ମ ପ୍ରବାହରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦୂର କରିବାକୁ ରକ୍ତଦାନ କରିଥିଲେ । ଏହାପରେ ଗ୍ରୀଷ୍ମ ଋତୁରେ ମଣିଷ ଶାନ୍ତିରେ ଜୀବନ ବିତାଇବା ପାଇଁ ବିକଳ୍ପ କେବଳ ଗଛ ଏହାର ଉପାଦେୟତାକୁ ବୁଝି ବୃକ୍ଷ ରୋପଣ ମଧ୍ୟ କରିଥିଲେ ।ଏହା ସହିତ ରାଜେଶ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଜଣେ ସକ୍ରିୟ ସଦସ୍ୟ ହୋଇଥିବାରୁ ଟ୍ରଷ୍ଟର ସେବା କାର୍ଯ୍ୟ ପାଇଁ କିଛି ଆର୍ଥିକ ଅନୁଦାନ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କୁ ପ୍ରଦାନ କରିଥଲେ । ଆଜିର ଏହି ଗ୍ରୀଷ୍ମକାଳୀନ ସେବାକାର୍ଯ୍ୟରେ ସହଯୋଗୀ ଥିବା ଅଧ୍ୟାପକ ପ୍ରମୋଦ ମହାନ୍ତିଙ୍କ ମତରେ ଯଦି ଆମେ ଶୀତତାପ ନିୟନ୍ତ୍ରକ ବଦଳରେ ବୃକ୍ଷକୁ ବିକଳ୍ପ ଭାବରେ ବାଛିନେବା ତେବେ ଆମ ପରିବେଶ ସୁଧୁରିଯିବ ।ଆଜିର କାର୍ଯ୍ୟକ୍ରମରେ ଆଇନଜୀବୀ ନଳିନୀ କାନ୍ତ ବେହେରା, କାଳନ୍ଦୀ ମଲ୍ଲିକ, ମନୋଜ କୁମାର ରାଉତ, ପ୍ରମୋଦ କୁମାର ମହାନ୍ତି, ସୁବାସ ସ୍ୱାଇଁ, ବାସନ୍ତୀ ମହାପାତ୍ର,ବୈଭବ ମହାନ୍ତି, ମୈତ୍ରୀ ସାମଲ, ମମତା ମହାନ୍ତି, ଶୁକଦେବ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ସିବିଏସଇ ପରୀକ୍ଷାରେ ଶ୍ରେୟା ସାଇନାଙ୍କ କୃତିତ୍ୱ

**ତିର୍ତ୍ତୋଲ, ୨୨।୫(ସମିସ)** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅାଁରା ଗ୍ରାମପଞ୍ଚାୟତ ବରୁଣପଡା ଗ୍ରାମର ଯୁବ ସମାଜସେବୀ ନିହାର କୁମାର ମହାନ୍ତି ଓ ପ୍ରିୟମ୍ବଦା ପଶାୟତଙ୍କ କନ୍ୟା ଶ୍ରେୟା ସାଇନା ଚଳିତ ବର୍ଷ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୭ ପ୍ରତିଶତ ନମ୍ବର ରଖି କଟକ ନୂଆବଜାରସ୍ଥିତ ସେଣ୍ଟ ଜାର୍ଭିୟସ ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି । ତାଙ୍କର ଏହି ସଫଳତାରେ ତାଙ୍କ ଗ୍ରାମ ବରୁଣପଡା ଓ କଟକସ୍ଥିତ ଜାଭିର୍ୟସ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି।



## ଶ୍ୟାମଦାସପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଯାଜପୁର, ୨୨।୫(ସମିସ):** ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜାତୀୟ କଂଗ୍ରେସରୁ ଚୟନ ହୋଇଥିବା ସୁଦୀପ କୁମାର କର ଆଜି ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତରେ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ କଂଗ୍ରେସ ପ୍ରାର୍ଥୀ ସୁଦୀପ କରଙ୍କୁ ସମ୍ବର୍ଦ୍ଧିତ କରିବା ସହ ପଞ୍ଚାୟତ କଂଗ୍ରେସ କର୍ମକର୍ତ୍ତାଙ୍କ ସହ ପ୍ରାର୍ଥୀଙ୍କୁ ପରିଚିତ କରାଇଥିଲେ। ଶ୍ୟାମଦାସପୁର ପଞ୍ଚାୟତର ୪ଟି ପଞ୍ଚାୟତର କର୍ମୀ ଆଗାମୀ ନିର୍ବାଚନରେ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଯାଜପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର କରଙ୍କ ପୁତ୍ର ସୁଦୀପ ଯୋଗଦେଇ ଆଗାମୀ ଦିନରେ ଯୁବକ/ଯୁବତୀଙ୍କୁ ଜାତୀୟ କଂଗ୍ରେସ ଅଧିକ ପ୍ରାଧାନ୍ୟ ଦେଇ ସମଗ୍ର ରାଜ୍ୟରେ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସର ଶୃଙ୍ଖଳିତ ସଭ୍ୟ ମିଳିତ ଭାବେ ସହଯୋଗ କଲେ ଦଳ ସୁନିଶ୍ଚିତ ବିଜୟ ଲାଭ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସୁଦୀପ ପଞ୍ଚାୟତବାସୀଙ୍କ ଆଶୀର୍ବାଦ ଭିକ୍ଷା କରି ଉପସ୍ଥିତ ଥିବା କର୍ମୀଙ୍କ ସହଯୋଗ କାମନା କରି ଆଗାମୀ ନିର୍ବାଚନ ନିମନ୍ତେ ରଣନୀତି ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ଗଣେଶ୍ୱର ଦାସ, ପଞ୍ଚାୟତ ସଭାପତି ବିନୋଦ ବିହାରୀ ଜେନା, ଅଲେଖ ଜେନା, ଲଛମନ ଜେନା, ସୁବାସ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## କୁରୁଣ୍ଟି ପୋଷ୍ଟ ଅଫିସରୁ ଜମାକାରୀଙ୍କ ଟଙ୍କା ହଡ଼ପ

**ରାଜନଗର, ୨୨।୫(ସମିସ):** ରାଜନଗର ବ୍ଲକ କୁରୁଣ୍ଟିସ୍ଥିତ ପୋଷ୍ଟ ଅଫିସରରେ ଜମାକାରୀଙ୍କ ଅଜାଣତରେ ଟଙ୍କା ହଡପ ହୋଇଛି। ଏହି ପୋଷ୍ଟ ଅଫିସ ଶାଖାରେ ଶହ ଶହ ଜମାକାରୀ ଠକେଇର ଶିକାର ହୋଇଛନ୍ତି। କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ଇନିସପେକ୍ଟର ଏହି ଶାଖାରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଟଙ୍କା ହଡପ ହୋଇଥିବା ଜାଣିବା ପରେ ଜମାକାରୀମାନେ ପୋଷ୍ଟ ଅଫିସ ସମ୍ମୁଖରେ ଭିଡ ଜମାଇ ହୋ ହାଲ୍ଲା କରିଛନ୍ତି। ସୂଚନା ମୁତାବକ କୁରଣ୍ଟି ଗାଁର ନିରଞ୍ଜନ ସ୍ୱାଇଁ ତାଙ୍କ ଝିଅ ଦିପ୍ତିମୟୀଙ୍କ ନାଁରେ ସୁକନ୍ୟା ଆକାଉଣ୍ଟ ଖୋଲିଥିଲେ। ତାଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ହଡପ ହୋଇଥିବା ନେଇ ସେ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା ଇନିସପେକ୍ଟରଙ୍କୁ ଲିଖିତ ଭାବେ ଜଣାଇଥିଲେ। ଆଜି ପଟ୍ଟାମୁଣ୍ଡାଇ ଇନିସପେକ୍ଟର ଏହି ଶାଖାରେ ପହଞ୍ଚି ତଦନ୍ତ କରିବା ପରେ କେବଳ ନିରଞ୍ଜନ ସ୍ୱାଇଁ ନୁହଁନ୍ତି, ଆହୁରି ଶତାଧିକ ଜମାକାରୀ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସୂଚନା ପାଇବା ପରେ କେନ୍ଦ୍ରାପଡା ଇନିସପେକ୍ଟର ଅପରାହ୍ନରେ ଏହି ଶାଖାରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ବିଭାଗ ପକ୍ଷରୁ ଦିଆଯାଇନଥିଲେ ମଧ୍ୟ ତଦନ୍ତ ସମୟରେ ହଡପର ବହୁ ଗୁମର ଖୋଲିଛି। ଏପରିକି ସରକାରୀ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ତାଙ୍କ ଝିଅ ନାଁରେ ରଖିଥିବା ସୁକନ୍ୟା ଟଙ୍କା ବି ହଡପ ହୋଇଥିବା ଶ୍ରୀ ମଙ୍ଗରାଜ ଜଣାଇଛନ୍ତି। ଶ୍ରୀ ମଙ୍ଗରାଜଙ୍କ ସୂଚନା ମୁତାବକ ସେ ୧ ଲକ୍ଷ ୩୩ ହଜାର ଟଙ୍କା ତାଙ୍କ ଝିଅ ଆକାଉଣ୍ଟରେ ଜମା କରିଛନ୍ତି। ମାତ୍ର ଆକାଉଣ୍ଟରେ ମାତ୍ର ୯୯ ହଜାର ଟଙ୍କା ବାହାରୁଛି। ଏହାବାଦେ ତାଙ୍କର ସୁଧବାବଦ ଟଙ୍କା ମଧ୍ୟ ଜମା ଖାତାକୁ ଆସିନଥିବା ସୂଚନା ଦେଇଛନ୍ତି। ପୋଷ୍ଟ ଅଫିସ ଜମା ଖାତାରୁ ଟଙ୍କା ଗାଏବ ଖବର ପ୍ରଚାରିତ ହେବା ପରେ ପୋଷ୍ଟ ଅଫିସ ନିକଟରେ ଜମାକାରୀଙ୍କ ଭିଡ ଜମିଛି। ପୋଷ୍ଟମାଷ୍ଟର ପ୍ରଶାନ୍ତ ନାୟକ ଜାଲ ଦସ୍ତଖତ ଓ ଟିପ ମାରି ଜମାକାରୀଙ୍କ ଟଙ୍କା ଉଠାଇ ନେଇଥିବା ନେଇ ଜମାକାରୀମାନେ ଅଭିଯୋଗ କରିଛନ୍ତି।

## ଅସହାୟ ମହିଳାଙ୍କୁ ସହାୟତା



**ଡେରାବିଶ,୨୨।୫(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ସ୍ୱର୍ଗତ ପ୍ରଭାକର ନାୟକଙ୍କ ପତ୍ନୀ ସ୍ୱର୍ଣ୍ଣପ୍ରଭା ନାୟକଙ୍କ ଝିଅ ଓ ପୁଅର ପାଠପଢ଼ା ପାଇଁ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁସୁନୁପୁର ଗ୍ରାମର ସମାଜସେବୀ ପର୍ଶୁରାମ ନାୟକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ୪ ବର୍ଷ ତଳେ ପରିବାରର ଏକମାତ୍ର ରୋଜଗାରକ୍ଷମ ପ୍ରଭାକର ନାୟକଙ୍କ ଅକାଳମୃତ୍ୟୁ ହୋଇଯିବା ପରେ ସ୍ୱର୍ଣ୍ଣପ୍ରଭା ଅସହାୟ ହୋଇପଡ଼ିଥିଲେ। ଏକ ନୁଆଁଣିଆ ଚାଳଛପର ଘରେ ରାସନକାଡର୍‌ର ଖାଦ୍ୟରେ ଗୋଟିଏ ଝିଅ ଓ ଗୋଟିଏ ପୁଅକୁ ନେଇ ଦୁଃଖେ କଷ୍ଟେ ଚଳିଆସୁଥିବା ବେଳେ ପିଲାଙ୍କ ପାଠପଢ଼ା ପାଇଁ ନିଜେ କାମ କରିବାକୁ ପଛାଇ ନାହାଁନ୍ତି। ଝିଅ +୨ରେ ପଢୁଥିବା ବେଳେ ମେଧାବୀ ପୁଅ ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ଏହି ଅସହାୟ ପରିବାରକୁ ସ୍ୱାସ୍ଥ୍ୟ ବିଭାଗରୁ ଅବସର ନେଇ ନିଜର ପେନସନ୍ ଅର୍ଥକୁ ଦୂରାରୋଗ୍ୟ ପୀଡ଼ିତ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରୁଥିବା ସମାଜସେବୀ ଶ୍ରୀ ନାୟକ ତାଙ୍କ ଘରେ ପହଞ୍ଚି ତାଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି। ସାହାଯ୍ୟ ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ରହିଥିଲେ।

## ଶିକ୍ଷାବିତ୍‌ଙ୍କ ଅକାଳ ବିୟୋଗ

**ବାଲିକୁଦା,୨୨।୫(ସମିସ):** ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତର ଯୁବ ଶିକ୍ଷାବିତ୍ ସତ୍ୟବ୍ରତ ପାଳ (୩୧)ଙ୍କ ଅକାଳ ବିୟୋଗ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଉକ୍ତ ଅଞ୍ଚଳରେ କୋଚିଂ ସେଣ୍ଟର ମାଧ୍ୟମରେ ଅନେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିଲେ। ସେ ଜଣେ ଉଚ୍ଚଶିକ୍ଷିତ, ସ୍ୱାଭିମାନୀ ଓ ଶାନ୍ତ ଯୁବକ ଭାବେ ଉକ୍ତ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ମାଛଗାଁ ପଞ୍ଚମୁଖୀ ଶାନ୍ତି ଆଶ୍ରମ ପରିବାର ପକ୍ଷରୁ ମାଛଗାଁ ବଜାରଠାରୁ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା କରିବା ସହ ନିରବ ପାର୍ଥନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଶାନ୍ତି ଆଶ୍ରମ ଅନୁଷ୍ଠାନର ସଭାପତି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମହାନ୍ତି,ସପନୀ ବେହେରା,କୈଳାଶ ପାଳ,ଦୈତାରୀ ପାଳ,ଉଲ୍ଲାଶ ଜେନା,ସୁବାସ ଦାସ,ସିଲୁ ରାଉତ,ସର୍ବେଶ୍ୱର ସ୍ୱାଇଁ,ସମିତି ସଭ୍ୟ ନିରଞ୍ଜନ ଦାସ,ଅଂଶୁମାନ ପଣ୍ଡା,ପ୍ରତୀକ ସ୍ୱାଇଁ,କୈଳାଷ ଷଣ୍ଡଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

**ବଡ଼ଚଣା,୨୨।୫ (ସମିସ):** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ଆଜି ବଡଘୁମୁରିଠାରେ ଯାଜପୁର କଂଗ୍ରେସ ଲୋକସଭା ପ୍ରଚାର କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାନବ ଅଧିକାର ମଞ୍ଚ ସଭାପତି ରାହାସବିହାରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଯାଜପୁର କଂଗ୍ରେସ ଲୋକସଭା ପ୍ରଚାର କମିଟି ଅଧ୍ୟକ୍ଷ ମାଗୁଣି ଜେନା ଯୋଗଦେଇ ୧୯୯୧ରେ ତାମିଲନାଡୁର ପେରୁମ୍ବୁଦୁରଠାରେ ଏକ ନିର୍ବାଚନୀ ପ୍ରଚାର ସଭାରେ ମାନବ ବୋମା ଦ୍ୱାରା ଶ୍ରୀ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା। ସେହିଦିନଠାରୁ ଉକ୍ତ ଦିନକୁ ଆତଙ୍କବାଦ ବିରୋଧୀ ଦିବସ ରୂପେ ପାଳନ କରାଯାଉଛି। ଏଥିସହିତ ଶ୍ରୀ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ସମୟରେ ମୁସଲିମ ମହିଳା ଅଧିନିୟମ, ଜବାହାର ନବୋଦୟ ବିଦ୍ୟାଳୟ ସ୍ଥାପନ ଓ ୨୧ ବର୍ଷରୁ ୧୮ ବର୍ଷକୁ ମତଦାନ ଅଧିକାର ହ୍ରାସ ସମେତ ବହୁ ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରି ଭାରତ ରାଜନୈତିକ ଇତିହାସରେ ଅମରତ୍ୱ ଲାଭ କରିଛନ୍ତି। ଏଥିପାଇଁ ତାଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ଭରତରତ୍ନରେ ଭୂଷିତ କରଯାଇଥିଲା ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଯାଜପୁର ଜିଲ୍ଲା କଂଗ୍ରେସ ଲୋକସଭା ପ୍ରଚାର କମିଟି ପକ୍ଷରୁ ୭ ବ୍ଲକରୁ ପ୍ରଚାର କମିଟି ଅଧ୍ୟକ୍ଷ ଯୋଗଦେଇଥିଲେ। ସୁକିନ୍ଦାରୁ ସେକ ବାଦିଉଦ୍ଦିନ, କାଳନ୍ଦୀ ଚରଣ ସିଂହ, କୋରେଇରୁ ଉମାକାନ୍ତ ବେହେରା, ରାକେଶ ସାହୁ, ଧର୍ମଶାଳାରୁ ପ୍ରଫୁଲ୍ଲ କୁମାର ରାଓ, ଧୀର ଦେହୁରି, ବଡଚଣାରୁ ହିମାଂଶୁ ଶେଖର ବଳ, ରାମଚନ୍ଦ୍ର ଦେହୁରି, ବରୀରୁ ବିଦ୍ୟାଧର ଜେନା, ସତ୍ୟପ୍ରକାଶ ଦାସ, ବିଞ୍ଝାରପୁରରୁ ସେକ ହବିବ ମୁସ୍ତାଫା, ମାଗୁଣି ମଲ୍ଲିକ, ଯାଜପୁରରୁ ଗଣେଶ୍ୱର ଦାସ, ମନୋଜ ଜେନାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ବଳରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମା’ ସାବିତ୍ରୀ ଦେବୀ ସ୍ମୃତି ସଂସଦର ପ୍ରସ୍ତୁତି ବୈଠକ



**ବରୀ, ୨୨।୫(ସମିସ):** ଅଳପୁର ମା’ ସାବିତ୍ରୀ ଦେବୀ ସ୍ମୃତି ସଂସଦର ତୃତୀୟ ବାର୍ଷିକ ସମାରୋହ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସଂସଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ମନମୋହନ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜୁନ ୬ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ବିଶଦ ଆଲୋଚନା କରଯାଇ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୀତା ପାଠ, ପୂଜ୍ୟ ପୁଜା, କବି ସମ୍ମିଳନୀ, ପ୍ରତିଭ ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର କରାଯିବ ସହିତ ନାଟ୍ୟ ଗୁରୁ ସଚ୍ଚି ଦାଶଙ୍କ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଭୟ କୁମାର ଶତପଥୀ, ସୀତାକାନ୍ତ ନାଥଶର୍ମା, ଶ୍ରୀନିବାସ ନାଥଶର୍ମା, ଦେବେନ୍ଦ୍ର ନାଥ, ନାରାୟଣ ପାଢ଼ୀ, ଅଞ୍ଜନା ପାଢ଼ୀ, ନିବେଦିତା ଦାଶ, ସସ୍ମିତା ପାଢ଼ୀ, ସ୍ୱାଗତିକା ପାଢ଼ୀ, ନବକିଶୋର ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଚିନ୍ମୟ ଦତ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଆଖିଆ ବଜାରରେ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଜଳଛତ୍ର କେନ୍ଦ୍ର

**କୁଆଖିଆ, ୨୨।୫(ସମିସ):** ରସୁଲପୁର ବ୍ଲକ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ କୁଆଖିଆ ବଜାରରେ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଫାଉଣ୍ଡେସନ ପକ୍ଷରୁ ଏଠାରେ ଜଳଛତ୍ର ଖୋଲିବାକୁ ପଦକ୍ଷେପ ନିଆଯାଇଛି। ପ୍ରତ୍ୟେକ ଦିନ ବଜାର ଦେଇ ଯାତାୟାତ କରୁଥିବା ପଥିକ ଓ ଯାତ୍ରୀଙ୍କୁ ଥଣ୍ଡା ପାନୀୟ ଜଳ, ଦହି ସର୍ବତ ଆଦି ବିତରଣ କରାଯିବ। ଧର୍ମଶାଳା, ବରୀ, କୋରେଇ ଆଦି ନିର୍ବାଚନମଣ୍ଡଳୀ ଅଞ୍ଚଳରୁ ଦୈନିକ ହାଜର ହଜାର ଲୋକ ବଜାରକୁ ବିଭିନ୍ନ କାର୍ଯ୍ୟ ନେଇ ଯା’ଆସ କରନ୍ତି। ଏହି ଲୋକଙ୍କୁ ଜଳଛତ୍ର ଦେବା ପାଇଁ ପ୍ରତ୍ୟେକ



ଦିନ ସକାଳ ୮ଘଣ୍ଟିକାଠାରୁ ଅପରାହ୍ନ ୫ଘଣ୍ଟିକା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି। ବଜାର ଅଞ୍ଚଳରେ ଫାଉଣ୍ଡେସନ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର ବିଭିନ୍ନ ଅଞ୍ଚଳରୁ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ। ଜଳଛତ୍ର କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଯୋଗଦେଇ ଜଳଛତ୍ର ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଂଗଠକ ଅଲେଖ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଫାଉଣ୍ଡେସନ ପକ୍ଷରୁ ଅରୁଣ ଦାଶ, ସୁଧାକର ପଲେଇ, ବିଜୟ ଦାଶ, ଜିତେନ୍ଦ୍ର ଦାଶ, ପ୍ରକାଶ ପଲେଇ, ସୁବ୍ରତ ପଲେଇ, ଜଗନ୍ନାଥ ବାରିକ, ଅଞ୍ଜନ ଦାଶ, ବୁଲୁ ପଲେଇ, ପ୍ରୀତି ବିଶ୍ୱାଳ, ମନୋଜ ସ୍ୱାଇଁ, ମନଜିତ୍ ମହାନ୍ତି, ଆଶୁତୋଷ ପଲେଇ, କୈଳାସ ନାୟକ, ଅମୀୟ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ପାରା ନାଁ ଶୁଣିଲେ ମନେପଡ଼ିଯାଏ ଅତୀତର କଥା । ଯେଉଁ ସମୟରେ ଇଣ୍ଟରନେଟ୍ ନ ଥିଲା । ସେହି ସମୟରେ ଚିଠି ଦିଆନିଆର ଏକ ମାଧ୍ୟମ ସାଜିଥିଲା ଏହି ପାରା । ବିଶେଷକରି ଗୋଟିଏ ପୁଲିସ ଜିଲ୍ଲାରୁ ଆଉ ଏକ ପୁଲିସ ଜିଲ୍ଲାକୁ ଖବର ପହଞ୍ଚାଇବା ପାଇଁ ଏହି ପକ୍ଷୀକୁ ବ୍ୟବହାର କରାଯାଇଥିଲା । ପାରାମାନେ ଚିଠି କିଭଳି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବେ ସେ ସମ୍ପର୍କରେ ସେମାନଙ୍କୁ ଟ୍ରେନିଂ ଦିଆଯାଉଥିଲା । କିନ୍ତୁ ଆଜିର ଦିନରେ ମୋବାଇଲ୍, ଇଣ୍ଟରନେଟ୍ ଯୁଗରେ ପାରାର ଆବଶ୍ୟକତା କମିବା ସହ ପାରାଙ୍କ ରକ୍ଷଣାବେକ୍ଷଣକୁ ଅବହେଳା ପ୍ରଦର୍ଶନ କରାଗଲା । ଫଳରେ ଦିନକୁ ଦିନ ରାଜ୍ୟରେ ପୁଲିସ ପାରା ବା ହୋମର୍ ପାରା ସଂଖ୍ୟା କମିବାରେ ଲାଗିଛି । ଏ ସମ୍ପର୍କରେ ତ୍ରିନାଥ ମହାନ୍ତିଙ୍କ ସ୍ୱତନ୍ତ୍ର ଉପସ୍ଥାପନା ।



# ହଜିଯିବେ କି 'ହୋମର୍'



## ପୁଲିସର ବନ୍ଧୁ

ପୁଲିସ ବ୍ୟବହାର କରୁଥିବା ପାରାକୁ ହୋମର୍ ପାରା କୁହାଯାଏ । ଏଥିପାଇଁ ଟ୍ରେନର୍ ଏବଂ ଖାଦ୍ୟ, ଔଷଧ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୁଏ । ଓଡ଼ିଶା ପୁଲିସ ଗଠନ ହେବା ସମୟରେ ୧୯୪୭ରେ ଦୂରଦୂରକୁ ବାର୍ତ୍ତା ପ୍ରେରଣ ପାଇଁ ସ୍ୱତନ୍ତ୍ର ଭାବେ ପାରାଙ୍କୁ ସାମିଲ କରାଯାଇଥିଲା । ବାର୍ତ୍ତା ପ୍ରେରଣ ପାଇଁ ହୋମର୍ ପ୍ରଜାତିର ପାରାକୁ ମୁଖ୍ୟତଃ ବ୍ୟବହାର କରାଯାଇ ଥାଏ । ଅଧିକ ତୀକ୍ଷ୍ଣ ନଜର, ସ୍ମରଣ ଶକ୍ତି ଆଦି ଥିବାରୁ ହୋମର୍ ପାରାକୁ ପୁଲିସ ବ୍ୟବହାର କରୁଥିଲା । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗଲେ ସେ ଫେରିବାକୁ ବାଟ ଭୁଲେନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ଏହି ପ୍ରଜାତିର ପାରା ବାର୍ତ୍ତାପ୍ରେରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ପୁଲିସ ବ୍ୟବସ୍ଥା କାର୍ଯ୍ୟକାରୀ ହେବାଠାରୁ ଗୋଟିଏ ପୁଲିସ ଜିଲ୍ଲାରୁ ଅନ୍ୟ ପୁଲିସ ଜିଲ୍ଲାକୁ ବାର୍ତ୍ତା ପଠାଇବାରେ ସମସ୍ୟା ହେଉଥିଲା । ତେଣୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଏହି ହୋମର୍ ପାରାକୁ ପୁଲିସ ବିଭାଗରେ ସାମିଲ୍ କରାଯାଇଥିଲା । ଏହି ପାରା ଦିନକୁ ୯ ଶହ କିଲୋମିଟର ପର୍ଯ୍ୟନ୍ତ ଉଡ଼ିପାରେ । ଆଉ ଏହି ପାରାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଯିବା ପୂର୍ବରୁ ପେଟଭରି ଖାଇବାକୁ ଦିଆଯାଇଥାଏ । କାରଣ ବାଟରେ ଯିବା ସମୟରେ ଖାଦ୍ୟ ଦେଖି ଯେପରି ତା'ର ମନ ବଦଳି ନ ଯାଏ । ଠିକଣା ସ୍ଥଳରେ ଚିଠି ନେଇ ପହଞ୍ଚିବା ପରେ ତାକୁ ପଟାସ ପାଣି ପିଇବାକୁ ଦିଆଯାଇଥାଏ ।



## ବିଶେଷ ଉତ୍ସବରେ ପାରା

ବର୍ତ୍ତମାନ ପୁଲିସ ନିକଟରେ ଥିବା କିଛି ପାରାକୁ ବିଶେଷ ଜାତୀୟ ଉତ୍ସବରେ ବ୍ୟବହାର କରାଯାଉଛି । ସ୍ୱାଧୀନତା ଦିବସ ଦିନ, ସାଧାରଣତନ୍ତ୍ର ଦିବସ ଦିନ, ପୁଲିସ ପ୍ରତିଷ୍ଠା ଦିନ ଏବଂ ଅନ୍ୟ ପ୍ରତିଯୋଗିତାରେ ବ୍ୟବହାର କରାଯାଉଛି । ପାରାର ବ୍ୟବହାର ହେଉ ନ ଥିବାରୁ ଏହାର ସଂଖ୍ୟାକୁ କମାଇ ଦିଆଯାଉଛି । ପାରାର ଖାଇବା ଏବଂ ପିଇବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାରୁ ପୁଲିସ ବିଭାଗ ଏଥିରେ ଟଙ୍କା ଖର୍ଚ୍ଚ କରିବାକୁ ଆବଶ୍ୟକ ମଣୁ ନାହାନ୍ତି । ଯେଉଁଥି ପାଇଁ ପାରାର ସଂଖ୍ୟା କମୁଥିବା ଲକ୍ଷ୍ୟ କରାଯାଉଛି ।

## ବିପର୍ଯ୍ୟୟ ମୁକାବିଲା ବେଳେ ପାରା



ପୁଲିସ ନିକଟରେ ଅଳ୍ପ କିଛି ପାରା ରଖାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟର ମୁକାବିଲା ପାଇଁ ଏହି ପାରାକୁ ଟ୍ରେନିଂ ଦିଆଯାଇ ରଖାଯାଇଛି । ବନ୍ୟା, ବାତ୍ୟା, ଭୂମିକମ୍ପ ଆଦି ସମୟରେ ଯେତେବେଳେ ଇଣ୍ଟରନେଣ୍ଟ କାମ କରିବ ନାହିଁ, ସେତେବେଳେ ଏହି ପାରାମାନେ ହିଁ ଏକମାତ୍ର ଭରସା ସାଜିବେ । ତେଣୁ ଟ୍ରେନିଂ ଦିଆଯାଇ ରଖାଯାଇଥିବା ପାରା ଚିଠି ଗୋଟିଏ ପୁଲିସ ଜିଲ୍ଲାରୁ ଅନ୍ୟ ପୁଲିସ ଜିଲ୍ଲାକୁ ପହଞ୍ଚାଇବାରେ ସହାୟକ ହେବ । ତେଣୁ ଭବିଷ୍ୟତକୁ ଲକ୍ଷ୍ୟକରି ପୁଲିସ ଏଭଳି ହାତଗଣତି ପାରା ରଖିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

## ଆଧୁନିକ ଟେକ୍ନୋଲୋଜି ପାଇଁ ପଡୁନି ଲୋଡ଼ା

ପୁଲିସ ଆରମ୍ଭ ହେବା ପୂର୍ବରୁ କିଛି ଟେକ୍ନୋଲୋଜି ନ ଥିଲା । ତେଣୁ ବାର୍ତ୍ତା ବାହକ ଭାବେ ପାରାକୁ ମୁଖ୍ୟତଃ ବ୍ୟବହାର କରାଯାଉଥିଲା । କିନ୍ତୁ ବର୍ତ୍ତମାନ ପୁଲିସରେ ଅତ୍ୟାଧୁନିକ ଟେକ୍ନୋଲୋଜି ରହିଛି । ଯାହାକି ଗୋଟିଏ ସେକେଣ୍ଡରେ ଖବର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଛି । ଏପରିକି ଏକା ସଙ୍ଗରେ ସବୁ ଥାନା, ଏସିପି, ସିପି ଏବଂ ଡିସିପି ଅଫିସକୁ ଯାଉଛି । ତେଣୁ ଏଭଳି ଯୁଗରେ ପୁଲିସରେ ପାରାର କିଛି ଆବଶ୍ୟକ ପଡୁଛି । ତେଣୁ ଆଗାମୀ ଦିନରେ ପୁଲିସ ବିଭାଗରେ ପାରା ବିଲୁପ୍ତ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି ।



## ବିଲୁପ୍ତ ହେଉଛି ହୋମର୍ ପାରା



ଏହି ବିରଳ ପ୍ରଜାତିର ପାରା ବଂଶ କ୍ରମେ ଲୋପ ପାଇବାକୁ ବସିଲାଣି । ପାରାର ସଂଖ୍ୟା ସୀମିତ ରଖିବା ପାଇଁ ଗୃହ ବିଭାଗ ପକ୍ଷରୁ ଚିଠି ହେବାରୁ ଏହାର ସଂଖ୍ୟାକୁ କମାଇ ଦିଆଯାଉଛି । ପାରା ଅଣ୍ଡା ଦେଲେ ଏହି ଅଣ୍ଡାକୁ ଛୁଆ ଫୁଟିବାକୁ ଦିଆଯାଉ ନାହିଁ । ତୁରନ୍ତ ଏହାକୁ ନଷ୍ଟ କରାଯାଉଛି । ଫଳରେ ପୁଲିସ ବିଭାଗରେ ଏହି ଐତିହାସିକ ଘଟଣାର ମୂକସାକ୍ଷୀ କୁହାଯାଉଥିବା ହୋମର୍ ପ୍ରଜାତିର ପାରାଙ୍କ ପରପିଢ଼ି ପାଇଁ ସାଇତି ରଖିବା ଅସମ୍ଭବ ହୋଇ ପଡ଼ିଛି । ଆହୁରି ମଧ୍ୟ ପାରାସେବା କେନ୍ଦ୍ରରେ ପାରା ଅଣ୍ଡା ଦେଲେ ଏହାର ଉପଯୁକ୍ତ ଯତ୍ନ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ଫଳରେ ଅଣ୍ଡାକୁ ଅନ୍ୟ ପାରା ଫଟାଇ ଖାଇ ଦେଉଛନ୍ତି । କେବଳ ଏତିକି ନୁହେଁ ଏହି ହୋମର୍ ପାରାର ଯତ୍ନ ନିଆଯାଉ ନ ଥିବାରୁ ରୋଗରେ ପଡ଼ି ଅନେକଙ୍କ ମୃତ୍ୟୁ ଘଟୁଛି ।

## ୮ ଶହରୁ ଏବେ ଅଛନ୍ତି ଦେଢ଼ ଶହ



### ଯତ୍ନ ନେବାକୁ ନାହାନ୍ତି ପୁଲିସ

ପାରାମାନଙ୍କୁ ଯତ୍ନ ନେବାକୁ ନାହାନ୍ତି ପୁଲିସ କର୍ମଚାରୀ । ପୂର୍ବରୁ ୨୯ପାରା ସେବା କେନ୍ଦ୍ରରେ ଦୁଇଜଣ ଲେଖାଏ କନ୍‌ଷ୍ଟେବଲ ରହୁଥିଲେ । କିନ୍ତୁ ପରେ ଏଗୁଡ଼ିକ ଉଚ୍ଛେଦ କରି ଦିଆଗଲା । କଟକ ପାରା ସେବା କେନ୍ଦ୍ରରେ ପୂର୍ବରୁ ଜଣେ ଇନ୍ସପେକ୍ଟର, ଦୁଇ ଏସ୍ଆଇ, ଜଣେ ଏଏସ୍ଆଇ, ୩ ଜଣ କନ୍‌ଷ୍ଟେବଲ ରହୁଥିଲେ । କିନ୍ତୁ ବର୍ତ୍ତମାନ ଜଣେ ଏସ୍ଆଇ ଏବଂ ଦୁଇ ଜଣ କନ୍‌ଷ୍ଟେବଲ ଅଛନ୍ତି । ସେହିପରି ଅନୁଗୋଳରେ ପୂର୍ବରୁ ୨ଜଣ ଥିବା ବେଳେ ବର୍ତ୍ତମାନ ଜଣେ ଅଛନ୍ତି । ତେଣୁ ପାରାଙ୍କ ସଠିକ୍ ଯତ୍ନ ନିଆଯାଉନି କି ସେମାନଙ୍କୁ ଟ୍ରେନିଂ ଦେବାକୁ ଉପଯୁକ୍ତ ଟ୍ରେନର୍ ନାହାନ୍ତି । ଏଠାରେ ପାରାଙ୍କୁ ସଠିକ୍ ଟ୍ରେନିଂ ଦିଆଯାଉ ନ ଥିବାରୁ ସେମାନେ ଉଡ଼ି ଯାଉଛନ୍ତି ଯେ, ଆଉ ଫେରୁନାହାନ୍ତି ।

ଗୋଟିଏ ସମୟରେ ରାଜ୍ୟରେ ପାରା ସଂଖ୍ୟା ୮ ଶହ ପାଖାପାଖି ଥିଲା । କିନ୍ତୁ ବର୍ତ୍ତମାନ ଏହି ପାରା ସଂଖ୍ୟା ଦେଢ଼ଶହକୁ ଖସି ଆସିଲାଣି । କଟକ ବକ୍ସିବଜାର ଓ ଅନୁଗୋଳ ପୁଲିସ ତାଲିମ୍ କେନ୍ଦ୍ରରେ ପାରା ସଂଖ୍ୟା କମୁଛି । ଏହାର କାରଣ ହେଲା ବର୍ତ୍ତମାନ ୪୨ ଡିଗ୍ରୀ ତାପମାତ୍ରରେ ପାରାଙ୍କ ଅହେତୁକ ମୃତ୍ୟୁ ଘଟିବା । ସେମାନଙ୍କ ସଠିକ୍ ଯତ୍ନ ନିଆଯାଉ ନ ଥିବାରୁ ରୋଗରେ ପଡ଼ି ମୃତ୍ୟୁ ଘଟୁଛି । ୧୯୯୪ ଜୁଲାଇ ୨୫ ତାରିଖରେ କଟକ ଜିଲ୍ଲାରେ ୪୫, କଟକ ବକ୍ସିବଜାର କେନ୍ଦ୍ରୀୟ ପ୍ରଜନନ କେନ୍ଦ୍ରରେ ୩୩, କଟକ ଷଷ୍ଠ ବାଟାଲିୟନ ଭିତରେ ୧୬, ପୁରୀରେ ୪୫, ବାଲେଶ୍ୱରରେ ୨୦, ଚାନ୍ଦବାଲିରେ ୧୭, ବସ୍ତାରେ ୧୮, ବାରିପଦାରେ ୨୦, ରାଇରଙ୍ଗପୁରରେ ୨୩, ଛତ୍ରପୁରରେ ୪୫, ପାରାଳାଖେମୁଣ୍ଡି ୧୪, ଭଞ୍ଜନଗର ୧୦, ଆର.ଉଦୟଗିରିରେ ୧୮ କୋରାପୁଟରେ ୧୩, ଗୁଣୁପୁର ୧୩, ଅନୁଗୋଳ ପୁଲିସ ଟ୍ରେନିଂ ସ୍କୁଲରେ ୨୩ଟି ଥିଲା । ଏହିଭଳି ବିଭିନ୍ନ ପୁଲିସ ଜିଲ୍ଲାରେ ୮ ଶହ ପାରା ରହିଥିଲେ । ପ୍ରତି ଶହେ ପାରାଙ୍କ ପିଛା ବାର୍ଷିକ ଖାଦ୍ୟ ଓ ଔଷଧ ବାବଦ ଖର୍ଚ୍ଚ ଏକ ଲକ୍ଷ ଟଙ୍କା ହେଉଥିବାରୁ କଟକ ଓ ଅନୁଗୋଳକୁ ବାଦ୍ ହେଲେ ରାଜ୍ୟର ଅନ୍ୟ ସମସ୍ତ ପାରା ସେବା କେନ୍ଦ୍ରକୁ ବନ୍ଦ କରି ଦିଆଗଲାଣି । ୨୦୦୭ ଡିସେମ୍ବର ୨୭ ରେ ଗୃହ ବିଭାଗ ପକ୍ଷରୁ ଅନୁଗୋଳ ପୁଲିସ ଟ୍ରେନିଂ ଏବଂ କଟକ ବକ୍ସି ବଜାରରେ କେବଳ ପାରା ରଖାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନୁଗୋଳରେ ୫୦ ଏବଂ କଟକରେ ୧୦୦ ପାରା ରଖିବାକୁ ଗୃହ ବିଭାଗ ପକ୍ଷରୁ ଚିଠି କରାଯାଇଥିଲା । ରଜ୍ୟର ଅନ୍ୟ ପୁଲିସ ଜିଲ୍ଲାରେ ଥିବା ପାରାକୁ କଟକ ବକ୍ସି ବଜାରରେ ଥିବା ସେବା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । କିନ୍ତୁ ସେଠାରେ ପାରାଙ୍କ ରକ୍ଷଣବେକ୍ଷଣ କରାଯାଉନଥିବାରୁ ମୃତ୍ୟୁ ଘଟୁଛି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୩୧ ● ପାଉଣ୍ଡ ୧୦୬.୪୪
- ୟୁରୋ ୯୦.୪୫ ● ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୭୫୦ (ଭୁବନେଶ୍ୱର)
- ରୁପା : ୯୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୨୨୧.୦୦
- ନିଫ୍ଟି ୨୨,୫୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଉଚ୍ଚ ସୁନା ଦରରେ କାଞ୍ଚିପୁରମ୍ ଶିଳ୍କ ଶାଢ଼ୀ ମହଙ୍ଗା




ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ତାମିଲନାଡୁର କାଞ୍ଚିପୁରମ୍ ଶିଳ୍କ ଶାଢ଼ୀ ସାରା ଦେଶରେ ପ୍ରସିଦ୍ଧ। ବିଶେଷ କରି ବିବାହ ଋତୁରେ ଲୋକମାନଙ୍କ ମଧ୍ୟରେ ଦେଶରେ କାଞ୍ଚିପୁରମ୍ ଶିଳ୍କ ଶାଢ଼ୀର ଚାହିଦା ଢ଼େର ବଢ଼ିଯାଇଥାଏ। ଏହି ଶାଢ଼ୀ ଡିଜାଇନ୍ ଏବଂ ସୁନା ଓ ରୁପାର ରେଶମ ପଟି ଦେଇ ତିଆରି ହେଉଥିବାରୁ ଏହା ଏକ ସ୍ୱତନ୍ତ୍ର ଚାହିଦା ରହିଛି। ସମ୍ପ୍ରତି ଘରୋଇ ବଜାରରେ ହୁ ହୁ ହୋଇ ବଢ଼ିଚାଲିଛି ସୁନା ଓ ରୂପା ଦର। ବୁଲିଅନ୍ ବଜାରରେ ଉଭୟ ଧାତୁର ମୂଲ୍ୟ ଏବେ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ଓ ରୁପା ମୂଲ୍ୟରେ ଦୈନିକ ପ୍ରତିଷ୍ଠା ହେଉଛି ନୂଆ ରେକର୍ଡ। କାଞ୍ଚିପୁରମ୍ ଶିଳ୍କ ଶାଢ଼ୀରେ ସୁନା ଓ ରୂପାର ଜରି ବ୍ୟବହୃତ ହୋଇଥାଏ। ସୁନା ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ବଜାରରେ କାଞ୍ଚିପୁରମ୍ ଶିଳ୍କ ଶାଢ଼ୀ ମହଙ୍ଗା ହୋଇଯାଇଛି। ଏପରିକି ଗତ ୮ ମାସ ମଧ୍ୟରେ କାଞ୍ଚିପୁରମର ପ୍ରସିଦ୍ଧ ଶିଳ୍କ ଶାଢ଼ୀର ମୂଲ୍ୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, କାଞ୍ଚିପୁରମ ଶିଳ୍କ ଶାଢ଼ୀର ମୂଲ୍ୟ ୨୦ ହଜାରରୁ ୨.୫ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏମିତିକି ମୂଲ୍ୟ ବୃଦ୍ଧି ହେତୁ ଏହି ଶାଢ଼ୀର ବିକ୍ରି ୨୦% ହ୍ରାସ ପାଇଛି।

ବିଶେଷକରି ବିବାହ, ପାର୍ଟି କିମ୍ବା କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ଲୋକମାନେ କାଞ୍ଚିପୁରମ୍ ରେଶମ ଶାଢ଼ୀ କିଣିଥାନ୍ତି। ଏହି ଶାଢ଼ୀ ପାଇଁ ଲୋକେ ବିଭିନ୍ନ ଶୋ'ରୁମ୍ ପରିଦର୍ଶନ କରିଥାନ୍ତି। ବର୍ତ୍ତମାନ ସୁନା ଦର ବଢ଼ିବା ପରେ ଗ୍ରାହକଙ୍କୁ କାଞ୍ଚିପୁରମ୍ ଶିଳ୍କ ଶାଢ଼ୀ କ୍ରୟ କରିବା ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏହାଫଳରେ ଗ୍ରାହକମାନେ ଏବେ ସେହି ଶାଢ଼ୀ ଆଡକୁ ମୁହାଁଇଛନ୍ତି ଯେଉଁଥିରେ କମ୍ ସୁନା ଓ ରୁପା ବ୍ୟବହାର କରାଯାଉଛି। କାଞ୍ଚିପୁରମ୍ ଶିଳ୍କ ଶାଢ଼ୀ ଉପରେ ବିଶେଷଜ୍ଞ ବ୍ରାଣ୍ଡ ଆରଏମକେଭି ମତରେ ମୂଲ୍ୟ ବୃଦ୍ଧି ହେତୁ ଏହାର ବିକ୍ରି ୨୦ ପ୍ରତିଶତ ହ୍ରାସ ପାଇଛି। ଆରଏମକେଭି ଏମ୍‌ଡି କେ ଶିବକୁମାର କହିଛନ୍ତି ଅନେକ ଗ୍ରାହକ ଏକ ନିର୍ଦ୍ଦିଷ୍ଟ ବଜେଟ୍ ସହିତ ଆସିଥାନ୍ତି। ସ୍ୱଳ୍ପ ସୁନା ଏବଂ ରୂପା (କାଞ୍ଚିପୁରମ୍) ରେଶମ ଶାଢ଼ୀକୁ ପସନ୍ଦ କରିଥାନ୍ତି। ସେହିଭଳି କିଛି ଗ୍ରାହକ ସେମାନଙ୍କ ବଜେଟ୍ ଅନୁଯାୟୀ ଶାଢ଼ୀ କଣିବା ହ୍ରାସ କରୁଛନ୍ତି। ପ୍ରଥମ ଥର ପାଇଁ ଏତେ କମ୍ ସମୟ ମଧ୍ୟରେ ରେଶମ ଶାଢ଼ୀର ମୂଲ୍ୟ ୩୫%ରୁ ୪୦% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ସୁନାର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୩ ଅକ୍ଟୋବର ପହିଲାରେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୫୩୫୬ ଟଙ୍କା ରହିଥିଲା, ଯାହାକି ଚଳିତବର୍ଷ ୨୧ ମେ' ରେ ପ୍ରତି ଗ୍ରାମ ପିଛା ୬,୯୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ରୂପା ମୂଲ୍ୟ ମଧ୍ୟ ସମାନ ସମୟ ମଧ୍ୟରେ ପ୍ରତି ଗ୍ରାମ ପିଛା ୭୫ ଟଙ୍କାରୁ ୧୦୧ ଟଙ୍କା ଗ୍ରାମକୁ ବୃଦ୍ଧି ପାଇଛି। ଏହାଦ୍ୱାରା କାଞ୍ଚିପୁରମର ୧୦,୦୦୦ କୋଟି ଟଙ୍କା ମୂଲ୍ୟର ଶିଳ୍କ ଶାଢ଼ୀ ଶିଳ୍ପରେ ବ୍ୟାପକ କ୍ଷତି ଘଟିଛି।

ଏହା ଉପରେ କାଞ୍ଚିପୁରମ୍ ଶିଳ୍କ ଶାଢ଼ୀ ଉତ୍ପାଦକ ସଂଘର ଭି.କେ ଦାମୋଦରନ୍ କହିଛନ୍ତି ଯେ ଗତ ବର୍ଷ ଅକ୍ଟୋବରରୁ ଚଳିତବର୍ଷ ମେ' ମାସ ମଧ୍ୟରେ ଶାଢ଼ୀର ମୂଲ୍ୟ ୪୦ ପ୍ରତିଶତ ୫୦ ପ୍ରତିଶତ ବୃଦ୍ଧି ପାଇଛି। କାଞ୍ଚିପୁରମ୍ ରେଶମ ଶାଢ଼ୀର ମୂଲ୍ୟ ମୁଖ୍ୟତଃ ସୁନା ଓ ରୂପା ମୂଲ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ। କାରଣ ପାରମ୍ପରିକ ଶିଳ୍କ ଶାଢ଼ୀର ଏକ ଅଂଶ ଥିବା 'ଜରି' ତିଆରି ପାଇଁ ଏହି ଉଭୟ ଧାତୁ ବେଶ ଜରୁରୀ ହୋଇଥାଏ। ଗ୍ରାହକମାନେ 'ଜରି' ସହିତ ହ୍ୟାଣ୍ଡଲୁମ୍ କାଞ୍ଚିପୁରମ୍ ରେଶମ ଶାଢ଼ୀ କିଣିବା ଆରମ୍ଭ କରିଛନ୍ତି, ଯେଉଁଥିରେ କୌଣସି ସୁନା ଏବଂ ରୂପା ମିଶ୍ରଣ ନାହିଁ। ଏହା ଆମର ବ୍ୟବସାୟ ଏବଂ ବୁଣାକାରଙ୍କ ଉପରେ ବହୁତ ପ୍ରଭାବ ପକାଉଛି। ସୁନା ଦର ବୃଦ୍ଧି ପରେ କେ.ଏସ୍ ପାର୍ଥସାରଥୀ ହ୍ୟାଣ୍ଡଲୁମ୍ ବୁଣାକାର ଆସୋସିଏସନର ଜେ କମଲାନାଥନ୍ କହିଛନ୍ତି ଯେ ପ୍ରିମିୟମ୍ ଶାଢ଼ୀ ଉତ୍ପାଦନ ବର୍ତ୍ତମାନ ବନ୍ଦ ହୋଇଯାଇଛି। ଉଦାହରଣ ସ୍ୱରୂପ, ଗତ ବର୍ଷ ଅକ୍ଟୋବରରେ କାଞ୍ଚିପୁରମ୍ ଶିଳ୍କ ଶାଢ଼ୀର ମୂଲ୍ୟ ୭୦ ହଜାର ଟଙ୍କା ରହିଥିଲା, ଯାହା ବର୍ତ୍ତମାନ ୧.୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଏହିପରି ପ୍ରିମିୟମ୍ ଗ୍ରେଡ୍ ଶାଢ଼ୀ ମହଙ୍ଗା ହେବା ପରେ କାଞ୍ଚିପୁରମ୍ ଶାଢ଼ୀ ଚାହିଦା କମିଯାଇଛି। ତେଣୁ ବୁଣାକାରମାନେ ଶସ୍ତା ଶାଢ଼ୀ ସେଗମେଣ୍ଟ ଆଡକୁ ଧ୍ୟାନ ଦେଉଛନ୍ତି। ତେବେ କାଞ୍ଚିପୁରମ୍ ଶିଳ୍କ ଶାଢ଼ୀ ଦର ବଢ଼ିଥିଲେ ବି ଜିଆଇ ଟ୍ୟାଗ୍ ରଖିଥିବା ଏହି ସ୍ୱତନ୍ତ୍ର ଶାଢ଼ି ପାଇଁ ଆଧୁନିକ ସମୟରେ ମହିଳାମାନଙ୍କର ସ୍ୱତନ୍ତ୍ର କ୍ରେଜ୍ ରହିଛି।

# ଆମ୍ରୀ ଏବେ ମଣିପାଲ୍ ହସ୍ପିଟାଲ୍ସ

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରତିଷ୍ଠା କରିବୁ ନୂଆ ମାଇଲଖୁଣ୍ଟ: ପାର୍ଥ ଦାସ



ଭୁବନେଶ୍ୱର, ୨୨।୫(ସମିସ): ଦେଶର ଦ୍ୱିତୀୟ ବୃହତ୍ ଡାକ୍ତରଖାନା ଶୃଙ୍ଖଳ ମଣିପାଲ ହସ୍ପିଟାଲ୍ସ ୨୦୨୩ ସେପ୍ଟେମ୍ବରରେ ଅଧିଗ୍ରହଣ କରିଥିବା ଭୁବନେଶ୍ୱରର ୪୦୦ ଶଯ୍ୟା ବିଶିଷ୍ଟ ଆମ୍ରୀ ହସ୍ପିଟାଲ୍‌କୁ ସଫଳତାର ସହ ନିଜ ବ୍ରାଣ୍ଡରେ ଏକୀକରଣ କରିଛି। ଆଜିଠାରୁ ହସ୍ପିଟାଲ୍ ଏହାର ବିଭିନ୍ନ ସେବାଗୁଡିକୁ ମଣିପାଲ ହସ୍ପିଟାଲର ମାନଦଣ୍ଡ ଅନୁଯାୟୀ ପ୍ରଦାନ କରିବ, ଯାହା ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବାର ରୂପାନ୍ତରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହେବ ବୋଲି ମଣିପାଲ ହସ୍ପିଟାଲ୍ସର ଚିଫ୍ ପିପୁଲ୍ସ ଅଫିସର ପାର୍ଥ ଦାସ କହିଛନ୍ତି। ପରିବର୍ତ୍ତନର ଏକ ଅଂଶ ଭାବରେ ଲୋଗୋ, ବ୍ରାଣ୍ଡି, ସାଇନେଜ୍,ଇନଭଏସ୍, ଲେଟରହେଡ୍ ଏବଂ ଷ୍ଟେସନାରୀ . ୟୁନିଫର୍ମ, କାର୍ଡ, ଏବଂ ପରିଚୟ ପତ୍ର, ୱେବସାଇଟ୍ ଉପାଦାନଗୁଡିକ ମଣିପାଲ ହସ୍ପିଟାଲ ବ୍ରାଣ୍ଡିଂ ସହିତ ବଦଳାଯିବ। ୨୦୨୫ ସୁଦ୍ଧା ୧୦୦ କୋଟି ନିବେଶରେ ହସ୍ପିଟାଲରେ ଏକ ଅନ୍‌କୋଲୋଜିର ବ୍ଲକ୍ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ହସ୍ପିଟାଲର ଭୁବନେଶ୍ୱର ଓ ବିଜୟୱାଡ଼ାର କ୍ଲଷ୍ଟର ନିର୍ଦ୍ଦେଶକ ଡ. ସୁଧାକର କଣ୍ଟିପୁଡ଼ିଙ୍କ ମତରେ କହିଛନ୍ତି, ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆମର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି, ଯାହା ଦ୍ୱାରା ଆମ ରୋଗୀମାନେ ଦୂର ଯାତ୍ରା ନକରି ବିଶ୍ୱସ୍ତରୀୟ ଚିକିତ୍ସା ପାଇପାରିବେ। ହସ୍ପିଟାଲର ନିର୍ଦ୍ଦେଶକ( ଭୁବନେଶ୍ୱର) ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଆମେ ଟାରଇଫ ମୂଲ୍ୟରେ କୌଣସି ପରିବର୍ତ୍ତନ କରିବାକୁ ନାହିଁ। ଏହି ଏକୀକରଣ ଦ୍ୱାରା ଏହି ଅଞ୍ଚଳରେ ପୂର୍ବରୁ ସୀମିତ ଉପଲବ୍ଧ ଉନ୍ନତ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଏବଂ ବିଶେଷ ଚିକିତ୍ସା ବିକଳ୍ପଗୁଡ଼ିକ ସହଜରେ ଉପଲବ୍ଧ ହୋଇପାରିବ।

# ଏଏସସିଆଇର ବାର୍ଷିକ ଅଭିଯୋଗ ରିପୋର୍ଟ

ଭୁବନେଶ୍ୱର,୨୨।୫(ସମିସ): ବିଜ୍ଞାପନର ବିସ୍ତୃତ ବିଶ୍ଳେଷଣ ପ୍ରଦାନ କରୁଥିବା ଭାରତୀୟ ବିଜ୍ଞାପନ ମାନକ ପରିଷଦ (ବାର୍ଷିକ ଅଭିଯୋଗ ରିପୋର୍ଟ )୨୦୨୩-୨୪ ଆର୍ଥିକବର୍ଷରେ ଆପତ୍ତିଜନକ ବୋଲି ବିବେଚନା କରାଯାଇଥିବା ଏହାର ବାର୍ଷିକ ଅଭିଯୋଗ ରିପୋର୍ଟ ଆଜି ପ୍ରକାଶ କରିଛି। ୧୦,୦୯୩ ଅଭିଯୋଗ ଏଏସସିଆଇ ଯାଞ୍ଚ କରି ଏବଂ ୮୨୯୯ ବିଜ୍ଞାପନର ଅନୁସନ୍ଧାନ କରିଥିଲା। ଉଲ୍ଲଂଘନ ମଧ୍ୟରୁ ୮୧% ଭଳି ଅଧିକାଂଶ ବିଭ୍ରାନ୍ତିକର ଦାବି ଯୋଗୁଁ ହୋଇଥିଲା ଏବଂ ଏହା ପରେ କ୍ଷତିକାରକ ପରିସ୍ଥିତି କିମ୍ବା ଉତ୍ପାଦକୁ ପ୍ରୋତ୍ସାହିତ କରିଥିବା ୩୪%ର ବିଜ୍ଞାପନ ସମାନ ବିଜ୍ଞାପନ ଏକାଧିକ ଆପତ୍ତି ପାଇଁ ପ୍ରକ୍ରିୟାକରଣ କରାଯାଇପାରେଥିଲା। ପ୍ରକ୍ରିୟାକୃତ ବିଜ୍ଞାପନରୁ ୮୫% ଡିଜିଟାଲ ବିଜ୍ଞାପନ ରହିଥିଲା ଏବଂ ମୁଦ୍ରଣ ଏବଂ ଟିଭି ପାଇଁ ଥିବା ୯୭% ତୁଳନାରେ ୭୫% ର କମ ଅନୁପାତ ପାଳନ ହା ରରହିଥିଲା। ଗ୍ରାହକଙ୍କ ଅନଲାଇନ ସୁରକ୍ଷା ବିଷୟରେ ଏହାଗମ୍ଭୀର ପ୍ରଶ୍ନସୃଷ୍ଟି କରିଛି ଯାହା ଗତ ବର୍ଷ ମଧ୍ୟ ହାଇଲାଇଟକରାଯାଇଥିଲା। ପ୍ରକ୍ରିୟାକୃତ ହୋଇଥିବା ବିଜ୍ଞାପନଗୁଡିକର ୯୪% ଏଏସସିଆଇ ଦ୍ୱାରା ନିଜ ଆଡୁ ଉଠାଯାଇଥିଲା। ଏଏସସିଆଇ ଦ୍ୱାରା ଉଠାଯାଇଥିବା ୪୯% ବିଜ୍ଞାପନ ବିଜ୍ଞାପନଦା ତାଙ୍କ ଦ୍ୱାରା ପ୍ରତିଦ୍ୱନ୍ଦିତା ହୋଇ ନ ଥିଲା।

# କ୍ଲିନ ଆଣ୍ଡ କ୍ଲିୟରର ନୂଆ ଡିଜିଟାଲ ଫିଲ୍ମ ଉନ୍ମୋଚିତ

ଭୁବନେଶ୍ୱର,୨୨।୫(ସମିସ): ଅଗ୍ରଣୀ ସ୍କିନକେୟାର ବ୍ରାଣ୍ଡ କ୍ଲିନ ଆଣ୍ଡ କ୍ଲିୟର ଏହାର ବିଦ୍ୟମାନ ଅଭିଯାନ 'ପିମ୍ପଲ ହି ତୋ ହୈ'ର ଅଂଶ ଭାବେ ଏହାର ନୂଆ ଡିଜିଟାଲ ଫିଲ୍ମ ଉନ୍ମୋଚନ କରିଛି। ବ୍ରାଣ୍ଡର ପ୍ରତିଶ୍ରୁତିକୁ ସୁଦୃଢ଼ କରି ଏହି ନୂଆ ଡିଜିଟାଲ ଫିଲ୍ମ କିଶୋରମାନଙ୍କ ବ୍ରଣ ଉପରେ ଏକ ସତେଜ ଦୃଷ୍ଟିକୋଣ ଉପସ୍ଥାପନା କରିଛି, ଯାହା କିଶୋରୀ ଝିଅମାନଙ୍କୁ ଅପ୍ରତ୍ୟାଶିତ ଘଟଣାଗୁଡିକୁ ଗ୍ରହଣ କରିବା ପାଇଁ ସଶକ୍ତ କରିବା ସହିତ ସେମାନଙ୍କୁ ଜୀବନରେ ଗୁରୁତ୍ୱ ବହନ କରୁଥିବା ବିଷୟଗୁଡିକ ଉପରେ ଧ୍ୟାନ ଦେବା ପାଇଁ ପ୍ରୋତ୍ସାହିତ କରୁଛି। ଏହି ନୂଆ ଡିଜିଟାଲ କ୍ୟାମ୍ପେନ ଜଣେ କିଶୋରୀଙ୍କଜ ଜୀବନରେ ବ୍ରଣ ସହିତ ଜଡିତ ଥିବା ଡ୍ରାମାକୁ ଆଲୋକପାତ କରିଛି। ନୂଆ କ୍ୟାମ୍ପେନ ନୂଆ ଓ ଉନ୍ନତ କ୍ଲିନ ଆଣ୍ଡ କ୍ଲିୟର ଫୋମିଙ୍ଗ ଫେସୱାଶକୁ ଆଲୋକିତ କରିଛି ଯାହା କେବଳ ୧ ସପ୍ତାହ ମଧ୍ୟରେ ବ୍ରଣ ହ୍ରାସ କରିବା ପାଇଁ ଡାକ୍ତରୀ ରୂପେ ପ୍ରମାଣିତ ଏବଂ ଏହା କିଶୋର କିଶୋରୀମାନଙ୍କୁ ନିଜର ବ୍ରଣ ଚିନ୍ତାକୁ ଉତମ ଭାବେ ନିୟନ୍ତ୍ରଣ କରିବା ପାଇଁ ସକ୍ଷମ କରୁଛି। ଏହାର ଉନ୍ନତ ପ୍ରସ୍ତୁତି ପ୍ରଣାଳୀକୁ ଆଜିର କିଶୋରୀ ଝିଅମାନଙ୍କର ତ୍ୱଚାର ଶୃଙ୍ଖଳାପଣକୁ ନେଇ ରହିଥିବା ପ୍ରମୁଖ ଚିନ୍ତାଗୁଡିକୁ ଦୂର କରିବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି।

# ଗ୍ରିଭ୍ ଇଲେକ୍‌ଟ୍ରିକ୍ ମୋବିଲିଟିର ଇ-ସ୍କୁଟର ଆମ୍ପିୟର ନେକ୍ସସ୍








ଭୁବନେଶ୍ୱର,୨୨।୫(ସମିସ): ଗ୍ରିଭ୍ ଇଲେକ୍‌ଟ୍ରିକ୍ ମୋବିଲିଟି ଆଣିଛି ଭାରତର ପ୍ରଥମ ଉଚ୍ଚକ୍ଷମତା ସମ୍ପନ୍ନ ଇ-ସ୍କୁଟର ଆମ୍ପିୟର ନେକ୍ସସ୍। ଗ୍ରିଭ୍ ଇଲେକ୍‌ଟ୍ରିକ୍‌ର ନ୍ୟାସନାଲ ସେଲ୍ସ ହେଡ୍ ସବ୍ୟସାଚୀ ଚକ୍ରବର୍ତ୍ତୀ ଓଡ଼ିଶାର ତିନି ଡିଲରଶିପ୍ ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ସୂର୍ଯ୍ୟ ଅଟୋ ଇଲେକ୍‌ଟ୍ରନ୍,କଟକ ରୋଡ୍‌ର ଆୟନ୍ ହ୍ୱିଲ୍ସ ଏବଂ କଟକ ସତୀଚଉରା ସ୍ଥିତ ପିଏମ୍‌ଜି ମୋଟର୍ସଠାରେ ଏହି ନୂଆ ଇ-ସ୍କୁଟରର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ ଜୋନାଲ ହେଡ୍ ଶଙ୍କର ରାୟ,ଏଏସ୍‌ଏମ୍ ଶଭ୍ରଜିତ୍ ସ୍ୱାଇଁ ଉପସ୍ଥିତ ଥିଲେ। ଲୁଇସ୍ ରୋଡ୍‌ସ୍ଥିତ ସୂର୍ଯ୍ୟ ଅଟୋଠାରେ କାର୍ଯ୍ୟକ୍ରମରେ ସ୍ୱତ୍ୱାଧିକାରୀ ସୂର୍ଯ୍ୟକାନ୍ତ ନାୟକ, ଆୟନ୍ ହ୍ୱିଲ୍ସ ଶୋ' ରୁମ୍‌ରେ ଏମ୍‌ଡି ଆଶିଷ ସ୍ୱାଇଁ ଏବଂ ପିଏମ୍‌ଜି ମୋଟର୍ସସ୍ଥିତ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏମ୍‌ଡି ମନୋରଞ୍ଜନ ଦାଶ ଏବଂ ଗଣେଷ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ଆମ୍ପିୟର ନେକ୍ସସ୍‌ର ପ୍ରାରମ୍ଭିକ ମୂଲ୍ୟ ୧,୦୯,୯୦୦ ଟଙ୍କା ରହିଛି। ଆମ୍ପିୟର ନେକ୍ସସ୍ ସମ୍ପୂର୍ଣ୍ଣ ଭାବରେ ଭାରତରେ ଡିଜାଇନ ହେବା ସହିତ ବିକଶିତ ଓ ନିର୍ମିତ ହୋଇଛି। ଏଥିରେ ଏକାଧିକ ସର୍ବପ୍ରଥମ ଉଦ୍ଭାବନ ଓ ଶ୍ରେଣୀରେ ପ୍ରଥମ ବୈଶିଷ୍ଟ୍ୟମାନ ରହିଛି। ଆମ୍ପିୟର ନେକ୍ସସ୍ ଜାନସ୍କାର୍ ଆକ୍ୱା, ଇଣ୍ଡିଆନ୍ ରେଡ୍, ଲୁନାର ଫ୍ଲାଇଟ ଓ ଷ୍ଟିଲ୍ ଗ୍ରେ ଭଳି ଚାରିଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି। ଅଭୁତପୂର୍ବ ଆରାମ, ଉନ୍ନତ ଗଠନ ଶୈଳୀ, କୃତ୍ରିମ ବୁଦ୍ଧିମତ୍ତା ଓ ନିରାପତ୍ତା ପ୍ରଦାନ କରିବା ସହିତ ଉଚ୍ଚ-କାର୍ଯ୍ୟଦକ୍ଷତା ଏବଂ ପରିବାର-କେନ୍ଦ୍ରିତ ବୈଶିଷ୍ଟ୍ୟଗୁଡିକ ଇଲେକ୍‌ଟ୍ରିକ୍ ସ୍କୁଟର ଅଭିଜ୍ଞତାକୁ ନୂଆ ରୂପରେ ବ୍ୟାଖ୍ୟା କରୁଛି।

# ମୋଣ୍ଟେ କାର୍ଲୋର ଓଡିଶାରେ ପ୍ରଥମ ଫ୍ଲାଗ୍‌ଶିପ୍ ଷ୍ଟୋର

ଭୁବନେଶ୍ୱର,୨୨।୫(ସମିସ)

ଫ୍ୟାସନ୍ ଏବଂ ଲାଇଫଷ୍ଟାଇଲ୍‌ର ପ୍ରମୁଖ ନାମ ମୋଣ୍ଟେ କାର୍ଲୋ ଓଡିଶାରେ ଏହାର ପ୍ରଥମ ଫ୍ଲାଗ୍‌ଶିପ୍ ଷ୍ଟୋର

MONTE CARLO

ଖୋଲିଛି। କଟକରେ ଥିବା ଏହି ଷ୍ଟୋର ୪,୦୦୦ ବର୍ଗ ଫୁଟ୍ ଅଞ୍ଚଳରେ ରହିଛି। ଏହି ବିଶେଷ ଅବସରରେ ମିଡିଆ ଉପାଧ୍ୟକ୍ଷ ନୀରଜ କୁମାର ନିର୍ବାଣ ଏବଂ ଶୋ'ରୁମ ମାଲିକ ଅମିତ ଅଗ୍ରୱାଲଙ୍କ ସହ କମ୍ପାନୀର ଉପରାଷ୍ଟ୍ରପତି ପଙ୍କଜ ଶ୍ରୀବାସ୍ତବଙ୍କ ଉପସ୍ଥିତି

ଏହି କାର୍ଯ୍ୟକ୍ରମକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଥିଲା। ଶ୍ରୀ ଶ୍ରୀବାସ୍ତବ ଗୁରୁତ୍ୱାରୋପ କରିଛନ୍ତି ଯେ କଟକସ୍ଥିତ ନୂତନ ଷ୍ଟୋର୍ ଏକ ପରିବର୍ତ୍ତନଶୀଳ ସପିଂ ଅଭିଜ୍ଞତା ପ୍ରଦାନ କରିବ, ଯାହା ମୋଣ୍ଟେ କାର୍ଲୋଙ୍କ ଟ୍ୟାଗଲାଇନ୍ ସହିତ ସିଙ୍କରେ ଅଛି, ଏହା ମୋତେ ଅନୁଭବ କରୁଛି। ସେ ଦୋହରାଇଛନ୍ତି ଯେ ଗ୍ରାହକଙ୍କ ପାଇଁ ସପିଂ ଅଭିଜ୍ଞତାକୁ କ୍ରମାଗତ ଭାବରେ ଉନ୍ନତ କରିବା, ପ୍ରତ୍ୟେକ ପରିଦର୍ଶନ ସହିତ ଏହାକୁ ଆହୁରି ଉନ୍ନତ କରିବା ପାଇଁ ଷ୍ଟୋର ଲକ୍ଷ୍ୟ ରଖିଛି। ନୂତନ ଶପିଂ ଗନ୍ତବ୍ୟ: ନୂତନ ଖୋଲା ମୋଣ୍ଟେ କାର୍ଲୋ ଷ୍ଟୋର ଗୋଟିଏ ଅଦ୍ଭୁତ କ୍ରୟାନୁଭବ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ପ୍ରତ୍ୟେକ ମଞ୍ଚକୁ ଭିନ୍ନ ଉତ୍ପାଦ ଶ୍ରେଣୀଗୁଡ଼ିକ ପାଇଁ ସମର୍ପିତ କରାଯାଇଛି ଯାହା ଗ୍ରାହକଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ।

# ବାର୍ଷିକ ଆଧାରରେ ୧.୬ ଗୁଣ ଅଭିବୃଦ୍ଧି ହାସଲ କରିଛି ଫ୍ଲିପ୍‌କାର୍ଟ ଗ୍ରୋସରୀ

ଭୁବନେଶ୍ୱର,୨୨।୫(ସମିସ): ଭାରତର ଘରୋଇ ଇ-କମର୍ସ ମାର୍କେଟପ୍ଲେସ୍ ଫ୍ଲିପ୍‌କାର୍ଟ ଏହାର ଗ୍ରୋସରୀ ବ୍ୟବସାୟରେ ବାର୍ଷିକ ଆଧାରରେ ୧.୬ ଗୁଣ ଅଭିବୃଦ୍ଧି ହାସଲ କରିଛି। ଏକ ଗ୍ରାହକ-ପ୍ରଥମ ସଂସ୍ଥା ଭାବେ ଫ୍ଲିପ୍‌କାର୍ଟ ଗ୍ରୋସରୀ, ସୁଲଭ

Flipkart Grocery

ମୂଲ୍ୟରେ ସତେଜ ଉତ୍ପାଦ ବ୍ୟବସ୍ଥାକୁ ସୁନିଶ୍ଚିତ କରୁଛି। ଉପଭୋକ୍ତାଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ଏହାର ସମସ୍ତ ଉତ୍ପାଦଗୁଡିକରେ ଉତ୍ପାଦନ ଓ ଏକ୍ସପାଏରୀ ତାରିଖ ଉଲ୍ଲେଖ ରହିଛି, ଯାହା ସର୍ବାଧିକ ସ୍ୱଚ୍ଛତା ଓ ସତେଜତା ସୁନିଶ୍ଚିତ କରୁଛି। ଏହାର ସମ୍ପ୍ରସାରଣ ଯାତ୍ରାର ଅଂଶ ଭାବେ ଫ୍ଲିପ୍‌କାର୍ଟ ବେଙ୍ଗାଲୁରୁ, ଚେନ୍ନାଇ, କୋଲ୍କାତା, ମୁମ୍ବାଇ ଓ ନୂଆଦିଲ୍ଲୀ ଭଳି ମେଟ୍ରୋ ସହରଗୁଡିକ ସମେତ ଭାରତର ଟିୟର ୨+ ଟାଉନଗୁଡିକରେ ନିଜର ପହଞ୍ଚକୁ ବ୍ୟାପକ କରିଛି। ଫ୍ଲିପ୍‌କାର୍ଟ ଗ୍ରୋସରୀ ହେଉଛି ଏକମାତ୍ର ଇ-କମର୍ସ କମ୍ପାନୀ ଯାହା ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା, ମୁମ୍ବାଇ ଓ ନୂଆଦିଲ୍ଲୀ ଭଳି ମେଟ୍ରୋ ସହର ଏବଂ ଅନନ୍ତପୁର, ବ୍ରହ୍ମପୁର, ଗୋରଖପୁର, ମୋରାଦାବାଦ, ନାଗାଓଁ, ସାହାର୍ସା, ସିମୋଗା, ଭେଲ୍ଲୋର ଭଳି ବିଭିନ୍ନ ଟିୟର ୨+ ଟାଉନ୍‌ଗୁଡିକ ସମେତ ୨୦୦ରୁ ଅଧିକ ସହରରେ ନେକ୍ସଟ୍-ଡେ' ଡେଲିଭରି ସୁବିଧା ପ୍ରଦାନ କରୁଛି।

# ବିଦେଶରେ ଭାରତୀୟ ୩୧୦୦ କୋଟିରୁ ଅଧିକ ଖର୍ଚ୍ଚ କରିଛନ୍ତି

ନୂଆଦିଲ୍ଲୀ,୨୨।୫(ଏଜେନ୍ସି)

ବିଦେଶରେ ରହୁଥିବା ଭାରତୀୟମାନେ ଦେଶକୁ ଟଙ୍କା ପଠାଇବା କ୍ଷେତ୍ରରେ ଅଧିକ ସମୟରେ ରେକର୍ଡ ସୃଷ୍ଟି କରିଛନ୍ତି। ତେବେ ଏବେ ଭାରତୀୟମାନେ ବିଦେଶରେ ଖର୍ଚ୍ଚ କରିବାରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ୨୦୨୪ ଆର୍ଥିକବର୍ଷରେ ଭାରତୀୟମାନେ ୩.୧ ବିଲିୟନ ଡଲାର ଅର୍ଥ ଖର୍ଚ୍ଚ କରିଥିଲେ। ତେବେ ସବୁଠାରୁ ବଡ଼ କଥା ହେଉଛି ବିଦେଶରେ ଶିକ୍ଷା ପାଇଁ ଭାରତୀୟମାନେ ଅଧିକ ଅର୍ଥ ଖର୍ଚ୍ଚ କରୁଥିବାବେଳେ ଏବେ ସେହି ଖର୍ଚ୍ଚରେ ହ୍ରାସ ଘଟିଥିବା ଜଣାପଡିଛି। ୨୦୨୪ ଆର୍ଥିକବର୍ଷରେ ଲିବରାଲାଇଜଡ୍ ରିମିଟାନ୍ସ ସ୍କିମ୍ (ଏଲ୍‌ଆର୍‌ଏସ୍) ଅଧୀନରେ ଭାରତୀୟମାନେ ୩୧.୭ ବିଲିୟନ ଡ଼ଲାର୍ ରେକର୍ଡ ଅର୍ଥ ଖର୍ଚ୍ଚ କରିଛନ୍ତି, ଯାହା ଗତ ବର୍ଷ ତୁଳନାରେ ୧୭ ପ୍ରତିଶତ ଅଧିକ। ଗତ ଆର୍ଥିକବର୍ଷରେ ଏହି ଅର୍ଥ ୨୭.୧ ବିଲିୟନ ଡ଼ଲାର ଥିଲା। ଉତ୍ସରୁ ଟିକସ ସଂଗ୍ରହ (ଟିସିଏସ୍)ରେ ଟିକସ ସଂଗ୍ରହ ଲାଗୁ ହେବା ସତ୍ତ୍ୱେ ବିଦେଶରେ ଖର୍ଚ୍ଚର ଏହି ବୃଦ୍ଧି ଘଟିଛି। ତଥ୍ୟ ବିଶ୍ଳେଷଣ ଦର୍ଶାଉଛି ଯେ, ଅକ୍ଟୋବର ୨୦୨୩ରେ ଟିସିଏସ୍ ଲାଗୁ ହେବା ପରେ ମାସିକ ହାରାହାରି ଖର୍ଚ୍ଚ ହ୍ରାସ ପାଇଛି | ବାର୍ଷିକ ଟଙ୍କା ପଠାଇବା ତଥ୍ୟରୁ ଜଣାପଡିଛି ଯେ ଆର୍ଥିକବର୍ଷ ୨୦୨୪ ରେ ଭାରତୀୟମାନେ ବିଦେଶ ଯାତ୍ରା ପାଇଁ ୧୭ ବିଲିୟନ ଡଲାର ଖର୍ଚ୍ଚ କରିଛନ୍ତି। ଗତ ବର୍ଷର ୧୩.୬ ବିଲିୟନ ଡ଼ଲାର ତୁଳନାରେ ଏହା ୨୪.୫ ପ୍ରତିଶତ ଅଧିକ। ଏଲ୍‌ଆର୍‌ଏସ୍ ଅଧୀନରେ ଖର୍ଚ୍ଚରେ ଆନ୍ତର୍ଜାତୀୟ ଭ୍ରମଣର ଅଂଶ ଆର୍ଥିକବର୍ଷ




୨୦୨୦ ରେ ୩୭% ରୁ ବୃଦ୍ଧି ପାଇ ଆର୍ଥିକବର୍ଷ ୨୦୨୪ ରେ ୫୩.୬ ପ୍ରତିଶତକୁ ବୃଦ୍ଧି ପାଇଛି। କରୋନା ଅବଧିରେ ପ୍ରତିବନ୍ଧକ ହେତୁ ୨୦୨୧ ଆର୍ଥିକବର୍ଷରେ ଆନ୍ତର୍ଜାତୀୟ ଭ୍ରମଣରେ ଖର୍ଚ୍ଚ ୩.୨ ବିଲିୟନ ଡ଼ଲାରକୁ ହ୍ରାସ ପାଇଥିଲା |

ଅନ୍ୟପକ୍ଷରେ ବିଦେଶରେ ଶିକ୍ଷା ପାଇଁ ଯାଉଥିବା ଅର୍ଥର ଅଂଶ କ୍ରମାଗତ ଭାବେ ହ୍ରାସ ପାଉଛି। ଆର୍ଥିକବର୍ଷ ୨୦୨୧ ରେ ଶିକ୍ଷା ପାଇଁ ଟଙ୍କା ପଠାଇବା ୩୦ ପ୍ରତିଶତ ରହିଥିଲା। ୨୦୨୨ ଆର୍ଥିକ ବର୍ଷରେ ଯାତ୍ରା ପ୍ରତିବନ୍ଧକ ହଟାଯିବା ପରେ ଏହି ଅଂଶ ୨୬ ପ୍ରତିଶତକୁ ଖସିଆସିଛି। ୨୦୨୩ ଆର୍ଥିକବର୍ଷରେ ଶିକ୍ଷା ପାଇଁ ବ୍ୟୟ ପୂର୍ବବର୍ଷର ୫.୨ ବିଲିୟନ ଡ଼ଲାରରୁ ୨୦୨୩ରେ ୩.୪ ବିଲିୟନ ଡ଼ଲାରକୁ ହ୍ରାସ ପାଇଛି। ଏହି କାରଣରୁ, ମୋଟ ଖର୍ଚ୍ଚର ଅଂଶ ୧୨ ପ୍ରତିଶତକୁ ଖସି ଆସିଛି। ୨୦୨୪ ଆର୍ଥିକବର୍ଷରେ, ବିଦେଶରେ ଅଧ୍ୟୟନ ପାଇଁ ଖର୍ଚ୍ଚ ପ୍ରାୟ ୩.୫ ବିଲିୟନ ଡଲାରରେ ସ୍ଥିର ରହିଥିଲାବେଳେ ଯାତ୍ରା ପାଇଁ ଖର୍ଚ୍ଚ ବଢ଼ିଥିଲା। ଫି ଉପରେ କମ୍ ଖର୍ଚ୍ଚ ହେତୁ ବିଦେଶରେ ଅଧ୍ୟୟନ ଆଉ ବୈଦେଶିକ ମୁଦ୍ରା ଖର୍ଚ୍ଚର ଦ୍ୱିତୀୟ ବୃହତ୍ତମ ବର୍ଗ ହୋଇନାହିଁ। ଏହାବ୍ୟତୀତ ଭାରତୀୟମାନେ ଫି ଅପେକ୍ଷା ବିଦେଶରେ ସମ୍ପର୍କୀୟଙ୍କ ରକ୍ଷଣାବେକ୍ଷଣରେ ଅଧିକ ଖର୍ଚ୍ଚ କରିଥିଲେ। ଏହି କ୍ଷେତ୍ରରେ ଖର୍ଚ୍ଚ ୪.୬ ବିଲିୟନ ଡଲାର ଖର୍ଚ୍ଚ ହୋଇଛି। ତେବେ ବିଦେଶରୁ ଘରକୁ ଟଙ୍କା ପଠାଇବାରେ ଭାରତୀୟମାନେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ମିଳିତ ଜାତିସଂଘର ଏଜେନ୍ସି ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ୍ ଫର ମାଇଗ୍ରେସନ୍ ଅନୁଯାୟୀ, ଭାରତ ୨୦୨୨ ମସିହାରେ ବିଦେଶରୁ ୧୧୧ ବିଲିୟନ ଡଲାର ଅର୍ଥ ପାଇଛି। ଏହା ସହ ଭାରତ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି ଯେ କି ୧୦୦ ବିଲିୟନ ଡଲାରର ବିଦେଶ ମୁଦ୍ରା ହାସଲ କରିଛି।

# କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥରେ ଭରିହେବ କେନ୍ଦ୍ରର ରାଜକୋଷ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି)

କେନ୍ଦ୍ର ସରକାରଙ୍କ ରାଜକୋଷ ଭରି ହେବାକୁ ଯାଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅର୍ଥରେ। କାରଣ ଆରବିଆଇ କେନ୍ଦ୍ର ସରକାରଙ୍କୁ ଦେବାକୁ ଯାଉଛି ପ୍ରାୟ ୨,୧୦,୮୭୪ କୋଟି ଟଙ୍କାର ବଳକା ରାଶି। କେନ୍ଦ୍ରୀୟ ବ୍ୟାଙ୍କ ୨୦୨୩-୨୪ ଆର୍ଥିକବର୍ଷରେ ସରକାରଙ୍କୁ ରେକର୍ଡ




୨.୧୧ ଲକ୍ଷ କୋଟି ଟଙ୍କାର ଡିଭିଡେଣ୍ଡ ବା ଲାଭାଂଶ ବାବଦ ଅର୍ଥ ହସ୍ତାନ୍ତର କରିବ। ଗତ ବର୍ଷ ତୁଳନାରେ ଏହା ୧୪୦% ଅଧିକ। ୨୦୨୨-୨୩ ଆର୍ଥିକବର୍ଷରେ ଆରବିଆଇ ତା'ର ଲାଭାଂଶରୁ କେନ୍ଦ୍ର ସରକାରଙ୍କୁ ୮୭,୪୧୬ କୋଟି ଟଙ୍କା ଡିଭିଡେଣ୍ଡ ଆକାରରେ ଦେଇଥିଲା। କୁହାଯାଉଥିଲା ଯେ ଆରବିଆଇ ୨୦୨୩-୨୪ରେ କେନ୍ଦ୍ର ସରକାରଙ୍କୁ ୧ ଲକ୍ଷ କୋଟି ଟଙ୍କାରୁ ସାମାନ୍ୟ ଅଧିକ ଲାଭାଂଶ ଅର୍ଥ ହସ୍ତାନ୍ତର କରିବ।

ଭାରତୀୟ ରିଜର୍ଭ ବ୍ୟାଙ୍କର ବୋର୍ଡ ୨୦୨୪ ଆର୍ଥିକବର୍ଷ ପାଇଁ ସରକାରଙ୍କୁ ୨,୧୦,୮୭୪ କୋଟି ଟଙ୍କା ରେକର୍ଡ ଅର୍ଥ ହସ୍ତାନ୍ତରକୁ ଅନୁମୋଦନ ଦେଇଛି। ଗତ ଆର୍ଥିକବର୍ଷ ୨୦୨୨-୨୩ରେ ଆରବିଆଇ ଯେତିକି ଅର୍ଥ ହସ୍ତାନ୍ତର କରିଥିଲା, ଏହା ଗତ ବର୍ଷ ତୁଳନାରେ ୧.୨୩ ଲକ୍ଷ କୋଟି ଟଙ୍କା ଅଧିକ। ଏହି ଅର୍ଥ ୨୦୨୫ ଆର୍ଥିକବର୍ଷ ପାଇଁ ସରକାରୀ ଆକାଉଣ୍ଟରେ ପ୍ରତିଫଳିତ ହେବ। ଆରବିଆଇର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ୬୦୮ ତମ ବୈଠକରେ କେନ୍ଦ୍ର ସରକାରଙ୍କୁ ଏହି ବଳକା ରାଶି ହସ୍ତାନ୍ତର ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠଖ ରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ତେବେ ଆରବିଆଇର ଆୟ ଏବଂ ବ୍ୟୟ ମଧ୍ୟରେ ପାର୍ଥକ୍ୟକୁ ସରପ୍ଲସ୍ ବା ବଳକା ରାଶି କୁହାଯାଏ। ଚଳିତଥର ଦିଆଯାଇଥିବା ଏହି ଅର୍ଥ ରଶି ଏ ପର୍ଯ୍ୟନ୍ତ ଆର୍‌ବିଆଇ ଦ୍ୱାରା କରାଯାଇଥିବା ସର୍ବାଧିକ ବାର୍ଷିକ ବଳକା ହସ୍ତାନ୍ତର ସ୍ଥାନାନ୍ତର। ବିଶେଷଜ୍ଞଙ୍କ ଅନୁଯାୟୀ, ବକେୟା ପରିମାଣର ତୀବ୍ର ବୃଦ୍ଧି ହେବାର ଗୋଟିଏ କାରଣ ହେଉଛି ରିଜର୍ଭ ବ୍ୟାଙ୍କର ଫରେକ୍ସ ହୋଲଡିଂରୁ ଆୟ। ବିଶେଷଜ୍ଞଙ୍କ ମତରେ କେନ୍ଦ୍ର ସରକାରଙ୍କ ପାଇଁ ଏକ ଖୁସି ଖବର କାରଣ ଏହା କେନ୍ଦ୍ରର ଲିକ୍ୟୁଡିଟିରେ ବୃଦ୍ଧି ଏବଂ ପରବର୍ତ୍ତୀ ଖର୍ଚ୍ଚ କରିବାରେ ସହାୟକ ହେବ।

## ସ୍କୁଲ ବସ୍ ଓ ଟ୍ରକ୍ ଧକ୍କା; ୨୫ରୁ ଊର୍ଦ୍ଧ୍ୱ ଆହତ

**ଝାରସୁଗୁଡ଼ା, ୨୨।୫(ସମିସ):** ୪୯ନଂ ଜାତୀୟ ରାଜପଥ ତଥା ବେଲପାହାଡ଼ ପୌରାଞ୍ଚଳ ଅଧୀନ ଗିଦଘରା ନିକଟରେ ବୁଧବାର ସକାଳେ ଏକ ସ୍କୁଲ ବସ୍ ଓ ଟ୍ରକ ମଧ୍ୟରେ ଧକ୍କା ହେବା ଫଳରେ ଉଭୟ ଚାଳକ ସମେତ ୨୫ରୁ ଅଧିକ ଆହତ ହୋଇଛନ୍ତି। ବସ୍ ଚାଳକ ସାହୁ (୩୨), ସୁନନ୍ଦା ପ୍ରଧାନ (୩୮), ଉଷା (୪୦), ଅଞ୍ଜଳି ପ୍ରଧାନ, ବିରଦା ପାଣ୍ଡେ (୩୮), ରିଶିକା ସାସ (୪୫), ଅନିତା ଦାଶ (୪୫), ପ୍ରାଚୀ ସିଂହ (୪୨), ସ୍ମିତା ପ୍ରଧାନ (୪୮) ବିଷ୍ଣୁପ୍ରିୟା (୪୧), ସୁନିତା ପଣ୍ଡା (୪୮), ଅନିତା (୪୮) ଓ ଭାଗ୍ୟବତୀ (୩୫) ପ୍ରମୁଖ ଆହତ ହୋଇଛନ୍ତି।



ବୁଧବାର ସକାଳୁ ଝାରସୁଗୁଡ଼ା ଠାରୁ ଡିଏଭି ସ୍କୁଲ ବସ୍‌ରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମିଶି ମୋଟ ୨୫ ଊର୍ଦ୍ଧ୍ୱ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିଲେ। ଏହି ବସ୍‌ରେ ବିଶେଷ ଭାବେ ରାଉରକେଲା, ଝାରସୁଗୁଡ଼ା, ବନ୍ଧବାହାଲ, କଳାହାଣ୍ଡି ଲାଞ୍ଜିଗଡ଼ ଆଦି ଡିଏଭି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଯାତ୍ରା କରୁଥିଲେ। ସକାଳ ପ୍ରାୟ ସାଢ଼େ ୭ ଟା ସମୟରେ ବେଲପାହାଡ଼ ପଟରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଖାଲି ଥିବା ଏକ କୋଇଲା ଟ୍ରକ ଗିଦଘରା ନିକଟସ୍ଥ ଜାତୀୟ ରାଜପଥ ୪୯ରେ ବସ୍‌କୁ ଧକ୍କା ଦେଇଥିଲା। ଆହତମାନଙ୍କୁ ବେଲପାହାଡ଼, ଖଳିଆକାନି, ମଣ୍ଡଳିଆ, ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

ବଢ଼େଇମୁଣ୍ଡା ପୂର୍ଣ୍ଣା ଗ୍ରାମର ବିରଞ୍ଚି ଛଛାନ୍ (୪୦) ଚାପି ହୋଇ ରହିଥିଲେ। ଲଖନପୁର ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ବନ୍ଧବାହାଲ ସିଡବ୍ଲ୍ୟୁଏସ୍ କଲୋନୀ ଟଙ୍କସିନୀ ବଡ଼ାଇ (୪୦), ତାଙ୍କ ଅଢ଼େଇ ବର୍ଷର ଶିଶୁପୁତ୍ର ଆଭାଂଶ ମିଶ୍ର (୩), ଝାରସୁଗୁଡ଼ା ରେଲୱେ କଲୋନୀରେ ନଗମା ଖାନ (୪୫), ବମ୍ବେ ଛକର ସଙ୍ଗୀତା ସିହ୍ନା (୪୨), କଳାହାଣ୍ଡି ଲାଞ୍ଜିଗଡ଼ର ସମ୍ମିଳତା

## ନିର୍ବାଚନ ଦାୟିତ୍ୱ ଦକ୍ଷତାର ସହ ପରିଚାଳନା କର



**ଦେବଗଡ଼, ୨୨।୫(ସମିସ):** ୨୫ ତାରିଖ ଦେବଗଡ଼ ଜିଲ୍ଲାରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଦେବଗଡ଼ ଜିଲ୍ଲାରେ ୩୩୮ ବୁଥ ମଧ୍ୟରୁ ସଖୀ ବୁଥ ୪୦ ଟି, ସିସି କ୍ୟାମେରା ବୁଥ ୨୦୩, ଏଥିରେ ନିୟୋଜିତ ଥିବା ପ୍ରିଜାଇଡିଙ୍ଗ ଓ ପୋଲିଂ ଅଧିକାରୀ ୨୨୫୬ ଜଣ, ଅଣୁ ପର୍ଯ୍ୟବେକ୍ଷକ ୭୧ ଜଣ ଓ ସେକ୍ଟର ଅଫିସର ୪୧ ଜଣ କିପରି ଶାନ୍ତିଶୃଙ୍ଖଳା ସହ ଅବାଧ ମୁକ୍ତ ନିର୍ବାଚନ ହେବ ସେଥିପାଇଁ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ବିଭିନ୍ନ ବୁଥରେ ନିଯୁକ୍ତ ଥିବା ପ୍ରିଜାଇଡିଙ୍ଗ ଓ ପୋଲିଂ ଅଧିକାରୀ ପଲିଟେକନିକ୍ ଠାରେ ଇଭିଏମ ସେଣ୍ଟରରୁ ସୁରୁଖୁରୁରେ ନେବା ସହିତ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ମମତାଜ ମହାରଣା, ସହକାରୀ ଜିଲ୍ଲାପାଳ ତାପସ କୁମାର ମହାନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମିରର ଥିଏଟର ପକ୍ଷରୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ

# ନାଟକ ଫୁଲ ଓ ପନତକାନୀ ମଞ୍ଚସ୍ଥ





**ଝାରସୁଗୁଡ଼ା, ୨୨।୫(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ମିରର ଥିଏଟର ପକ୍ଷରୁ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଛି। ମିରର ଥିଏଟର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାଗତ ୧୦ ତାରିଖ ଦିନ ଆରମ୍ଭ ହୋଇଥିବା ବେଳେ ବୁଧବାର ସମାପ୍ତ ହୋଇଥିଲା। ଏହି କର୍ମଶାଳାରେ ମୋଟ ୧୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନାଟ୍ୟ ଶାସ୍ତ୍ର ଉପରେ ପ୍ରଶିକ୍ଷଣ ଲାଭ କରିଥିଲେ। ଉଦ୍‌ଯାପନୀ ସମାରୋହରେ ନାଟ୍ୟ ପ୍ରଶିକ୍ଷଣ ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସଚେତନତା ଧର୍ମୀ ଦୁଇଟି ନାଟକ ଫୁଲ ଓ ପନତକାନୀ ପ୍ରଦର୍ଶିତ ହୋଇଥିଲା। ଏଥିରେ ଅତିଥି ଭାବେ କୁଳମଣି ବଗାର, ଶରତ ସାହୁ, ଆନନ୍ଦ ମହାକୁଡ଼, ଭୀମସେନ ସେଠ, ମିରର ଥିଏଟରର ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଜେନାମଣି ସେଠ, ଅଭିମନ୍ୟୁ ସା, ଲକ୍ଷ୍ମୀ ବାହାଦୁର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷିତ କଳାକାରଙ୍କ ମଧ୍ୟରେ କାହ୍ନା ବଗାର, ଲବ ପ୍ରଧାନ, ଅର୍ଜୁନ ବଞ୍ଛୋର, ବିନୟ ପ୍ରଧାନ, ସୋନିଆ ବେହେରା, ଜ୍ୟୋତ୍ସ୍ନାରାଣୀ କାଲୋ, ପ୍ରତୀକ୍ଷା ମିଶ୍ର, ଆୟୁଷୀ ପଟ୍ଟନାୟକ, ସଞ୍ଜନା ମେହେର, ସୋନାଲିଶ ବିଶ୍ୱାଳ, ଖୁସି କୁମାରୀ ଜେନା, ଆରତୀ ବଇଗା, ମିଲୁତାସ୍ୟ ସୁନା, ବେଦବ୍ୟାସ ହରିପାଲ ପ୍ରମୁଖ ଅଭିନୟ କରିଥିବା ବେଳେ ସଙ୍ଗୀତରେ ତୁଷାର ରଞ୍ଜନ ଲୁହାର ଓ ଆଲୋକ ସମ୍ପାଦନାରେ ଭୀମ ମାହାଲି ସହଯୋଗ କାରିଥିଲେ। ସରସ୍ୱତୀ ପ୍ରଧାନ, ସନ୍ତୋଷ ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ଆଲୋକ ମହାକୁଡ଼, ପରମେଶ୍ୱର ମରେଇ, ମନୋଜ ମେହେର, ସରୋଜ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

## ରିଆମାଳରେ ବିଜେଡିର ପ୍ରଚାର

**ରିଆମାଳ, ୨୨।୫(ସମିସ):** ଦେବଗଡ଼ ବିଧାନସଭା ଅଧୀନ ରିଆମାଳ ବ୍ଲକରେ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ଫଳରେ କର୍ମୀଙ୍କ ମଧ୍ୟରେ ଉତ୍ସାହ ବଢ଼ୁଛି। ନେତା ଓ କର୍ମୀମାନେ ବୁଥସ୍ତରକୁ ଯାଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଅବଗତ କରାଇ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ଭୋଟର ମାନଙ୍କୁ ନିବେଦନ କରୁଛନ୍ତି। ରିଆମାଳ ବ୍ଲକ ର ବୁଡ଼ିଦୋ ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ ଛବି ରାଣୀ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ପ୍ରଚାରର ମଙ୍ଗ ଧରି ଦୁଇ କିଲୋମିଟର ପଦଯାତ୍ରା କରିଥିଲେ। ସାଂସଦପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନସଭା ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସେହିପରି ବୁଡିଦୋ, ମଳେହିପଡ଼ା, ନୂଆଡିହି ଓ କୋଲବସା ପଞ୍ଚାୟତରେ ନିର୍ବାଚନସଭା କରାଯାଇ ଥିଲା।



## ମିତ୍ରଭାନୁ ପାଟଯୋଶୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବ୍ରଜରାଜନଗର, ୨୨।୫(ସମିସ):** ବ୍ରଜରାଜନଗର ଜଗନ୍ନାଥ ମନ୍ଦିର ସଭାଗୃହରେ ବୁଧବାର ବ୍ରଜରାଜନଗର ପ୍ରେସକ୍ଲବ୍ ପକ୍ଷରୁ ସାପ୍ତାହିକ ପତ୍ରିକା ଜନତାର ବନ୍ଧୁ ପ୍ରତିଷ୍ଠାତା ତଥା ସମ୍ପାଦକ ସ୍ୱର୍ଗତ ମିତ୍ରଭାନୁ ପାଟଯୋଶୀଙ୍କ ୧୯ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରେସ୍‌କ୍ଲବ ସାଧାରଣ ସମ୍ପାଦକ ତ୍ରିଲୋଚନ ଦାଶଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କ୍ଲବର ବରିଷ୍ଠ ସଦସ୍ୟମାନେ ସ୍ୱର୍ଗତ ମିତ୍ରଭାନୁ ପାଟଯୋଶୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରେସ୍ କ୍ଲବ୍‌ର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ସଞ୍ଜିବ ପାଟଯୋଶୀ, ସଂଗ୍ରାମ ସାଏ, ଅଞ୍ଜନି ଶର୍ମା, ବିଜୟ ବରାଡ଼, ସଞ୍ଜୟ ବାହୁବଳେନ୍ଦ୍ର, ବିଜୟ ସାହୁ, ବିରଞ୍ଚି ସ୍ୱାଇଁ, ଆଶ୍ରିତ ସାହୁଙ୍କ ସମେତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ଯୁଧିଷ୍ଠିର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନିର୍ବାଚନ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ: ଜିଲ୍ଲାପାଳ

**ଦେବଗଡ଼, ୨୨।୫(ସମିସ):** ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ନିମନ୍ତେ ଆଜି ସଂଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ଜିଲ୍ଲାରେ ୨ଲକ୍ଷ ୫୧ ହଜାର ୩୯୪ ଭୋଟର ରହିଛନ୍ତି। ନିର୍ବାଚନ ନିମନ୍ତେ ଯାଞ୍ଚ କରିବା ପାଇଁ ଫ୍ଲାଇଂସ୍କ୍ୱାଡ୍ ଓ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଜିଲ୍ଲାରେ ୩୦ଟି ବୁଥ୍‌ରେ ମୋବାଇଲ ସେବାର ସୁବିଧା ନ ଥିବା ଯୋଗୁଁ ସେମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ସେହି ବୁଥ୍‌ରେ ଭିଏଚ୍ଏଫ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଭୋଟରମାନଙ୍କ ପାଇଁ ସେମାନଙ୍କର ଘରକୁ ଯାଇ ଅଧିକାରୀମାନେ ମତଦାନ ନିମନ୍ତେ ଜିଲ୍ଲାପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୪୪୮ ଜଣ ବରିଷ୍ଠ ନାଗରିକଓ ଭିନ୍ନକ୍ଷମ ଭୋଟର ମତଦାନ କରିସାରିଛନ୍ତି। ନିର୍ବାଚନ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ କଣ୍ଟ୍ରୋଲ ରୁମଖୋଲାଯାଇଥିବାବେଳେ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲାବାସୀମାନେ ସହଯୋଗ କରିବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ନିର୍ବାଚନ ପରିଚାଳନା ନିମନ୍ତେ ଜିଲ୍ଲାପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଡିଆଇପିଆରଓ ମନୋରଞ୍ଜନ ସୂତାର ଉପସ୍ଥିତ ଥିଲେ।



## ପୁଲିସ ଓ ଅବକାରୀ ବିଭାଗର ସମନ୍ୱୟ ବୈଠକ

**ଦେବଗଡ଼, ୨୨।୫(ସମିସ):** ୨୫ ତାରିଖ ଦେବଗଡ଼ ଜିଲ୍ଲାରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ପୁଲିସ ଓ ଅବକାରୀ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନୁପମା ଜେମସ୍ ନିର୍ବାଚନ ଶାନ୍ତି ଶୃଙ୍ଖଳା ସହ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ନିର୍ବାଚନ ଅଧୀନସ୍ଥ ବିଭିନ୍ନ ପୁଲିଂ ଷ୍ଟେସନରେ ଶାନ୍ତି ଶୃଙ୍ଖଳା ସହ ଅବାଧ, ନିର୍ଭୁଲ ଭାବେ ଯେପରି ନିର୍ବାଚନ ପରିଚାଳନା ହୋଇପାରିବ ସେହି ବିଷୟରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ଓ ଅବକାରୀ ବିଭାଗ ଜିଲ୍ଲାରେ ଭୋଟିଂ ପ୍ରକ୍ରିୟା ସୁରୁଖୁରୁରେ ପରିଚାଳନା କରିବା ପାଇଁ ଆରକ୍ଷୀ ଅଧିକ୍ଷକ ପରାମର୍ଶ ଦେଇଥିଲେ। ଅବକାରୀ ବିଭାଗ ତରଫରୁ ମଦ କାରବାର ରୋକିବା ଦିଗରେ ମଦ ଦୋକାନ ଚଢ଼ଉ କରି ସେମାନଙ୍କର ଷ୍ଟକ୍ ପଜିସନ ଏବଂ ପ୍ରଚୁର ପରିମାଣ ମଦ ବିକ୍ରିକୁ ରୋକିବା ନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଅବକାରୀ ଅଧୀକ୍ଷକ ବାସନ୍ତୀ ପ୍ରଭା ନାଏକ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା, ଡେପୁଟି କଲେକ୍ଟର ମମତାଜ ମହାରଣା, ସହକାରୀ ଜିଲ୍ଲାପାଳ ତାପସ କୁମାର ମହାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



## କାଳବୈଶାଖୀ; ବ୍ୟାପକ କ୍ଷୟକ୍ଷତି

**ଦେବଗଡ଼, ୨୨।୫(ସମିସ):** ବାରକୋଟ ବ୍ଲକର କଣ୍ଟାପାଲି ଗ୍ରାମରେ ବୁଧବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଗ୍ରାମର ଅଷାଡୁ ମୁଣ୍ଡା, ତପସ୍ୱିନୀ ଶବର, ପ୍ରଦୀପ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ସାହିଲ ଶତପଥୀଙ୍କ ଘରର ଆଜ୍‌ବେଷ୍ଟର ଉଡାଇନେବା ସହିତ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେମାନଙ୍କର କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ ଜିଲ୍ଲାପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହାସହିତ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ରାଜସ୍ୱ ବଙ୍ଗଳାର ମଧ୍ୟ ଆଜବେଷ୍ଟସ୍ ଉଡାଇନେବା ସହିତ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଗଛ ପଡ଼ିରହିଛି।



## ପୁଣି ଉଠିଲା ୪୯ ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ ଦାବି

**ଝାରସୁଗୁଡ଼ା, ୨୨।୫(ସମିସ)**

ଝାରସୁଗୁଡ଼ା ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥ ଝାରସୁଗୁଡ଼ାରୁ କନକତୋର ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ଏମିତି କୌଣସି ଦିନ କିମ୍ବା ରାତି ନାହିଁ ଦୁର୍ଘଟଣା ହୁଏ ନାହିଁ। କିନ୍ତୁ ପରିତାପର ବିଷୟ ଏହି ଜାତୀୟ ରାଜପଥକୁ ଓସାରିଆ କରିବାକୁ ଜାତୀୟ ରାଜମାର୍ଗ କୁଣ୍ଠାବୋଧ କରୁଛି। କେବଳ ସେତି ନୁହଁ ଅଣ ଓସାରିଆ ଇବ୍ ବ୍ରିଜ୍ ମଧ୍ୟ ଅତି ବିପଦସଂକୁଳ ଅବସ୍ଥାରେ ରହିଛି। ଝାରସୁଗୁଡ଼ାରୁ ବେଲପାହାଡ଼ ମାତ୍ର କୋଡିଏ କିଲୋମିଟର। କିନ୍ତୁ ଏହି ରାସ୍ତାରେ ବେଲପାହାଡ଼ ଯିବାପାଇଁ ଲାଗୁଛି ଦୁଇ ଘଣ୍ଟାରୁ ଅଧିକ ସମୟ। ଲଖନପୁରୁ, ବେଲପାହାଡ଼ ଓ ବ୍ରଜରାଜନଗର ଅଞ୍ଚଳରୁ ଏ ମିତିକି ଛତିଶଗଡ଼ରୁ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କରୁଛି। ଏହି ଅଣ ଓସାରିଆ ରାସ୍ତାରେ ମାତ୍ରାଧିକ ଯାନ ବାହାନ ଚଳାଚଳ କରିବା ଦ୍ୱାରା ଦୈନିକ ଦୁର୍ଘଟଣା ମଧ୍ୟ ଘଟୁଛି। ବିଶେଷ ଭାବରେ ଇବ୍ ବ୍ରିଜ ଠାରେ କୌଣସି ଦୁର୍ଘଟଣା ହେଲେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଫସି ରହୁଛି। ଏହିରାସ୍ତାର ପ୍ରଶସ୍ତିକାରଣ ପାଇଁ ଦୀର୍ଘ ବର୍ଷ ହେବ ଦାବି କରିଆସୁଥିଲେ ମଧ୍ୟ ଏହାର ଟେଣ୍ଡର ଏ ଯାଏ ହୋଇପାରି ନାହିଁ। ୪୯ ନମ୍ବର ରାଜପଥରେ କ୍ଷମତା ଠାରୁ ଅଧିକ ଭାରୀଯାନ ଚଳାଚାଳ କରୁଛି। ଯଦି କେନ୍ଦ୍ର ସରକାର ଏହି ଜାତୀୟ ରାଜପଥକୁ ନିର୍ମାଣ କରିବାରେ ଅନିଚ୍ଛା ପ୍ରକାଶ କରୁଛନ୍ତି ତେବେ ଏମସିଏଲର ଏହି ରାସ୍ତାରେ ଯାତାୟାତ କରୁଥିବା ହଜାର ହଜାର ସଂଖ୍ୟକ ଟ୍ରକ ପାଇଁ ସ୍ୱତନ୍ତ୍ର କୋଲ କରିଡୋର ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ପୁଣିଥରେ ଦାବି କରିଛନ୍ତି।



### ସେମାନେ ଯାହା କହନ୍ତି...



ସମଗ୍ର ଦେଶରେ ଜାତୀୟ ରାଜପଥର ବିକାଶ ହୋଇଛି କିନ୍ତୁ ପରିତାପର ବିଷୟ କେନ୍ଦ୍ର ସରକାର ଏହି ରାଜପଥକୁ ପାଶୋରି ଦେଇଛନ୍ତି। କୌଣସି ଜରୁରୀ କାଳୀନ ପରିସ୍ଥିତିରେ ଏହି ରାସ୍ତାରେ ବେଲପାହାଡ଼ରୁ ଝାରୁସୁଗୁଡ଼ା ଯିବାକୁ ପଡେ ତେବେ ଜୀବନକୁ ବାଜି ଲଗାଇ ଯିବାକୁ ହୁଏ। ଏହି ରାସ୍ତାରେ ଯିଏ ଯାଇଛି ସଠିକ ସମୟରେ ନିଜର ଗନ୍ତବ୍ୟସ୍ଥଳକୁ ପହଞ୍ଚି ପରିବାକି ନାହିଁ ତାହା ସଦାବେଳେ ଦ୍ୱନ୍ଦର ରହିଛି। ଆମେ ନିୟମିତ ଭାବରେ ଏହି ରାସ୍ତାରେ ଡିୟୁଟି ଯାଉଛି ଏମିତି ଦୁର୍ଘଟଣା ପାଇଁ ନିଜକୁ ଭୟ ଲାଗୁଛି।

**ଅର୍ଜୁନ ବନଛୋର, ବଘରାଚକା, ରାଜପୁର, ବ୍ରଜରାଜନଗର**



୪୯ ନମ୍ବର ଜାତୀୟ ରାଜପଥରେ କୌଣସି ଜରୁରି କାମରେ ଯିବାକୁ ନାଁ ଧରିଲେ ଡର ମାଡ଼େ। ସବୁଦିନ ଦୁର୍ଘଟଣା, ସବୁଦିନ ଏହି ରାସ୍ତା ଜାମ୍। ଶହ ଶହ ଲୋକେ ରାସ୍ତା ମଝିରେ ଏହି ଜାମ୍ ପାଇଁ ଫସି ରହୁଛନ୍ତି। ଅନେକ ଲୋକେ ସଠିକ ସମୟରେ ଟ୍ରେନ କିମ୍ବା ବିମାନ ବନ୍ଦରରେ ପହଞ୍ଚି ପାରୁନାହାନ୍ତି। ଏହି ରାସ୍ତାର ପ୍ରଶସ୍ତିକରଣ କରିବା ପାଇଁ ଅନେକ ଦିନରୁ ଦାବି ହେଲେ ମଧ୍ୟ ଏହା କେବେ ହେବ ତାହା ମଧ୍ୟ ଠିକ ନାହିଁ।

**ସୁଜିତ ହରିପାଲ, ବଜାର ପଡ଼ା, ସମଡ଼ା**



ଦେଶରେ ବୋଧେ ଏମିତି କୌଣସି ୪୯ ଜାତୀୟ ର ଜପଥ ଭଳିଆ ରାସ୍ତା ନଥିବା ଯେଉଁଠି ଏତେ ସଂଖ୍ୟାରେ ଭାରୀଯାନ ଚଳାଚଳ କରୁଥିବା ଓ ତାହା ଅଣଓସାରିଆ ହୋଇ ପଡ଼ି ରହିଥିବା। ଜାତୀୟ ରାଜପଥ ବିଭାଗ ଏହି ରାସ୍ତାକୁ ୪ ଥାକିଆ କରିବାରେ କୁଣ୍ଠାବୋଧ କରିବାର କାରଣ କ'ଣ ତାହା ବୁଝାପଡୁନାହି। ଯେତେବେଳେ ଏହି ରାସ୍ତାକୁ ୪ ଥାକିଆ କରିବାର ଆବଶ୍ୟକତା ରହିଥିଲା ସେତେବେଳେ ଜାତୀୟ ରାଜମର୍ଗ ବିଭାଗ ସେତେବେଳ ଏହି ରାସ୍ତାକୁ କେବଳ ମରାମତି କରି ଟୋଲ ଗେଟ ବସେଇ ଦେଇଛନ୍ତି। ଏହାଠୁ ବଡ଼ ବୁଡ଼ମ୍ବନା କ'ଣ ହୋଇପାରେ।

**ଲବ ପ୍ରଧାନ, ଗୁମାଡେରା, ବେଲପାହାଡ଼**

## ମଦ ଓ ସଟ୍ଟା କାରବାର ବୃଦ୍ଧି

**ଝାରସୁଗୁଡ଼ା, ୨୨।୫(ସମିସ):** ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ମଦ ଓ ସଟ୍ଟା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ମଙ୍ଗଳବାଜାର, ପୁରୁଣା ବସ୍ତି, ବଢେଇ ମୁଣ୍ଡା, ବେହେରାମାଶ, ସରବାହାଲ, ବଡ଼ମାଲ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଅଞ୍ଚଳରେ ମଦ ଓ ସଟ୍ଟା କାରବାର ଚାଲୁଥିବା ବେଳେ ପୁଲିସ୍ ଓ ଅବକାରୀ ବିଭାଗ ନିରବ ରହୁଥିବା ପରିଲକ୍ଷିତ ହେଉଛି। ବେହେରାମାଳ ଠାରୁ ଗାନ୍ଧୀ ଛକ ବକ୍ସି ଛକଠାରୁ ଖେରୁଆଲ ଓ ବଢେଇ ମୁଣ୍ଡା ଠାରୁ କୁଲବିରା ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଢାବା ଗୁଡ଼ିକରେ ଅବାଧରେ ମଦ କାରବାର ଚାଲୁଥିବା ଅଭିଯୋଗ ହେଉଛି। ଝାରସୁଗୁଡ଼ା ପୁଲିସ୍ ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

## ସହରରେ ଟ୍ରାଫିକ ସମସ୍ୟା; ଲୋକେ ହନ୍ତସନ୍ତ

**ଝାରସୁଗୁଡ଼ା, ୨୨।୫(ସମିସ):** ସହରରେ ଟ୍ରାଫିକ ସମସ୍ୟା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଝାରସୁଗୁଡ଼ା ସହରରେ ଦୀର୍ଘ ବର୍ଷରୁ ଟ୍ରାଫିକ ସମସ୍ୟା ଲାଗି ରହିଛି। ସହରର ମୁଖ୍ୟ ରାସ୍ତା ସରବାହାଲ ରେଳ ଫାଟକଠାରୁ ବେହେରା ମାଳ ଛକ ଓ ବିଟିଏମଠାରୁ ବଢେଇ ମୁଣ୍ଡା ଛକ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ ସମସ୍ୟା ଲଗିହୁଛି। ୧୯୮୪ ମସିହାରେ ଟ୍ରାଫିକ ପୋଷ୍ଟ ପ୍ରତିଷ୍ଠା ହୋଇଥିବାବେଳେ ସେ ସମୟରେ ସକାଳ ୮ରୁ ୧୨ ଓ ଅପରାହ୍ଣ ୪ରୁ ରାତି ୮ ପର୍ଯ୍ୟନ୍ତ ଟ୍ରାଫିକ ପୁଲିସ ମୁତୟନ ହେଉଥିଲେ। ଦୁଇ ହଜାର ମସିହା ବେଳକୁ ଝାରସୁଗୁଡ଼ା ସଦର ମହକୁମା ଅଞ୍ଚଳରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବା ଫଳରେ ଗାଡ଼ି ମଟର ବଢ଼ିବା ସାଙ୍ଗକୁ ଜନସଂଖ୍ୟା ବଢ଼ିବା ଫଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେବାଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ସହରର ମୁଖ୍ୟ ମାର୍ଗ ଅଣଓସାରିଆ ରାସ୍ତା ସାଙ୍ଗକୁ ରାସ୍ତା ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ଲଗାଇବା ଫଳରେ ଟ୍ରାଫିକ ସମସ୍ୟା ଉତ୍ପନ୍ନ ହେଉଛି। ସହରର ବାଇପାସ୍ ଓ ବଡ଼ମାଳ ବିଜୁପଟ୍ଟନାୟକ ଛକଠାରୁ ବେଦାନ୍ତକୁ ସଂଯୋଗ କରୁଥିବା ରାସ୍ତା ଉପରେ ଟ୍ରକ ଗୁଡ଼ିକ ଦୀର୍ଘ ସମୟଧରି ଛିଡ଼ା ହେଉଥିବାରୁ ବଡ଼ମାଳ ପଟୁ ଆସୁଥିବା ଗାଡ଼ି ଚାଳକ ଶିକ୍ଷାନୁଷ୍ଠାନ କର୍ମଚାରୀ ଛାତ୍ର ଛାତ୍ରୀ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝାରସୁଗୁଡ଼ା ସହରର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଅଭିଯୋଗ କଲେ ସୁଧା କୌଣସି ସମାଧାନ ବାହାରି ପାରୁ ନ ଥିବାରୁ ଝାରସୁଗୁଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



● ଭୋଟର ତାଲିକାରୁ ନାମ କଟିଯାଇଛି

# ଭୋଟ ଦେବାରୁ ବଞ୍ଚିତ ହେଲେ ବୃଦ୍ଧା

**ଫିରିଙ୍ଗିଆ, ୨୨।୫(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ରାଜ୍ୟରେ ସରିଛି ଦ୍ୱିତୀୟ ପର୍ଯ୍ୟାୟ ଭୋଟ। ଦ୍ୱିତୀୟ ପର୍ଯ୍ୟୟରେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ମଧ୍ୟ ଭୋଟ ଶାନ୍ତିଶୃଙ୍ଖଳାର ସହ ସରିଛି। ଗତ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ଭୋଟ ହାର କମିଥିବା ଜଣାପଡ଼ିଛି। କନ୍ଧମାଳ ସଂସଦୀୟ କ୍ଷେତ୍ରର ଫୁଲବାଣୀ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଫିରିଙ୍ଗିଆ ବ୍ଲକର ବିଭିନ୍ନ ବୁଥ ପରିଚାଳନାରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଏହାକୁ ନେଇ ବହୁ ଭୋଟର ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକର ଅଧିକାଂଶ ବୁଥରେରେ ଇଭିଏମ ମେସିନରେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ବହୁ ବିଳମ୍ବର ମତଦାନ ଆରମ୍ଭ ହୋଇଥିଲା। ଅନେକ ବୁଥରେ ଭୋଟର ତାଲିକାରେ ତ୍ରୁଟି ରହିଥିବାରୁ ବହୁ ଭୋଟର ନିଜର ମତ ସାବ୍ୟସ୍ତ କରିବାରେ ବଞ୍ଚିତ ରହିଥିଲେ। ବିଶେଷକରି ଫିରିଙ୍ଗିଆ ବ୍ଲକର ଡିଣ୍ଡିରାଗାଁରେ ଥିବା ୭୪ ନମ୍ବର ବୁଥକୁ ସଖୀ ବୁଥ ଭାବରେ ଚିହ୍ନଟ କରାଯାଇଥଲା। ବୁଥରେ ଥିବା ପିବ କହଁର ନାମକ ଜଣେ ୮୫ ବର୍ଷୀୟା ବୃଦ୍ଧା ଭୋଟର କାର୍ଡ ଓ ଆଧାର କାର୍ଡ ଧରି ସକାଳ ସାତଟାରୁ ଭୋଟ ଦେବା ପାଇଁ ଆସି ଅପରାହ୍ନ ତିନିଟା ଯାଏ ଜଗି ରହିଥିଲେ। ହେଲେ ସେ ବଞ୍ଚି ଥାଉଥାଉ ଭୋଟର ତାଲିକାରେ ସେ ମୃତ ବୋଲି ଦର୍ଶାଇ ତାଙ୍କ ନା ତାଲିକାରୁ ବାଦ ଦିଆଯାଇଥିବାରୁ ସେ ଭୋଟ ଦେବାରୁ ବଞ୍ଚିତ ହୋଇଥିଲେ। ଡିଣ୍ଡିରାଗାଁ ପଞ୍ଚାୟତର ଜିତେନ୍ଦ୍ର ବିଶୋଇ ନାମକ ଜଣେ ଯୁବ ଭୋଟରଙ୍କ ପାଖରେ ଭୋଟର ପରିଚୟ ପତ୍ର ଥିଲେ ମଧ୍ୟ ତାଙ୍କ ନା ଭୋଟର ତାଲିକାରେ ନ ଥିବାରୁ ଭୋଟ ଦେବାରୁ ବଞ୍ଚିତ ହୋଇଥିଲେ। ଏମିତି ଘଟଣା ଫିରିଙ୍ଗିଆ ବ୍ଲକରେ ଆହୁରି ଅନେକ ରହିଥିବା ବେଳେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



▶▶ ଗଛକୁ ଅମୃତ ଜୈବିକ ଖତ

# ବର୍ଷା ପୂର୍ବରୁ ଚାଷ ଜମିକୁ ପ୍ରସ୍ତୁତ କରିବାକୁ ପରାମର୍ଶ

**ବ୍ରହ୍ମପୁର, ୨୨।୫(ସମିସ)**

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଉଚିତ ସମୟରେ ବର୍ଷା ନ ହେବା ଗଞ୍ଜାମ ଜିଲ୍ଲାର ଚାଷୀଙ୍କ ଲାଗି ସଂକଟ ସୃଷ୍ଟି କରିଛି। ଗଞ୍ଜାମରେ ପୂର୍ବସ୍ଥିତି ଫେରାଇ ଆଣିବାକୁ ଚାଷୀକୂଳ ସଂଘର୍ଷ ମଧ୍ୟ କରୁଛି। ଅନ୍ୟଥା ଅନେକ ଅଭାବ ଭିତରେ ପାଣି ସମେତ ଅନ୍ୟାନ୍ୟ ସାମଗ୍ରୀ ଲାଗି ଚାଷୀଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ହେଲେ ପୁରୁଣା ପଦ୍ଧତିକୁ ଫେରିଗଲେ କମ ଖର୍ଚ୍ଚରେ ଅଧିକ ଅମଳ ହେବା ଆଶା ବୃଦ୍ଧି ପାଇବ ବୋଲି ଚାଷୀସଂଗଠନ ମାନେ ମଧ୍ୟ ସଚେତନ କରୁଛନ୍ତି। ବିଶେଷ କରି ଜୈବିକ ଖତ, ଚାଷ ଜମି ଓ ଗଛକୁ ହିତ ଓ ଅମୃତ ବୋଲି କୁହାଯାଉଛି। ଏହା ଖରିଫ ଓ ରବି ସମସ୍ତ ଚାଷରେ ବିଶେଷ ସହାୟକ ହୋଇଥାଏ। ଏଣୁ ଏ ଦିଗରେ ଚାଷୀ ଭାଇମାନେ ବିଶେଷ ଯତ୍ନବାନ ହେବା ସହ ବର୍ଷା ପୂର୍ବରୁ ଚାଷ ଜମିକୁ ଆଚ୍ଛାଦନ କରିବାକୁ ପରାମର୍ଶ ଦେଇଛନ୍ତି।

ଏହିକ୍ରମରେ ଗଞ୍ଜାମର ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ କୁହାଯାଇଛି ଯେ, ଚାଷ ଜମିକୁ ଆଚ୍ଛାଦନ କରି କମ ଖର୍ଚ୍ଚରେ ଅଧିକ ଅମଳ କରିବା ଦିଗରେ ଚାଷୀ ଭାଇମାନେ ଯତ୍ନବାନ ହେବା ଜରୁରୀ। ପୂର୍ବ ପୁରୁଷମାନେ ଚାଷ ପାଇଁ ଯାହା ଦରକାର ଥିଲା ତାହା ନିଜ ପାଖରେ ସୁବୋନ୍ଦବସ୍ତ କରି ରଖୁଥିଲେ। ଅନ୍ୟଉପରେ ନିର୍ଭର କରୁନଥିଲେ କି ବାହାରୁ କିଣୁନଥିଲେ। ବିହନ ଖତ, ସାର ଆଦି ଚାଷୀଙ୍କ ମଧ୍ୟରେ ଅଦଳ-ବଦଳ ମଧ୍ୟ କରୁଥିଲେ। ଏତେଟା ଖର୍ଚ୍ଚାନ୍ତ ମଧ୍ୟ ହେଉନଥିଲା। ଚାଷୀମାନେ ବିହନରେ ସ୍ୱାବଲମ୍ବୀ ଥିଲେ। ଧିରେ ଧିରେ ହାଇବ୍ରିଡ଼ ବିହନ ପ୍ରଚଳନ ପରେ ଚାଷୀଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ନିଜସ୍ୱ ବିହନ ତାର ସତ୍ତା ହରାଇ ବସିଲା। ଅଧିକ ଅମଳ ଲକ୍ଷ୍ୟରେ ଚାଷୀମାନେ ବଜାରରେ ମିଳୁଥିବା ବିହନ ଉପରେ ନିର୍ଭରଶୀଳ ହେଲେ। ଫଳରେ ପୁରୁଣା ପ୍ରଥା ଆସ୍ତେ ଲୋପ ପାଇଲା। ଅନ୍ୟପକ୍ଷରେ ହଳ, ଲଙ୍ଗଳ ଆଦିର ଚାହିଦା କମିଯିବା ଫଳରେ ଚାଷୀ ଭାଇମାନେ ଅତ୍ୟାଧୁନିକ ପଦ୍ଧତିରେ ଚାଷ କରୁଛନ୍ତି। ରାସାୟନିକ ସାରର ଅଧିକ ବ୍ୟବହାର ହେଉଛି। ଫଳରେ ଜମିର ଉର୍ବରତା ପ୍ରତି ଏତେଟା ଧ୍ୟାନ ଦିଆଯାଉଥିବା ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ କୁହାଯାଇଛି। ଏଥିଦ୍ୱାରା ଜମି ଟାଣ ହେଉଛି।

ଏଭଳି ଧାରା ଜାରି ରହିଲେ ଜମି ଉପରେ ବିଶେଷ ପ୍ରଭାବ ପଡ଼ିବ ବୋଲି ଜଣାଯାଇଛି। ଅପରପକ୍ଷେ ବର୍ଷାଦିନ ପୂର୍ବରୁ ପାଳକୁଟା, ଫସଲର ଅବଶିଷ୍ଟାଂଶ, ବିଭନ୍ନ ଗଛର ଡ଼ାଳପତ୍ର, ଗୋବର ଖତ ଆଦି ଜମିରେ ବିଛାଇବା ଫଳରେ ବର୍ଷା ପ୍ରଭାବରେ ଏହା ଖତରେ ପରିଣତ ହେବ। ଏଥିରୁ ଜିଆ କେଞ୍ଚୁଆ ଆଦି ବଂଶବୃଦ୍ଧି କରିବା ସହ ଜମିର ଉର୍ବରତା ବଢ଼ିବ ବୋଲି ଋଷିକୂଲ୍ୟର ରୟତ ମହାସଭାର ଆବାହକ ସୀମାଞ୍ଚଳ ନାହାକ କହିଛନ୍ତି।

ବର୍ତ୍ତମାନ ପରିପ୍ରେକ୍ଷୀରେ ଚାଷ କାର୍ଯ୍ୟରେ ଜିଆର ଭୂମିକା ଅପରିହାର୍ଯ୍ୟ ରହିଛି। ଏଣୁ ଆଦିମ ପଦ୍ଧତିରେ ଆପଣାଇଲେ ଚାଷୀମାନେ କମ ଖର୍ଚ୍ଚରେ ଅଧିକା ଉତ୍ପାଦନ କରିପାରିବେ ବୋଲି ସେ କହିଛନ୍ତି। ସେହିପରି ଜୈବିକ ଖତ, ହାଣ୍ଡିଖତ, ଜୀବାମୃତ ଦେଇ ଚାଷ କଲେ କମ ଖର୍ଚ୍ଚରେ ଅଧିକା ଅମଳ ସମ୍ଭବ। ଧାଡ଼ି ରୁଆ ଚାଷ ପ୍ରଣାଳୀ ମଧ୍ୟ ବେଶ ଲାଭଦାୟକ। ଏଣୁ ଚାଷୀମାନେ ପୁରୁଣା ପଦ୍ଧତି ନ ଭୁଲି କୃଷି ବିଭାଗର ପରାମର୍ଶରେ କାର୍ଯ୍ୟ କଲେ ଚାଷ କାର୍ଯ୍ୟ ଆଗେଇ ଯିବ ବୋଲି ମତବ୍ୟକ୍ତ କରିଛନ୍ତି।

# ଖଟଣୀ ଅଧିକା, ମିଳୁଛି କମ୍

**ବାଲିଗୁଡ଼ା, ୨୨।୫(ସମିସ):** ବଣ ପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କନ୍ଧମାଳ ଜିଲ୍ଲାର ପାଖାପାଖି ୮୦ ଭାଗ ଜନସାଧାରଣ ବଣଜଙ୍ଗଲ ଉପରେ ନିର୍ଭରଶୀଳ। ବର୍ଷ ତମାମ ମହୁଲ ଫୁଲ ଠାରୁ ଆରମ୍ଭ କରି ଗରା ତେନ୍ତୁଳି, ଅଁଳା, ବାହାଡା, ପଣସ, ଆମ୍ବ, ଶାଳମଞ୍ଜି, ଶାଳପତ୍ର, ଶିଆଳି ପତ୍ର ଏଭଳି ନାନାଦି ଜଙ୍ଗଲ ଯାତ ଦ୍ରବ୍ୟକୁ ସଂଗ୍ରହ କରି ଜୀବିକା ମେଣ୍ଟାଇଥାନ୍ତି। ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳର ମହିଳା ଶାଳପତ୍ର ସଂଗ୍ରହ କରିବାରେ ଲାଗିଛନ୍ତି। କିନ୍ତୁ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳିପାରୁନି। ପ୍ରତିଦିନ ଜଣେ ମହିଳା ସକାଳୁ ୬ଟାରେ ଜଙ୍ଗଲରେ ପରିଶ୍ରମ କରି ଶାଳପତ୍ର ସଂଗ୍ରହ କଲେ ସେ ଶାଳ ଖଲି ଏବଂ ପତ୍ର ବିକ୍ରି କରି ଦିନକୁ ୧୦୦ରୁ ୧୫୦ ଟଙ୍କା ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଯାହାକି ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳି ପାରୁନଥିବା କହିଛନ୍ତି ଗୋଟିଙ୍ଗିଆ ଅଞ୍ଚଳ ଶାଳପତ୍ର ସଂଗ୍ରହକାରୀ ଗୁଞ୍ଜା ପ୍ରଧାନ। ଶାଳ ପତ୍ର ବିକ୍ରି ପାଖ ଦୋକାନୀ କିମ୍ବା ବେପାରୀଙ୍କୁ ସେମାନେ କରିଥାଆ।ନ୍ତି। ଗୋଟାଏ ଶାଳପତ୍ର ଟେକି ପିଛା ୧୦ ରୁ ୧୫ ଟଙ୍କା ଦରରେ କମ୍ ଟଙ୍କା ଦେଉଛନ୍ତି। ସେମାନେ ତାହାକୁ ୪୦ ରୁ ୫୦ ଟଙ୍କା ବିକ୍ରି କରି ଲାଭବାନ ହେଉଛନ୍ତି ବୋଲି ବହୁ ମହିଳା କହିଛନ୍ତି। ଅଭିଯୋଗ ଅନୁଯାୟୀ ଯଦି ଗ୍ରାମାଞ୍ଚଳର ପ୍ରତି ୱାର୍ଡରେ ଶାଳଖଲି ଏବଂ କଞ୍ଚା ଶାଳପତ୍ର ସହରରେ ବିକ୍ରି କରିବା ପାଇଁ କର୍ତ୍ତୃପକ୍ଷ ଗ୍ରାମାଞ୍ଚଳ ମହିଳା ଉପକୃତ ହୋଇପାରିବେ ବୋଲି କୁହାଯାଉଛି।




# ଏମ୍‌କେସିଜିରେ ଇପି ପଦ୍ଧତିରେ ଚିକିତ୍ସା

**ବ୍ରହ୍ମପୁର,୨୨।୫(ସମିସ):** ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମ୍କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ହୃଦ୍ରୋଗ ବିଭାଗରେ ଇଲେକ୍ଟ୍ରୋଫିଜିଓଲୋଜି (ଇପି) ପଦ୍ଧତିରେ ଜଣେ ରୋଗୀଙ୍କ ଚିକିତ୍ସା କରାଯାଇଛି। କୌଣସି ରୋଗୀର ହୃଦସ୍ପନ୍ଦନ ଅଧିକ ଥିଲେ ସେମାନଙ୍କର ଇପି ପଦ୍ଧତିରେ ଅସ୍ୱାଭାବିକ ପଥକୁ ଚିହ୍ନଟ କରାଯାଏ ଏବଂ ରେଡିଓ ତରଙ୍ଗ (ରେଡିଓ ଫ୍ରେକ୍ୱେନ୍ସି) ସହାୟତାରେ ସେହି ଅସ୍ୱାଭାବିକ ପଥକୁ ଅସ୍ତ୍ରୋପଚାର କରାଯାଏ। ବିଶାଖପାଟଣାରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଏବଂ ଏମକେସିଜି ହୃଦ୍ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ଛବି ଶତପଥଙ୍କ ତତ୍ତ୍ୱାବଧାନରେ ବିଭାଗର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କ ସହାୟତାରେ ଏହି ଜଟିଳ ଚିକିତ୍ସା କରାଯାଇଛି। ଘରୋଇ ଚିକିତ୍ସାଳୟରେ ଏହି ଅସ୍ତ୍ରୋପଚାର ପାଇଁ ପାଖାପାଖି ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ଏହି ଅସ୍ତ୍ରୋପଚାର କରାଯିବା ଏମକେସିଜି ପାଇଁ ଏକ ଗୌରବ ବୋଲି ବିଭାଗୀୟ ମୁଖ୍ୟ କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକୀୟ ଉପକରଣ ଯୋଗାଇଦେଲେ ଭବିଷ୍ୟତରେ ଆବଶ୍ୟକୀୟ ରୋଗୀଙ୍କ ଏଭଳି ବ୍ୟୟବହୁଳ ଅସ୍ତ୍ରୋପଚାର ହୋଇପାରିବ ବୋଲି ବିଭାଗୀୟ ମୁଖ୍ୟ ଡା.ଶତପଥ କହିଛନ୍ତି। ସାଧାରଣ ଲୋକଙ୍କ ହୃଦ୍‌ସ୍ପନ୍ଦନ ମିନିଟ୍ ପ୍ରତି ୬୦ରୁ ଶହେ ରହିବ । କିନ୍ତୁ ଏହି ରୋଗୀଙ୍କ କ୍ଷେତ୍ରରେ ହଠାତ୍ ହୃଦ୍ ସ୍ପନ୍ଦନ ବଢ଼ିଯାଏ । ମିନିଟ୍ରେ ୧୫୦ରୁ ଅଧିକ ଥର ହୃଦ୍ ସ୍ପନ୍ଦନ ହୋଇଥାଏ । ଏହି ରୋଗ ଚିହ୍ନଟ କରିବାକୁ ଇପି ମେସିନ୍ ଅଛି। କିନ୍ତୁ ଏହାର କିଛି ଆବଶ୍ୟକୀୟ ଉପକରଣ ଯୋଗାଣ ନାହିଁ । ଯାହାଫଳରେ ନିୟମିତ ଭାବେ ଏହି ରୋଗୀଙ୍କ ଚିକିତ୍ସା ହୋଇପାରୁନି। ଦକ୍ଷିଣ ଓଡ଼ିଶାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ସରକାର ଏମ୍କେସିଜିରେ ଅତ୍ୟାଧୁନିକ ସୁବିଧା ଯୋଗାଇଦେଇଛନ୍ତି। ପୂର୍ବରୁ ଏମ୍ସିଜି ହୃଦ୍ରୋଗ ବିଭାଗରେ ଡା.ଶତପଥୀଙ୍କ ତତ୍ତ୍ୱାବଧାନରେ ଆଇଭିୟୁଏସ୍ (ଇଣ୍ଟ୍ରା ଭାସ୍କୁଲାର ଅଲଟ୍ରାସାଉଣ୍ଡ), ଓସିଟି (ଅପଟିକାଲ କୋହରେନ୍ସ ଟେମୋଗ୍ରାଫି), ଆଇଏବିପି (ଇଣ୍ଟ୍ରା ଆଓଟିକ୍ ବେଲୁନ୍ ପମ୍ପ ଭଳି ବହୁ ଜଟିଳ ପଦ୍ଧତିରେ ଚିକିତ୍ସା କରାଯାଇଛି।

କାହା ସପକ୍ଷରେ ଛତ୍ରପୁର ବିଧାନସଭା ଆସନ

# ବିଜେଡି ଓ ବିଜେପି ପକ୍ଷରୁ ଅଙ୍କକଷା

**ଛତ୍ରପୁର, ୨୨।୫(ସମିସ):** ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ୧୩ ତାରିଖ ଦିନ ଶାନ୍ତି ଶୃଙ୍ଖଳାର ସହିତ ସରିଛି ମତଦାନ। ମତଦାନ କାର୍ଯ୍ୟକ୍ରମ ପରେ ସମସ୍ତ ପ୍ରତିଦ୍ୱନ୍ଦ୍ୱି ପ୍ରାର୍ଥୀ ମାନେ ନିଜ ନିଜ ସପକ୍ଷରେ ପାଇବାକୁ ଥିବା ଭୋଟ ଆକଳନ କରିବାରେ ବ୍ୟସ୍ତ ରହିଥିବା ଦେଖାଯାଇଛି। ଛତ୍ରପୁର ବିଧାନସଭା ଆସନରେ ଚଳିତ ଥର ମୋଟ ୨୪୪ଟି ବୁଥ୍ କରାଯାଇଥିବା ବେଳେ ୬୫.୯୬ ପ୍ରତିଶତ ମତଦାନ ହୋଇଛି। ଛତ୍ରପୁର ନିର୍ବାଚନମଣ୍ଡଳୀର ମୋଟ ୨ଲକ୍ଷ ୩୩ ହଜାର ୫୦୮ ଜଣଙ୍କ ମଧ୍ୟରୁ ମତାଧିକାର ସାବ୍ୟସ୍ତ କରିଛନ୍ତି ୧ଲକ୍ଷ ୫୫ ହଜାର ୫୮୯ଜଣ। ସେଥିରୁ ମହିଳା ଭୋଟର ସଂଖ୍ୟା ୭୮ ହଜାର ୮୮୩ ଏବଂ ପୁରୁଷ ମତଦାତାଙ୍କ ସଂଖ୍ୟା ଥିଲା ୭୬ ହଜାର ୭୦୪। ସେହିପରି ୨ ଜଣ ତୃତୀୟ ଲିଙ୍ଗୀ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ନିର୍ବାଚନରେ ମୋଟ ୧୦ ଜଣ ପ୍ରାର୍ଥୀ ଛତ୍ରପୁର ବିଧାନସଭା ପାଇଁ ମୈଦାନକୁ ଓହ୍ଲାଇଥିବା ବେଳେ କାହା ସପକ୍ଷରେ କେତେ ଭୋଟ ମିଳିଛି ତାକୁ ନେଇ ନିଜ ସମର୍ଥକ ମାନଙ୍କ ସହ ବସି ଅଙ୍କକଷା କରିବାରେ ଲାଗି ପଡ଼ିଛନ୍ତି ପ୍ରାର୍ଥୀ ମାନେ। ବିଶେଷ କରି ଛତ୍ରପୁର ବିଧାନସଭା ମଣ୍ଡଳୀରେ ଶାସକ ଦଳ ବିଜେଡି ଓ ବିଜେପି ଉଭୟେ ବିଜୟୀ ହେବା ନେଇ ନିଜ ନିଜର ଦୃଢୋକ୍ତି ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ଉଭୟ ଦଳ ପକ୍ଷରୁ ନିଯୁକ୍ତ ପୋଲିଂ ଏଜେଣ୍ଟ, ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତା ଏବଂ ଅନ୍ୟ ଭରସା ଯୋଗ୍ୟ ସୂତ୍ରରୁ ମତ ସଂଗ୍ରହ କରି ଉଭୟ ଦଳ ବହୁ ଭୋଟ ବ୍ୟବଧାନରେ ବିଜୟୀ ହେବା ନେଇ ଆଶା ରଖିଛନ୍ତି। ତେବେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ରିପୋର୍ଟ ବଦଳୁଥିବାରୁ ସକ୍ରିୟ ରାଜନେତାଙ୍କ ପକ୍ଷରୁ ବିଜୟ ବ୍ୟବଧାନ ନେଇ ଦିଆଯାଉଥିବା ତଥ୍ୟରେ ମଧ୍ୟ ତାଳମେଳ ରହୁନଥିବା ପରିଲକ୍ଷିତ ହେଉଛି। ଆସନ୍ତା ୪ ତାରିଖ ଦିନ ଭୋଟ ଗଣତି ବେଳେ ଛତ୍ରପୁର ବିଧାନସଭା ଆସନଟି କାହା ଖାତାକୁ ଯିବ ଅର୍ଥାତ୍ କିଏ ଛତ୍ରପୁର ବିଧାନସଭା ଆସନଟି ଅକ୍ତିଆର କରିବ ତାହା ସ୍ପଷ୍ଟ ହେବ ବୋଲି କିଛି ରାଜନୈତିକ ବିଶେଷଜ୍ଞ ମାନେ କହିଛନ୍ତି।

● ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର

# ବିଶ୍ୱ ଜୈବ ବିବିଧତା ଦିବସରେ ଆଲୋଚନାଚକ୍ର

**ବ୍ରହ୍ମପୁର, ୨୨।୫(ସମିସ):** ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପ୍ରାଙ୍ଗଣରେ ପ୍ରାୟ ଦୁଇଶହ ଛାତ୍ରଛାତ୍ରୀ ମହାବିଦ୍ୟାଳୟର ଅଧାପିକା ଏବଂ ଅଧ୍ୟାପକମାନଙ୍କ ଉପସ୍ଥିତିରେ ବିଶ୍ୱ ଜୈବ ବିବିଧତା ଦିବସ ପରିପ୍ରେକ୍ଷୀରେ ଏକ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଏହି ଆଲୋଚନା ଚକ୍ରରେ ବିଭିନ୍ନ ସଂଗଠନର ପ୍ରତିଷ୍ଠିତ ପରିବେଶବିଦ୍, ପ୍ରାଧ୍ୟାପକ ଏବଂ ବୈଜ୍ଞାନିକମାନେ ଯୋଗଦେଇ ନିଜର ସନ୍ଦର୍ଭକୁ ଉପସ୍ଥାପନ କରିଥିଲେ। ଏ ଅବସରରେ ମୁଖ୍ୟ ଅତିଥି ଭାବେ ଆଇଜର ବ୍ରହ୍ମପୁର ଜୈବବିବିଧତା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ଡ. ବିଶ୍ୱାସ ଚୌହାନ ନିଜର ଜୈବ ବିବିଧତା ସମ୍ପର୍କିତ ଗବେଷଣାଲବ୍ଧ ତଥ୍ୟକୁ ବିସ୍ତାର ଭାବେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ.ଚୌହାନ ମଣିଷ ଓ ପ୍ରକୃତିର ସମ୍ପର୍କ ଏବଂ ଏହାର ଭବିଷ୍ୟତ ଶୀର୍ଷକ ଗବେଷଣାତ୍ମକ ପ୍ରବନ୍ଧକୁ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏ ଅବସରରେ ଭୁବନେଶ୍ୱର ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ବୈଜ୍ଞାନିକ ଡ. ଦେବାଶିଷ ପଟ୍ଟନାୟକ ଆଭାସୀ ମାଧ୍ୟମରେ ନିଜର ଅନୁସନ୍ଧାନ କରିଥିବା ସନ୍ଦର୍ଭକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଡିନ୍ ମଞ୍ଚାସୀନ ରହି ନିଜର ପ୍ରାରମ୍ଭିକ ଭାଷଣରେ ଏକ ସୁନ୍ଦର ପୃଥିବୀର ଅବତାରଣା କରିବା ପାଇଁ ସୌରଶକ୍ତିର ଆବଶ୍ୟକତାକୁ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଗଣପତି ସାବତ ଫାଉଣ୍ଡେସନର ସଭାପତି ତଥା ଅବସରପ୍ରାପ୍ତ ବିଶିଷ୍ଟ ବୈଜ୍ଞାନିକ ଡ. ବିନୋଦ ଚନ୍ଦ୍ର ସାବତ ଯୋଗଦେଇ ଭାରତର ସ୍ଥିତି, ପରିବେଶର ପରିସ୍ଥିତି, ଜୈବ ବିବିଧତା ସଂରକ୍ଷଣର ଆବଶ୍ୟକତା ଏବଂ ପରିବେଶ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରି ମାନବ ସମାଜ ସୁରକ୍ଷା କରିବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ତଥା ଜିଲ୍ଲା ଇକୋକ୍ଲବ୍‌ର ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ନିଜର ଅଭିଭାଷଣରେ ପୃଥିବୀର ସୁରକ୍ଷା ଦିଗରେ ବିଜ୍ଞାନ ନୂତନ ଭାବରେ କାର୍ଯ୍ୟ କରିବା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିଜର ଅଭିଭାଷଣରେ ଡ. ବେଜ ଛାତ୍ରଛାତ୍ରୀମାନଙ୍କୁ ନିଜର ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରି ପରିବେଶର ସୁରକ୍ଷା, ବୃକ୍ଷରୋପଣ, ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ ପାଇଁ ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନ ସମାରୋହରେ ପୌରୋହିତ୍ୟ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ, ଉପସ୍ଥିତ ସମସ୍ତ ଅତିଥି ମାନଙ୍କର ସମ୍ୟକ୍ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ ମଚାଂସୀନ ରହି ନିଜର ପ୍ରାରମ୍ଭିକ ଭାଷଣରେ ସମସ୍ତଙ୍କୁ ସ୍ୱାଗତ କରିବାସହ ଜୈବବିବିଧତାର ସୁରକ୍ଷା, ସଂରକ୍ଷଣ ଏବଂ ଏହାର ଉପାଦେୟତା ସମ୍ପର୍କରେ ସମ୍ୟକ୍ ଭାବେ ନିଜର ଭାବଗର୍ଭକ ମତାମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ମହାବିଦ୍ୟାଳୟର ଡିନ୍ ଡ. ବିବେକାନନ୍ଦ ପଣ୍ଡା ମଞ୍ଚାସୀନ ହୋଇ ଜୈବବିବିଧତା ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଡ. ବି.ରାଜେନ୍ଦ୍ର ମୂର୍ତ୍ତି ଏବଂ ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ. ଉମେଶ ସାହୁ ଉପସ୍ଥିତ ଥିଲେ। ଶେଷରେ ଡ. ଚିତରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନା ତଥା ଛାତ୍ର ସମାଜରେ ପରିବେଶଜନିତ ସଚେତନତାର ପ୍ରସାର ପାଇଁ ପ୍ରଚେଷ୍ଟା କରାଯାଇଥିବାରୁ ପରିଚାଳନା କମିଟିର ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା ଏବଂ ଅନୁଷ୍ଠାନର ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା ଶ୍ରୀ ଉମାଧବ ମହାନ୍ତି, ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ ଏବଂ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି।




ଯୁବ ଗବେଷକ ରାଜେଶ କୁମାର ବଗର୍ତ୍ତୀଙ୍କ ନିଆରା ଉଦ୍ୟମ

# ଦୁର୍ଗମ ଅଞ୍ଚଳର ସମସ୍ୟା ସମାଧାନର ପ୍ରମୁଖ ଅସ୍ତ୍ର ହୋଇଛି 'ଟୁଇଟ୍'

**ଜି.ଉଦୟଗିରି, ୨୨।୫(ସମିସ)**



କନ୍ଧମାଳର ଟୁଇଟର ମ୍ୟାନ ରାଜେଶ। ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସହିତ ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ଗ୍ରାମର ଆନୁସଙ୍ଗିକ ଭିତ୍ତିଭୂମି ବିକାଶ ସହ ମୌଳିକ ସେବା ଯୋଗାଇ ଦେବା ପାଇଁ ୮୨ ହଜାର ଟୁଇଟ୍ ସହ ଲେଖିଛନ୍ତି ୭ ହଜାର ଚିଠି। ଡିଜିଟାଲ ଇଣ୍ଡିଆର ସୁବିନିଯୋଗ କରୁଛନ୍ତି ରାଜେଶ କୁମାର ବଗର୍ତ୍ତୀ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏବଂ ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ଗ୍ରାମରେ ମୌଳିକ ସେବା ଯୋଗାଇ ଦେବା ପାଇଁ ୮୨ ହଜାର ଟୁଇଟ୍ ଏବଂ ୭ ହଜାରରୁ ଅଧିକ ଚିଠି ପତ୍ର ଲେଖିଥିବାରୁ ୪୦୦ରୁ ଅଧିକ ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଗ୍ରାମ ଗୁଡିକରେ ବିଏସଏନ୍ଏଲ୍ ଏବଂ ରିଲାଏନ୍ସ ଜିଓର ଟାୱର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବହୁ ସଂଖ୍ୟାକ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇପାରିଛି। ୭୦ ହଜାରରୁ ଅଧିକ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ପିଏଚଡ଼ି ଗବେଷଣା କରୁଥିବା ଜି.ଉଦୟଗିରି ବ୍ଲକ ତଲାରିମାହା ପଞ୍ଚାୟତର ଦୁର୍ଗମ ଗଟାମାହା ଗ୍ରାମର ରାଜେଶ କୁମାର ବଗର୍ତ୍ତୀ ଏବେ ଏଥିନେଇ ଚର୍ଚ୍ଚାରେ ରହିଛନ୍ତି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସହ ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ଗ୍ରାମରେ ଆନୁସଙ୍ଗିକ ଭିତ୍ତିଭୂମି ବିକାଶ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜେଶ ଗତ ୨୦୧୫ ମସିହା ଠାରୁ ଭାରତର ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ଲେଖି ଅବଗତ କରାଇବା ସହ ଗତ ୨୦୧୭ ମସିହା ଠାରୁ ସେ ନିଜର ଟୁଇଟର ଆକାଉଣ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ସୋସିଆଲ ମିଡ଼ିଆ ଅଭିଯୋଗ ପ୍ରକୋଷ୍ଠକୁ ଟୁଇଟ୍ କରି ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହେଉଛି। ଆଜି ତାଙ୍କ ଟୁଇଟ୍ ସଂଖ୍ୟା ୮୨ ହଜାର ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଲେଖିଥିବା ଚିଠିପତ୍ର ସଂଖ୍ୟା ୭ ହଜାରରୁ ଅଧିକରେ ପହଞ୍ଚିଥିବା ବେଳେ ଉଭୟ ମିଶି ୮୯ ହଜାର ଅତିକ୍ରମ କରିଛି। କେବଳ ସେତିକିରେ ସୀମିତ ନୁହେଁ ତାଙ୍କ ପ୍ରୟାସ। ତାଙ୍କ ଟୁଇଟ୍ ଏବଂ ଚିଠିର ପ୍ରଭାବରେ ଆଜି ସୁଦ୍ଧା ସାରା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ୭୦ ହଜାରରୁ ଊର୍ଦ୍ଧ୍ୱ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି। ତାଙ୍କର ଉଦ୍ୟମରେ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଏବଂ ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକ ବିଭିନ୍ନ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତ୍ ସଂଯୋଗ, ମନରେଗା ଯୋଜନାରେ ମାଧ୍ୟମରେ ରାସ୍ତା ନିର୍ମାଣ, ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ, ମୋବାଇଲ ଟାୱର ନିର୍ମାଣ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ଆଲୋକିକରଣ, ଗୋଷ୍ଠୀ ଗୃହ ନିର୍ମାଣ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ଜଙ୍ଗଲ ସୁରକ୍ଷା ନିମନ୍ତେ ବନ ସଂରକ୍ଷଣ ସମିତି ଗଠନ ସହ ଚାରାରୋପଣ କାର୍ଯ୍ୟକ୍ରମ, ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରା ସଂରକ୍ଷଣ ନିମନ୍ତେ ଉଦ୍ୟମ, ଗରିବ ଜନସାଧାରଣଙ୍କୁ ଗ୍ରାମୀଣ ଗୃହ ଯୋଜନାରେ ଗୃହ ଯୋଗାଣ, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଶ୍ରେଣୀର ଲୋକଙ୍କୁ ଭତ୍ତା ଯୋଗାଣ ଏବଂ ଗରିବ ଶ୍ରେଣୀର ଜନସାଧାରଣଙ୍କୁ ଖାଉଟି କାର୍ଡ ଯୋଗାଣ ହୋଇପାରିଛି। ପ୍ରତିଦିନ ରାଜ୍ୟର ବିଭିନ୍ନ ଖବରକାଗଜକୁ ପଢ଼ି ସେଥିରୁ ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ପରେ ସେ ସେହି ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ସୋସିଆଲ ମିଡ଼ିଆ ଅଭିଯୋଗ ପ୍ରକୋଷ୍ଠ ସହ ବିଭିନ୍ନ ବିଭାଗକୁ ଟୁଇଟର ମାଧ୍ୟମରେ ଟୁଇଟ୍ କରି ଅବଗତ କରାଇଥାନ୍ତି। ଏହା ବ୍ୟତୀତ କରୋନା ମହାମାରୀ ଯୋଗୁଁ ସମଗ୍ର ଦେଶରେ ଲକଡାଉନ୍ ଯୋଗୁଁ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ହୋଇଥିଲା। ସେହି ସମୟରେ ଗ୍ରାମୀଣ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା କ୍ଷେତ୍ରରେ ଅବନତି ସୃଷ୍ଟି ହେବ ଏହାକୁ ହୃଦବୋଧ କରି ସେ ସେହି ସମୟ ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମର ପ୍ରଥମ ଠାରୁ ପିଜି ଶ୍ରେଣୀର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପ୍ରତିଦିନ ନିଜ ଘର ପିଣ୍ଡାରେ ନିଶୁଳ୍କରେ ଶିକ୍ଷା ଦାନ କରୁଛନ୍ତି। ସେ ଛାତ୍ରବୃତ୍ତି ବାବଦରେ ଏବଂ ଧାନ ଚାଷ କରି ଯେଉଁ ଅର୍ଥ ପାଉଛନ୍ତି ସେଥିରେ ଗ୍ରାମର ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ କିଣି ଯୋଗାଇ ଦେଉଛନ୍ତି। ଉଚ୍ଚ ଶିକ୍ଷା ସହ ସାରା ରାଜ୍ୟର କୋଣ ଅନୁକୋଣର ଖବର ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇବା ଭଳି କାର୍ଯ୍ୟ ଏବେ ତାଙ୍କର ନିଶା ପାଲଟିଛି। ଏହି ସବୁ ସାମାଜିକ ଓ ବିକାଶ ମୂଳକ କାର୍ଯ୍ୟ ଗୁଡ଼ିକର ତ୍ୱରିତ ସମାଧାନ ଏବଂ ସହଯୋଗ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, ମୋ ସରକାର ୫-ଟି ସଚିବ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଏହି ସାମାଜିକ ଓ ବିକାଶ ମୂଳକ କାର୍ଯ୍ୟଧାରା ଜାରି ରଖିବେ ବୋଲି ରାଜେଶ କହିଛନ୍ତି।

# ନୃସିଂହ ଚତୁର୍ଦ୍ଦଶୀ ପାଳିତ



**ବୁଗୁଡ଼ା, ୨୨।୫(ସମିସ):** ସ୍ଥାନୀୟ ବଳଦେବ ମନ୍ଦିରପରିସରସ୍ଥ ନୃସିଂହ ମନ୍ଦିରରେ ଆଜି ନୃସିଂହ ଚର୍ତୁଦଶୀ ପାଳିତ ହୋଇଯାଇଛି। ଏ ଅବସରରେ ପୂର୍ବାହ୍ନରେ ଠାକୁରଙ୍କ ଷୋଡ଼ଶୋପଚାର ପୂଜା, ମଙ୍ଗଳ ଆଳତି, ଅଭିଷେକ ଏବଂ ସନ୍ଧ୍ୟା କାଳରେ ମହା ଆଳତି, ହୋମ ସହ ନୃସିଂହନାଥଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। ପୁରୋହିତ ରାମାନୁଜ ମହାପାତ୍ର, ଦୁର୍ଗାମାଧବ ପାଣି ଓ ପଦ୍ମ ଚରଣ ଦାଶ ଶର୍ମାଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଯୁବକ ସଂଘର ସଦସ୍ୟଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଠାକୁର ନୃସିଂହନାଥଙ୍କ ଦର୍ଶନାର୍ଥେ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ଏହି ଅବସରରେ ଚୌଦଳରେ ଠାକୁର ନୃସିଂହନାଥଙ୍କୁ ବିରାଜମାନ ପୂର୍ବକ ବାଦ୍ୟ ବାଜଣା ସହ ନଗର ଭ୍ରମଣ କରାଯାଇଥିଲା।

# ମା' କୁରେଇଶୁଣୀଙ୍କ ଯାତ୍ରା ଆରମ୍ଭ

**ପାରଳାଖେମୁଣ୍ଡି, ୨୨। ୫ (ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଭଣ୍ଡାରି ସାହିରେ ମା କୁରେଇଶୁଣି ଠାକୁରାଣୀଙ୍କ ୭ ଦିନିଆ ଯାତ୍ରା ଆରମ୍ଭ ହୋଇଛି। ୧୧ ବର୍ଷ ପରେ ଏହି ଯାତ୍ରା ଅନୁଷ୍ଠିତ ହେଉଛି। ଆଜି ପ୍ରଥମ ଦିନରେ ମାଙ୍କ ଆଗମନ ଲାଗି ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ସକାଳ ଠାରୁ ଭଣ୍ଡାରୀ ସାହି ଅଞ୍ଚଳ ଚଳଚଞ୍ଚଳ ହୋଇଥିଲା। ଏଥିରେ ବହୁ ସଂଖ୍ୟକ ସାହି ବାସିନ୍ଦା ଏବଂ ଅଞ୍ଚଳବାବାସୀ ଉତ୍ସାହର ଯୋଗ ଦେଇଥିଲେ। ଭଣ୍ଡାରି ସାହି ବାସିନ୍ଦାଙ୍କ ସହ ଅଞ୍ଚଳବାସୀ ଏହି ଯାତ୍ରାର ଆୟୋଜନ କୁରଛନ୍ତି। ଏଥିଲାଗି ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟାକ୍ରମ ସହ ରଙ୍ଗବେରଙ୍ଗ ଆଲୋକରେ ସଜାଯାଇଛି। ଯାତ୍ରା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ପୂଜା କମଟି ସଭାପତି ଉଦୟ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ବାଳାନନ୍ଦ ରଥ, ନୃସିଂହ ପ୍ରସାଦ ପାତ୍ର, କାହ୍ନୁ ଚରଣ ପାତ୍ର, ବାବୁନା ବେହେରା, ପ୍ରସାଦ ଗୌଡ଼, ଶ୍ରୀନିବାସ ପତିତ ପ୍ରକାଶ କରିଛନ୍ତି।



● ଲୋକସଭାରେ ମହିଳା ସାଂସଦଙ୍କ ପ୍ରତିନିଧିତ୍ୱ ପ୍ରସଙ୍ଗ

# ଅନ୍ୟଦେଶଙ୍କ ତୁଳନାରେ ବହୁ ପଛରେ ଭାରତ

ବର୍ତ୍ତମାନର ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ମୋଟ ସାଂସଦଙ୍କ ସଂଖ୍ୟାର ୧୪.୨%। ସମୟକ୍ରମେ ସଂସଦରେ ମହିଳା ପ୍ରତିନିଧିତ୍ୱ ବଢ଼ିଥିବା ଉତ୍ସାହଜନକ ହୋଇଥିବା ବେଳେ ଏ କ୍ଷେତ୍ରରେ କିନ୍ତୁ ଅନ୍ୟ ଦେଶଙ୍କ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ସଂସଦରେ ମହିଳା ପ୍ରତିନିଧିତ୍ୱ ହାର ଦୃଷ୍ଟିରୁ ୧୯୩ ଦେଶଙ୍କ ତାଲିକାରେ ଭାରତ ୧୪୨ ସ୍ଥାନରେ ରହିଥିବା ବେଳେ ପାକିସ୍ତାନ ୧୩୭, ନେପାଳ ୫୪ ଓ ବାଂଲାଦେଶ ୧୧୩ ସ୍ଥାନରେ ରହିଛି। ଅର୍ଥାତ୍ ସଂସଦରେ ମହିଳା ପ୍ରତିନିଧିତ୍ୱ କ୍ଷେତ୍ରରେ ଭାରତ ତା'ର ପଡ଼ୋଶୀ ଦେଶଙ୍କ ତୁଳନାରେ ପଛରେ ରହିଛି। ବ୍ରିଟିଶ ଅମଳରେ ଦେଶରେ ଥିବା ତିନି ମୁଖ୍ୟ ମହିଳା ସଂଗଠନ ୱିମେନସ୍ ଇଣ୍ଡିଆ ଆସୋସିଏସନ୍(ଡବଲ୍ୟୁଆଇଏ). ଅଲ୍ ଇଣ୍ଡିଆ ୱିମେନସ୍ କନ୍‌ଫରେନ୍ସ(ଏଆଇଡବଲ୍ୟୁସି) ଓ ନ୍ୟାସନାଲ୍ କାଉନସିଲ୍ ଫର୍ ୱିମେନସ୍ ଇନ୍ ଇଣ୍ଡିଆ(ଏନ୍‌ସିଡବଲ୍ୟୁଆଇ) ମହିଳାଙ୍କ ପାଇଁ ସଂସଦରେ କୌଣସି ସ୍ୱତନ୍ତ୍ର ସଂରକ୍ଷଣର ବ୍ୟବସ୍ଥା କରାଯିବାର ପ୍ରସ୍ତାବକୁ ତୀବ୍ର ବିରୋଧ କରିଥିଲେ। ସଂସଦରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କରାଗଲେ ରାଜନୀତିରେ ପୂର୍ଣ୍ଣ ସମାନତା ପାଇଁ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହେବ ବୋଲି ସେତେବେଳର ନାରୀ ନେତ୍ରୀମାନେ ବିଚାର କରିଥିଲେ। ନୂଆ ସମ୍ବିଧାନ ରଚନା କରାଯିବା ସମୟରେ ସମ୍ବିଧାନ ପ୍ରଣେତା କମିଟିକୁ ମହିଳା ସଂଗଠନଗୁଡ଼ିକ ଏ ନେଇ ଏକ ମିଳିତ ସ୍ମାରକପତ୍ର ଦେଇ ଦାବି ଜଣାଇଥିଲେ ଯେ ମହିଳାମାନେ ସ୍ୱତନ୍ତ୍ର ସଂରକ୍ଷଣ ନୁହେଁ, ପୂର୍ଣ୍ଣ ରାଜନୈତିକ ସମାନତା ଚାହାଁନ୍ତି। ୧୯୩୫ରେ ତତ୍କାଳୀନ ବ୍ରିଟିଶ ସରକାର କିନ୍ତୁ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟରେ ମହିଳାଙ୍କ ପାଇଁ ପ୍ରାଦେଶିକ ବିଧାନସଭାଗୁଡ଼ିକରେ ୪୧ଟି ଆସନ ଓ ସଂସଦରେ ସୀମିତ ସଂଖ୍ୟକ ଆସନ ସଂରକ୍ଷିତ ରଖାଯିବା ବ୍ୟବସ୍ଥା କରିଥିଲେ। ଫଳରେ ୧୯୩୭ ପ୍ରାଦେଶିକ ନିର୍ବାଚନରେ ୮୦ ଜଣ ମହିଳା ବିଧାୟକ ହୋଇପାରିଥିଲେ। ସ୍ୱାଧୀନ ଭାରତର ସମ୍ବିଧାନରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ହଟାଯାଇ କେବଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ରହିଲା। ୧୯୫୨ରେ ପ୍ରଥମ ସାଧାରଣ ନିର୍ବାଚନରେ ୨୨ ମହିଳା ଲୋକସଭାକୁ ନିର୍ବାଚିତ ହୋଇଥିଲେ ଓ ଅନୁପାତ ଦୃଷ୍ଟିରୁ ତାହା ମୋଟ ସାଂସଦ ସଂଖ୍ୟାର ୪.୪% ଥିଲା। ସେତେବେଳେ ବିଜୟଲକ୍ଷ୍ମୀ ପଣ୍ଡିତ ଲକ୍ଷ୍ନୌ ଲୋକସଭା ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ କିନ୍ତୁ ତାଙ୍କୁ ଜାତିସଂଘରେ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଭାବେ ଅବସ୍ଥାପିତ କରାଯିବାରୁ ସାଂସଦ ଭାବେ ସେ କାର୍ଯ୍ୟ କରିଥିଲେ କି ନାହିଁ ତାହା ଅନୁତ୍ତରିତ ରହିଛି। ବିଜୟଲକ୍ଷ୍ମୀ ପଣ୍ଡିତ ୧୯୫୩ରେ ଜାତିସଂଘ ଜେନେରାଲ ଆସେମ୍ବ୍ଲିର ପ୍ରଥମ ମହିଳା ପ୍ରେସିଡେଣ୍ଟ ହେବାର ଗୌରବ ଅର୍ଜିଥିଲେ। ପ୍ରଥମ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା କମ୍ ଥିଲେ ହେଁ ସେମାନଙ୍କ ସ୍ୱର ଥିଲା ଭାବଗମ୍ଭୀର ଓ କାର୍ଯ୍ୟ ଥିଲା ଅତୀବ ମହତ୍ତ୍ୱପୂର୍ଣ୍ଣ। ସେମାନେ ଯୌତୁକ ନିରୋଧୀ ବିଲ୍ ୧୯୫୧ ଉପସ୍ଥାପନ କରିଥିଲେ ଯାହା ୧୯୬୧ରେ ଆଇନରେ ପରିଣତ ହୋଇଥିଲା। ସମାନ ପାରିଶ୍ରମିକ ବିଲ୍ ୧୯୭୬ରେ ଆଇନରେ ପରିଣତ ହୋଇଥିଲା ଯାହାକୁ ୧୯୫୬ରେ ରେଣୁକା ଚକ୍ରବର୍ତ୍ତୀ ସଂସଦରେ ଉପସ୍ଥାପିତ କରିଥିଲେ। ପ୍ରଥମ ଲୋକସଭାକୁ ନିର୍ବାଚିତ ହୋଇଥିବା ମହିଳା ସାଂସଦ ହେଲେ ରାଜକୁମାରୀ ଅମ୍ରିତ କୌର(ମଣ୍ଡି, ହିମାଚଳପ୍ରଦେଶ), ସୁଚେତା କୃପାଳିନୀ(ଦିଲ୍ଲୀ), ଅମ୍ମୁ ସ୍ୱାମୀନାଥନ୍ (ଡିଣ୍ଡିଗୁଲ, ମାଡ୍ରାସ) ପ୍ରମୁଖ। ପ୍ରଥମ ଲୋକସଭାକୁ ଉତ୍ତର ପ୍ରଦେଶର ୫ଜଣ ମହିଳା ସାଂସଦ ନର୍ବାଚିତ ହୋଇଥିଲେ। ସେମାେନେ ହେଲେ କଂଗ୍ରେସର ଗଙ୍ଗା ଦେବୀ, ସିଓରାଜବତୀ ନେହେରୁ, ଉମା ନେହେରୁ, ବିଜୟଲକ୍ଷ୍ମୀ ପଣ୍ଡିତ ଓ ଜନ ସଂଘର ଶକୁନ୍ତଳା ନାୟାର। ସେତେବେଳ ସଂସଦକୁ ମହିଳା ପ୍ରତିନିଧିତ୍ୱ ଦେବାରେ ଉତ୍ତର ପ୍ରଦେଶ ଅନ୍ୟ ସମସ୍ତ ରାଜ୍ୟଙ୍କଠାରୁ ଆଗୁଆ ଥିଲା। ପରବର୍ତ୍ତୀ ୭ ଦଶନ୍ଧିରେ ସଂସଦରେ ମହିଳା ପ୍ରତିନିଧିତ୍ୱ କ୍ରମାଗତ ଭାବେ ବଢ଼ିଛି। ସଂସଦକୁ ୧୯୫୭ରେ ୨୭(୫.୪%), ୧୯୬୨ରେ ୩୪(୬.୭%) ମହିଳା ପ୍ରତିନିଧିତ୍ୱ ମିଳିଥିଲା। ସେହିଭଳି ୨୦୦୯ରୁ ସଂସଦରେ ମହିଳା ପ୍ରତିନିଧିତ୍ୱ ୧୦%ରୁ ଅଧିକ ରହିଆସୁଛି। ୧୬ତମ ଲୋକସଭା ନିର୍ବାଚନରେ ୬୧ ଜଣ ମହିଳା ନିର୍ବାଚିତ ହୋଇଥିଲେ ଯାହା ଥିଲା ମୋଟ ସାଂସଦ ସଂଖ୍ୟାର ୧୧.୨%। ୨୦୧୯ ଲୋକସଭା ନିର୍ବାଚନରେ ରେକର୍ଡ ସଂଖ୍ୟକ ୭୮ ଜଣ ମହିଳା ନିର୍ବାଚିତ ହୋଇଥିଲେ ଯାହା ହେଉଛି ମୋଟ ସାଂସଦ ସଂଖ୍ୟାର ୧୪.୨%। ୨୦୨୩ ଅକ୍ଟୋବରରେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ ହୋଇଥିଲା। ଏଥିରେ ସଂସଦରେ ଓ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷିତ ରହିବ।



# ସଟ୍ଟା ବଜାରରେ 'ସଓ୍ୱା' ଖେଳ

■ କଂଗ୍ରେସ ବାଜିରେ ଲାଗିଥିବା ପଇସାର ମୂଲ୍ୟବୃଦ୍ଧି
■ କଂଗ୍ରେସରେ ବାଜି ୨୮ ପଇସାରୁ ୨୦୦ ପଇସା
■ ବିଜେପିରେ ବାଜି ୩୦ ପଇସାରୁ ୨୨୫ ପଇସା
■ ୫୦୦ ବର୍ଷର ପୁରାତନ ସଟ୍ଟାବଜାର ଫଲୋଦି
■ ଅତୀତ ନିର୍ବାଚନରେ ଆକଳନ ସଠିକ୍ ସାବ୍ୟସ୍ତ

ନୂଆଦିଲ୍ଲୀ, ୨୧।୫(ସମିସ): ଲୋକସଭା ନିର୍ବାଚନର ସମାପ୍ତି ଓ ପରିଣାମ ତାରିଖ ଯେତେ ପାଖେଇ ଆସୁଛି ଦେଶର ପ୍ରସିଦ୍ଧ ଫଲୋଦି ସଟ୍ଟାବଜାରର ପୂର୍ବାନୁମାନ ଓ ଆକଳନ ସେତେ ଲୋକଙ୍କ ଧ୍ୟାନ ଆକର୍ଷଣ କରିଛି। ବର୍ତ୍ତମାନ ସୁଦ୍ଧା ୫ଟି ପର୍ଯ୍ୟାୟର ମତଦାନ ଶେଷ ହୋଇଛି ଏବଂ ଆସନ୍ତା ୨୫ ତାରିଖ ଓ ଜୁନ୍ ୧ ତାରିଖରେ ପରବର୍ତ୍ତୀ ଦୁଇ ଆସନ ନିମନ୍ତେ ମତଦାନ ହେବ। କେନ୍ଦ୍ରରେ କିଏ ସରକାର ଗଠନ କରିବ, କେଉଁ ଦଳ କେତେ ଆସନ ପାଇବ ତାହାକୁ ନେଇ ଫଲୋଦି ସଟ୍ଟାବଜାର ସରଗରମ ରହିଛି।

ଦେଶରେ ମୋଟ ୫୪୩ ଲୋକସଭା ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦୨, ଦ୍ୱିତୀୟ ପର୍ଯ୍ୟାୟରେ ୮୯, ତୃତୀୟ ପର୍ଯ୍ୟାୟରେ ୯୪, ଚତୁର୍ଥ ପର୍ଯ୍ୟାୟରେ ୯୬, ପଞ୍ଚମ ପର୍ଯ୍ୟାୟରେ ୪୯ ଆସନରେ ମତଦାନ ହୋଇଛି। ଅବଶିଷ୍ଟ ଦୁଇ ପର୍ଯ୍ୟାୟରେ ୫୭ଟି ଲେଖାଏଁ ଲୋକସଭା ଆସନରେ ମତଦାନ ବାକି ଅଛି। ତେବେ '୪୦୦ ପାର୍' ଦାବି କରୁଥିବା ବିଜେପିକୁ ଫଲୋଦି ସଟ୍ଟାବଜାର ପ୍ରଚଣ୍ଡ ଝଟ୍‌କା ଦେଇଛି। ୨୦ ତାରିଖରେ ୫ମ ପର୍ଯ୍ୟାୟ ମତଦାନ ପରେ ବିଜେପିରେ ବାଜି ଲାଗିଥବା ପଇସାର ମୂଲ୍ୟ ହ୍ରାସ ପାଇଥିବାବେଳେ କଂଗ୍ରେସରେ ବାଜି ଲାଗିଥିବା ପଇସାର ମୂଲ୍ୟ ବଢ଼ିବା ଆରମ୍ଭ ହୋଇଛି।

ପୂର୍ବରୁ କଂଗ୍ରେସରେ ବାଜି ମୂଲ୍ୟ ୨୮ରୁ ୩୫ ପଇସା ମଧ୍ୟରେ ଥିବାବେଳେ ୫ମ ପର୍ଯ୍ୟାୟ ସୁଦ୍ଧା ଏହା ବୃଦ୍ଧି ପାଇ ୧୩୦ ପଇସାରୁ ୨୦୦ ପଇସା ଯାଏ ପହଞ୍ଚିଛି। ଅନୁରୂପ ଭାବରେ ବିଜେପିରେ ବାଜି ମୂଲ୍ୟ ପ୍ରାରମ୍ଭରେ ୩୦ରୁ ୩୭ ପଇସା ଥିବାବେଳେ ଏହା ବର୍ତ୍ତମାନ ୧୫୦ ପଇସା ଅତିକ୍ରମ କରିଛି। ଅର୍ଥାତ ନିର୍ବାଚନ ଆରମ୍ଭ ସମୟରେ କଂଗ୍ରେସର ସ୍ଥିତି ଓ ଆସନ ସଂଖ୍ୟା ୫ମ ପର୍ଯ୍ୟାୟ ନିର୍ବାଚନ ପରେ ଯଥେଷ୍ଟ ବୃଦ୍ଧି ପାଇଥିବା କୁହାଯାଉଛି।

## ଫଲୋଦି ସଟ୍ଟାବଜାରର ଇତିହାସ

ସାରା ଦେଶରେ ଫଲୋଦି ସଟ୍ଟାବଜାର ବେଶ୍ ପ୍ରସିଦ୍ଧ। ଏହା ମଧ୍ୟ କୁହାଯାଏ ଯେ ଫଲୋଦି ପରି ସଟ୍ଟା ଅନ୍ୟ କେଉଁଠି ଖେଳା ଯାଏନାହିଁ। ଅବଶ୍ୟ ମୁମ୍ବାଇ, ବିକାନୀର ଆଦି କିଛି ସ୍ଥାନରେ ସଟ୍ଟା ଖେଳାଯାଏ, ମାତ୍ର ସଟ୍ଟା ସହ ସମ୍ପୃକ୍ତ ସଟ୍ଟେବାଜୀଙ୍କ ଅନୁସାରେ ଫଲୋଦି ସଟ୍ଟାବଜାର ପ୍ରାୟ ୫୦୦ ବର୍ଷର ପୁରୁଣା। 'ଲୁଣ ନଗରୀ' ବା ନମକ ନଗରୀ ନାମରେ ପ୍ରସିଦ୍ଧ ଫଲୋଦିରେ ଖରାଦିରେ ତାପମାତ୍ରା ୫୦ ଡ଼ିଗ୍ରୀ ଅତିକ୍ରମ କରିଥାଏ। ତଥାପି ଏଠାରେ ସଟ୍ଟାବାଜୀଙ୍କର ଧାଡ଼ି ଲାଗିଥାଏ। ଏପରିକି ମୁମ୍ବାଇ ସେୟାର ମାର୍କେଟ ମଧ୍ୟ ଫଲୋଦି ସଟ୍ଟାବଜାରର ଆକଳନକୁ ସଠିକ୍ ବୋଲି ମାନିଥାଏ। ଫଲୋଦି ସହର ସମ୍ପର୍କରେ ଦେଶର ଲୋକମାନେ ଯଦିଓ କମ୍ ଜାଣନ୍ତି, ମାତ୍ର ସଟ୍ଟା ସହ ସମ୍ପୃକ୍ତ ପ୍ରତ୍ୟେକ ଲୋକ ଫଲୋଦିକୁ ବେଶ୍ ଭଲ ଭାବରେ ଜାଣିଥାଆନ୍ତି। ଏଠାରେ ପ୍ରତି ଗଳି, ଏପରିକି ପ୍ରତ୍ୟେକ ଘରେ ସଟ୍ଟା ଖେଳାଯାଏ। ଯଦି କେହି ଯୋତା ଫିଙ୍ଗେ, ଏହା ସିଧା ପଡ଼ିବ ବା ଓଲଟା ପଡ଼ିବ ଏହା ଉପରେ ମଧ୍ୟ ସଟ୍ଟା ଖେଳାଯାଇଥାଏ।



## କ୍ରମ ପରିବର୍ତ୍ତିତ ମୂଲ୍ୟ ଓ ବଜାର

ପ୍ରାର୍ଥୀଙ୍କ ଲୋକପ୍ରିୟତା, ର୍‌ୟାଲି ଓ ସମାବେଶ, ଦଳର ଶକ୍ତି ସହ ନିର୍ବାଚନକୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରସଙ୍ଗ ଓ କାରକ ଆଧାରରେ ସଟ୍ଟାବଜାରରେ ମୂଲ୍ୟ ଉପର-ତଳ ହୋଇଥାଏ। ବର୍ତ୍ତମାନ ସୁଦ୍ଧା ୫ଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି ଓ ଅବଶିଷ୍ଟ ୨ଟି ପର୍ଯ୍ୟାୟ ଭୋଟ ବାକି ଅଛି। ତେବେ ଯେଉଁ ଅଞ୍ଚଳରେ ଭୋଟ ବାକି ଅଛି, ସେହି ଅଞ୍ଚଳର ତଥ୍ୟ ଆଧାରରେ ସଟ୍ଟାର ଦର ନିର୍ଦ୍ଧାରଣ ହୋଇଥାଏ। ପ୍ରାର୍ଥୀଙ୍କ ବିଜୟ ଓ ପରାଜୟ ସମ୍ଭାବନା, ସାର୍ବଜନୀନ ଛବି, ସମର୍ଥନ, ଜାତି ଆଧାରିତ ସମର୍ଥନ ଆଦି ସଟ୍ଟା ବଜାରର ମୂଲ୍ୟକୁ ପ୍ରଭାବିତ କରିଥାଏ।

## ଅନେକ ରାଜ୍ୟରେ କମିବ ବିଜେପି

ଅତୀତରେ ଫଲୋଦି ସଟ୍ଟାବଜାରର ଆକଳନ ଅନେକବାର ସତ୍ୟ ସାବ୍ୟସ୍ତ ହୋଇଛି। ଦେଶର ମୁମ୍ବାଇ, ଦିଲ୍ଲୀ, କଲକତା ସଟ୍ଟବଜାର ଠାରୁ ଫଲୋଦି ସଟ୍ଟାବଜାର ଆକଳନ ସବୁଠାରୁ ନିର୍ଭରଯୋଗ୍ୟ ରହି ଆସିଛି। ଫଲୋଦି ସଟ୍ଟାବଜାର ଆକଳନ ଅନୁସାରେ ଚଳିତ ନିର୍ବାଚନରେ ବିଜେପିର ସ୍ଥିତି ଦୁର୍ବଳ ହୋଇଛି। ଜାନୁଆରୀ ୨୨ ତାରିଖରେ ରାମମନ୍ଦିର ପ୍ରତିଷ୍ଠା ସମୟରେ ଦଳ ୩୩୦ ଆସନ ଯାଏ ବିଜୟ ସମ୍ଭାବନା ମଧ୍ୟରେ ରହିଥିଲା, ମାତ୍ର ସମ୍ପ୍ରତି ୫ମ ପର୍ଯ୍ୟାୟ ନିର୍ବାଚନ ପରେ ଏହି ସ୍ଥିତି ୩୦୦ ତଳକୁ ଖସି ଆସିଛି। ସହଯୋଗୀ ଦଳକୁ ମିଶାଇ ବିଜେପିର ଆସନ ସଂଖ୍ୟା ୩୨୦ରୁ ୩୨୫ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ କଂଗ୍ରେସର ଆସନ ସଂଖ୍ୟା ୪ ମାସ ତଳେ ମାତ୍ର ୩୫ରୁ ୪୦ ଥିବାବେଳେ ଏହା ସମ୍ପ୍ରତି ଆଶାତୀତ ଭାବରେ ବୃଦ୍ଧି ପାଇଛି।

ଫଲୋଦି ସଟ୍ଟାବଜାରର ନେଟୱାର୍କ ସାରା ଦେଶରେ ରହିଛି। ସଟ୍ଟାବଜାରର ସାମ୍ପ୍ରତିକ ତଥ୍ୟ ଅନୁସାରେ ବିଜେପି ଗୁଜରାଟରେ ୨୬ ଆସନ ପାଇବ। ମଧ୍ୟପ୍ରଦେଶ, ଦିଲ୍ଲୀ, ହରିଆଣା, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା ଓ ତାମିଲନାଡୁରେ ଗତ ନିର୍ବାଚନରେ ପାଇଥିବା ଆସନଠାରୁ କମ୍ ଆସନ ପାଇବାର ସମ୍ଭାବନା ରହିଛି। ଉତ୍ତରପ୍ରଦେଶରେ ମଧ୍ୟ ବିଜେପିର ଆସନ ସଂଖ୍ୟା କମ୍ ରହିବାର ଆକଳନ କରାଯାଇଛି।

## କମିବ ବିଜେପି, ବଢ଼ିବ କଂଗ୍ରେସ

ଫଲୋଦି ସଟ୍ଟାବଜାର ଆକଳନ ଅନୁସାରେ ବିଜେପି ପୂର୍ବ ଲୋକସଭା ଫଳ ଠାରୁ ଚଳିତ ନିର୍ବାଚନରେ କମ୍ ଆସନ ପାଇବ। ତେବେ ବିଜେପିଠାରୁ ଏହାର ସହଯୋଗୀ ଦଳଗୁଡ଼ିକ ଅଧିକ କ୍ଷତି ସହିବେ। ଅର୍ଥାତ୍ ଏନ୍‌ଡ଼ିଏ ମେଣ୍ଟରେ ଥିବା ବିଜେପିର ସମସ୍ତ ସହଯୋଗୀଙ୍କ ଆସନ ସଂଖ୍ୟା ୩୦ ଟପିବ ନାହିଁ। ୨୯୦ରୁ ୩୦୦ ଓ ଏହାର ସହଯୋଗୀମାନେ ୨୫ରୁ ୩୦ ଆସନ ପାଇବେ ବୋଲି ସଟ୍ଟାବଜାର ଆକଳନ କରିଛି। ଅନ୍ୟପକ୍ଷରେ ଫଲୋଦି ସଟ୍ଟାବଜାର କଂଗ୍ରେସକୁ ୬୨ରୁ ଅଧିକ ଆସନ ଦେଇଛି। ମାତ୍ର କଂଗ୍ରେସର ସହଯୋଗୀ ଦଳଗୁଡ଼ିକ ପୂର୍ବଠାରୁ ଅଧିକ ଆସନ ପାଇବେ ବୋଲି କୁହାଯାଉଛି।

### ଫଲୋଦିରେ ସାମ୍ପ୍ରତିକ ବଜାର ଦର

| କଂଗ୍ରେସ | ବିଜେପି |
|---|---|
| ୪୦ ସିଟ୍: ୩୫ ପଇସାରୁ ୪୫ ପଇସା | ୩୦୦ ସିଟ୍: ୩୦ ପଇସାରୁ ୩୭ ପଇସା |
| ୫୦ ସିଟ: ୧୩୦ ପଇସାରୁ ୨୦୦ ପଇସା | ୩୧୦ ସିଟ୍: ୫୫ ପଇସାରୁ ୬୫ ପଇସା |
| ୬୦ ସିଟ୍: ୨୨୫ ପଇସାରୁ ୨୫୫ ପଇସା | ୩୨୦ ସିଟ୍: ୧୧୦ ପଇସାରୁ ୧୬୦ ପଇସା |

## ଉତ୍ତରପ୍ରଦେଶରେ ବସପା ଶୂନ

ଫଲୋଦି ସଟ୍ଟାବଜାର ଉତ୍ତରପ୍ରଦେଶ ଉପରେ କରିଥିବା ଆକଳନ ଅନୁସାରେ ମାୟାବତୀଙ୍କ ନେତୃତ୍ୱାଧୀନ ବହୁଜନ ସମାଜ ପାର୍ଟି ଗୋଟିଏ ବି ଆସନରେ ବିଜୟୀ ହୋଇ ପାରିବ ନାହିଁ। ତେବେ କଂଗ୍ରେସ ଓ ସପା ମେଣ୍ଟ କିଛି ଆସନରେ ବିଜୟୀ ହୋଇପାରେ। ୨୦ଟି ଆସନରେ କଂଗ୍ରେସ-ସପା ସହ ବିଜେପି କଡ଼ା ମୁକାବିଲା ହେବ ଓ ପରିଣାମ କିଛି ବି ହୋଇପାରେ ବୋଲି ସଟ୍ଟାବଜାର ଆକଳନ କରିଛି। ତେବେ ବିଜେପି ନିଜର ପୂର୍ବ ସଂଖ୍ୟାରେ ପହଞ୍ଚିବାକୁ ଚଳାଇଥିବା ପ୍ରୟାସ ସଫଳ ହୋଇପାରେ ବୋଲି ସଟ୍ଟାବଜାର ଆକଳନ କରିଛି।

## ବିଜେପିର ୧୧ ନେତାଙ୍କୁ ମାନହାନୀ ନୋଟିସ





ଛତିଶଗଡ଼ କଂଗ୍ରେସର ପୂର୍ବତନ ପ୍ରଦେଶ ପ୍ରଭାରୀ ତଥା ହରିୟାଣା ସିରସାର ଲୋକସଭା ପ୍ରାର୍ଥୀ କୁମାରୀ ଶୈଳଜା ବିଜେପିର ୧୧ ଜଣ ନେତାଙ୍କୁ ମାନହାନୀ ନୋଟିସ ପଠାଇଛନ୍ତି। ଛତିଶଗଡ଼ର ଏହି ନେତାମାନେ ସିରସାରେ ସାମ୍ବାଦିକ ସମ୍ମିଳନୀ କରି ଶୈଳଜାଙ୍କ ବିରୋଧରେ କୋଇଲା ଏବଂ ମଦ ଦୁର୍ନୀତିକୁ ସଂରକ୍ଷଣ ଦେଉଥିବା ଅଭିଯୋଗ ଲଗାଇ ଥିଲେ। ଯେଉଁ ନେତାମାନେ ଅଭିଯୋଗ ଲଗାଇଥିଲେ ସେମାନେ ପ୍ରଥମେ କଂଗ୍ରେସରେ ଥିଲେ। ପରେ ବିଜେପିରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସର ପୂର୍ବତନ ସଂଗଠନ ମହାମନ୍ତ୍ରୀ ଚନ୍ଦ୍ରଶେଖର ଶୁକ୍ଲା, ପୂର୍ବତନ ବିଧାୟକ ଶିଶୁପାଳ ଶୋରୀ, ପ୍ରମୋଦ ଶର୍ମା, ବାଣୀ ରାଓ, ପୂର୍ବତନ ମହିଳା କଂଗ୍ରେସ ଅଧ୍ୟକ୍ଷା ଅନିତା ରାବଟେ, ଜିଲ୍ଲା କଂଗ୍ରେସ ଅଧ୍ୟକ୍ଷା ତୁଳସୀ ସାହୁ, ଓବିସି କଂଗ୍ରେସ ଅଧ୍ୟକ୍ଷ ଚୋଳେଶ୍ୱର ଚନ୍ଦ୍ରାକର, ଉଷା ପଟେଲ, ଆଲୋକ ପାଣ୍ଡେୟ, ଅଜୟ ବଂଶଲ ଏବଂ ଅରୁଣ ସିଂହ ସାମିଲ ଅଛନ୍ତି। ଶୈଳଜା କହିଛନ୍ତି ଯେ ସବୁ ନେତା ଦୁଇ ଦିନ ମଧ୍ୟରେ କ୍ଷମା ମାଗନ୍ତୁ। କ୍ଷମା ନ ମାଗିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଏହି ନୋଟିସରେ ଭୟଭୀତ ହେବୁ ନାହିଁ ବୋଲି ବିଜେପି ନେତାମାନେ କହିଛନ୍ତି।

## ଷଷ୍ଠ ପର୍ଯ୍ୟାୟରେ ୫୮ ଆସନ ପାଇଁ ଲଢେଇ

# ବିଜେପି ପାଇଁ ୪ ରାଜ୍ୟରେ ପ୍ରତିକୂଳ ସ୍ଥିତି

ଆସନ୍ତା ୨୫ ତାରିଖରେ ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ହେବ। ଓଡ଼ିଶାର ୬ଟି ଲୋକସଭା ଆସନ ସମେତ ବିହାରର ୮ , ଦିଲ୍ଲୀ ୭ ,ହରିୟାଣା ୧୦ ,ଜମ୍ମୁ କାଶ୍ମୀର ୧ ,ଉତ୍ତରପ୍ରଦେଶ ୧୪ ,ପଶ୍ଚିମବଙ୍ଗ ୮ ଏବଂ ଝାଡ଼ଖଣ୍ଡର ୪ ଆସନ ପାଇଁ ମତଦାନ ହେବ। ଏହି ପର୍ଯ୍ୟାୟରେ ଏହିସବୁ ରାଜ୍ୟ ଏବଂ ଜମ୍ମୁ କାଶ୍ମୀରର ଅନନ୍ତନାଗ-ରାଜୌରୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଆସନରେ ମତଦାନ ହେବାକୁ ଯାଉଥିବା ବେଳେ ଅଧିକାଂଶ ଆସନରେ ଶାସକ ବିଜେପି ଏବଂ ବିରୋଧୀ ମେଣ୍ଟ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି। ବିଶେଷକରି ପଶ୍ଚିମବଙ୍ଗ , ଓଡ଼ିଶା, ଝାଡଖଣ୍ଡ, ଦିଲ୍ଲୀ ଏବଂ ହରିୟାଣାରେ ବିଜେପି ପ୍ରତିକୂଳ ସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ ବୋଲି ସେମାନେ ଆକଳନ କରିଛନ୍ତି। ହରିୟାଣାର ସମସ୍ତ ୧୦ ଆସନରେ ବିଜେପି ନିଜର ପ୍ରାର୍ଥୀ ଛିଡା କରିଥିଲା ବେଳେ କଂଗ୍ରେସ ୯ ଏବଂ ଆପ୍ କୁରୁକ୍ଷେତ୍ର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ତେବେ କର୍ଣ୍ଣାଲ , ଗୁରୁଗ୍ରାମ, ରୋହତକ୍ ଏବଂ ହିସାର ଆଦି ଆସନରେ ବିଜେପିକୁ କଡ଼ା ଟକ୍କରର ସାମ୍ନା କରିବାକୁ ପଡ଼ିବ। କର୍ଣ୍ଣଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ବିଜେପି ପ୍ରାର୍ଥୀ କରିଥିଲା ବେଳେ ଏଠାରେ କଂଗ୍ରେସର ପ୍ରାର୍ଥୀ ରହିଛନ୍ତି ସତ୍‌ପାଲ ବ୍ରହ୍ମଚାରୀ। ଉଭୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବା ସହିତ ଫଳାଫଳ କାହା ସପକ୍ଷରେ ବି ଯାଇପାରେ ବୋଲି କୁହାଯାଉଛି। ସେହିପରି କୁରୁକ୍ଷେତ୍ରରେ ବିଜେପି ଶିଳ୍ପପତି ନବୀନ ଜିନ୍ଦଲଙ୍କୁ ପ୍ରାର୍ଥୀ କରିଥିଲା ବେଳେ ଆପ୍ ଏଠାରେ ସୁଶୀଲ ଗୁପ୍ତାଙ୍କୁ ପ୍ରାର୍ଥୀ କରିଛି। ରୋହତକ୍‌ରେ ବିଜେପି ଅରବିନ୍ଦ ଶର୍ମାଙ୍କୁ ପ୍ରାର୍ଥୀ କରିଥିଲା ବେଳେ ଏଠାରେ ତାଙ୍କୁ କଂଗ୍ରେସ ପ୍ରାର୍ଥୀ ଦୀପେନ୍ଦ୍ର ସିଂ ହୁଡାଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୁହାଯାଉଛି। ତେଣୁ ହରିୟାଣାରେ ବିଜେପି ଶତପ୍ରତିଶତ ବିଜୟ ହାସଲ କରିବ ବୋଲି ଯାହା ଡିଣ୍ଡିମ ପିଟୁଛି ତାହା କେବଳ ବାହାଦୁରୀ ବୋଲି କୁହାଯାଉଛି। ସେହିପରି ପଶ୍ଚିମବଙ୍ଗର ବହୁ ଆସନରେ ମଧ୍ୟ ବିଜେପିକୁ ଟିଏମସିର କଡ଼ା ଟକ୍କର ସାମ୍ନା କରିବାକୁ ପଡ଼ିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଦିଲ୍ଲୀର ୭ ଆସନରେ ଉଭୟ ଆପ୍ ଏବଂ କଂଗ୍ରେସ ପକ୍ଷରୁ ବିଜେପିକୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ। କେବଳ ଏହି ରାଜ୍ୟ ନୁହେଁ ; ଝାଡଖଣ୍ଡରେ ମଧ୍ୟ ବିଜେପି ପାଇଁ ପ୍ରତିକୂଳ ସ୍ଥିତି ରହିଛି। ଜେଏମଏମ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବେ ଜେଲରେ ରହିଥିବାରୁ ଭୋଟରଙ୍କ ସହୃଦୟତା ଜେଏମଏମ ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ଉତ୍ତରପ୍ରଦେଶରେ ଏହି ପର୍ଯ୍ୟାୟରେ ସର୍ବାଧିକ ୧୪ଟି ଆସନରେ ମତଦାନ ହେବାକୁ ଯାଉଛି। କିନ୍ତୁ ସର୍ବାଧିକ ଆସନରେ ବିଜେପିକୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ରାଜନୀତିକ ମହଲରେ ଆକଳନ କରାଯାଉଛି।







● ନଡ୍ଡା ଓ ଖଡ୍‌ଗେଙ୍କୁ ଇସିଙ୍କ ନୋଟିସ

# ଧର୍ମ ସମ୍ପ୍ରଦାୟ ଉପରେ ପ୍ରଚାର ବନ୍ଦ କରିବାକୁ ନିର୍ଦ୍ଦେଶ




ନିର୍ବାଚନ କମିଶନ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ନୋଟିସ ଜାରି କରିଛନ୍ତି। ଇସି ଉଭୟ ଦଳର ଅଧ୍ୟକ୍ଷ ଏବଂ ଷ୍ଟାର ପ୍ରଚାରକଙ୍କୁ ନିଜ ଭାଷଣ ଠିକ୍ କରିବାକୁ, ଭାଷଣ ଦେବା ସମୟରେ ସାବଧାନତା ଅବଲମ୍ବନ ଏବଂ ମର୍ଯ୍ୟାଦା ବଜାୟ ରଖିବାକୁ କହିଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ଅନେକ ନେତା ନିଜ ଭାଷଣରେ ସମ୍ବିଧାନ ବଞ୍ଚାଇବାକୁ ଏବଂ ଅଗ୍ନିବୀର ଯୋଜନା ବିଷୟରେ ବାରମ୍ବାର ଉଲ୍ଲେଖ କରୁଛନ୍ତି। ସେହିପରି ବିଜେପି ନେତା ମୁସଲମାନ ଏବଂ ଧର୍ମ ଉପରେ ଜୋର୍ ଦେଉଛନ୍ତି। ଧାର୍ମିକ ଏବଂ ସାମ୍ପ୍ରଦାୟିକ ମନ୍ତବ୍ୟ ନ ଦେବା ପାଇଁ ଇସି ଉଭୟ ଦଳର ଷ୍ଟାର ପ୍ରଚାରକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମାଜରେ ବିଭେଦ ସୃଷ୍ଟି ହେଲା ଭଳି ମନ୍ତବ୍ୟ ନ ଦେବା ପାଇଁ ଏବଂ ଏଭଳି ଭାଷଣ ଉପରେ କଟକଣା ଲଗାଇବାକୁ ଇସି ବିଜେପି ନେତାଙ୍କୁ କହିଛନ୍ତି। ସେହିପରି କଂଗ୍ରେସକୁ ସମ୍ବିଧାନକୁ ନେଇ ବିବାଦୀୟ ମନ୍ତବ୍ୟ ନ ଦେବା ପାଇଁ କୁହାଯାଇଛି। 'ଭାରତର ସମ୍ବିଧାନକୁ ମିଟାଇ ଦିଆଯିବ କିମ୍ବା ବିକ୍ରି କରିଦିଆଯିବ' ଭଳି ମନ୍ତବ୍ୟ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଅଗ୍ନିବୀରକୁ ନେଇ ସଶସ୍ତ୍ର ବାହିନୀର ରାଜନୀତିକରଣ ନ କରିବାକୁ କଂଗ୍ରେସକୁ କହିଛନ୍ତି।

## ସବୁଠୁ ବୟସ୍କ ଦାନ୍ତ ଡାକ୍ତର



**୯୯ ବର୍ଷ ବୟସରେ ରୋଗୀଙ୍କ ମୁହଁରେ ହସ ଫୁଟାଉଛନ୍ତି**

ଜାପାନ ନିବାସୀ ଡା. ଏତସୁରୋ ବତନବେ ସବୁଠୁ ବୟସ୍କ ଦନ୍ତ ଚିକିତ୍ସକ ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ ହୋଇଛନ୍ତି। ୧୫ ବର୍ଷ ବୟସରୁ ସେ ଦନ୍ତ ଚିକିତ୍ସକ ହେବା ନିଷ୍ପତ୍ତି ନେଇଥିଲେ। ୧୯୪୪ ମସିହାରେ ସେ ଚୀନ୍‌ରେ ଆହତ ସୈନ୍ୟଙ୍କ ଚିକିତ୍ସା କରୁଥିଲେ। ସେଠାରେ ଯୁଦ୍ଧ ସରିବାର ବର୍ଷକ ପରେ ସେ ଜାପାନ ଫେରି ଡେଣ୍ଟାଲ ଟେକ୍ନିସିଆନ ଭାବେ କାମ ଆରମ୍ଭ କଲେ। ୧୯୪୭ ମସିହାରେ ସେ ଡେଣ୍ଟାଲ କଲେଜରେ ନାମ ଲେଖାଇଲେ। ଏହାର ଚାରି ବର୍ଷ ପରେ ଏତସୁରୋ ଜାତୀୟ ଦନ୍ତ ଚିକିତ୍ସକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସେ କିଛି ବର୍ଷ ଅନ୍ୟ ଦନ୍ତ ଚିକିତ୍ସକଙ୍କ ସହ ମିଶି କାମ କରିବା ପରେ ଶେଷରେ ସେ ନିଜର ଦନ୍ତ ଚିକିତ୍ସାଳୟ ଖୋଲିଲେ। ସେହି ସମୟରେ ଓସିନୋ ଗାଁରେ ତାଙ୍କର ଏକମାତ୍ର ଦନ୍ତ ଚିକିତ୍ସାଳୟ ଥିବାରୁ ରୋଗୀଙ୍କ ଗହଳି ଅଧିକ ରହୁଥିଲା। ଅବଶ୍ୟ ସେ ସମୟରେ ରୋଗୀଙ୍କ ପାଇଁ ନକଲି ଦାନ୍ତ ଏତସୁରୋ ନିଜେ ତିଆରି କରାଉଥିଲେ। କାରଣ ସେତେବେଳେ ଏସବୁ ତିଆରି କରିବା ପାଇଁ ଗବେଷଣାଗାର ନ ଥିଲା। ଅନ୍ୟପଟେ ତାଙ୍କର ଦନ୍ତ ଚିକିତ୍ସାଳୟ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଖୋଲା ରହେ। ତେବେ ୯୨ ବର୍ଷ ବୟସରେ ପହଞ୍ଚିବା ପରେ ସେ ରୋଗୀଙ୍କ ଅପରେସନ୍ କେବଳ ସକାଳେ କଲେ। ଅବଶ୍ୟ ଏବେ ସେ ପୂର୍ବଭଳି କାମ କରୁ ନାହାନ୍ତି, ତଥାପି ତାଙ୍କ ପୁରୁଣା ରୋଗୀ ଏବେ ବି ତାଙ୍କ ପାଖକୁ ଚିକିତ୍ସା ପାଇଁ ଆସନ୍ତି। ସେହିପରି ରୋଗୀଙ୍କ ମୁହଁରେ ହସ ଦେଖିବା ପରେ ସେ କରୁଥିବା କାମ ଠିକ୍ ବୋଲି ଏତ୍‌ସୁରୋ ବିଚାର କରନ୍ତି। ବଞ୍ଚିଥିବା ଯାଏଁ ସେ ଏହି ସେବା ଜାରି ରଖିବେ ବୋଲି କହିଛନ୍ତି। ସନ୍ତୁଳିତ ଆହାର ହିଁ ତାଙ୍କ ଦୀର୍ଘ ଜୀବନର ରହସ୍ୟ ବୋଲି ଏତସୁରୋ କହନ୍ତି।



## ବିଶ୍ୱ କଇଁଛ ଦିବସ

କଇଁଛମାନଙ୍କ ସୁରକ୍ଷା ବାବଦରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ' ୨୩ ତାରିଖକୁ 'ବିଶ୍ୱ କଇଁଛ ଦିବସ' ଭାବେ ପାଳନ କରାଯାଉଛି। ଏହାକୁ ପ୍ରଥମଥର ପାଇଁ ୨୦୦୦ ମସିହାରେ ପାଳନ କରାଯାଇଥିଲା। ତେବେ ଏହି ଦିନର ପ୍ରାରମ୍ଭ ୧୯୯୦ରେ 'ଆମେରିକାନ୍ ଟର୍ଟୟଜ୍ ରେସକ୍ୟୁ' ସଂସ୍ଥା ଦ୍ୱାରା କରାଯାଇଥିଲା। ଏହି ସଂଗଠନର ସଦସ୍ୟମାନେ କଇଁଛ ସୁରକ୍ଷା ଦିଗରେ କାମ କରନ୍ତି। ସେମାନଙ୍କର ମୂଳ ଉଦ୍ଦେଶ୍ୟ ହେଉଛି କଇଁଛ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା। ପୃଥିବୀ ପୃଷ୍ଠରେ କଇଁଛ ଡାଇନୋସର୍ ସମୟରୁ ଅଛନ୍ତି। ସାରା ବିଶ୍ୱରେ କଇଁଛର ସମୁଦାୟ ୩୦୦ ପ୍ରଜାତି ରହିଛନ୍ତି। ସେଥିରୁ କେତେକ ପ୍ରଜାତି ବିଲୁପ୍ତ ହୋଇ ଯାଇଥିବା ବେଳେ ଆଉ କିଛି ପ୍ରଜାତି ଏବେ ସଙ୍କଟାପନ୍ନ ସ୍ଥିତି ଦେଇ ଗତି କରୁଛନ୍ତି। ଅନ୍ୟପଟେ ପୃଥିବୀପୃଷ୍ଠର ଆର୍ଦ୍ରତା କମୁଥିବାରୁ ଏମାନଙ୍କ ଅସ୍ତିତ୍ୱ ଲୋପ ପାଉଛି। ମହାମାରୀ କରୋନା ସମୟରେ ମଣିଷଙ୍କ ଗହଳି ସମୁଦ୍ରକୂଳରେ ନ ଥିଲା। ସେଇ ସମୟରେ ବିଶ୍ୱର ଅଧିକାଂଶ ସମୁଦ୍ରକୂଳେ ହଜାର ହଜାର କଇଁଛ ଦେଖିବାକୁ ମିଳିଲା। ନଦୀ ଓ ସମୁଦ୍ରଗୁଡ଼ିକ ପ୍ରଦୂଷିତ ହେଉଥିବାରୁ ପ୍ଲାଷ୍ଟିକ୍ ଟୁକୁଡ଼ା ଖାଇ ଅନେକ ସମୟରେ କଇଁଛଙ୍କ ମୃତ୍ୟୁ ହେଉଛି। ଏହାବାଦ୍ ଟ୍ରେଲର୍‌ର ବ୍ଲେଡ୍‌ରେ କଟି ଓ ମାଛ ଜାଲରେ ଛନ୍ଦି ହୋଇ ମଧ୍ୟ ଅନେକ କଇଁଛ ମରିଥାନ୍ତି। ତ୍ୱଚା, ଅଣ୍ଡା, ମାଂସ ପାଇଁ ଏମାନଙ୍କର ଚୋରା ଚାଲାଣ କରାଯାଉଛି। ଫଳରେ କଇଁଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଣୁ କଇଁଛ ସୁରକ୍ଷା ଓ ସେମାନଙ୍କ ବାସସ୍ଥାନ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ।

## ରୁଟି ହାଟ



ସାଧାରଣତଃ ପରିବା ହାଟ ବା ବଜାରଗୁଡ଼ିକରେ ବିଭିନ୍ନ ପ୍ରକାର ତଟକା ପନିପରିବା ମିଳିଥାଏ। ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯାହା ରୁଟି ହାଟ ଭାବେ ଜଣାଶୁଣା ଆଉ ଏଠାରୁ ଗୋଲ୍ ଗୋଲ୍ ରୁଟି କିଣିବାକୁ ଲୋକ ଲମ୍ବା ଲାଇନ୍ ଲଗାଇଥାନ୍ତି। ଉତ୍ତରପ୍ରଦେଶ, ପ୍ରୟାଗରାଜ୍‌ର କର୍ଣ୍ଣଲ ଗଞ୍ଜ୍ ଛକରେ ଥିବା ରୁଟି ହାଟ ଏବେ ସଭିଁଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଠାରେ ସାତରୁ ଆଠଟି ଦୋକାନରେ କେବଳ ରୁଟି ବିକ୍ରି ହୋଇଥାଏ। ଏହି ଦୋକାନଗୁଡ଼ିକରେ ଗୋଟିଏ ରୁଟି ତିନି ଟଙ୍କାରେ ବିକ୍ରି କରାଯାଉଥିବାବେଳେ ଚାରିପଟ ରୁଟି ୧୦ ଟଙ୍କାରେ ମିଳିଯାଏ। ଏହି ରୁଟି ହାଟକୁ ବହୁ ଦୂରଦୂରାନ୍ତରୁ ଲୋକେ ଆସନ୍ତି। ବିଶେଷକରି ଛାତ୍ରଛାତ୍ରୀ, ଅବିବାହିତଙ୍କ ଭିଡ଼ ଏଠାରେ ଅଧିକ ଦେଖିବାକୁ ମିଳେ। ଆଉ କିଛି ଜଣ ଏପରି ଅଛନ୍ତି ଯେଉଁମାନେ ଘରେ ତରକାରି କିମ୍ବା ଡାଲି ବନାଇ ଏଠାରୁ ରୁଟି କିଣି ନିଅନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ଏହି ରୁଟି ହାଟର ଭିଡିଓ ଭାଇରାଲ ହେବାକୁ ଲାଗିଛି। ତେବେ ବିଭିନ୍ନ ସ୍ଥାନରେ ଏମିତି ରୁଟି ହାଟ ହେବା ଦରକାର ବୋଲି ଅନେକ ମତ ରଖିଛନ୍ତି। ତେବେ କୋଟାରେ ଅଧିକ ସଂଖ୍ୟାରେ ବିଦ୍ୟାର୍ଥୀ ରହୁଥିବାରୁ ସେଠାରେ ସେମାନଙ୍କ ପାଇଁ ଏପରି ଏକ ରୁଟି ବଜାର ହେବା ଦରକାର ବୋଲି ଅନେକ ମତ ଦେଇଥିଲେ। ଆଉ କିଛି ଏହା ଭଲ ବ୍ୟବସାୟ ମାଧ୍ୟମ ହୋଇପାରିବ ବୋଲି କହିଥିଲେ।

## କାହିଁକି ବାଡ଼ି ଉପରେ ଚାଲନ୍ତି ଏହି ଜନଜାତି

ବିଶ୍ୱରେ ଏମିତି ଅନେକ ଜନଜାତି ରହିଛନ୍ତି, ଯେଉଁମାନଙ୍କ ସଂସ୍କୃତି, ପରମ୍ପରା ବହୁତ ଅଦ୍ଭୁତ ହୋଇଥାଏ। ବିଜ୍ଞାନର ଅଗ୍ରଗତି ସୁଦ୍ଧା ଆଜି ବି ଏହି ଜନଜାତି ନିଜର ଅଜବ ପରମ୍ପରା ଓ ରୀତିନୀତି ପାଳନ କରିଆସୁଛନ୍ତି। ପରମ୍ପରାକୁ ଜାବୁଡ଼ି ଧରି ଚାଲୁଥିବା ଏମିତି ଏକ ଜନଜାତି ଇଥିଓପିଆରେ ଦେଖିବାକୁ ମିଳନ୍ତି। ଏହି ଜନଜାତି ବେନା, ବାନ୍ୟା, ବନ୍ନା ଆଦି ନାଁରେ ପରିଚିତ। ଏମାନଙ୍କର ସ୍ୱତନ୍ତ୍ରତା ହେଉଛି ଯେ, ଏଠାକାର ଲୋକେ ବାଡ଼ି ଉପରେ ଚାଲିବାକୁ ଗୁରୁତ୍ୱ ଦିଅନ୍ତି। ଚାଷକାମ, ଶିକାର କରିବା ଏବଂ ମଇଁଷି ପାଳିବା ଏମାନଙ୍କ ମୁଖ୍ୟ କାମ। ପିଢ଼ି ପରେ ପିଢ଼ି ଏହି ଲୋକମାନେ ବାଡ଼ିରେ ଚାଲିବା ପରମ୍ପରାକୁ ପାଳନ କରିଆସୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଲୋକମାନେ ଯେତେବେଳେ ନିଜର ମଇଁଷି ଚରାଇବାକୁ ଯାଆନ୍ତି, ଅନେକ ଥର ମଇଁଷିଗୁଡ଼ିକୁ ଜଙ୍ଗଲୀ ଜୀବଜନ୍ତୁ ଆକ୍ରମଣ କରିଥାନ୍ତି। ତେଣୁ ସେମାନଙ୍କ ଠାରୁ ସୁରକ୍ଷିତ ରହିବାକୁ ଏମାନେ ବାଡ଼ିର ସାହାଯ୍ୟ ନିଅନ୍ତି। ଏମାନେ କେବଳ ମଇଁଷି ଚରାଇବାବେଳେ ନୁହେଁ, ବରଂ ଏହି ଜନଜାତିରେ ଯେତେବେଳେ କୌଣସି ଉତ୍ସବ ପାଳନ କରାଯାଏ, ସେତେବେଳେ ଅବିବାହିତ ଯୁବକ ନିଜ ଶରୀରରେ ଧଳା ରଙ୍ଗର ଚିତ୍ର ବନାଇ ବାଡ଼ି ଉପରେ ଚାଲିଥାନ୍ତି। ସେହିଭଳି ଏହି ଯୁବକମାନେ ବାଡ଼ି ଉପରେ ଚାଲି ଗୁରୁଜନଙ୍କୁ ସେମାନେ ବୁଝିଲା ସୁଝିଲା ହୋଇଯିବା ସହ ଆଗକୁ ପରିବାର ଚଳାଇବା ପାଇଁ ସମର୍ଥ ବୋଲି ପ୍ରମାଣ ଦେଇଥାନ୍ତି। ସେମାନେ ୧୦ ଫୁଟ ଉଚ୍ଚତାର ବାଡ଼ି ଉପରେ ଚାଲୁଥିବାରୁ ସେମାନଙ୍କୁ ନଦୀ ପାର୍ କରିବାକୁ ବେଶ୍ ସହଜ ହୋଇଥାଏ। ତେବେ ବାଡ଼ିକୁ ପାଦ ଜରିଆରେ ଚଳାଇବାକୁ ଉଭୟ ଶାରୀରିକ ଓ ମାନସିକ ସନ୍ତୁଳନର ଆବଶ୍ୟକତା ରହିଛି।



## ଅଭିଶପ୍ତ ଦ୍ୱୀପ



ସମାଜରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ବିଳାସମୟ ଜୀବନଯାପନ ଚାହାଁନ୍ତି। ଏଥିପାଇଁ କେହି କେହି ସହରଗୁଡ଼ିକରେ ବିଳାସପୂର୍ଣ୍ଣ ଘର ତିଆରି କରୁଥିବା ବେଳେ ଆଉ କେହି କେହି ଦ୍ୱୀପରେ ରହିବାକୁ ଉଚିତ ମଣନ୍ତି। ଏହିକ୍ରମରେ ଜାପାନରେ ଏମିତି ଏକ ଦ୍ୱୀପ ଅଛି, ଯେଉଁଠି ଏକଦା ସମ୍ଭ୍ରାନ୍ତ ତଥା ଧନୀ ଶ୍ରେଣୀର ଲୋକେ ବସବାସ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ। ଏବେ କିନ୍ତୁ ତାହା ଜନଶୂନ୍ୟ। ନାଗାସାକି ସମୁଦ୍ରତଟରୁ ନଅ ମାଇଲ ଦୂରରେ ଏହି ଦ୍ୱୀପଟି ରହିଛି। ଏହି ଦ୍ୱୀପଟି 'ହାଶିମା' ନାମରେ ପରିଚିତ। ପୂର୍ବରୁ ଏଠାରେ କାର୍ଯ୍ୟରତ ଲୋକଙ୍କୁ ଏତେ ଦରମା ମିଳୁଥିଲା ଯେ, ସହର ଛାଡ଼ି ଲୋକେ ଏହି ଦ୍ୱୀପକୁ ରହିବାକୁ ଆସୁଥିଲେ। ଆଜକୁ ପ୍ରାୟ ପଚାଶ ବର୍ଷ ହେବ ଏହି ଦ୍ୱୀପ ନିର୍ଜନ ପାଲଟିଛି। ଏହି ଦ୍ୱୀପ ସ୍ଥାନୀୟ ଅଞ୍ଚଳରେ ଗୁଙ୍କନଜିମା ନାଁରେ ମଧ୍ୟ ଜଣାଯାଏ। ସ୍ଥାନୀୟ ଭାଷାରେ ଏହାର ଅର୍ଥ ଯୁଦ୍ଧପୋତ ଦ୍ୱୀପ। ପାଖାପାଖି ୨୦୦ ବର୍ଷ ପୂର୍ବରୁ ଏଠାରେ ବହୁ କୋଇଲା ଖଣି ମିଳିଥିଲା। ମିତସୁବିଶି ୧୮୯୦ରେ ଏହି ଦ୍ୱୀପ ଏବଂ ଏହାର ଖଣିକୁ କିଣି ନେଇଥଲା। ପରେ ପରେ ଏହା ଏକ ସୁନ୍ଦର ସହରରେ ପରିଣତ ହୋଇଥିଲା। କୋଇଲା ଖଣିରେ କାମ କରୁଥିବା ଶ୍ରମିକମାନଙ୍କ ପରିବାର ଏଠାରେ ଆସି ରହିବାକୁ ଲାଗିଲେ। ଏଠାରେ ଆପାର୍ଟମେଣ୍ଟ, ସ୍କୁଲ, ସୁଇମିଂପୁଲ, ଉଦ୍ୟାନ, କ୍ଲବ୍ ହାଉସ୍, ପାର୍ଲର ଆଦି ଖୋଲିଥିଲା। ଅନେକ ଏଠାରେ ସ୍ଥାୟୀ ଭାବେ ରହୁଥିଲେ। ଘରଗୁଡ଼ିକ ମଧ୍ୟ ଆଧୁନିକ ଶୈଳୀରେ ନିର୍ମାଣ କରାଯାଇଥିଲା। ଏଠାରେ ଶ୍ରମିକମାନଙ୍କୁ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ମିଳୁଥିଲା। ହେଲେ ପରବର୍ତ୍ତୀ ସମୟରେ କୋଇଲା ଖଣିରୁ ନିର୍ଗତ ଧୂଆଁ ସମୁଦ୍ର ପବନରେ ମିଶି ପ୍ରଦୂଷଣ ସୃଷ୍ଟି କଲା। ଏଠାରେ କାର୍ଯ୍ୟରତ ଶ୍ରମିକମାନେ ଶ୍ୱାସରୋଗରେ ପୀଡ଼ିତ ହେଲେ। କୋଇଲା ଭଣ୍ଡାର ଶେଷ ହେବା ପରେ ଲୋକେ ଏହି ସ୍ଥାନ ଛାଡ଼ି ଚାଲିଗଲେ। ତେଣୁ ଦ୍ୱୀପଟି ଜନଶୂନ୍ୟ ପାଲଟିଗଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚୀନ୍‌ର ଯୁଦ୍ଧବନ୍ଦୀଙ୍କୁ ଏହି ଦ୍ୱୀପକୁ ଆଣି ଖଣି ଭିତରେ କାମ କରିବା ସହ ରହିବାକୁ ବାଧ୍ୟ କରାଗଲା। ଯେହେତୁ ଏହି ଦ୍ୱୀପରୁ ଖସିଯିବା ପାଇଁ କୌଣସି ବାଟ ନ ଥିଲା, ତେଣୁ ହଜାର ହଜାର ଲୋକଙ୍କର ଅନାହାରରେ ମୃତ୍ୟୁ ହୋଇଥିଲା। ତେଣୁ ସେବେଠୁ ଏହି ଦ୍ୱୀପକୁ କେହି ଯାଇନାହାନ୍ତି। ଅବଶ୍ୟ ଜାପାନ ସରକାର ଏହି ଦ୍ୱୀପର ପୁନଃନିର୍ମାଣ କରି ୨୦୦୯ରୁ ଏହାକୁ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦେଇଛନ୍ତି। ଏଠାରେ ଏବେ ଫିଲ୍ମ ସୁଟିଂ ହେଉଛି। ହେଲେ ଏହି ଦ୍ୱୀପରେ ଏପରି ଦୁଃଖଦ ଇତିହାସ ପାଇଁ ଏଠାରେ କେହି ରହିବାକୁ ଇଚ୍ଛା କରୁନାହାନ୍ତି।

## ସୂର୍ଯ୍ୟାସ୍ତ ପରେ କରନ୍ତୁନି ଏହି କାମ

**ସନାତନ ଧର୍ମରେ ବାସ୍ତୁ ଶାସ୍ତ୍ରର ଖୁବ୍ ମହତ୍ତ୍ୱ ରହିଛି । ଘର ତିଆରି କରିବା ଠାରୁ ଆରମ୍ଭ କରି ଘରର ସାଜସଜ୍ଜା ପର୍ଯ୍ୟନ୍ତ ବାସ୍ତୁ ଉପରେ ଧ୍ୟାନ ରଖି କରିବା ଉଚିତ । ବାସ୍ତୁରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତକୁ ନେଇ ମଧ୍ୟ ଅନେକ ନିୟମ ରହିଛି । ବାସ୍ତୁ ଅନୁସାରେ ସୂର୍ଯ୍ୟାସ୍ତ ପରେ କେଉଁ ସବୁ କାମ କରିବା ଅନୁଚିତ, ଆସନ୍ତୁ ଜାଣିବା...**



- ସୂର୍ଯ୍ୟାସ୍ତ ପରେ ନଖ ଓ କେଶ କାଟିବା ଅନୁଚିତ। ଏହାଦ୍ୱାରା ଧାରକରଜ ଲାଗି ରୁହେ ବୋଲି କୁହାଯାଏ।
- ସେହିଭଳି ସୂର୍ଯ୍ୟାସ୍ତ ପରେ ପୋଷାକ ଧୋଇବା ଅନୁଚିତ। ଏହାଦ୍ୱାରା ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିବା ସହ ଘରେ ରୋଗବୈରାଗ ଲାଗିରୁହେ।
- ସୂର୍ଯ୍ୟାସ୍ତ ସମୟରେ ଏବଂ ସନ୍ଧ୍ୟା ବେଳେ ଶୋଇବାକୁ ଅଶୁଭ ମନେ କରାଯାଏ । ବାସ୍ତୁ ଅନୁସାରେ ଯେଉଁ ଘରେ ଲୋକେ ସନ୍ଧ୍ୟା ସମୟରେ ଶୋଇଥାନ୍ତି ସେହି ଘରେ ଲକ୍ଷ୍ମୀ ବାସ କରନ୍ତି ନାହିଁ।
- ସୂର୍ଯ୍ୟାସ୍ତ ପରେ ଘରେ ଟଙ୍କା ନେଣଦେଣ କରିବା ଅନୁଚିତ। ଏହି ସମୟରେ ଧାର ସୂତ୍ରରେ ଦିଆଯାଉଥିବା ଟଙ୍କା କେବେ ଫେରେ ନାହିଁ ବୋଲି କୁହାଯାଏ।
- ସୂର୍ଯ୍ୟାସ୍ତ ପରେ ଗଛକୁ ଛୁଇଁବା କଥା ନୁହେଁ କି ସେଥିରେ ପାଣି ଦେବା ମଧ୍ୟ ଉଚିତ ନୁହେଁ।
- ସୂର୍ଯ୍ୟାସ୍ତ ପରେ କ୍ଷୀର, ଦହି, ଲୁଣ, ହଳଦି ଆଦି କାହାକୁ ଦେବା ଅନୁଚିତ।



## ସୁନାର ପୋଷାକ ପିନ୍ଧିବେ ଯଶ୍

ନୀତେଶ ତିୱାରୀଙ୍କ 'ରାମାୟଣ'କୁ ନେଇ ଦର୍ଶକଙ୍କ ଭିତରେ ଖୁବ୍ ଉତ୍କଣ୍ଠା ରହିଛି। ନିୟମିତ ଏହି ଫିଲ୍ମକୁ ନେଇ ନୂଆ ନୂଆ ତଥ୍ୟ ଆସୁଛି। ଇତିମଧ୍ୟରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଯାଇଛି। ଏଥିରେ ରଣବୀର କପୁର ପ୍ରଭୁ ଶ୍ରୀରାମ ଓ ସାଇ ପଲ୍ଲବୀ ମାତା ସୀତାଙ୍କ ଭୂମିକାରେ ଅଭିନୟ କରୁଛନ୍ତି। 'କେଜିଏଫ୍' ଫେମ୍ ଯଶ୍ ଏଥିରେ ରାବଣ ଭୂମିକାରେ ଦେଖାଯିବେ। କିନ୍ତୁ ଏଯାବତ୍ ଫିଲ୍ମ ନିର୍ମାତା ଯଶ୍‌ଙ୍କୁ ନେଇ କିଛି ବିଧିବଦ୍ଧ ଭାବେ ସୂଚନା ଦେଇ ନାହାନ୍ତି। ତେବେ ଯଶ୍ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଏବେ ଯଶ୍‌ଙ୍କୁ ନେଇ ଏକ ଖବର ଆସିଛି। ରାବଣ ଭୂମିକାରେ ଅଭିନୟ କରିବା ପାଇଁ ସେ ସୁନାର ପୋଷାକ ପିନ୍ଧିବେ ବୋଲି ଜଣାପଡ଼ିଛି। ରାବଣ ସୁବର୍ଣ୍ଣ ଲଙ୍କାର ରାଜା ହୋଇଥିବାରୁ ସେତେବେଳର ପୃଷ୍ଠଭୂମିକୁ ଜୀବନ୍ତ କରିବା ପାଇଁ ନିର୍ମାତା ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ସେ କେବଳ ସୁନାର ପୋଷାକ ନୁହେଁ ସ୍ୱର୍ଣ୍ଣ ଆଭୂଷଣ ମଧ୍ୟ ପିନ୍ଧିବେ। ରାବଣ ଭୂମିକାରେ ଫିଟ୍ ହେବା ପାଇଁ ସେ ୧୫ କେଜି ଓଜନ ମଧ୍ୟ ବଢ଼ାଇବେ। 'ରାମାୟଣ'କୁ ଦୁଇଟି ପାର୍ଟରେ ରିଲିଜ୍ କରାଯିବ। ପ୍ରଥମ ପାର୍ଟର ବଜେଟ୍ ରହିଛି ୮୩୫ କୋଟି।

### ଆଜିର ଇତିହାସ

- ୧୪୨୦- ଅଷ୍ଟ୍ରିଆ ଓ ସିରିଆରୁ ଇହୁଦିମାନଙ୍କୁ ବିତାଡ଼ିତ କରାଗଲା।
- ୧୯୧୫- ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଇଟାଲୀ, ଅଷ୍ଟ୍ରିଆ, ହଙ୍ଗେରୀ ତଥା ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୧୯ - ଜୟପୁରର ମହାରାଣୀ ଗାୟତ୍ରୀ ଦେବୀଙ୍କ ଜନ୍ମ।
- ୧୯୫୧- ଚୀନ୍ ତିବ୍ବତ ଉପରେ କବ୍‌ଜା କଲା।
- ୧୯୯୪- ସାଉଦି ଆରବରେ ଦଳାଚକଟା ଯୋଗୁଁ ୨୭୦ ତୀର୍ଥଯାତ୍ରୀଙ୍କ ପ୍ରାଣହାନି ।
- ୨୦୦୪- ବାଂଲାଦେଶରେ ଝଡ଼ ତୋଫାନରେ ମେଘନା ନଦୀରେ ନୌକା ବୁଡ଼ିଯିବାରୁ ୨୫୦ ଲୋକଙ୍କ ମୃତ୍ୟୁ।

### ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

# ଭାରତୀୟ କନିଷ୍ଠ ମହିଳା ହକି ଦଳ ୨-୦ରେ ବିଜୟୀ

**ୟୁରୋପ୍ ଟୁର୍**

ବ୍ରେଡା (ନେଦରଲାଣ୍ଡସ), ୨୨।୫ (ଏଜେନ୍ସି): ୟୁରୋପ୍ ଗସ୍ତରେ ଯାଇଥିବା ଭାରତୀୟ କନିଷ୍ଠ ମହିଳା ହକି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଖେଳାଯାଇଥିବା ଏକ ମୁକାବିଲାରେ ଭାରତ ୨-୦ ଗୋଲରେ ନେଦରଲାଣ୍ଡସ କ୍ଲବ 'ବ୍ରେଡାସେ ହକି ଭେରେଇଙ୍ଗ ପୁଶ୍'କୁ ପରାସ୍ତ କରିଛି। ଏହି ମ୍ୟାଚରେ ବିଜୟୀ ଭାରତୀୟ କନିଷ୍ଠ ମହିଳା ହକି ଦଳ ପକ୍ଷରୁ ହିନା ବାନୋ ଓ କନିକା ସିୱାଚଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ମ୍ୟାଚର ପ୍ରଥମ ଦୁଇ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ ଗୋଲରେ ରୂପାନ୍ତରିତ କରିବାରେ ସମର୍ଥ ହୋଇପାରି ନ ଥିଲେ। ଏପରିକି ଭାରତ ଦ୍ୱିତୀୟ କ୍ୱାର୍ଟରରେ ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲେ ମଧ୍ୟ ଭ୍ରମଣକାରୀ ଦଳ ଏହାର ଫାଇଦା ଉଠାଇପାରି ନ ଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭାରତ ଗୋଲ୍ ଖାତା ଖୋଲିଥିଲା। ହିନା ବାନୋ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରି ଦଳକୁ ୧-୦ରେ ଆଗୁଆ କରାଇଥିଲେ। ଏହାପରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ କନିକା ଭାରତ ପାଇଁ ଦ୍ୱିତୀୟ ଗୋଲ୍ ଦେଇ ୨-୦ରେ ଜିତାଇଥିଲେ। ଭାରତୀୟ କନିଷ୍ଠ ମହିଳା ହକି ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ବେଲ୍‌ଜିୟମକୁ ଭେଟିବ।

# ସେଣ୍ଟ୍ରାଲ ଏସିଆନ ପୁରୁଷ ହ୍ୟାଣ୍ଡବଲ୍‌ରେ ଭାରତକୁ କାଂସ୍ୟ



ଭୁବନେଶ୍ୱର, ୨୨।୫ (ସମିସ): ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ସେଣ୍ଟ୍ରାଲ ଏସିଆନ ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭାରତୀୟ ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୩ ମ୍ୟାଚରୁ ୩ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ସେମିଫାଇନାଲରେ ଭାରତ ୩୨-୩୫ ଗୋଲରେ ତାଜିକିସ୍ତାନ ନିକଟରୁ ପରାସ୍ତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ ପ୍ରତିନିଧିତ୍ୱ କରୁଛନ୍ତି। ସେ ଗ୍ରୁପ୍ ପର୍ଯ୍ୟାୟରେ କାଜିକସ୍ତାନ ବିପକ୍ଷରେ ୫ ଗୋଲ୍ ଦେଇଥିଲେ। ଏହି ସଫଳତା ଲାଗି ଆର୍ଯ୍ୟନଙ୍କୁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଅଭିନନ୍ଦନ ଜଣାଇଛନ୍ତି।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଆର୍ଜେଣ୍ଟିନା ବିପକ୍ଷରେ ମିଶ୍ରିତ ଫଳାଫଳ**

# ଭାରତୀୟ ପୁରୁଷ ଜିତିଲେ; ନିରାଶ କଲେ ମହିଳା

ଅନ୍ତୱର୍ପ, ୨୨।୫ (ଏଜେନ୍ସି)

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୩-୨୪ ସଂସ୍କରଣରେ ୟୁରୋପ୍ ଚରଣ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ପ୍ରଥମ ଦିବସରେ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ଆର୍ଜେଣ୍ଟିନାକୁ ଭେଟିଥିଲା। ଯେଉଁଥିରେ ଭାରତୀୟ ପୁରୁଷ ଦଳ ସଡନ ଡେଥ୍ ୫-୪ ଗୋଲ୍ (୨-୨)ରେ ବିଜୟୀ ହୋଇଥିବାବେଳେ ମହିଳା ଦଳ କିନ୍ତୁ ୫-୦ରେ ପରାସ୍ତ ହୋଇ ନିରାଶ କରିଥିଲେ।

## ସଡନ୍ ଡେଥ୍‌ରେ ଜିତିଲା ଭାରତ

ବୁଧବାର ଅପରାହ୍ଣରେ ଭାରତୀୟ ମହିଳା ହକି ଦଳ ଆର୍ଜେଣ୍ଟିନା ନିକଟରୁ ପରାସ୍ତ ହୋଇଥିଲା। କିନ୍ତୁ ସନ୍ଧ୍ୟାରେ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତାଧୀନ ଭାରତୀୟ ପୁରୁଷ ଦଳ ସଡନ ଡେଥ୍‌ରେ ୫-୪ ଗୋଲରେ ଆର୍ଜେଣ୍ଟିନାକୁ ମାତ୍ ଦେଇ ମହିଳା ଦଳର ପରାଜୟର ପ୍ରତିଶୋଧ ନେଇଥିଲା। ଏହି ମ୍ୟାଚର ପ୍ରଥମ କ୍ୱାର୍ଟରରେ ଭ୍ରମଣକାରୀ ଭାରତ ୧-୦ରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ମ୍ୟାଚର ୧୧ତମ ମିନିଟ୍‌ରେ ମନଦୀପ୍ ସିଂହ ଫିଲ୍ଡ ଗୋଲ୍ ଜରିଆରେ ଏହି ସ୍କୋର କରିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ଏହି ଗୋଲ୍‌ଟି ଶୁଝିବାରେ ସଫଳ ହୋଇଥିଲା। ଆର୍ଜେଣ୍ଟିନାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିବାବେଳେ ଲୁକାସ ମାର୍ଟିନେଜ ବଲ୍‌କୁ ଭାରତୀୟ ନେଟ୍ସ ମଧ୍ୟକୁ ପଠାଇବାରେ କୌଣସି ତ୍ରୁଟି କରି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୧-୧ରେ ବରାବର୍‌ସ୍ଥିତିରେ ରହିଥିଲା। ଏହାପରେ ୩ୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ବେଶ୍ ରୋମାଞ୍ଚକ ରହିଥିଲା। ମ୍ୟାଚ୍ ଶେଷ ହେବାକୁ ୫ ମିନିଟ୍ ବାକି ଥିବାବେଳେ ଲଳିତ କୁମାର ପ୍ରଧାନ ଫିଲ୍ଡ ଗୋଲ୍ ଜରିଆରେ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଅନ୍ତିମ ତଥା ୬୦ତମ ମିନିଟ୍‌ରେ







ଆର୍ଜେଣ୍ଟିନାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ତୋମାସ ଡୋମିନି ଏହାର ଭରପୁର ଫାଇଦା ଉଠାଇ ଭାରତୀୟ ଡିଫେଣ୍ଡରଙ୍କୁ ଚକମା ଦେଖାଇ ଗୋଲ୍ ଦେବାରେ ସଫଳ ହୋଇଥିଲେ। ଫଳରେ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟ ଉଭୟ ଦଳ ୫ଟି ପ୍ରୟାସରୁ ୩ଟି ଲେଖାଏ ଗୋଲ୍ ଦେଇଥିଲେ। ଶେଷରେ ସଡନଡେଥ୍ ହୋଇଥିଲା। ଏଥିରେ ଭାରତ ପ୍ରଥମ ଦୁଇଟିରୁ ୨ଟି ଏବଂ ଆର୍ଜେଣ୍ଟିନା ଗୋଟିଏ ଗୋଲ୍ କରିଥିଲା। ଫଳରେ ଭାରତ ୫-୪ ଗୋଲରେ ସଂଘର୍ଷପୂର୍ଣ୍ଣ ବିଜୟ ଲାଭ କରିଥିଲା। ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେସ ଚମତ୍କାର ସେଭ୍ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଭାରତ ୯ ମ୍ୟାଚରୁ ୩ ବିଜୟ, ୫ ଡ୍ର, ୩ ସୁଟ୍ ଆଉଟ୍ ବିଜୟ ଓ ୧ ପରାଜୟ ସହ ୧୭ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ଭାରତୀୟ ପୁରୁଷ ଦଳ ଶୁକ୍ରବାର ବେଲ୍‌ଜିୟମ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ୫-୦ରେ ହାରିଲେ ମହିଳା

ଏଥିପୂର୍ବରୁ ବୁଧବାର ଅପରାହ୍ଣରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ବରିଷ୍ଠ ମହିଳା ହକି ଦଳ ୫-୦ ଗୋଲର ବଡ଼ ବ୍ୟବଧାନରେ ଆର୍ଜେଣ୍ଟିନା ନିକଟରୁ ପରାସ୍ତ ହୋଇଥିଲା। ବିଜୟୀ ଆର୍ଜେଣ୍ଟିନା ମହିଳା ଦଳ ପ୍ରଥମ ୩ଟି କ୍ୱାର୍ଟରରେ ୩ଟି ଏବଂ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇଥିଲା। ପ୍ରଥମ ୩ଟି କ୍ୱାର୍ଟରରେ ଯଥାକ୍ରମେ ଅଗଷ୍ଟିନା ଗୋର୍ଜେଲାନୀ (୧୩ତମ ମିନିଟ୍), ଭାଲେଣ୍ଟିନା ରାପୋସୋ (୨୪ତମ) ଓ ଭିକ୍ଟୋରିଆ ମିରାଣ୍ଡା (୪୧ତମ) ଗୋଲ୍ ଦେଇ ଦଳକୁ ୩-୦ରେ ଆଗୁଆ କରାଇଥିଲେ। ଏହାପରେ ଜୁଲିଏଟ୍ ଜାଙ୍କୁଣା ୫୩ତମ ଓ ୫୯ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇ ଆର୍ଜେଣ୍ଟିନାକୁ ୫-୦ରେ ବିଜୟୀ କରାଇଥିଲେ।

ଏଥିସହ ଆର୍ଜେଣ୍ଟିନା ମହିଳା ଦଳ ୯ମ ମ୍ୟାଚରୁ ୫ମ ବିଜୟ ସହ ୧୭ ପଏଣ୍ଟ ପାଇ ନେଦରଲାଣ୍ଡସ (୩୬) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ନୂଆ ଅଧିନାୟିକା ସାଲିମା ଟେଟେଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ମହିଳା ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୯ମ ମ୍ୟାଚରୁ ୬ଷ୍ଠ ପରାଜୟ ସହ ୮ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ସ୍ଥିର ରହିଛି। ଦଳ ଗୁରୁବାର ବେଲ୍‌ଜିୟମ ମହିଳା ଦଳ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

**ଏସିଆନ୍ ମହିଳା ଭଲିବଲ୍ ଚ୍ୟାଲେଞ୍ଜ୍ କପ୍**

# ଇରାନ୍‌କୁ ହରାଇ ଭାରତର ଅଭିଯାନ ଆରମ୍ଭ



ଭୁବନେଶ୍ୱର,୨୨।୫(ସମିସ)

ଫିଲିପାଇନ୍ସ ରାଜଧାନୀ ମାନିଲାରେ ଆରମ୍ଭ ହୋଇଥିବା ଏସିଆନ୍ ମହିଳା ଭଲିବଲ୍ ଚ୍ୟାଲେଞ୍ଜ କପ୍‌ରେ ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏସିଆନ ଭଲିବଲ କନ୍‌ଫେଡେରେସନ (ଏଭିସି) ଓ ଫିଲିଫାଇନ ନ୍ୟାସନାଲ ଭଲିବଲ ଫେଡେରେସନ (ପିଏନ୍‌ଭିଏଫ୍) ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ୩:୦ ସେଟ୍‌ରେ ଇରାନକୁ ହରାଇଛି। ମାନିଲାର ରିୟାଜ ସ୍ମାରକୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ପୁଲ ଏ'ର ଏହି ମ୍ୟାଚ୍‌ରେ ଭାରତ ୨୫-୧୭, ୨୫-୨୩ ଓ ୨୫- ୨୧ରେ ବିଜୟୀ ହୋଇଥିଲା। ଭାରତ ତା'ର ଦ୍ୱିତୀୟ ମୁକାବିଲାରେ ୨୩ ତାରିଖରେ ଚାଇନିଜ ତାଇପେକୁ, ୨୪ରେ ଫିଲିଫାଇନ୍ସକୁ ଓ ୨୫ରେ ଅଷ୍ଟ୍ରେଲିଆକୁ ଭେଟିବ। ଭାରତୀୟ ଦଳରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ଲିପିକା ଖେସ୍ ସାମିଲ ଅଛନ୍ତି। ସେହିଭଳି ଓଡ଼ିଶା ଭଲିବଲ ଦଳ ଓ ପୂର୍ବତଟ ରେଲବାଇ ଦଳର ପ୍ରଶିକ୍ଷକ ଲୋତକବିନ୍ଦୁ ଦାଶ ଭାରତୀୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। କିଟ୍ ଓ କିସ୍ ପ୍ରତଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଓ ଆଗାମୀ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ଶୁଭେଚ୍ଛା ଜଣାଇଛନ୍ତି।

# ୟୁରୋକପ୍ ପରେ ଅବସର ନେବେ ଟୋନି କ୍ରୁଜ୍



ବର୍ଲିନ,୨୨।୫(ଏଜେନ୍ସି): ଅଭିଜ୍ଞ ଜର୍ମାନୀ ମିଡ୍‌ଫିଲ୍ଡର ଟୋନି କ୍ରୁଜ୍ ଆଗାମୀ ୟୁରୋକପ୍ ପରେ ଅବସର ନେବେ ବୋଲି ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ୩୪ ବର୍ଷିୟ ଟୋନି ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଏ ନେଇ ସୂଚନା ଦେଇଛନ୍ତି। ୟୁରୋକପ୍ ପୂର୍ବରୁ ସେ ଆଉ ଥରେ ଚାମ୍ପିଅନ୍ସ ଲିଗ୍ ଟାଇଟଲ ହାସଲ କରିବାର ସୁଯୋଗ ପାଇଛନ୍ତି। ଜୁନ୍ ପହିଲାରେ ଆୟୋଜନ ହେବାକୁ ଥିବା ଚାମ୍ପିଅନ୍ସ ଲିଗ୍ ଫାଇନାଲ ମୁକାବିଲାରେ ବୋରିସା ଡର୍ଟମଣ୍ଡ ବିପକ୍ଷରେ ରିୟଲ ମାଡ୍ରିଦ୍ ତରଫରୁ ପଡିଆକୁ ଓହ୍ଲାଇବେ। ପୂର୍ବରୁ ସେ ବେୟର୍ଣ୍ଣ ମ୍ୟୁନିକ୍ ତରଫରୁ ପ୍ରତିନିଧିତ୍ୱ କରି ଚାମ୍ପିଅନ୍ସ ଲିଗ୍ ଟାଇଟଲ ହାସଲ କରିଥିଲେ। କ୍ରୁଜ୍ ୨୦୧୪ରେ ରିୟଲ ମାଡ୍ରିଦ୍ କ୍ଲବ୍‌ରେ ଯୋଗ ଦେଇଥିଲେ। ସେ ମଧ୍ୟ ୪ଥର ଲା ଲିଗା ଓ ୩ଥର ବଣ୍ଡେସଲିଗା ଟାଇଟଲ ହାସଲ କରିଛନ୍ତି। କ୍ରୁଜ ଜର୍ମାନୀ ପାଇଁ ଏପର୍ଯ୍ୟନ୍ତ ୧୦୮ ଟି ମ୍ୟାଚ୍ ଖେଳି ୧୭ଟି ଗୋଲ ସ୍କୋର କରିଛନ୍ତି। ସେ ମଧ୍ୟ ୨୦୧୪ ଫିଫା ବିଶ୍ୱକପ୍ ଚାମ୍ପିଅନ ଜର୍ମାନୀ ଦଳର ସଦସ୍ୟ ଥିଲେ।

**● ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

# ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ, ଚଲିହା

କ୍ୱାଲାଲମ୍ପୁର,୨୨।୫(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ଏକକ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ପଦକ ହାସଲ



କରିଥିବା ବିଶ୍ୱର ୧୫ ନଂ ଖେଳାଳି ସିନ୍ଧୁ ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ସ୍କଟଲାଣ୍ଡର କିର୍ଷ୍ଟି ଗିଲମୋରଙ୍କୁ ୨୧-୧୭, ୨୧-୧୬ରେ ମାତ୍ର ୪୬ ମିନିଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୫ମ ସିଡ୍ ମାନ୍ୟତା ପାଇଥିବା ସିନ୍ଧୁ ଏବେ କୋରିଆର ସିମ ୟୁ ଜିନଙ୍କୁ ଭେଟିବେ। ୨୮ ବର୍ଷୀୟା ସିନ୍ଧୁ ଶେଷଥର ପାଇଁ ୨୦୨୨ରେ ସିଙ୍ଗାପୁର ଓପନ୍ ଟାଇଟଲ ହାସଲ କରିଥିଲେ। ସେହିପରି ଅନ୍ୟତମ ଭାରତୀୟ ମହିଳା ଖେଳାଳି ଅଶ୍ମିତା ଚଲିହା ଚାଇନିଜ ତାଇପେର ଲିନ୍ ସିହ ୟୁନ୍‌ଙ୍କୁ ୨୧-୧୭, ୨୧-୧୬ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଶ୍ୱର ୫୩ ନଂ ଖେଳାଳି ଅଶ୍ମିତା ଏବେ ତୃତୀୟ ସିଡ୍ ଆମେରିକାର ବେଇୱେନ୍ ଝାଙ୍ଗଙ୍କୁ ଭେଟିବେ। ଭାରତ ଉନ୍ନତି ହୁଡା ୧୩-୨୧, ୧୮-୨୧ରେ ଚୀନ୍‌ର ଗାଓ ଫାଙ୍ଗ ଜିଏ ଓ ଆକର୍ଷୀ କାଶ୍ୟପ ୨୨-୨୪, ୧୩-୨୧ରେ ଚୀନ ଦ୍ୱିତୀୟ ସିଡ୍ ଖେଳାଳି ୱାଙ୍ଗ ଝି ୟିଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

## କିରନ ଜର୍ଜଙ୍କ ଅଗ୍ରଗତି

ପୁରୁଷ ଏକକରେ ଭାରତର କିରନ ଜର୍ଜ ୨୧-୧୬, ୨୧-୧୭ରେ ଜାପାନର ତାକୁମା ଓବୟାସିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ମିଶ୍ରିତ ଯୁଗଳରେ ଭାରତର ବି ସୁମିତ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀ ୨୧-୧୫, ୧୨-୨୧, ୨୧-୧୭ରେ ହଂକଂ କ୍ୱାଲିଫାୟର ଲୁଇ ଚୁନ୍ ୱାଇ ଓ ଫୁ ଚିନ୍ ୱାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ଯୁଗଳରେ କୃଷ୍ଣ ପ୍ରସାଦ ଗର୍ଗା ଓ କେ ସାଇ ପ୍ରତୀକ ୨୩-୨୧, ୨୧-୧୧ରେ ଚାଇନିଜ ତାଇପେର ମିଙ୍ଗ ଚେ ଲୁ ଓ ତାଙ୍ଗ କାଇ ୱେଇଙ୍କୁ ହରାଇ ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଟି-୨୦ ବିଶ୍ୱକପ୍ ପୂର୍ବରୁ ବଡ଼ ବିପର୍ଯ୍ୟୟ**

# ବାଂଲାଦେଶକୁ ହରାଇଲା ଆମେରିକା

ହଷ୍ଟନ,୨୨।୫(ଏଜେନ୍ସି)

ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୯ ଦିନ ବାକିଥିବା ବେଳେ ଆୟୋଜକ ଆମେରିକା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶକୁ ୫ ୱିକେଟରେ ପରାସ୍ତ କରି ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ସ୍ଥାନୀୟ ପ୍ରେଇରିଏ ଭିୟୁ କ୍ରିକେଟ କମ୍ପ୍ଲେକ୍ସରେ ଟସ୍ ଜିତି ଆମେରିକା ଅଧିନାୟକ ମୋନାଙ୍କ ପଟେଲ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୬ ୱିକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ଆମେରିକାର ୧୯.୩ ଓଭରରେ ଅର୍ଥାତ ଆଉ ମାତ୍ର ୩ଟି ବଲ ବାକିଥାଇ ୫ ୱିକେଟ ହରାଇ ୧୫୬ ରନକରି ବିଜୟୀ ହୋଇଥିଲା। ମାତ୍ର ୧୩ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୩ ଛକା ସହ ଦ୍ରୁତ ଅପରାଜିତ ୩୩ ରନ ସଂଗ୍ରହ କରିଥିବା ପୂର୍ବତନ ଭାରତୀୟ ୧୯ ବର୍ଷରୁ କମ୍ ତାରକା ତଥା ଆମେରିକା ଅଲରାଉଣ୍ଡର ହରମିତ ସିଂ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଆମେରିକା ଏଥିସହ ୧-୦ରେ ଅଗ୍ରଣୀ ହୋଇଛି।

## ଆଣ୍ଡରସନ- ହରମିତ୍‌ଙ୍କ ଲଢୁଆ ଭାଗୀଦାରି

୧୫୪ ରନ ଟାର୍ଗେଟ୍‌ର ପିଛା କରିଥିବା ଆମେରିକା ପକ୍ଷରୁ ସବୁ ବ୍ୟାଟର ଅଳ୍ପବହୁତେ ଯୋଗଦାନ କରିଥିଲେ। ଆମେରିକା ତରଫରୁ ଏବେ ପ୍ରତିନିଧିତ୍ୱ କରୁଥିବା ୩୩ ବର୍ଷୀୟ ପୂର୍ବତନ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର କୋରି ଆଣ୍ଡରସନ ୩୪ ଓ ହରମିତ ୩୩ ରନକରି ଷଷ୍ଠ ୱିକେଟରେ ୨୮ ବଲରୁ ଅପରାଜିତ ୬୨ ରନର ଭାଗୀଦାରି ସ୍ଥାପନ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଷ୍ଟିଭେନ ଟେଲର ୨୮, ଆନ୍ଦ୍ରିଏସ ଗୋସ ୨୩, ମୋନାଙ୍କ ୧୨, ନୀତୀଶ କୁମାର ୧୦ ରନ ସଂଗ୍ରହ କରିଆଉଟ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ରହମାନ ୨, ଶୋରିଫୁଲ ଇସ୍‌ଲାମ ଓ ରିସାଦ ହୁସେନ ଗୋଟିଏ ଲେଖାଏ ୱିକେଟ ନେଇଥିଲେ।





କୋରି ଆଣ୍ଡରସନ ଓ ହରମିତ ସିଂ

## ତୋହିଦଙ୍କ ଅର୍ଦ୍ଧଶତକ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ତୋହିଦ ହୃଦୟ ସର୍ବାଧିକ ୫୮ ରନ (୪୭, ୪ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ସୌମ୍ୟ ସରକାର ୨୦, ଲିଟନ ଦାସ ୧୪, ମହମୁଦୁଲ୍ଲା ୩୧ ରନ ସଂଗ୍ରହ କରିଥିଲେ। ଆମେରିକା ପାଇଁ ଷ୍ଟିଭେନ ଟେଲର ୨, ସୌରଭ ନେତ୍ରାଭାଲକର, ଅଲି ଖାନ, ଯଶଦୀପ ସିଂ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି। ଗୁରୁବାର ଏଠାରେ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ସେହିପରି ଶନିବାର ଏହି ଗ୍ରାଉଣ୍ଡରେ ୩ୟ ତଥା ଅନ୍ତିମ ମ୍ୟାନ୍ ଆୟୋଜନ ହେବ।

**● ମିଳିଲାନି ଆମେରିକା ଭିସା**

# ଲାମିଚେନ୍ ଟି-୨୦ ବିଶ୍ୱକପ୍ ଖେଳିବା ନେଇ ଆଶଙ୍କା



କାଠମାଣ୍ଡୁ,୨୨।୫(ଏଜେନ୍ସି): ନେପାଳ ତାରକା କ୍ରିକେଟର ତଥା ଲେଗ୍ ସ୍ପିନର ସନ୍ଦୀପ ଲାମିଚେନ୍ ଆମେରିକା ଭିସା ହାସଲ କରିବାରେ ବିଫଳ ହୋଇଛନ୍ତି। ଫଳରେ ତାଙ୍କର ଟି-୨୦ ବିଶ୍ୱକପ୍ ଖେଳିବାକୁ ଜବରଦସ୍ତ ଝଟ୍‌କା ଲାଗିଛି। ଦୁଷ୍କର୍ମ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ ହେବା ପରେ ସେ ନେପାଳ ତରଫରୁ ଆଗାମୀ ଟି-୨୦ ବିଶ୍ୱକପ୍ ଖେଳିବା ନେଇ ଆଶା ଉଜ୍ଜୀବିତ ହୋଇଥିଲା। ଜୁନ୍ ପହିଲାରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ହେବ। କିନ୍ତୁ ଏବେ ତାଙ୍କର ଟି-୨୦ ଖେଳିବା ଆଶାକୁ ଜବରଦସ୍ତ ଝଟ୍‌କା ଲାଗିଛି। ନେପାଳସ୍ଥିତ ଆମେରିକା ଦୂତାବାସ ଲାମିଚେନ୍‌ଙ୍କୁ ଭିସା ଦେବାକୁ ମନା କରିଦେଇଛି। ଲାମିଚେନ୍ ଟୁଇଟ୍ କରି ଏ ନେଇ ସୂଚନା ଦେଇଛନ୍ତି। ୨୦୧୯ରେ ମଧ୍ୟ ମୋତେ ଭିସା ଦେବାକୁ ଆମେରିକା ମନା କରିଥିଲା ଓ ଏବେ ଏହାର ପୁନାରାବୃତ୍ତି ଘଟାଇଛି। ଆମେରିକାର ଏଭଳି ନିଷ୍ପତ୍ତି ମୋତେ ଚକିତ କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଦୁଷ୍କର୍ମ ମାମଲାରେ ଏକ ଜିଲ୍ଲା ନ୍ୟାୟଳୟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୮ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଁ ରାୟ ଦେଇଥିଲେ। କିନ୍ତୁ ହାଇକୋର୍ଟ ଏହାକୁ ନାକଚ୍ କରିବା ସହ ଲାମିଚେନଙ୍କୁ ନିର୍ଦ୍ଦୋଶ ସାବ୍ୟସ୍ତ କରିଥିଲା। ୨୩ ବର୍ଷୀୟ ଲାମିଚେନ୍ ନେପାଳ ତରଫରୁ ପ୍ରତିନିଧିତ୍ୱ କରି ୫୧ ଦିନିକିଆ, ୫୨ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆରେ ସେ ୧୧୨, ଟି-୨୦ରେ ୯୮ଟି ଓ ୯ଟି ଆଇପିଏଲ ମ୍ୟାଚ୍ ଖେଳି ୧୩ଟି ୱିକେଟ ଅକ୍ତିଆର କରିଛନ୍ତି।

## ରାଜସ୍ଥାନ ବନାମ ବେଙ୍ଗାଲୁରୁ ଏଲିମିନେଟର

# ବୋଲ୍ଟ, ଅଶ୍ୱିନ ଓ ଆଭେଷଙ୍କ ଚମତ୍କାର ବୋଲିଂ

**ଅହମ୍ମଦାବାଦ୍, ୨୨।୫(ଏଜେନ୍ସି)**



ଫାଷ୍ଟ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଚମତ୍କାର ବୋଲିଂର ମୁକାବିଲା କରି ନ ପାରି ଏଠାରେ ବୁଧବାର ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ଏଲିମିନେଟରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୧୭୨ ରନ୍ କରିଛି। ଦଳ ପକ୍ଷରୁ ୬ଜଣ ଖେଳାଳି ଭଲ ଆରମ୍ଭ କରିଥିଲେ ମଧ୍ୟ ରଜତ ପଟିଦାର ସର୍ବାଧିକ ୩୪, ବିରାଟ କୋହଲି ୩୩, ମହିପାଲ ଲୋମରର ୩୨ ଓ କାମେରନ ଗ୍ରୀନ୍ ୨୭ ରନ୍ କରିଥିଲେ। କିନ୍ତୁ ଏମାନେ କେହି ବଡ଼ ସ୍କୋର କରି ନ ଥିଲେ କି କୌଣସି ବଡ଼ ପାର୍ଟନରସିପ୍ ହୋଇପାରି ନଥିଲା। ଏହାର କାରଣ ଥିଲା ରାଜସ୍ଥାନର ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ। ଦଳ ପକ୍ଷରୁ ୪ ଓଭର ଲେଖାଏଁ ବୋଲିଂ କରିଥିବା ବୋଲ୍ଟ ୧୬ ରନ୍‌ରେ ଗୋଟିଏ, ଅଶ୍ୱିନ ୧୯ ରନ୍‌ରେ ୨ଟି ଓ ଆଭେଷ ୪୪ ରନ୍‌ରେ ୩ଟି ୱିକେଟ ପାଇଥିଲେ। ଏହି ମୁକାବିଲା ପୂର୍ବରୁ ରାଜସ୍ଥାନ କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜିତ ହୋଇ ଓ ବେଙ୍ଗାଲୁରୁ ୬ଟି ମ୍ୟାଚ୍‌ରେ କ୍ରମାଗତ ବିଜୟ ହାସଲ କରି ଏଲିମିନେଟର ଖେଳୁଛନ୍ତି। ୧୭୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍ସ ୧୧ ଓଭର ସୁଦ୍ଧା ୩ ୱିକେଟ ହରାଇ ୯୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ରିଆନ୍ ପରାଗ ୭ ଓ ଧ୍ରୁବ ଜୁରେଲ ୯ରନ୍‌ରେ ବ୍ୟାଟିଂ କରୁଥିଲେ। ଯଶସ୍ୱୀ ଜୟସ୍ୱାଲ ୪୫, ସଞ୍ଜୁ ସାମସନ ୧୭ ଓ ଟମ୍ କୋହଲର-କ୍ୟାଡ୍‌ମୋର ୨୦ ରନ୍‌ରେ ଆଉଟ୍ ହୋଇଛନ୍ତି।

ଏହି ମ୍ୟାଚ୍‌ର ବିଜେତା ଦଳ ସହ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଆସନ୍ତା ୨୪ ତାରିଖ ଚେନ୍ନାଇରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟର ଖେଳିବ। ଦ୍ୱିତୀୟ କ୍ୱାଲିଫାୟରରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ମେ ୨୬ରେ କୋଲକାତା ନାଇଟ୍ ରାଇଡର୍ସ ସହ ଫାଇନାଲ ମୁକାବିଲା କରିବ। ଏଠାରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରରେ କୋଲକାତା ୮ ୱିକେଟରେ ହାଇଦ୍ରାବାଦ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା।

### ଫେଲ୍ ମାରିଲେ ବେଙ୍ଗାଲୁରୁର ତାରକା ଖେଳାଳି

ଏହି ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତି ବେଙ୍ଗାଲୁରୁକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ବେଙ୍ଗାଲୁରୁର ଦୁଇ ତାରକା ଓପନର ବିରାଟ କୋହଲି ଓ ଫାଫ ଡୁ ପ୍ଲେସିସ୍ ଭଲ ଆରମ୍ଭ କରିଥିଲେ ମଧ୍ୟ ଟ୍ରେଣ୍ଟ ବୋଲ୍ଟଙ୍କୁ ମୁକାବିଲା କରିବାରେ ସମର୍ଥ ହୋଇ ନ ଥିଲେ। ବେଙ୍ଗାଲୁରୁ ପାଳିର ୫ମ ଓଭରରେ ଦଳ ୩୭ ରନ୍ କରିଥିଲାବେଳେ ଡୁ ପ୍ଲେସିସ୍ ୧୭ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହାର ଅଳ୍ପ ସମୟ ପରେ ପ୍ରଥମ ଖେଳାଳି ଭାବେ ଆଇପିଏଲ୍‌ରେ ୮,୦୦୦ ରନ୍ ପୂରଣ କରିଥିବା ବିରାଟ କୋହଲି ମଧ୍ୟ ଆଉଟ ହୋଇଯାଇଥିଲେ। ତାଙ୍କ ପରେ କାମେରନ ଗ୍ରୀନ୍ (୨୭), ରଜତ ପଟିଦାର (୩୪) ପାଳି ସଜାଡିବାକୁ ଯୋଜନା କରିଥିଲେ ମଧ୍ୟ ବଡ଼ ସ୍କୋର କରିପାରି ନଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ ଖାତା ଖୋଲି ନ ପାରିବା ମଧ୍ୟ ଦଳକୁ କ୍ଷତି ପହଞ୍ଚାଇଥିଲା। ଏହା ଫଳରେ ସେ ନିଜ ଟିମ୍‌ର ଦିନେଶ କାର୍ତ୍ତିକଙ୍କ ସହ ୧୮ଥର ଲେଖାଏଁ ଶୂନ ରନ୍‌ରେ ଆଉଟ ହେବାର ନକରାତ୍ମକ ରେକର୍ଡ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିପାଲ ଲୋମରର ୧୭ ବଲ୍‌ରୁ ୩୨ ରନ୍ ଦଳକୁ ୧୫୦ ରନ୍ ପୂରଣ କରିବାରେ ସହାୟତା ଦେଇଥିଲେ। କିନ୍ତୁ ଦିନେଶ କାର୍ତ୍ତିକ ମଧ୍ୟ ୧୧ ରନ୍ କରି ଫେଲ ମାରିଥିଲେ। ଦଳର ସମସ୍ତ ଶ୍ରେଷ୍ଠ ଖେଳାଳି ବିଫଳ ହେବାରୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବେଙ୍ଗାଲୁରୁ ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା।

ରାଜସ୍ଥାନ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ପ୍ରଥମ ୩ ଓଭରରେ ମାତ୍ର ୬ ରନ୍ ଦେଇଥିଲେ। ସେ ତାଙ୍କ ୪ ଓଭର କୋଟାରେ ୧୬ ରନ୍ ଦେଇ ଗୋଟିଏ ଓ ରବିଚନ୍ଦ୍ରନ ଅଶ୍ୱିନ ୧୯ ରନ୍ ଦେଇ ୨ଟି ୱିକେଟ ପାଇଥିଲେ। ଆଭେଷ ଖାନ୍‌ଙ୍କୁ କିନ୍ତୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ବିରାଟ କୋହଲିଙ୍କୁ ଆଉଟ କରି ଯୁଜବେନ୍ଦ୍ର ଚହଲ ଆଇପିଏଲ୍‌ରେ ରାଜସ୍ଥାନ ପକ୍ଷରୁ ସର୍ବାଧିକ ୬୬ଟି ୱିକେଟ ହାସଲ କରିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ରାଜସ୍ଥାନ ଖେଳାଳିଙ୍କ କ୍ଷେତ୍ରରକ୍ଷଣ ଚମତ୍କାର ହୋଇଥିଲାବେଳେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ରୋଭମାନ ପାୱେଲ ୪ଟି କ୍ୟାଚ୍ ନେଇ ଖେଳର ଗତିପଥ ବଦଳାଇଦେଇଥିଲେ।

### ସୁରକ୍ଷା ନୁହେଁ, ଗରମ ଯୋଗୁଁ ଅଭ୍ୟାସ ନ କରି ଖେଳିଲା ବେଙ୍ଗାଲୁରୁ

ରାଜସ୍ଥାନ ସହ ପ୍ଲେଅଫ୍ ମ୍ୟାଚ୍ ଖେଳିବା ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏଠାରେ କୌଣସି ଅଭ୍ୟାସ ନ କରି ଏବଂ ସାମ୍ବାଦିକ ସମ୍ମିଳନୀ ନ କରି ମ୍ୟାଚ୍ ଖେଳିଛି। ଏହାକୁ ନେଇ ଭିନ୍ନ ଭିନ୍ନ କଥା ଶୁଣାଯାଉଛି। ମୁଖ୍ୟ ପ୍ରସଙ୍ଗ ହେଲା, ଏଠାରେ ବେଙ୍ଗାଲୁରୁର ଆଇକନ ଖେଳାଳି ବିରାଟ କୋହଲିଙ୍କ ଜୀବନ ପ୍ରତି ବିପଦ ଥିବାରୁ ବେଙ୍ଗାଲୁରୁ ଏଠାରେ ଅଭ୍ୟାସ କରି ନଥିଲା। ଗୁଜରାଟ ପୁଲିସ୍ ବିମାନ ବନ୍ଦରରୁ ୪ଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିଲା। ସେମାନେ କୋହଲିଙ୍କୁ ହତ୍ୟା କରିଥିବା ଯୋଜନା କରିଥିଲେ ବୋଲି ପୁଲିସ୍ ସୂତ୍ରରୁ ଜଣାପଡ଼ିବା ପରେ ଅଭ୍ୟାସ ସେସନକୁ ବେଙ୍ଗାଲୁରୁ ବାତିଲ କରିଥିବା କୁହାଯାଉଛି। ଏହାକୁ କିନ୍ତୁ ଅସ୍ୱୀକାର କରିଛି ଗୁଜରାଟ କ୍ରିକେଟ ସଂଘ। ସଂଘର କହିବା ଅନୁଯାୟୀ ସୁରକ୍ଷା ନୁହେଁ ଅସହ୍ୟ ଗରମ ହେବା ଯୋଗୁଁ ବେଙ୍ଗାଲୁରୁ ଏହି ଅଭ୍ୟାସ ସେସନକୁ ବାତିଲ କରିଛି। ଘଟଣାର କାରଣ ଯାହା ହେଉନା କାହିଁକି, ଅଭ୍ୟାସ ବାତିଲ ହେବାକୁ ନେଇ ଚର୍ଚ୍ଚା ଜୋର ହୋଇଛି।

● ଆଇପିଏଲ୍‌ରେ ୮,୦୦୦ ରନ୍

## କୋହଲି ପ୍ରଥମ ଖେଳାଳି

**ଅହମ୍ମଦାବାଦ୍,୨୨।୫(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିରାଟ କୋହଲି ପ୍ରଥମ ଖେଳାଳିଭାବେ ଆଇପିଏଲ୍‌ରେ ୮,୦୦୦ ରନ୍ ସଂଗ୍ରହ କରିଛନ୍ତି। କୋହଲି ଏକମାତ୍ର ଖେଳାଳି ୨୦୦୮ ରେ ଆଇପିଏଲ୍ ଆରମ୍ଭ ହେବାଠାରୁ ୨୦୨୪ ଯାଏ ଗୋଟିଏ ଦଳରୁ ଖେଳୁଛନ୍ତି। ଏଠାରେ ବୁଧବାର ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ପ୍ଲେ ଅଫ୍ ମୁକାବିଲାରେ କୋହଲି ୩୦ ରନ୍ କରିଥିଲାବେଳେ ୮,୦୦୦ ରନ୍ ପୂରଣ କରିଥିଲେ। ଏଥିଲାଗି ସେ ୨୫୨ଟି ମ୍ୟାଚ୍‌ର ସହାୟତା ନେଇଥିଲେ। ଏହା ମଧ୍ୟରେ ସେ ମଧ୍ୟ ଆଇପିଏଲ୍‌ରେ ସର୍ବାଧିକ ୮ଟି ଶତକ ହାସଲ କରିଛନ୍ତି ଓ ୫୫ଟି ଅର୍ଦ୍ଧଶତକ ସାମିଲ ରହିଛି। କିନ୍ତୁ ତାଙ୍କ ଷ୍ଟ୍ରାଇକ୍‌ରେଟ ହେଉଛି ୧୩୨.୦୩ ଓ ପାଳି ପ୍ରତି ସେ ୩୮.୮୩ ହାରରେ ରନ୍ ସଂଗ୍ରହ କରିଛନ୍ତି। ଷ୍ଟ୍ରାଇକ୍ ରେଟ ଲାଗି ତାଙ୍କୁ ସମାଲୋଚିତ ହେବାକୁ ପଡୁଥିଲାବେଳେ ତାଙ୍କ କ୍ଲାସ ସହ କାହାରିକୁ ତୁଳନା କରାଯାଇ ନ ପାରେ।

କୋହଲିଙ୍କ ପଛକୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ଶିଖର ଧାୱନ ୨୨୨ ମ୍ୟାଚ୍‌ରୁ ୬,୭୬୯ ଓ ମୁମ୍ବାଇ ଇଣ୍ଡିଆନ୍ସ ଓପନର ରୋହିତ ଶର୍ମା ୨୫୭ ମ୍ୟାଚ୍‌ରୁ ୬,୬୨୮ ରନ୍ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ବିରାଟ ମୋ'ର ପ୍ରଥମ ପସନ୍ଦ-ପଣ୍ଟିଂ



**ମୁମ୍ବଇ, ୨୨।୫(ଏଜେନ୍ସି):** ଭାରତରେ ବିରାଟ କୋହଲିଙ୍କୁ ଦଳରେ ସାମିଲ ନ କରିବାକୁ କାରଣ ଖୋଜୁଛନ୍ତି, କିନ୍ତୁ ଟି-୨୦ ବିଶ୍ୱକପ୍ ଲାଗି ସେ ମୋର ପ୍ରଥମ ପସନ୍ଦ ବୋଲି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ତଥା ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ରିକି ପଣ୍ଟିଂ କହନ୍ତି। ଅଧିନାୟକ ରୋହିତ ଶର୍ମାଙ୍କ ସହ କୋହଲି ଟି-୨୦ ବିଶ୍ୱକପ୍‌ରେ ପାଳି ଆରମ୍ଭ କରନ୍ତୁ ବୋଲି ମଧ୍ୟ ପଣ୍ଟିଂ ପସନ୍ଦ କରନ୍ତି। ଚଳିତ ଆଇପିଏଲରେ ପ୍ଲେ ଅଫ୍ ମୁକାବିଲା ପୂର୍ବରୁ ସେ ୧୪ଟି ମ୍ୟାଚ ଖେଳି ୭୦୮ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ୍‌କୁ ନେଇ ଭାରତୀୟମାନେ ତାଙ୍କୁ ସର୍ବଦା ଦଳରୁ ବାଦ୍ ଦେବାକୁ ଦାବି କରୁଛନ୍ତି। କିନ୍ତୁ କ୍ଲାସ୍ ଓ ଅଭିଜ୍ଞତା ଦୃଷ୍ଟିରୁ ସେ ଦଳ ଲାଗି ଆସେଟ। ଏଣୁ ତାଙ୍କୁ ଦଳରେ ନେବା ଯଥାର୍ଥ ବୋଲି ପଣ୍ଟିଂ ମତ ଦେଇଛନ୍ତି।

# ଡଲାରରେ ଝାଳ ପୋଛି ବିବାଦରେ ପାକିସ୍ତାନ କ୍ରିକେଟର୍ ଆଜମ୍

**କରାଚି, ୨୨।୫ (ଏଜେନ୍ସି)**



ପାକିସ୍ତାନ ଯୁବ ୱିକେଟରକ୍ଷକ ଆଜମ ଖାନଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଯେଉଁଥିରେ ୨୫ ବର୍ଷୀୟ ଏହି କ୍ରିକେଟର୍ ଆମେରିକୀୟ ଡଲାର ନୋଟ୍‌ରେ ଝାଳ ପୋଛୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓରେ ପାକିସ୍ତାନ ଅଧିନାୟକ ବାବର ଆଜାମଙ୍କ କିଛି କହୁଥିବାର ଜଣାପଡ଼ିଛି। ଯାହାକୁ ନେଇ ତାଙ୍କୁ ତୀବ୍ର ସମାଲୋଚନା ଶିକାର ହେବାକୁ ପଡ଼ିଛି। ବର୍ତ୍ତମାନ ପାକିସ୍ତାନ କ୍ରିକେଟ୍ ଦଳ ୪ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବା ଲାଗି ଇଂଲଣ୍ଡ ଗସ୍ତରେ ରହିଛି।

ଭାଇରାଲ୍ ହୋଇଥିବା ଏହି ଭିଡିଓରେ ଆଜମ ଖାନଙ୍କ ସହ ବାବର ଥିବା ଜଣାପଡ଼ିଛି। ଏଥିରେ ବାବର ଭିଡିଓ ସୁଟିଂ କରିବା ସହ ଆଜମ ଖାନଙ୍କ ସହ ବାର୍ତ୍ତାଳାପ କରୁଥିବାର ଦେଖିବାକୁ ମିଳିଛି। ଆଜମ ଖାନଙ୍କୁ ବାବର ପଚାରୁଛନ୍ତି 'କଣ ହେଲା ଆବା, ଗରମ ହେଉଛି?'। ଏହାପରେ ଆଜମ ଖାନ ଉତ୍ତରରେ କହୁଛନ୍ତି, 'ବହୁତ ଗରମ ହେଉଛି'। ଏଥିସହ ପରେ ଧରିଥିବା ଡଲାର ନୋଟରେ ମୁହଁରୁ ଝାଳ ପୋଛୁଛନ୍ତି। ଏହି ଭିଡିଓ ଭାଇରାଲ ହେବାପରେ ଚାରିଆଡୁ ତାଙ୍କୁ ସମାଲୋଚନା କରାଯାଇଛି। ଜଣେ ବ୍ୟକ୍ତି ସାମାଜିକ ଏହି ଭିଡିଓ ଉପରେ ମତାମତ ରଖି କହିଛନ୍ତ. ପାକିସ୍ତାନ ଲୋକମାନେ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବାବେଳେ ଆଜମ ଖାନ ଏକ ଛାତ ତଳେ ବସି ଗରିବ ଲୋକଙ୍କୁ ଉପହାସ କରୁଛନ୍ତି। ସେହିଭଳି ଅନ୍ୟଜଣେ ସାମାଜିକ ଗଣମାଧ୍ୟବ ବ୍ୟବହାରକାରୀ କହିଛନ୍ତି, 'ସେଥିପାଇଁ ଆମେ ସର୍ବଦା ମୌଳିକ ଶିକ୍ଷା ନିହାତୀ ଜରୁରୀ ବୋଲି କହିଥାଉ। ଏହି ଲୋକମାନେ ସାରା ବିଶ୍ୱଭ୍ରମଣ କରନ୍ତି। କିନ୍ତୁ ମୌଳିକ ମାନବିକ ମୂଲ୍ୟବୋଧ ଶିଖନ୍ତି ନାହିଁ।

**ଆଇସିସି ଟି-୨୦ ବିଶ୍ୱକପ୍**

## ଶ୍ରୀନାଥ ରେଫରି; ଭାରତରୁ ୨ ଅମ୍ପାୟାର

**ଦୁବାଇ, ୨୨।୫ (ଏଜେନ୍ସି):** ଜୁନ ୧ରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଆୟୋଜିତ ହେବ। ଏଥିଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ବୁଧବାର ବିଶ୍ୱକପ୍ ପରିଚାଳନା ଲାଗି ମ୍ୟାଚ୍ ଅମ୍ପାୟର ଓ ରେଫରିଙ୍କ ତାଲିକା ପ୍ରକାଶ କରିଛି। ଅମ୍ପାୟାର ତାଲିକାରେ ଭାରତର ନୀତୀନ ମେନନ ଓ ଜୟରାମ ମଦନଗୋପାଳ ସ୍ଥାନ ପାଇଛନ୍ତି। ସେହିଭଳି ଜାଭାଗଲ ଶ୍ରୀନାଥ ମ୍ୟାଚ୍ ରେଫରି ପ୍ୟାନେଲରେ ରହିଛନ୍ତି। ୪୯ ବର୍ଷୀୟ ଚେନ୍ନାଇ ବାସିନ୍ଦା ମଦନାଗୋପାଳଙ୍କ ଏହା ପ୍ରଥମ ଆଇସିସି ଇଭେଣ୍ଟ ପରିଚାଳନା ହେବ। ଶ୍ରୀନାଥ ଓ ମଦନଗୋପାଳ ବର୍ତ୍ତମାନ ଆଇପିଏଲ୍-୧୭ରେ କାର୍ଯ୍ୟ ତୁଲାଉଛନ୍ତି। ଆମେରିକା ଓ କାନାଡ଼ା ମଧ୍ୟରେ ଜୁନ ୧ରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ପ୍ରଥମ ମୁକାବିଲାରେ ରିଚାର୍ଡ ଇଲିଙ୍ଗୱର୍ଥ ଓ ଶାହିଦ ସାଇକତ୍ ଅମ୍ପାୟାର ଭାବେ ପରିଚାଳନା କରିବେ।

**ଓସିଏ ପକ୍ଷରୁ ପ୍ରଶିକ୍ଷକ ମଣ୍ଡଳୀ ଚୟନ**

## ସୁମନ ଓ ସୁରେନ୍ଦ୍ର ମୁଖ୍ୟ ପ୍ରଶିକ୍ଷକ





**କଟକ,୨୨।୫(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ରାଜ୍ୟ ପୁରୁଷ ଓ ମହିଳା ଦଳ ନିମନ୍ତେ ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି। ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ହେଉଛନ୍ତି ସୁରେନ୍ଦ୍ର ଭାବେ। ବୈଷୟିକ ନିର୍ଦ୍ଦେଶକ ଭାବେ ଭି. ଭେଙ୍କଟରାମ ନିଯୁକ୍ତ ହୋଇଛନ୍ତି। ଏହାବାଦ୍ ବିଭିନ୍ନ ଜିଲ୍ଲା କ୍ରିକେଟ ଏକାଡେମୀ ଓ ରାଜ୍ୟ କ୍ରିକେଟ ଏକାଡେମୀ ପରିଚାଳନା ନିମନ୍ତେ ୧୧ଜଣ ପ୍ରଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଏମାନେ ହେଲେ ଅବକାଶ ଖଟୁଆ, ରଶ୍ମିରଞ୍ଜନ ପରିଡ଼ା, ସୁରେଶ କୁମାର, ପ୍ରଭଞ୍ଜନ ମଲ୍ଲିକ, ବସନ୍ତ ମହାନ୍ତି, ଅଜିତ ଜୟପ୍ରକାଶମ, ରଶ୍ମିରଞ୍ଜନ ଦାସ, ସୌରଭ ସେହଗଲ, ପ୍ରଭାତ ନାୟକ, ପ୍ରୀତମଜିତ ଦାସ ଏବଂ କେ.ଭି ପ୍ରସାଦ। ରାଜ୍ୟ ମହିଳା ବରିଷ୍ଠ ଦଳର ମୁଖ୍ୟ କୋଚ୍ ଭାବେ ସୁମନ ଶର୍ମାଙ୍କୁ ନବନିଯୁକ୍ତ କରାଯାଇଛି। ଦିଲ୍ଲୀର ଏହି ପୂର୍ବତନ ମହିଳା କ୍ରିକେଟର ଜଣକ କେରଳ ଦଳର ମୁଖ୍ୟ କୋଚ୍ ରହିଥିଲେ। ସେହିପରି ମହିଳା ଦଳ ନିମନ୍ତେ ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ଼, ସ୍ୱାଗତିକା ରଥ, ଟିକିଲତା ପ୍ରଧାନ ଓ ଇତିଶ୍ରୀ ପଟ୍ଟନାୟକଙ୍କୁ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ନବନିଯୁକ୍ତ ପ୍ରଶିକ୍ଷକମାନେ ଓଡ଼ିଶା କ୍ରିକେଟ ଏକାଡେମୀ ପକ୍ଷରୁ ଆୟୋଜିତ ବିଭିନ୍ନ ଶିବିର ପରିଚାଳନା କରିବେ। ବିସିସିଆଇର ବିଭିନ୍ନ ବୟସ ବର୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଏମାନଙ୍କୁ ରାଜ୍ୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ଦିଆଯିବ। ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ମନୋନୀତ ହୋଇଥିବା ସମସ୍ତ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## 'ପ୍ଲେ ଅଫ୍‌ରେ ଇଂଲଣ୍ଡ ଖେଳାଳି ସାମିଲ ନ ହେବା ଦୁର୍ଭାଗ୍ୟଜନକ'

**ମୁମ୍ବଇ, ୨୨।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଇଂଲଣ୍ଡର ଖେଳାଳିମାନେ ସମସ୍ତ ମ୍ୟାଚ୍ ଖେଳିବାକୁ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ବିସିସିଆଇକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ପ୍ଲେ ଅଫ୍‌ରୁ ସେମାନଙ୍କୁ ପ୍ରତ୍ୟାହାର କରିନେବା ଦୁର୍ଭାଗ୍ୟଜନକ ବୋଲି ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୂମାଲ କହିଛନ୍ତି। ଚଳିତବର୍ଷ ଇସିବି ପ୍ରଥମଥର ଖେଳାଳି ପ୍ରତ୍ୟାହାର କରିଛି। ଧୂମାଲଙ୍କ ମତରେ ଆମେ ଯେଉଁ ଇସିବି କର୍ମକର୍ତ୍ତାଙ୍କଠାରୁ ପ୍ରତିଶ୍ରୁତି ପାଇଥିଲୁ ସେମାନେ ଏବେ ଦାୟିତ୍ୱରୁ ହଟିଯାଇଛନ୍ତି। ସେମାନେ ନିଶ୍ଚିତ ଆମକୁ ଦେଇଥିବା ପ୍ରତିଶ୍ରୁତି କଥା ଭୁଲିଯାଇଥିବେ। ଏହା ମଧ୍ୟରେ ପାକିସ୍ତାନ ବିପକ୍ଷ ସିରିଜ୍ ଚୂଡାନ୍ତ ହୋଇଛି। ନୂଆ କର୍ମକର୍ତ୍ତା ଏହି ସିରିଜ୍‌ରେ ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କୁ ସୁଯୋଗ ଦେବା ସକାଶେ ନିଜ ଖେଳାଳିଙ୍କୁ ପ୍ରତ୍ୟାହାର କରିନେଇଛନ୍ତି ବୋଲି କୁହାଯାଉଛି। କିନ୍ତୁ ପ୍ରତିଶ୍ରୁତି ଦେଇ ନ ଖେଳିବା ନିଶ୍ଚିତପକ୍ଷେ ଦୁର୍ଭାଗ୍ୟଜନକ ବୋଲି ଧୂମାଲ କହିଛନ୍ତି। ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ଦଳଗୁଡ଼ିକ ମଧ୍ୟରୁ ରାଜସ୍ଥାନର ଜୋଶ ବଟ୍ଟଲର, ବେଙ୍ଗାଲୁରୁର ୱିଲ ଜ୍ୟାକ୍ସ ଓ ରିସି ଟୋପ୍‌ଲେ, କୋଲକାତାର ଫିଲିପ ସଲ୍ଟ ଖେଳିପାରି ନାହାନ୍ତି। ଏମାନେ ନିଜ ନିଜ ଦଳ ଲାଗି ବେଶ ସଫଳତା ହାସଲ କରି ପ୍ରଥମ ପସନ୍ଦର ଖେଳାଳି ବନିଯାଇଥିଲେ। ଇଂଲଣ୍ଡ କ୍ରିକେଟ ବୋର୍ଡ ମୁଖ୍ୟକାର୍ଯ୍ୟନିର୍ବାହୀ ରବଖ କୀ'ଙ୍କ ଅନୁଯାୟୀ ଅଧିନାୟକ ଜୋଶ ବଟ୍ଟଲରଙ୍କ ପରାମର୍ଶ ଅନୁଯାୟୀ ଖେଳାଳିମାନଙ୍କୁ ଆଇପିଏଲ୍‌ରୁ ପ୍ରତ୍ୟାହାର କରିନିଆଯାଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA




ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା 'ବିକାଶ'

# ସୁଗମ ହେବ ରୋହିତଙ୍କ ବିଜୟ

ସମ୍ବଲପୁର, ୨୨।୫ (ସମିସ)

ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀଙ୍କ ସହିତ ବିରୋଧି ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରତିଦ୍ୱନ୍ଦିତା କରୁଛନ୍ତି। ଦୁଇ ଅଭିଜ୍ଞ ରାଜନେତା, ବିଧାୟକଙ୍କ ମଧ୍ୟରେ କଡା ଲଢେଇ ହେଉଥିବା ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ସମ୍ବଲପୁରରେ

## ଦୁଇ ବିଧାୟକଙ୍କ ମଧ୍ୟରେ କଡ଼ା ଟକ୍କର, କଂଗ୍ରେସ ମଧ୍ୟ ସକ୍ରିୟ

ହୋଇଥିବା ବିକାଶ କାମ ଗୁଡ଼ିକ ବିଜେଡି ପ୍ରାର୍ଥୀ ରୋହିତଙ୍କ ବିଜୟ ପଥ ସୁଗମ କରିବ ବୋଲି ଆଲୋଚନା ହେଉଛି। ଯାହାକୁ ରୋହିତ ମଧ୍ୟ ପ୍ରକାଶ କରିଛନ୍ତି। ଅନ୍ୟପଟେ ସମ୍ବଲପୁର ବିଧାୟକ ଜୟନାରାୟଣ ରାଜନୈତିକ ଜୀବନରେ ପାଞ୍ଚ ଥର ବିଧାୟକ ଭାବେ ନିର୍ବାଚନ ଲଢ଼ି ଗୋଟିଏ ଥା ହାରିଛନ୍ତି। ହେଲେ ଏଥର ଜୟଙ୍କୁ ଚ୍ୟାଲେଞ୍ଜ ଦେଉଛନ୍ତି ବିଧାୟକ ରୋହିତ। ରୋହିତ ମଧ୍ୟ ଦୁଇଥର ବିଧାୟକ ନିର୍ବାଚନ ଲଢ଼ିବା ଓ ଜିତିବା ଅଭିଜ୍ଞତା ରହିଛି। ସମ୍ବଲପୁର ସହରରେ ପୂର୍ବରୁ ବିଜେଡିର ନିଜସ୍ୱ ସଂଗଠନ ଓ କର୍ମକର୍ତ୍ତା ରହିଛନ୍ତି। ଯେଉଁମାନେକି ରୋହିତଙ୍କୁ ସମର୍ଥନ ଦେଇ ପ୍ରଚାରରେ ଲାଗିପଡ଼ିଛନ୍ତି। ସମ୍ବଲପୁରରେ ଫାଇଟ୍ ରୋହିତଙ୍କ ପାଇଁ ସୁଯୋଗ ଯେତିକି ଆହ୍ୱାନ ମଧ୍ୟ ସେତିକି ରହିଛି। ରୋହିତ ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ଉପମୁଖ୍ୟ ସଚେତକ, ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଭଳି ବିଭିନ୍ନ ପଦ ପଦବୀରେ କାମ କରି ଆସିଛନ୍ତି। ୨୦୧୪ରେ ସମ୍ବଲପୁର ଆସନ





ବିଜେଡି ହାତରେ ଥିବାବେଳେ ୨୦୧୯ରେ ବିଜେପିକୁ ଚାଲିଯାଇଥିଲା। ଏବେ ପୁଣି ସମ୍ବଲପୁର ସିଟକୁ ବିଜେଡ଼ି ଛଡ଼େଇ ଆଣିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜୟନାରାୟଣଙ୍କ ପାଖରେ ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ କେନ୍ଦ୍ର ସରକାରୀ ଦଳ ଥିବା ବେଳେ ରୋହିତଙ୍କ ପାଖରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ବିକାଶ କାମ ରହିଛି। ବିଜେପି ପ୍ରାର୍ଥୀ ଜୟନାରାୟଣଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଛି ଯାହା ତାଙ୍କ ଛବିକୁ ମଳିନ କରୁଛି। ବିଧାୟକ ଜୟନାରାୟଣ ଗତ ୫ ବର୍ଷ ସମ୍ବଲପୁରବାସୀଙ୍କ ସୁଖଦୁଃଖରେ ଆଦୌ ନ ଥିଲେ। ଯେଉଁ ଚାରି ପାଞ୍ଚ ଥର ଆସିଥିଲେ ପ୍ରତିଥର ଅସାମାଜିକ କାର୍ଯ୍ୟକଳାପ ଯୋଗୁଁ ତାଙ୍କ ନାମରେ ଆହୁରି ତିନି ଚାରିଟି ମାମଲା ଯୋଡ଼ି ହୋଇଯାଇଥିଲା। ସମ୍ବଲପୁରରେ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗର ଉପରେ ନିର୍ବାଚନ ପ୍ରଚାର ନ କରି ବ୍ୟକ୍ତିଗତ ଆରୋପ, ଆକ୍ଷେପ କରୁଛନ୍ତି। ଏପରିକି ଧର୍ମକୁ ନେଇ ରାଜନୀତି ବୟାନ ଦେଉଛନ୍ତି। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ପ୍ରାର୍ଥୀ ହୋଇଛନ୍ତି। ଯାହା ରୋହିତଙ୍କ ବିଜୟ ପଥକୁ ଅଧିକ ସୁଗମ କରିବ। ଅନ୍ୟପଟେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ, ସଞ୍ଜୟ ବାବୁ ଭଳି ଆଗ ଧାଡିର ନେତା ରୋହିତ ଓ ପ୍ରଣବଙ୍କୁ ବିଜୟୀ କରିବା ପାଇଁ ପଣ କରିଛନ୍ତି। ସେହିପରି ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା ମଧ୍ୟ ନିର୍ବାଚନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ସହରର ବସ୍ତି ଅଞ୍ଚଳରେ ସାହାଙ୍କ ଭଲ ସମ୍ପର୍କ ରହିଛି। ସେଠାକାର ବୃଦ୍ଧ, ମହିଳା, ଯୁବକ, ଯୁବତୀ ସମସ୍ତଙ୍କୁ ସେ ଅନ୍ୟ ସମୟରେ ମଧ୍ୟ ସହଯୋଗ କରି ଆସୁଥିବାରୁ ଲୋକମାନଙ୍କ ଦ୍ୱାରା ସେ ଗ୍ରହଣୀୟ ହୋଇପାରିଛନ୍ତି। ଯାହାକି ବିଜେଡି ପ୍ରାର୍ଥୀଙ୍କ ପାଇଁ ଏବେ ଲାଭଦାୟକ ହେବ। ବିଜେଡିର ବରିଷ୍ଠ, ମହିଳା, ଯୁବ, ଛାତ୍ର ସଭିଏଁ ଦଳକୁ ବିଜୟ କରିବା ପାଇଁ ଲାଗି ପଡ଼ିଛନ୍ତି। ହେଲେ ଜୟନାରାୟଣଙ୍କ ପାଇଁ ଦଳରେ କଣ୍ଟା ସାଜିବେ ତାଙ୍କ ଦଳର ନେତା, କର୍ମୀ ବୋଲି ଆଲୋଚନା ହେଉଛି। ଜିଲ୍ଲା ସଭାପତି ଗୀରିଶ ପଟେଲ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକଙ୍କ ସମେତ କେତେକ ମଣ୍ଡଳ ସଭାପତି ମଧ୍ୟ ଜୟନାରାୟଣଙ୍କ ଠାରୁ ଦୂରତ୍ୱ ଅବଲମ୍ବନ କରିଥିବା ଜଣାପଡ଼ିଛି। ଏପରିକି ବିଜେପି କର୍ମୀମାନେ ବାଧ୍ୟ ହୋଇ ବିଧାନସଭା ପାଇଁ ଅନ୍ୟ ଦଳ ଓ ଲୋକସଭା ପାଇଁ ବିଜେପି ପାଇଁ ପ୍ରଚାର କରୁଛନ୍ତି। କେତେକ ପଡ଼ାର କିଛି ପୁରୁଣା ଓ ପୁରୁଖା ସାଥୀ ଜୟଙ୍କ ହାତ ଛାଡ଼ିଛନ୍ତି। ନିର୍ବାଚନ ବେଳରେ ଏମାନେ ଓ ସୁପ୍ତ ଅବସ୍ଥାରେ ଥିବା ଆହୁରି କିଛି ଅସନ୍ତୁଷ୍ଟଙ୍କ ଭୂମିକା ଜୟନାରାୟଣଙ୍କ ଗଣିତକୁ ବିଗାଡ଼ି ଦେଇପାରନ୍ତି। ବିଦ୍ରୋହୀଙ୍କ ମାୟା ନାରାୟଣଙ୍କୁ ଅଗୋଚର। ଯିଏ ଜିତିବ ସେ ସିକନ୍ଦର। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପାଢ଼ୀ ମଧ୍ୟ ନିର୍ବାଚନ ପ୍ରଚାରରେ ଲାଗି ପଡ଼ିଛନ୍ତି। ପଡ଼ା ଗୁଡିକରେ ବାଇକ ଶୋଭାଯାତ୍ରା, ସଭା ସମିତି କରି ଭୋଟ ଭିକ୍ଷା କରୁଛନ୍ତି। ଜଣେ ଆଇନଜୀବୀ ଭାବେ ଦୁର୍ଗାଙ୍କର ଭଲ ପରିଚୟ ରହିଛି। ବୁର୍ଲା ତାଙ୍କ ଘର ହୋଇଥିବାରୁ ବୁର୍ଲା ଓ ହୀରାକୁଦରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କଂଗ୍ରେସ ଗତ ନିର୍ବାଚନ ଅପେକ୍ଷା ନିର୍ବାଚନରେ ସକ୍ରିୟ ଭାବେ ମଇଦାନକୁ ଓହ୍ଲାଇଛି।

ଚୌକି ଶୁଣୁଛି ଗିରିରାଜ ସିଂ ଓ ଧର୍ମେନ୍ଦ୍ରଙ୍କ ଭାଷଣ

# ଭାରତୀୟ ଜନତା ପାର୍ଟିର ନେତାଙ୍କୁ ବୁର୍ଲାବାସୀଙ୍କ ପ୍ରତ୍ୟାଖ୍ୟାନ

**ସମ୍ବଲପୁର, ୨୨।୫ (ସମିସ):** ଭାରତୀୟ ଜନତା ପାର୍ଟିର ନେତାଙ୍କ କଥା ଶୁଣିବାକୁ ନାରାଜ ଜନତା। ଖାଲି ପଡ଼ିଥିବା ଚୌକି ସମ୍ମୁଖରେ ଠିଆହୋଇ ଭାଷଣ ମାରୁଛନ୍ତି ବିଜେପି ନେତା। ସମ୍ବଲପୁରରେ ଭାରତୀୟ ଜନତା ପାର୍ଟିର ମିଛ କଥାକୁ ଲୋକେ ବୁଝିସାରିଲେଣି। ତେଣୁକରି ଚାରିଆଡେ ତାଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଏହିକ୍ରମରେ ଗତ ମଙ୍ଗଳବାର ସନ୍ଧ୍ୟାରେ ବୁର୍ଲାଠାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ବିଜେପିକୁ ବୁର୍ଲା ବାସିନ୍ଦା ପ୍ରତ୍ୟାଖ୍ୟାନ କରିଛନ୍ତି। ଗିରିରାଜ ସିଂଙ୍କ କାର୍ଯ୍ୟକ୍ରମରେ ଖାଲି ପଡ଼ିଥିବା ଚୌକି ହିଁ ସ୍ପଷ୍ଟ ବୟାନ କରୁଛି ସମ୍ବଲପୁରରେ ବିଜେପିକୁ ଲୋକେ ଆଉ ପସନ୍ଦ କରୁନାହାନ୍ତି।

ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ଥିତି ଟଳମଳ ହେବା ଜାଣି କେନ୍ଦ୍ରରୁ ଭାଜପା ନେତା ସମ୍ବଲପୁରକୁ ଘନଘନ ଗସ୍ତ କରୁଛନ୍ତି। ଧର୍ମେନ୍ଦ୍ରଙ୍କ ନାଁରେ ପ୍ରଶଂସା କରି ବିଜୁ ଜନତା ଦଳ ଉପରେ ମିଛ ଆରୋପ ଲଗାଉଛନ୍ତି। ଗିରିରାଜ ସିଂ ତାଙ୍କର ଭାଷଣରେ ବିଜୁ ଜନତା ଦଳର ନେତାଙ୍କୁ ମାଫିଆ ବୋଲି ସମ୍ବୋଧନ କରିବା ପୂର୍ବରୁ ନିଜ ଦଳର ନେତାଙ୍କ କଥା ଚିନ୍ତା କରିବା ଭୁଲିଗଲେ। ନଚେତ ସେ ଜାଣିପାରିଥାନ୍ତେ ମୋଷ୍ଟ ୱାଣ୍ଟେଡ ମାଫିଆ ମାନଙ୍କ ସହିତ କାହାର ନିବିଡ ସମ୍ପର୍କ ରହିଛି। ଲୋକେ କିନ୍ତୁ ଏହା ଭଲଭାବରେ ଜାଣିଛନ୍ତି। ତେଣୁକରି ମିଛ ଭାଷଣ ଶୁଣିବାକୁ କାହାରି ଇଚ୍ଛା ନାହିଁ। ଗିରିରାଜ ସିଂଙ୍କ କାର୍ଯ୍ୟକ୍ରମର ଏକ ଭିଡିଓ ଭାଇରାଲ ହେବାର ଲାଗିଛି। ଯେଉଁଠାରେ ଅଧା ଲୋକ ଓ ଅଧିକ ଚୌକି ଖାଲି ପଡ଼ିଛି। ଖାଲି ପଡ଼ିଥିବା ଚୌକି ସମ୍ମୁଖରେ ଗିରିରାଜ ସିଂ ଭାଷଣ ମାରୁଛନ୍ତି। ତେବେ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହେଲା ଦିନଠାରୁ ବିଜେପି ଲୋକଙ୍କ ଅସନ୍ତୋଷର



ଶିକାର ହେଉଛି। ବାରମ୍ବାର ମିଛ କହି ଲୋକଙ୍କୁ ଭୁଆଁ ବୁଲାଇବା ଚେଷ୍ଟାରେ ବିଜେପିର ଅବସ୍ଥା ବର୍ତ୍ତମାନ 'ମିଛୁଆ ରାଧୁଆ' ପରି ହେଲାଣି ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି। ବର୍ତ୍ତମାନ ବିଜେପି ଦଳର ନେତାମାନେ ଯେତେ ଭାଷଣ ମାରିଲେ ବି ଲୋକେ ଆସୁନାହାନ୍ତି। ନିର୍ବାଚନାକୁ ଆଉ ଦିନ କେଇଟା ରହିଛି। ଏହି ସମୟରେ ବୁର୍ଲାର ଜନତା ବିଜେପିକୁ ପ୍ରତ୍ୟାଖ୍ୟାନ କରି କାର୍ଯ୍ୟକ୍ରମକୁ ନଯିବା ବିଜେପିର ହାରକୁ ସ୍ପଷ୍ଟ କରୁଛି। ତେବେ ଏହାତ ଆରମ୍ଭ ମାତ୍ର ଆସନ୍ତା ୨୫ ତାରିଖ ଦିନ ସମଗ୍ର ସମ୍ବଲପୁରବାସୀ ଭାଜପା କୁ ପ୍ରତ୍ୟାଖ୍ୟାନ କରି ଉଚିତ ଜବାବ ଦେବେ ବୋଲି ଡ. ଲେନିନ୍ ମହାନ୍ତି ପ୍ରକାଶ କରିଛନ୍ତି।

ସଞ୍ଜୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

# ବିଡ଼ି ନ ଦେବାରୁ ହେଲା ବଚସା, ଘଟିଗଲା ହତ୍ୟାକାଣ୍ଡ

**ସମ୍ବଲପୁର, ୨୨।୫ (ସମିସ):** ସମ୍ବଲପୁର ଧନୁପାଲି ଥାନା ଗୌଡପଡ଼ାର ସଞ୍ଜୟ ନାଏକ ହତ୍ୟାକାଣ୍ଡ ଘଟଣାର ପୁଲିସ ପର୍ଦ୍ଦାଫାସ କରିଛି। ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅଫତାବ ଅହମଦ ସହ ୩ ଜଣ ନାବାଳକଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି। ବ୍ୟବହୃତ ଛୁରୀ ଜବତ କରିଛି। ଅଭିଯୁକ୍ତ ଓ ମୃତକ ପୂର୍ବରୁ ପରିଚିତ। ଏକାଠି ଗଞ୍ଜେଇ, କଫ ସିରପ ଭଳି ନିଶା କରୁଥିଲେ। ଘଟଣା ଦିନ ସଞ୍ଜୟଙ୍କୁ ଅଭିଯୁକ୍ତ ନାବାଳକ ଜଣେ ବିଡ଼ି ମାଗିଥିଲେ। ବିଡ଼ି ନ ଦେବାକୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ୩ ଜଣ ସଞ୍ଜୟଙ୍କୁ ଧରି ପକାଇଥିବା ବେଳେ ଛୁରୀ ଭୁସି ହତ୍ୟା କରିଥିଲେ ବୋଲି ଏସଡିପିଓ ତୋଫାନ ବାଗ କହିଛନ୍ତି। ସେ ଆହୁରି କହିଥିଲେଯେ, ଅଭିଯୁକ୍ତ ମାନେ ଘଟଣା ସ୍ଥଳରେ କୋରେକ୍ସ, ଗଞ୍ଜେଇ, ମଦ ସେବନ କରୁଥିଲେ। ପ୍ରତିଦିନ ଭଳି ଗତକାଲି ମଧ୍ୟ ଏକାଠି ବସି ନିଶା କରୁଥିଲେ। ସଞ୍ଜୟଙ୍କୁ ଅଭିଯୁକ୍ତ ନାବାଳକ ବିଡ଼ି ମାଗିଥିଲେ। ନ ଦେବାରୁ ଛୁରୀ ଭୁସୀ ହତ୍ୟା କରିଥିଲେ। ସୂଚନା ଯୋଗ୍ୟଯେ, ଗତକାଲି ଧନୁପାଲି ଥାନା ଅଞ୍ଚଳ ଗୌଡ଼ପଡ଼ାରେ ପାଖରେ ଥିବା ହରଡ଼ ଜୋର୍ କୂଳରେ ସେହି ପଡ଼ାର ସଞ୍ଜୟ ନାଏକଙ୍କୁ ହତ୍ୟା କରାଯାଇଥିଲା। ଏନେଇ ପୁଲିସ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ହତ୍ୟା ହେବାର ୨୪ ଘଣ୍ଟା ନ ପୂରୁଣୁ ହତ୍ୟାକାରୀଙ୍କୁ ଗିରଫ

> **ପୂର୍ବରୁ ପରିଚିତ ଥିଲେ, ଏକାଠି ନିଶା ସେବନ କରୁଥିଲେ**
>
> **ମୁଖ୍ୟ ଅଭିଯୁକ୍ତ ଏସ କେ ଅଫ୍‌ତାବ ଅହମଦ ସହ ୩ ନାବାଳକ**

କରିଛି। ଅଭିଯୁକ୍ତ ହେଲେ ତିନ ଜଣ ନାବାଳକଙ୍କ ସମେତ ଗୋବିନ୍ଦତୋଲାର ଏସ୍‌କେ ଅବତାବ। ନାବାଳକଙ୍କୁ ପୁଲିସ ସୁଧାର ଗୃହକୁ ପଠାଇ ଦେଇଥିବା ବେଳେ ଅବତାବଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ଗତକାଲି ଗୌଡ଼ପଡ଼ାର ସଞ୍ଜୟଙ୍କୁ କୌଣସି ଏକ ନମ୍ବରରୁ ଫୋନ ଆସିବା ପରେ ସେ ହରଡ଼ ଜୋର କୂଳ ପାଖକୁ ଯାଇଥିଲେ। କିଛି ସମୟ ପରେ ତାଙ୍କ ବଡ଼ ଭାଇର ସାଙ୍ଗ ଆସି ସଞ୍ଜୟର ମୃତଦେହ ପଡ଼ିଥିବା ନେଇ ଖବର ଦେଇଥିଲେ। ସେଠାକୁ ଯାଇ ଦେଖିବାବେଳେକୁ ଛାତିର ଏକ ପାର୍ଶ୍ୱରେ ଛୁରି ଭୁସା ହୋଇଛି। ଏଥିସହ ସଞ୍ଜୟଙ୍କ ପକେଟ୍‌ରୁ ନିଶା ଦ୍ରବ୍ୟ ବାହାରିଥିଲା। ପୁଲିସ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପ୍ରାଥମିକ ତଦନ୍ତରୁ ପୁଲିସ ଏହା ଏକ ପ୍ରେମ ଜନିତ ହତ୍ୟା ବୋଲି କହିଥିଲା। ସଞ୍ଜୟ ଦୀର୍ଘ ଦିନରୁ ଗୁଣ୍ଡେରପୁର ଅଞ୍ଚଳର ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ଏ ବାବଦରେ ଉଭୟ ମହିଳା ଓ ସଞ୍ଜୟଙ୍କ ଘର ଲୋକ ଅବଗତ ମଧ୍ୟ ଥିଲେ। ପୂର୍ବରୁ ମହିଳାଙ୍କ ଭାଇମାନେ ମାରି ଦେବାକୁ ବି ଧମକ ଦେଉଥିଲେ। ୫ ଦିନ ତଳେ ମୃତକଙ୍କୁ ମାରିବାକୁ ଖୋଜୁଥିଲେ ବୋଲି ତାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।

# ମୃତ୍ୟୁ ପରେ ଭିମସାରକୁ ଚକ୍ଷୁ ସହ ଶରୀର ଦାନ

**ସମ୍ବଲପୁର, ୨୨।୫ (ସମିସ):** ଅମଳେନ୍ଦୁ ଚକ୍ରବର୍ତ୍ତୀଙ୍କ ଧର୍ମପତ୍ନୀ ଅନିତା ଚକ୍ରବର୍ତ୍ତୀଙ୍କ ଗତକାଲି ଦେହାନ୍ତ ହୋଇଯାଇଛି। ଏହା ପରେ ତାଙ୍କ ପରିବାର ଲୋକ ଭିମସାରକୁ ଚକ୍ଷୁ ଓ ଶରୀର ଦାନ କରିଛନ୍ତି। ସୂଚନାଯୋଗ୍ୟ ଉତ୍ସର୍ଗ ଜରିଆରେ ଗତ ୨୦୧୭ ସେପ୍ଟେମ୍ବର ୮ ତାରିଖରେ ଅନିତାଙ୍କ ଶରୀର ଭିମସାରକୁ ଦାନ କରିବେ ବୋଲି ସେ ନିଜେ ଉଲ୍ଲେଖ କରିଥିଲେ। ଏହି କ୍ରମରେ ଗତକାଲି ଚକ୍ଷୁବିଭାଗର ଡାକ୍ତର ଅନିତାଙ୍କ କର୍ଣ୍ଣିଆ ନେଇଥିଲେ। ଆଜି ଆନାଟୋମି ବିଭାଗକୁ ଶରୀର ହସ୍ତାନ୍ତର କରାଯାଇଛି। ଏହି ମହତ କାର୍ଯ୍ୟକ୍ରମ ବେଳେ ତାଙ୍କ ସ୍ୱାମୀ, ପୁଅ, ଝିଅ, ପରିବାର ସଦସ୍ୟ, ଉତ୍ସର୍ଗର ରଜନୀ ନାଗ, ଲକ୍ଷ୍ମଣ ପାଣିଗ୍ରାହୀ ଓ ପ୍ରବୀଣ ଦିକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।



# ପଦଯାତ୍ରା କରି କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

**ସମ୍ବଲପୁର, ୨୨।୫ (ସମିସ):** ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଦୁର୍ଗା ପାଢ଼ୀ ଆଜି ସମ୍ବଲପୁର ଓ ବୁର୍ଲାର ଶତାଧିକ ଦଳୀୟ କର୍ମକର୍ତ୍ତାଙ୍କ ସହ ପଦଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ସମ୍ବଲପୁର ସହରକୁ ଏକ ବିକଶିତ ସହର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଇଁଠାପାଲି ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର ଛକ, ପିରବାବା ଛକ, ଜିଲ୍ଲାସ୍କୁଲ ଛକ, ବୈଦ୍ୟନାଥ ଛକ, କୁଂଜେଲପଡ଼ା ଛକରେ ପ୍ରଚାର କରିଥିଲେ। ସେହିପରି ବୁର୍ଲା ସେଣ୍ଟ୍ରାଲ ଲାଇନରେ ଘରକୁ ଘର ଯାଇ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ବାଣ୍ଟି ଦୁର୍ଗାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପଦଯାତ୍ରା ହୀରାକୁଦ ବାହାରି ସେଣ୍ଟ୍ରାଲ ଲାଇନ, ଲୁହା ବ୍ରିଜ ଦେଇ ଗାଁ ବୁର୍ଲାରେ ପହଞ୍ଚି ଘରକୁ ଘର ବୁଲିଥିଲେ। ଗଉଡପାଲି ଗ୍ରାମରେ ପ୍ରଚାର କରିଥିଲେ। ଭୋଟରଙ୍କୁ କଂଗ୍ରେସ ଗ୍ୟାରେଣ୍ଟି ନେଇ ସବିଶେଷ ଆଲୋଚନା ହୋଇଥିଲା। ଭୋଟରଙ୍କୁ ବୁଝାଇ ହାତ ଚିହ୍ନରେ ଭୋଟ ଦେବାପାଇଁ କର୍ମୀମାନେ ନିବେଦନ କରିଥିଲେ। ବାଜା ବଜାଇ ପଡ଼ାରେ ଶୋଭାଯାତ୍ରା ହୋଇଥିଲା। ମୌଳିକ ସମସ୍ୟାରେ ଭରପୁର ସେଣ୍ଟ୍ରାଲ ଲାଇନ, ଗାଁ ବୁର୍ଲା, ଗୌଡପାଲି ର ବିକାଶ କଂଗ୍ରେସ କ୍ଷମତାକୁ ଆସିଲେ ବହୁତ୍ ଭଲ ଭାବେ କରାଯିବ ବୋଲି କହିଥିଲେ। ବିଜେପି ବିଧାୟକ ଓ ସାଂସଦ ଭଳି କଂଗ୍ରେସ ବିଧାୟକ ଲୁଚିବେ ନାହିଁ। ଜନ୍ କଲ୍ୟାଣ ପାଇଁ କାମ କରି ସବୁ ସମସ୍ୟାର ସମାଧାନ ନିଷ୍ପାର କରିବେ ବୋଲି ପ୍ରାର୍ଥୀ ଜନତାଙ୍କୁ ବୁଝାଇ ଭୋଟ ମାଗିଥିଲେ। ମହିଳା ନେତ୍ରୀ ଅରୁଣା ସିଂ, ସତ୍ୟଭାମା ପ୍ରସାଦ, ସୁଜାତା ଜେନା, ଗୀତା ବେହେରା, ଚଞ୍ଚଳ୍ ଶର୍ମା, ସରିତା ପ୍ରଧାନ, ଶାନ୍ତି ପ୍ରସାଦ, ଗୀତା ସେଠି, ହିନ ସୁନା, ଅର୍ଣପୂର୍ଣ୍ଣା କାଲୋ, ଶିବାନୀ ସାହୁ, ମନିଷା ଦୀପ, ଓବିସି କଂଗ୍ରେସ ଜିଲ୍ଲା ସଭାପତି ଶିବ ପ୍ରଧାନ, ବୁର୍ଲା ନଗର କଂଗ୍ରେସ ସଭାପତି ଗିରିଜା ନାୟକ, ମନୋରଞ୍ଜନ ପଟ୍ଟନାୟକ, ଆଇଯାକ ନାଗ, ପ୍ରଭାକର ବେହେରା, ବିରଞ୍ଚି ମହାପାତ୍ର, ଦଶରଥ ଦାସ, ଈଶ୍ୱର ବେହେରା, ପ୍ରମୁଖ ପଦ ଯାତ୍ରାର ଓ ପ୍ରଚାରର ନେତୃତ୍ୱ ନେଇଥିଲେ।

# ଓଡ଼ିଆ ଅସ୍ମିତା ଉପରେ ଦଶଗୋଟି ପ୍ରଶ୍ନର ଉତ୍ତର ଦିଅନ୍ତୁ ଓଡ଼ିଶା ବିଜେପି ନେତା

**ସମ୍ବଲପୁର, ୨୨।୫ (ସମିସ):** ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନର ମନ୍ତ୍ରପାଠ କରୁଛି। ବିଜେପି ନେତାଙ୍କ ମନରେ ଏ ଭ୍ରାନ୍ତ ଧାରଣା ରହିଛି ଯେ ସ୍ୱାଭିମାନ ଓ ଅସ୍ମିତାର ମନ୍ତ୍ର ମାରି ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ସହିତ ଯୁଝୁଥିବା ଜନତାଙ୍କ ଅସନ୍ତୋଷରୁ ବର୍ତ୍ତିଯିବେ। ବାରମ୍ବାର ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନ ବୋଲି ଗଳାଫଟା ଚିତ୍କାର କରୁଥିବା ବିଜେପି ନେତାଙ୍କୁ ସେହି ଓଡ଼ିଆ ଅସ୍ମିତା ପ୍ରସଙ୍ଗର ପ୍ରଶ୍ନବାଣରେ ଘେରିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ବିଜେପି ନେତାମାନଙ୍କୁ ସେ ଏ ସମ୍ପର୍କିତ ୧୦ ଗୋଟି ପ୍ରଶ୍ନ ପଚାରିଛନ୍ତି। ଯଦି ସତସାହସ ଅଛି ତାହେଲେ ଏହାର ଉତ୍ତର ରଖନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି।

ବିଜେପି ନେତାଙ୍କୁ ଡ. ଲେନିନ୍ ମହାନ୍ତି ପ୍ରଥମ ପ୍ରଶ୍ନ ପଚାରିଛନ୍ତି ଯେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ଫେବୃଆରୀ ୩, ୪ ଓ ୫ ତାରିଖ ଦିନ କାହିଁକି ଆସିଲେ ନାହିଁ। ସେହିଦିନ ପ୍ରଧାନମନ୍ତ୍ରୀ ସମ୍ବଲପୁର ଆସିପାରିଲେ କିନ୍ତୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଆସିପାରିଲେ ନାହିଁ। ଏହା କଣ ଓଡ଼ିଆ ଭାଷା ଓଡ଼ିଆ ଅସ୍ମିତା ପ୍ରତି ସମ୍ମାନ ବୋଲି ଦ୍ୱିତୀୟ ପ୍ରଶ୍ନ ପଚାରିଛନ୍ତି। ତୃତୀୟ ପ୍ରଶ୍ନରେ ପଚାରିଛନ୍ତି ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ପ୍ରଦାନ ପାଇଁ କିଛି ପଦକ୍ଷେପ ନେଲେନାହିଁ କାହିଁକି। କାହିଁ କେଉଁ କାଳରୁ ଓଡ଼ିଶୀ ସଙ୍ଗୀତ ଓଡ଼ିଶାର ପରିଚୟ ହୋଇ ରହିଛି। ଦେଶ, ବିଦେଶରେ ଓଡ଼ିଶୀ ସଙ୍ଗୀତକୁ ଗ୍ରହଣ କରାଯାଉଛି। କିନ୍ତୁ ଭାଜପା ଦଳର କେନ୍ଦ୍ର ସରକାର ଏହାକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଦେବାରେ କୁଣ୍ଠାବୋଧ କରୁଛନ୍ତି କାହିଁକି। ଚତୁର୍ଥ ପ୍ରଶ୍ନରେ ଡ. ମହାନ୍ତି ପଚାରିଛନ୍ତି ଓଡ଼ିଆ ଭାଷା ଶାସ୍ତ୍ରୀୟତା ପାଇବା ପରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ପାଇଁ କଣ ସବୁ ପଦକ୍ଷେପ ନେଇଛନ୍ତି। ତାଙ୍କର ପଞ୍ଚମ ପ୍ରଶ୍ନ ହେଲା ଶାସ୍ତ୍ରୀୟତା ପ୍ରାପ୍ତ ଓଡ଼ିଆ ଭାଷା ପାଇଁ ନିୟମାନୁଯାୟୀ ଅନୁଦାନ ପ୍ରଦାନ କରିଛନ୍ତି କି ? ଯଦି ହଁ ତାହେଲେ କେବେ କରିଛନ୍ତି କେତେ ଅନୁଦାନ ପ୍ରଦାନ କରିଛନ୍ତି ? ଷଷ୍ଠ ପ୍ରଶ୍ନରେ ଡ. ଲେନିନ୍ ମହାନ୍ତି ପଚାରିଥିଲେ ସତରେ ଯଦି ଓଡ଼ିଶାରେ 'ଅସ୍ମିତା' ବିପଦରେ ରହିଛି। ତେବେ ଏହି ନିର୍ବାଚନ ସମୟରେ କାହିଁକି ମନେପଡ଼ିଲା ସ୍ପଷ୍ଟ କରିବେ ? ଏହା ଓଡ଼ିଆ ଅସ୍ମିତା ପ୍ରୀତି ନା ଦଳର ନିର୍ବାଚନୀ ଏଜେଣ୍ଡା। ସପ୍ତମ ପ୍ରଶ୍ନ ପଚାରିଛନ୍ତି ଯଦି ଅସ୍ମିତା ବିପଦରେ ରହିଛି ତାହେଲେ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ କି କି ପଦକ୍ଷେପ ନେଇଛନ୍ତି। 'ଅସ୍ମିତା' କଥା କହୁଥିବା ବିଜେପି ନେତା କୁହନ୍ତୁ, ଓଡ଼ିଆ ଅସ୍ମିତାକୁ ଦଳି, ଓଡ଼ିଶାର ସାଢେ ୪ କୋଟିଙ୍କ ମଧ୍ୟରୁ କାହାକୁ ପାଇଲେ ନାହିଁ ଯେ ବାହାର ରାଜ୍ୟରୁ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟସଭାକୁ ନେଲେ ବୋଲି ଅଷ୍ଟମ ପ୍ରଶ୍ନ ପଚାରିଛନ୍ତି। ନବମ ପ୍ରଶ୍ନରେ ସେ ପଚାରିଛନ୍ତି ସଂସଦରେ ଚାରି ଚାରିଥର ବିଜେଡିର ସାଂସଦମାନେ ପ୍ରଶ୍ନ କରିଥିଲେ ସୁଦ୍ଧା ବିଜେପି ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ଦେବାପାଇଁ ପ୍ରତ୍ୟାଖ୍ୟାନ କରିଛି କାହିଁକି। ସବାଶେଷରେ ଦଶ ନମ୍ବର ପ୍ରଶ୍ନରେ ସେ ପଚାରିଛନ୍ତି ଓଡ଼ିଶାର କେତୋଟି ଭାଷାକୁ ଛାଡିଦେଲେ ଅନ୍ୟାନ୍ୟ ଭାଷା ଯଥା ବଣ୍ଡା, ଭୂୟାଁ, ଭୂମିଜ, ଭୁଞ୍ଜିଆ, ବିଂଝାଲ, ଦେଶିଆ, ଡିଡାୟୀ, ଗଦବା, ଗୋଣ୍ଡି, ଜୁଆଙ୍ଗ, ହୋ, ଖଡ଼ିଆ, ସଉରା, କିସାନ, କୋୟା, କୁଇ, କୁଭି, ସାଦରୀ, ସାନ୍ତାଳୀ ଓ ଉଡରି ଭାଷାର ରକ୍ଷଣାବେକ୍ଷଣା ପାଇଁ କଣ କରିଛନ୍ତି। ଓଡ଼ିଆ ଅସ୍ମିତାକୁ କେବଳ ନିର୍ବାଚନୀ ଏଜେଣ୍ଡା କରି ଲାଭ ମିଛ ଭାଷଣ ଦେବା ଅପେକ୍ଷା ବିଜେପି ନେତାଙ୍କ ପାଖରେ ଆଉ ଉପାୟ ନାହିଁ। କାରଣ ଦରଦାମ ବୃଦ୍ଧି, ବେରୋଜଗାରୀ, ନିଯୁକ୍ତି ଭଳି ଦେଶର ପ୍ରମୁଖ ପ୍ରସଙ୍ଗ ବିଜେପିକୁ ଘେରି ରଖିଛି। ତେଣୁକରି ଓଡ଼ିଶାରେ ଓଡ଼ିଆ ଅସ୍ମିତା ପାଇଁ ମିଛରେ ଛାଟିପିଟି ହେବା ଛାଡନ୍ତୁ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

ନିର୍ବାଚନ ପୂର୍ବରୁ ବିରୋଧୀଙ୍କୁ ବଡ ଝଟକା

# ବିଜୁ ଜନତା ଦଳରେ ସାମିଲ ହେଲେ ବିଜେପି ଓ କଂଗ୍ରେସ ନେତା

**ସମ୍ବଲପୁର, ୨୨।୫ (ସମିସ):** ନିର୍ବାଚନକୁ ଆଉ ଦିନ କେଇଟା ରହିଥିବା ବେଳେ ନିଜର ଭୋଟ ବ୍ୟାଙ୍କ ସଜାଡିବାରେ ଲାଗିଛନ୍ତି ବିଭିନ୍ନ ରାଜନୈତିକ ଦଳ। ମିଛ ପ୍ରଚାର, ପ୍ରତିଶ୍ରୁତି ଦେଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ନବୀନ ଗ୍ୟାରେଣ୍ଟି ଆଗରେ ସେମାନଙ୍କ ପ୍ରତିଶ୍ରୁତି ଉଭେଇଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କର୍ମ ପ୍ରତିବଦ୍ଧତା ପ୍ରତି ଆସ୍ଥା ପ୍ରକଟ କରି ସ୍ୱତଃପ୍ରବୃତ୍ତ ଭାବରେ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି। ଯାହାକି ବିରୋଧୀମାନଙ୍କୁ ଝଟକା ଦେଉଛି। ଏହିକ୍ରମରେ ବୁଧବାର ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ଦଳର ଶହଶହ ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

ସମ୍ବଲପୁର ରେଙ୍ଗାଲିସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଆଜି ଏକ ବିରାଟ ମିଶ୍ରଣ ପର୍ବର ଆୟୋଜନ କରାଯାଇଦଳରେ ଯୋଗଦାନ କରିଥିବା ନେତା ଓ କର୍ମୀମାନଙ୍କୁ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ତରଫରୁ ସ୍ୱାଗତ କରାଯାଇଛି। ଆସନ୍ତା ୨୫ ତାରିଖ ଦିନ ଶଙ୍ଖ ଚିହ୍ନରେ ଦୁଇଥର ଭୋଟଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରାଯାଇଛି। ଦଳରେ ଯୋଗ ଦେଇଥିବା ନେତା ଓ କର୍ମୀମାନେ କହିଥିଲେ ଯେ ବିଗତ ଦିନରେ ସେମାନେ ଜୟନାରାୟଣ ମିଶ୍ର ଓ ନାଉରି ନାଏକଙ୍କୁ ବିଶ୍ୱାସ କରି ଭୋଟ ଦେଇଥିଲେ। କିନ୍ତୁ ସେମାନେ ତାଙ୍କ ଅଞ୍ଚଳର ଉନ୍ନତି ପାଇଁ କିଛିବି କଲେନି। ଫଳସ୍ୱରପ ସେମାନଙ୍କ ଅଞ୍ଚଳରେ କୌଣସି ଉନ୍ନତିମୂଳକ କାମ ହେଲାନି। ତେଣୁକରି ଚଳିତ ନିର୍ବାଚନରେ କେବଳ ଯୋଡିଶଙ୍ଖରେ ମୋହର ମରାଯିବ ବୋଲି କହିଥିଲେ। ନିର୍ବାଚନକୁ ମାତ୍ର ତିନି ଦିନ ରହିଥିବାବେଳେ ଏଭଳି ସମୟରେ ଲୋକେ ବିଜୁ ଜନତା ଦଳରେ ସାମିଲ ହେବା ଦଳ ପାଇଁ ବେଶ ଲାଭଦାୟକ ହେବ ବୋଲି କୁହାଯାଉଛି। ଅପରପକ୍ଷେ ସମ୍ବଲପୁରରେ ବିଜୁ ଜନତା ଦଳର ଅଗ୍ରଗତି ଦେଖି ବିରୋଧୀଙ୍କ ମୁଣ୍ଡ କାମ କରିବା ବନ୍ଦ ହେଲାଣି ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି।

# ବିଜୁ ଜନତା ଦଳର ଜନସମ୍ପର୍କ ଯାତ୍ରା

ସମ୍ବଲପୁର, ୨୨।୫ (ସମିସ)

ସମ୍ବଲପୁର ରେମେଡ ଅଞ୍ଚଳରେ ବିଜୁ ଜନତା ଦଳ ତରଫରୁ ଜନସମ୍ପର୍କ ଯାତ୍ରାର ଆୟୋଜନ କରାଯାଇଛି। ଏଥିରେ ସମାଜସେବୀ ମୀରା ପରିଡ଼ା, କଣ୍ଠଶିଳ୍ପୀ ତଥା ଅଭିନେତ୍ରୀ ଶିବାନୀ ସଙ୍ଗୀତା ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ। ସ୍ଥାନୀୟ ରେମେଡ ଛକରୁ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ରେମେଡ ଗାଁ ପରିକ୍ରମା କରିଥିଲା। ଘରକୁ ଘର ବୁଲି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀଙ୍କୁ ବିପୁଳ ମାତ୍ରାରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ବିଜୁ ଜନତା ଦଳର କାର୍ଯ୍ୟକ୍ରମ ହେଉଥିବା ଜାଣି ସ୍ଥାନୀୟ ଅଞ୍ଚଳର ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ଯୋଡି ହେଉଥିଲେ। ବିଶେଷ କରି ମହିଳାମାନେ ଜନସମ୍ପର୍କ ଯାତ୍ରାରେ ଯୋଡି ହୋଇ ବିଜୁ ଜନତା ପାଇଁ ଅନ୍ୟମାନଙ୍କୁ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଜନସମ୍ପର୍କ ଯାତ୍ରାକୁ ସିନ୍ଧୁ ଶାହା ପରିଚାଳନା କରିଥିଲେ। ନିର୍ବାଚନକୁ ଆଉ ଦୁଇଦିନ ବାକି ରହିଥିବାବେଳେ ପ୍ରଚାର ବିଜୁ ଜନତା ଦଳ ତରଫରୁ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ସମ୍ବଲପୁରର ଲୋକେ ବିଜୁ ଜନତା ଦଳ ପ୍ରତି ଆସ୍ଥା ପ୍ରକଟ କରି ସ୍ୱତଃପ୍ରବୃତ୍ତ ଭାବରେ ଯୋଡି ହେଉଛନ୍ତି। ଯାହାକି ସମ୍ବଲପୁରରେ ବିଜୁ ଜନତା ଦଳର ବଡ ବିଜୟକୁ ସଙ୍କେତ ଦେଉଛି ବୋଲି କୁହାଯାଉଛି।



